₹ : 25

# ଆମରି ସତ୍ୟ


ସପ୍ତମ ବର୍ଷ, ଏକାଦଶ ସଂଖ୍ୟା,
ମାସିକ, ମଇ - ୨୦୧୭
ପୃଷ୍ଠା ସଂଖ୍ୟା ୫୨

## AMARI SATYA

RNI Regn. No. - 107608/2010
Postal Regd. No. : PURI-33/2016-18








# 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଅଧ୍ୟାପିକା ମାନସୀ ଜେନା
ଭୁବନେଶ୍ୱର



ଅଧ୍ୟାପକ ବିଜୟ କୁମାର ଜେନା
ରଣପୁର, ନୟାଗଡ଼



ଅଧ୍ୟାପକ ନାରାୟଣ ବନ୍ଧୁ ପଟ୍ଟନାୟକ
ଶ୍ରୀରାମ ନଗର, ଖୋରଧା



ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମହାପାତ୍ର
ମୁକୁନ୍ଦପ୍ରସାଦ, ଖୋରଧା



ଅଧ୍ୟାପକ ଇନ୍ଦୁଭୂଷଣ ହରିଚନ୍ଦନ
ନୟାପଲ୍ଲୀ, ଭୁବନେଶ୍ୱର



ଅଧ୍ୟାପକ ପ୍ରଦୀପ୍ତ କୁମାର ମହାପାତ୍ର
ସିମୋର, ଖୋରଧା



ଶ୍ରୀଯୁକ୍ତ ବିରେନ୍ କୁମାର ବେହେରା
ପୋସାଇ, ମହାକାଳପଡା, କେନ୍ଦ୍ରାପଡା



ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାନ୍ତି
ବାଛରା, ଜଟଣୀ



ଶ୍ରୀଯୁକ୍ତ ଜୟନ୍ତ କୁମାର ପରିଡା
ମଙ୍ଗରାଜପୁର, ରଣପୁର



ଶ୍ରୀଯୁକ୍ତ ପ୍ରଭାକର ନାୟକ
ଖୋରଧା



ଶ୍ରୀଯୁକ୍ତ ଦେବରାଜ ଲେଙ୍କା
କୁରାଡ଼ିଲୋ, ଖୋରଧା




ପ୍ରେମଶୀଳା ରାଉତରାୟ
ଦୁର୍ଗାପ୍ରସାଦ, ନରଣଗଡ଼, ଖୋରଧା



ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଚହଟରାୟ
ଗଡଖୋରଧା, ଖୋରଧା



ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ନାୟକ
ସାକ୍ଷୀଗୋପଳ, ପୁରୀ



ଶ୍ରୀଯୁକ୍ତ ଜଗଦିଶ୍ ମହାପାତ୍ର
ରାମଚନ୍ଦ୍ରପୁର, ଜଟଣୀ



ଶ୍ରୀଯୁକ୍ତ ବସନ୍ତ କୁମାର ଷଡଙ୍ଗୀ
ବେବର୍ଗାପଲ୍ଲୀ, ନୟାଗଡ଼

# ଆମରି ସତ୍ୟ
## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ସପ୍ତମ ବର୍ଷ - ଏକାଦଶ ସଂଖ୍ୟା - ମଇ ,୨୦୧୭**

**RNI Regn. No. - 107608/2010 / Postal Regd. No. - PURI-33/2016-18**



**ସଂପାଦକ ଓ ପ୍ରକାଶକ**

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

ଡଃ ପ୍ରମୋଦ ଚନ୍ଦ୍ର ଦାଶ

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

ଡ. ପ୍ରେମଚନ୍ଦ୍ର ମହାନ୍ତି, ସମ୍ବଲପୁର

ବିଦ୍ୟାଧର ଖଟୁଆ, ବାଙ୍କୀ, କଟକ

ବିଭୁପ୍ରସାଦ ହରିଚନ୍ଦନ, ଖୋରଧା

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ରାକେଶ ସାହୁ



**ଯୋଗାଯୋଗ:**

'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**

ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦


**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୪୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ।

**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର ।

**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା ।

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା ।

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର ।

**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ରମାମଣୀ ମହାବିଦ୍ୟାଳୟ,କଣ୍ଟାବାଡ଼ ।

**ଡ. ଧୀରେନ୍ଦ୍ର ନନ୍ଦ**
ସମାଜସେବୀ , ଖୋରଧା

**ସ୍ୱାମୀ ଜୟଦେବ ଭାରତୀ**
ଶାନ୍ତିଧାମ ଆଶ୍ରମ, ଧଣ୍ଡାମୁଣ୍ଡା, ବଲାଙ୍ଗୀର

**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ । ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬ । IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।



AMARISATYA
AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in    Email:amarisatya@gmail.com / amarisatya@rediffmail.com


ମନ ହେଉଛି ଅସୁମାରୀ ଚିନ୍ତାର ସାଗର କିନ୍ତୁ ହୃଦୟ ହେଉଛି ନୀରବତାର ନିସ୍ତବ୍ଧ ଅନ୍ତରୀକ୍ଷ ।

# ସୂଚୀପତ୍ର



| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | | ୦୫ |
| ୨. | ହିତ ବାଣୀ | | ୦୬ |
| ୩. | ବିଚିତ୍ରା | | ୦୭ |
| ୪. | ବିଜ୍ଞାନ ବିଚିତ୍ରା | ପ୍ରେମଚାନ୍ଦ ମହାନ୍ତି | ୦୯ |
| ୫. | କନ୍ୟାଭ୍ରୂଣ ହତ୍ୟାପାଇଁ କିଏ ଦାୟୀ ? | ବାଲ୍ମୀକି ନାୟକ | ୧୨ |
| ୬. | ଓଡିଆ ଶିଶୁ ଗଳ୍ପର ବର୍ତ୍ତମାନ ସ୍ଥିତି | ଡକ୍ଟର ସନ୍ତୋଷ କୁମାର ରଥ | ୧୪ |
| ୭. | କଳିଙ୍ଗର ବରପୁତ୍ର ବିଜୁ ପଟ୍ଟନାୟକ | ସତ୍ୟବାଦୀ ବଳିଆର ସିଂହ | ୧୬ |
| ୮. | ସକାଳ ବନ୍ଦନା- ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୧୬ |
| ୯. | ଦରଜୀଠାରୁ ଶିକ୍ଷା | ବନମାଳୀ ବେହେରା | ୨୦ |
| ୧୦. | ବୋଝ | ତ୍ରିଲୋଚନ ମହାପାତ୍ର | ୨୦ |
| ୧୧. | ଆକାଶ ହସୁଛି | ପ୍ରମୋଦ ଚନ୍ଦ୍ର ଦାଶ | ୨୧ |
| ୧୨. | ବାଳିକା ବଧୂର ଦୁଃଖର କାହାଣୀ | କମଳିନୀ ବେହେରା | ୨୨ |
| ୧୩. | ପ୍ରାରବ୍ଧ | ପଦ୍ମାବତୀ ପାଢ଼ୀ | ୨୨ |
| ୧୪. | ବାଘ କାନ୍ଦୁଛି | ଉମାକାନ୍ତ ମହାନ୍ତି | ୨୩ |
| ୧୫. | ପୁଅ | କବିତା ପଟ୍ଟନାୟକ | ୨୫ |
| ୧୬. | ଡେଣାକଟା ସ୍ୱପ୍ନ | ଗୋପୀନାଥ ଦାଶ | ୨୬ |
| ୧୭. | ମୋତେ ଗୋଟିଏ ପୁଅ ଦିଅ | ଡ଼ଃ ତ୍ରିନାଥ ପଟ୍ଟନାୟକ | ୨୭ |
| ୧୮. | ବିଦେଶୀ | ଶକ୍ତିଶଙ୍କର ମିଶ୍ର | ୨୮ |
| ୧୯. | ସୁରେଶଙ୍କ ମହତ୍ ପଣିଆ | ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୩୦ |
| ୨୦. | ଅସାବଧାନତାର ପରିଣାମ | ଅଜୟ କୁମାର ସାହୁ | ୩୧ |
| ୨୧. | ଗର୍ଭବତୀ - ମହିଳାଙ୍କର ରକ୍ତହୀନତା | ମୁରାରୀ ମୋହନ ଦାଶ | ୩୨ |
| ୨୨. | ଲାଲ ଜାଇ | ଡା: ଧନେଶ୍ୱର ସାହୁ | ୩୩ |
| ୨୩. | ମୋ ଗଜରା | ସୁମତୀ ଦେଇ | ୩୫ |
| ୨୪. | ସାବଧାନ | ଶମ୍ଭୁନାଥ ଦାସ | ୩୫ |
| ୨୫. | ଚକ୍ରରାଜ ସୁଦର୍ଶନ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୩୬ |
| ୨୬. | ହେ ପ୍ରକୃତି ତୁମକୁ ପ୍ରଣାମ | ଧ୍ରୁବ ରଣା | ୩୬ |
| ୨୭. | ରାଧିକେ ଅପେକ୍ଷା କର ! | ଡ଼.ଭାରତୀ ମହାନ୍ତି | ୩୭ |
| ୨୮. | ଅପୂର୍ଣ୍ଣ କବିତା | ତ୍ରିଲୋଚନ ଦାସ | ୩୭ |
| ୨୯. | ଦିବ୍ୟ ସଂପର୍କର ସତ୍ତା | ଇଂ ପ୍ରମୋଦ କୁମାର ନନ୍ଦ | ୩୮ |
| ୩୦. | ପିତା ମାତା | ଗିରୀଶ ଚନ୍ଦ୍ର ତ୍ରିପାଠୀ | ୩୮ |
| ୩୧. | ଅତି ପରିଚିତ ହଳଦିବସନ୍ତ | ମନୋଜ କୁମାର ମହାପାତ୍ର | ୩୯ |
| ୩୨. | ଭାରତୀୟ ବ୍ୟାଡମିଣ୍ଟନର... | ଆଶିଷ କୁମାର ରାୟ | ୪୦ |
| ୩୩. | ସାଧାରଣ ଜ୍ଞାନ | | ୪୨-୫୦ |


## ଆଜିର ଅନୁଚିନ୍ତା

୨୦୧୬ ମସିହା ଶିଶୁ ଦିବସର ଠିକ୍ ୭ ଦିନ ଆଗରୁ ଶ୍ରୀଯୁକ୍ତ କୈଳାସ ସତ୍ୟାର୍ଥୀ (ନୋବେଲ ପୁରସ୍କାର ବିଜେତା) ନୂଆ ଦିଲ୍ଲୀ ନିକଟସ୍ଥ ଏକ ଖେଳଣା ତିଆରି କାରଖାନାରୁ ୪୩ ଜଣ ଶିଶୁ ଶ୍ରମିକକୁ ଉଦ୍ଧାର କରି ସେମାନଙ୍କୁ ପିତାମାତାଙ୍କ ଜିମା ଦେଇଥିଲେ। ସେତିକିବେଳେ, ପିଲାଙ୍କୁ ସେ ପଚାରିଥିଲେ-ପିଲାଏ ତମ ଜୀବନର ସ୍ୱପ୍ନ କଣ ? ପ୍ରାୟ ସମସ୍ତେ ନୀରବ ଥିବା ବେଳେ ଜଣେ ପିଲା ଅତି ଦମ୍ଭର ସହିତ ଉତ୍ତର ଦେଲା-ଏଇ ଯେଉଁ କଣ୍ଢେଇ ସବୁ ଆମେ ତିଆରି କରୁଛୁ ତାରି ସାଙ୍ଗରେ ଖେଳିବା ପାଇଁ ସମର୍ଥ ହେବା। ଏଇ ଛୋଟ କଥା ଭିତରେ ମହତ କଥାଟିଏ ସେ କହି ପକାଇଲା। ବାସ୍ତବିକ୍ ମର୍ମସ୍ପର୍ଶୀ ନୁହେଁ କି ? ଆମେ କେବେ ଏ ବିଷୟରେ ଗଭୀର ଭାବେ ଚିନ୍ତା କରୁଛେ କି ?

ଦିନକର କଥା-ସତ୍ୟାର୍ଥୀ ମହାଶୟ ଉତ୍ତର ପ୍ରଦେଶର ପିଲଖୁଆ ଗ୍ରାମରେ ଶିଶୁ ଶ୍ରମିକ ଉଚ୍ଛେଦ ବିଷୟରେ ଗ୍ରାମବାସୀମାନଙ୍କ ସଂଗେ ଆଲୋଚନା କରୁଥିଲେ। ଗୋଟିଏ ଦଶ ବର୍ଷର ପିଲା ଧିରେ ଧିରେ ତାଙ୍କ ପାଖକୁ ଆସି ସାହାସ ସଂଚୟ କରି କ'ଣ କହିବ ବୋଲି ଭାବୁଥିଲା। ସତ୍ୟାର୍ଥୀ ମହାଶୟ ତା ପିଠି ଆଉଁଷି ଦେଇ ତାକୁ ସ୍ନେହରେ ପଚାରିଲେ- କ'ଣ କହିବ କି, କୁହ। ସେ କିଛି କହିଲା ଆଗରୁ ଛୋଟ ପୁଡ଼ିଆ ଗୋଟେ ତାଙ୍କ ହାତରେ ଗୁଂଜି ଦେଇ କହିଲା-ଏତିକି ମୋର ଦିନକର ମଜୁରି,- ଆପଣଙ୍କୁ ମୁଁ ଦେଲି।- ଏଥିରେ ମୋପରି ଛୋଟ ଶିଶୁ ଶ୍ରମିକମାନଙ୍କୁ ଶ୍ରମଦଣ୍ଡରୁ ମୁକ୍ତ କରି- ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସୁବିଧା କରିଦିଅନ୍ତୁ- ଏତିକି ମୋର ଅନୁରୋଧ। ଅତି ସାଧାରଣ ଅନୁରୋଧ, କିନ୍ତୁ ଆନ୍ତରିକତାର କି ଶକ୍ତି ଥିଲା ଏଇ ଅନୁରୋଧରେ। ସତ୍ୟାର୍ଥୀ ମହାଶୟଙ୍କ ଆଖି ଓଦା ହୋଇଗଲା।, ଅତ୍ୟନ୍ତ ଆନନ୍ଦରେ ସେ ପିଲାଟିକୁ କୁଣ୍ଢାଇ ପକାଇଲେ। ଯେଉଁଠି ଛୋଟ ପିଲାଟିଏ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରୁଛି- ସେଠି ନିଶ୍ଚୟ ସୁଦିନ ଆସିବ ଏବଂ ଏଇ ଶ୍ରମ ଦଣ୍ଡରୁ ଶିଶୁମାନେ ମୁକ୍ତ ହୋଇ ଶିକ୍ଷାର ସୁବର୍ଣ୍ଣ ବଳୟରେ ବାନ୍ଧିହୋଇ ଉପରକୁ ଉଠିଆସି ମଣିଷ ପରି ମଣିଷ ହୋଇ ଏ ଦୁନିଆରେ ବଞ୍ଚିବା ଶିଖିବେ। ସେହି ସୁଦିନ ନିଶ୍ଚୟ ଆସିବ।

# ସମ୍ପାଦକୀୟ....





ଉଠରେ ଉଠରେ ଉତ୍କଳସନ୍ତାନ ଉଠିବୁ ତୁ କେତେଦିନେ

ପୂରୁବ ଗୌରବ ପୂରୁବ ମହିମା ପଡୁନାହିଁ କି ତୋ ମନେ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀରେ ଉପର ଲିଖିତ କାଳଜୟୀ ଉଦ୍‌ବୋଧିନୀପଦଟି ଅନେକ ସ୍ଥାନରେ, ସଭାସମିତିରେ, ସ୍କୁଲରେ, କଲେଜରେ, ପଥପ୍ରାନ୍ତରେ ବାରବାର ଅନୁରଣିତ ହୁଏ। ଏହା ଗତାନୁଗତିକ ଭାବରେ ସବୁବର୍ଷ ପରି ସ୍ୱାଭିମାନ ଦିବସଭାବରେ ଉତ୍କଳର ସନ୍ତାନମାନେ ପାଳନ କରନ୍ତି। ମଧୁବାବୁଙ୍କ କାର୍ଯ୍ୟକଳାପ, ତାଙ୍କର କୀର୍ତିରାଜିକୁ ବକ୍ତାମାନେ ବାରମ୍ବାର ଦୋହରେଇ ହୁଅନ୍ତି। ଜମା ହୋଇଥିବା ଶ୍ରୋତା ଶୁଣନ୍ତି। ଦର୍ଶକେ ଦେଖନ୍ତି। କିଏ ଭଲ ଭାଷଣ ଦେଲା, କିଏ ନଦେଲା, ଏହା ଉପରେ ପରବର୍ତ୍ତୀ ସମୟରେ ତର୍ଜ୍ଜମା ହୁଏ ସିନା, ସ୍ୱାଭିମାନ ଦିବସର ଯଥାର୍ଥତା କଣ ଓ କୋଉଥିପାଇଁ, ଏହାର ମୂଳ ଉତ୍ସ କୋଉଠି, ତାହା ହୃଦୟଙ୍ଗମ କରିବାର ମାନସିକତା ନା ବକ୍ତାର ଥାଏ ନା ଶ୍ରୋତାର ନା ଦର୍ଶକର। ଏହା ଏକ ପରମ୍ପରାରେ ପରିଣତ ହେଲା ପରି ଲାଗିଲାଣି। କାରଣ, ପରମ୍ପରାମାନଙ୍କର ମୂଳ ଉତ୍ସ ଖୋଜାଯାଏନା।

ସ୍ୱାଭିମାନ- ସଂପୂର୍ଣ୍ଣ ମାନବୀୟ ସ୍ୱଭାବସଂପନ୍ନ ଶବ୍ଦଟିଏ। ଏହା ମଣିଷଠାରେ ପ୍ରକାଶ ପାଏ। ତା ମାନେ ନୁହେଁ ଯେ ମନୁଷ୍ୟେତର ପ୍ରାଣୀମାନଙ୍କଠାରେ ସ୍ୱାଭିମାନ ନାହିଁ। ପ୍ରତ୍ୟେକ ପ୍ରାଣୀଠାରେ ସ୍ୱଭାବସିଦ୍ଧ ସ୍ୱାଭିମାନ ନିହିତ ରହିଛି। ପ୍ରତ୍ୟେକପ୍ରାଣୀ କିଛିନା କିଛି ସ୍ୱାଭିମାନକୁ ଜାବୁଡ଼ି ଧରି ନିଜର ଜୀବନଧାରଣ ତଥା ପ୍ରକୃତି ଓ ପ୍ରବୃତ୍ତିକୁ ଚରିତାର୍ଥ କରିବା ପାଇଁ ଚେଷ୍ଟାରତ। ଏ କ୍ଷେତ୍ରରେ ମଣିଷ କିନ୍ତୁ ନିଆରା। ମଣିଷର ସ୍ୱାଭିମାନ ସ୍ୱନିର୍ବାଚିତ ହୋଇଥିବାବେଳେ, ଇତର ପ୍ରାଣୀମାନଙ୍କର ଏହା ଜନ୍ମଗତ ଓ ପ୍ରକୃତିସିଦ୍ଧ।

ତେବେ, ସ୍ୱନିର୍ବାଚିତ ସ୍ୱାଭିମାନ କଣ ? ଚେତନସ୍ତରରେ ମଣିଷ ଜ୍ଞାତ ବା ଅଜ୍ଞାତ ଭାବରେ ଅନେକ କାମ କରିଥାଏ। ନିଜକୁ ସୁହାଇଲାଭଳି କୌଣସି କାମ କଲାବେଳେ ସିଏ ଦୁଇଟି ଦିଗ ଉପରେ ଦୃଷ୍ଟି ଦେବା କଥା। ଗୋଟିଏ ହେଲା, ତାର କାର୍ଯ୍ୟରେ ତା' ନିଜର ଯାହା ଉପକାର ହେଉଛି ହେଉ, ମାତ୍ର ଅନ୍ୟର ଅପକାର ନହେଉ। ଏହାହିଁ ସକାରାତ୍ମକ ମାନସିକତା ଓ ସ୍ୱାଭିମାନର ମୂଳକଥା। କିନ୍ତୁ, ଯେଉଁଠି ଜଣକର କାର୍ଯ୍ୟ ଦ୍ୱାରା ଅନ୍ୟର ବା ସମଷ୍ଟିଗତ ଭାବରେ ସମାଜର କ୍ଷତି ସାଧନ ହୁଏ, ସେ କ୍ଷେତ୍ରରେ ନକାରାତ୍ମକ ଭାବନା ହେତୁ ସେହି ବ୍ୟକ୍ତି ସ୍ୱାଭିମାନ ରହିତ ବୋଲି ବୁଝିବାକୁ ହୁଏ। ସ୍ୱାଭିମାନୀ ବ୍ୟକ୍ତି ନିଜର ଚିନ୍ତା ଓ ଚେତନା, କାର୍ଯ୍ୟ ଓ କାରଣ, ବିଶେଷକରି ଆଚରଣ ଓ ଉଚ୍ଚାରଣ ଭିତରେ ଉଚିତ୍ ସମନ୍ୱୟ ରକ୍ଷା କରିଥାଏ। ଏହା ଯଦି ସ୍ୱାଭିମାନର ପ୍ରତୀକ ହୁଏ, ତେବେ ଏହାକୁ ମାପଦଣ୍ଡ ଭାବରେ ଗ୍ରହଣକରି ଆମେ ନିଜକୁ ତଉଲିବାର ବେଳ ଆସିଛି। ବିଶେଷକରି ସମାଜର କର୍ଣ୍ଣଧାରମାନେ ନିଜକୁ ନିଜେ ତର୍ଜ୍ଜମା କରିବା ଉଚିତ୍। ଆଜି ଅଶିକ୍ଷା, ଅନାହାର, ବେକାରି, ବେରୋଜଗାରି ଆମ ସମାଜର ଭୂଷଣ ସାଜିଛି। ଏଠାରେ ପିଲା ବିକ୍ରି ହୁଅନ୍ତି। ଏଠିକା ଲୋକେ ରୋଜଗାର ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଆନ୍ତି। କାହାର ଅନୁଗ୍ରହକୁ ଆଗ୍ରହରସହ ଅପେକ୍ଷା କରିଥିବା ମଣିଷର ପୁଣି ସ୍ୱାଭିମାନ ଆସିଲା କୁଆଡୁ ? ଭିକାରୀର ପସନ୍ଦ ଓ ନାପସନ୍ଦ କଣ ? ସୁତରାଂ, ମଧୁବାବୁଙ୍କ ଜନ୍ମତିଥିକୁ ସ୍ୱାଭିମାନ ଦିବସ ଭାବରେ ପାଳନ କରିବା ପୂର୍ବରୁ ମଧୁବାବୁଙ୍କ ପ୍ରତ୍ୟେକ କାର୍ଯ୍ୟ ଓ କାର୍ଯ୍ୟଶୈଳୀକୁ ପ୍ରଥମେ ହୃଦୟଙ୍ଗମ କରାଯାଉ। ତାଙ୍କର ସ୍ୱାଭିମାନୀ ଜୀବନଚର୍ଯ୍ୟାକୁ ଆକଳନ କରାଯାଉ। ନଚେତ୍, ସ୍ୱାଭିମାନ ଦିବସ ପାଳନର ଯଥାର୍ଥତା କିଛି ରହିବନି ଓ ଏହା କେବଳ ଲୋକଦେଖାଣିଆର ଅପବାଦ ମୁଣ୍ଡେଇବା ସାର ହେବ।

ଡ. ପ୍ରସନ୍ନ କୁମାର ଜେନା

## ଗୀତା



ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ।
ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍। ୩/୪୦

ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧି-ଏମାନଙ୍କୁ କାମର ବାସସ୍ଥାନ ବୋଲି କୁହାଯାଏ। ଏହି କାମ ଏମାନଙ୍କ ଦ୍ୱାରା ଅର୍ଥାତ୍ ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ହିଁ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରେ।

## ହିତୋପଦେଶ

ସମ୍ମାନ ପାଇବାକୁ ନୁହେଁ, ଆମେ ସମ୍ମାନ ପାଇବାରେ ହକ୍‌ଦାର।

ଏହି ଚେତନାହିଁ ଆମକୁ ଗୌରବ ଅଧିକାରୀ କରିଥାଏ।

## ଭାଗବତ ବାଣୀ

ଯାଗୃହ ଗତେଣ ଅତିଥି। ସୁଖ ଚରଣ ନ ଧୁଅନ୍ତି।।
ତାର ଜୀବନ ଅକାରଣ। ବ୍ୟର୍ଥ ଆୟୁଷ ଯଶ ଗୁଣ।।

## କୁହତ ଦେଖି

ବରଷକେ ଥରେ ଖାଏ
ମୁହଁ ମାଡ଼ି ପଡ଼ିଥାଏ।

-ଘୃଳ

## ଚାଣକ୍ୟ ନୀତି



କୋକିଳାନାଂ ସ୍ୱରୋ ରୂପଂ ନାରୀ ରୂପଂ ପତିବ୍ରତମ୍।
ବିଦ୍ୟା ରୂପଂ କୁରୁପାଣାଂ କ୍ଷମା ରୂପଂ ତପସ୍ୱିନାମ୍।

ଆଚାର୍ଯ୍ୟ ଚାଣକ୍ୟରୂପ-ଚର୍ଚ୍ଚା କରିବା ଅବସରରେ ରୂପ-ସୌନ୍ଦର୍ଯ୍ୟ ଅପେକ୍ଷା ସୁଗୁଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବାକୁ ଯାଇ କହିଛନ୍ତି ଯେ କୋଇଲିର ସୌନ୍ଦର୍ଯ୍ୟ ହେଉଛି ତାର ସ୍ୱର। ପତିବ୍ରତା ହେବା ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟତା। କୁରୂପ ଲୋକମାନଙ୍କର ଜ୍ଞାନହିଁ ସେମାନଙ୍କର ରୂପ ତଥା ତପସ୍ୱୀମାନଙ୍କର ରୂପ ହେଉଛି ସେମାନଙ୍କ ମଧ୍ୟରେ ରହିଥିବା କ୍ଷମା ଭାବ।

## ଢଗଢମାଳି

ଇଲିସି ଶୁଖୁଆ ଭାରି ସୁଆଦ ଲୋ
ଉଚ୍ଚାଟ କରଇ ମନ
ଅରୁଚି ଛାଡ଼ଇ ଗୁଣ୍ଡା ଠେଲି ଦିଏ
କଣ୍ଟାରେ ନ ଥାଏ ମନ।

(ଇଲିସି ଶୁଖୁଆ ସୁଆଦ ଏବଂ କଣ୍ଟା ଭରିଥାଏ।
କିନ୍ତୁ ସୁଆଦିଆ ହୋଇଥିବାରୁ କଣ୍ଟା ପ୍ରତି ଧ୍ୟାନ ନଦେଇ ଖାଇବା ଲୋକ ଆନନ୍ଦରେ ଖାଏ।)

## ରୂଢ଼ି ପ୍ରୟୋଗ

ଅତିରୁ ଇତି
(ଅତିମାତ୍ରାର ପରିଣତି ଖରାପ)

ଅନ୍ଧାରରେ ବାଡ଼ି ବୁଲାଇବା

(ଅନୁମାନ କରି କହିବା)

●●

# ବିଚିତ୍ରା

## ପ୍ରତି ୩ ବର୍ଷରେ ବଦଳିବ ଟଙ୍କାର ସୁରକ୍ଷା ମାନକ

ବିମୁଦ୍ରାୟନ ପରେ ଦେଶର ବିଭିନ୍ନ ସ୍ଥାନରେ ଜାଲ ନୋଟ ଧରାପଡିବାରୁ ରିଜର୍ଭ ବ୍ୟାଙ୍କ ଆନୁକୂଲ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅର୍ଥ ଓ ଗୃହ ବିଭାଗର ସଚିବଙ୍କ ସମେତ ବହୁ ପଦାଧିକାରୀ ଯୋଗଦେଇଥିଲେ । ଏହି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ ପ୍ରତି ୩ ବର୍ଷରେ ଥରେ ଟଙ୍କାର ସୁରକ୍ଷା ମାନକ ବଦଳା ଯିବ । ବିଦେଶରେ ମଧ୍ୟ ଏଭଳି ହୋଇଥାଏ ।

## ୨୦୦ ଟଙ୍କିଆ ନୋଟ୍ ଜୁନ ସୁଦ୍ଧା ଆସିବ

ନୂଆ ୨୦୦ଟଙ୍କିଆ ନୋଟ ବଜାରକୁଆସିବ। ଏ ନେଇ ଆସିଥିବା ପ୍ରସ୍ତାବକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁମୋଦନ କରିଛନ୍ତି । ପ୍ରକାଶ ଥାଉକି ନଭେମ୍ବର ୮ରେ ପୁରୁଣା ୧୦୦୦ ଓ ୫୦୦ ଟଙ୍କିଆକୁ ଅଚଳ କରାଯିବା ପରେ ନୂତନ ୨୦୦୦ ଓ ୫୦୦ଟଙ୍କିଆ ନୋଟ ପ୍ରଚଳନ ହୋଇଛି । ତେବେ ବଡ଼ ନୋଟ ଦୃଷ୍ଟିରୁ ପୁଣି ୧୦୦୦ ଟଙ୍କିଆ ଆଣିବାର କୌଣସି ଯୋଜନା ନଥିବା ସରକାର ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ।

## ଭାରତକୁ ଇସ୍ରାଏଲ ଦେବ ବାରାକ-୮

ଭାରତ ଓ ଇସ୍ରାଏଲ ମଧ୍ୟରେ ଦୁଇ ବିଲିୟନ୍ ଡଲାର ମୂଲ୍ୟର କ୍ଷେପଣାସ୍ତ୍ର ରାଜିନାମା ସ୍ୱାକ୍ଷର ହୋଇଛି। ଏହା ଦ୍ୱାରା ଇସ୍ରାଏଲ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ ଭାରତୀୟ ସେନାବାହିନୀକୁ ଅତ୍ୟାଧୁନିକ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ ହୋଇପାରୁଥିବା ମଧ୍ୟମ ଦୂରଗାମୀ ବାରାକ- ୮ କ୍ଷେପଣାସ୍ତ୍ର ଯୋଗାଇ ଦେବ। ଏହାଦ୍ୱାରା ଭାରତର କ୍ଷେପଣାସ୍ତ୍ର ଶକ୍ତି ବୃଦ୍ଧି ପାଇବ। 'ଏମ୍ଆର୍ଏସ୍ଏଏମ୍' ପର୍ଯ୍ୟାୟର ଏହି କ୍ଷେପଣାସ୍ତ୍ର ଆକାଶମାର୍ଗକୁ ସୁରକ୍ଷା ଦେବ। ଏହା ୭୦କିଲୋମିଟର ମଧ୍ୟରେ ବିମାନ, ଡ୍ରୋନ୍ ଓ କ୍ଷେପଣାସ୍ତ୍ର ବିଧ୍ୱଂସୀ।

## ମଲାଲା ଜାତିସଂଘର ଶାନ୍ତିଦୂତ



ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ ଘୋଷଣା କରିଛନ୍ତି ମଲାଲା ୟୁସୁଫ ଜାଇ ଜତିସଂଘର ଶାନ୍ତିଦୂତ ଭାବେ ନିଯୁକ୍ତି ପାଇବେ । ମଲାଲା ମହିଳା ଓ ଝିଅମାନଙ୍କ ପାଇଁ ଏକ ଆଦର୍ଶ ଏବେ ୧୯ ବର୍ଷରେ ପାଦ ଥାପିଥିବା ଆତଙ୍କବାଦୀଙ୍କ ସହ ଲଢି କିଭଳି ନିଜର ଶିକ୍ଷା ଅଧିକାରକୁ ଜାହିର କରିଥିଲେ ତାହା ବିଶ୍ୱ ଭୁଲି ନାହିଁ । ମହିଳାଙ୍କ ଶିକ୍ଷା ଓ ସୋମନଙ୍କ ସଶକ୍ତିକରଣ ପାଇଁ ମଲାଲା ଏକ ଫଣ୍ଡ ଗଠନ କରିଛନ୍ତି । ୨୦୧୪ ଡିସେମ୍ବର ଭାରତର କୈଳାଶ ସତ୍ୟାର୍ଥୀଙ୍କ ସହ ତାଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିଥିଲା ।

## ଗୋଟିଏ ବର୍ଷରେ ସର୍ବାଧିକ ଏଲପିଜି ସଂଯୋଗ

ଦେଶର ତୈଳ ବିତରଣ କମ୍ପାନୀମାନେ ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ ୩.୨୫ କୋଟି ନୂଆ ଏଲପିଜି ସଂଯୋଗ ପ୍ରଦାନ କରିଛନ୍ତି। ଏ ପର୍ଯ୍ୟନ୍ତ କୌଣସି ଗୋଟିଏ ବର୍ଷରେ ସର୍ବାଧିକ ଏଲପିଜି ସଂଯୋଗ ଦିଆଯିବା କ୍ଷେତ୍ରରେ ଏହା ଏକ ନୂଆ ରେକର୍ଡ।


## ୨୦୨୦ ପରେ ଭାରତର ବୃହସ୍ପତି ମିଶନ

୨୦୨୦ ପରେ ଇସ୍ରୋ ମିଶନ ବୃହସ୍ପତି ଆରମ୍ଭ କରିବ । ଏଥିନେଇ ଇସ୍ରୋ ପକ୍ଷରୁ ଯୋଜନା ଆରମ୍ଭ ହୋଇଛି । ବୃହସ୍ପତିକୁ ଭାରତ ଏକ ସ୍ପେସ କ୍ରାଫ୍ଟ ପଠାଇବ । ଏଥିରେ ୧୭୫ କି.ଗ୍ରା ଓଜନର ଯନ୍ତ୍ରପାତି ରହିବ । ଏହାର ୫୦୦ ୱାଟ ଶକ୍ତି ରହିବ । ମେ ୧୯ ସୁଦ୍ଧା ଏଥିନେଇ ପ୍ରାରମ୍ଭିକ ଅନୁସନ୍ଧାନ ନେବାକୁ ହେବ । ତେବେ ଏହା ୨୦୨୦ ପୂର୍ବରୁ ପଠାଯିବା ସମ୍ଭବ ନୁହେଁ ବୋଲି କୁହାଯାଉଛି । ଆସନ୍ତା ବର୍ଷ ଭାରତ ଚନ୍ଦ୍ରାୟନ-୨ ଚନ୍ଦ୍ରପୃଷ୍ଠକୁ ପଠାଇବ।

## ବିଶ୍ୱର ସବୁଠାରୁ ବୟସ୍କା ମହିଳାଙ୍କ ଦେହାନ୍ତ

ବିଶ୍ୱର ସବୁଠାରୁ ବରିଷ୍ଠ ମହିଳା ଇଟାଲିର ଭର୍ବାନିଆର ସହରରେ ରହୁଥିବା ୧୧୭ ବର୍ଷୀୟା ଏମା ମୋରାନୋଙ୍କ ଦେହାନ୍ତ ଘଟିଛି । ସେ ୧୮୯୯ ନଭେମ୍ବର ୨୯ରେ ଇଟାଲିର ସିଭିଆସକୋ ସହରରେ ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କ ଜୀବନକାଳରେ ୧୧ ଜଣ ପୋପ, ୧୨ ଜଣ ଇଟାଲିର ରାଷ୍ଟ୍ରପତି ଓ ୨ଟି ବିଶ୍ୱଯୁଦ୍ଧ ଦେଖିଛନ୍ତି ।

## କଳ୍ପିତ ବୀରବଲ ଜେଇ ମେନସ୍ ଟପ୍ପର



ଜେଇ ମେନସ୍ ପରୀକ୍ଷାରେ ରାଜସ୍ଥାନର କଳ୍ପିତ ବୀରବଲ ୧୦୦ରୁ ୧୦୦ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ଏମ୍ଡିଏସ୍ ସିନିୟର ସେକେଣ୍ଡାରୀ ସ୍କୁଲ୍ର ବୀରବଲ ବର୍ଷରେ କେବେହେଲେ ଦିନଟିଏ ମଧ୍ୟ କ୍ଲାସ୍ ମିସ୍ କରନ୍ତି ନାହିଁ। ସେ ୩୬୦ରୁ ୩୬୦ ନମ୍ବର ରଖି ସିବିଏସ୍ଇ ଦ୍ୱାରା ପରିଚାଳିତ ଜେଇ ମେନ ପରୀକ୍ଷାରେ ଟପ୍ପର ହୋଇଛନ୍ତି ।ଭାରତ ଇତିହାସରେ ଏହା ସର୍ବ ପ୍ରଥମ ଅଟେ।

## ନୂଆ ୫ ଓ ୧୦ ଟଙ୍କିଆ ମୁଦ୍ରା ରିଜର୍ଭ ବ୍ୟାଙ୍କ ଆଣିବ

ଭାରତୀୟ ରିଜର୍ଭ ବ୍ୟାଙ୍କ ଖୁବ୍ ଶୀଘ୍ର ନୂଆ ୫ ଟଙ୍କିଆ ଓ ୧୦ ଟଙ୍କିଆ ମୁଦ୍ରା ପ୍ରଚଳନ କରିବେ। ଆହ୍ଲାବାଦ ହାଇକୋର୍ଟର ୧୫୦ତମ ପ୍ରତିଷ୍ଠା ଦିବସରେ ନୂଆ ୫ ଟଙ୍କିଆ ମୁଦ୍ରା ଓ ନ୍ୟାସନାଲ୍ ଆରକାଇଭ୍ ବିଲ୍ଡିଂର ୧୨୫ ତମ ସମାବର୍ତ୍ତନ ଉତ୍ସବ ପରିପ୍ରେକ୍ଷୀରେ ନୂଆ ୧୦ ଟଙ୍କିଆ ମୁଦ୍ରା ପ୍ରଚଳନ

କରାଯିବ। ଏଥି ସହିତ ପୁରୁଣା ମୁଦ୍ରାଗୁଡ଼ିକ ମଧ୍ୟ ଚଳିବ ବୋଲି କୁହାଯାଇଛି।

## ପ୍ରେସକ୍ରିପସନରେ ଜେନେରିକ ନାମ ଲେଖିବା ବାଧ୍ୟତାମୂଳକ

ଏଣିକି ଡାକ୍ତରମାନେ ପ୍ରେସକ୍ରିପସନରେ ସମ୍ପୃକ୍ତ ଔଷଧର ଜେନେରିକ ନାମ ଉଲ୍ଲେଖ କରିବା ବାଧ୍ୟତାମୂଳକ କରାଯାଇଛି । ଏପରି ହୋଇନଥିଲେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି।

## ସିପ୍ରୋଫ୍ଲୋକ୍ସାସିନ ଓ ଓଫ୍ଲକ୍ସାସିନ ଥିବା ୬୦ଟି ଔଷଧ ବ୍ୟାନ

କମ୍ବିଫ୍ଲାମ୍, ଡିକୋଲ୍ଡ ଓ ସେଟ୍ରିଜାଇନ୍ ଭଳି ୬୦ ଟି ଔଷଧକୁ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। କେନ୍ଦ୍ରୀୟ ଔଷଧମାନଙ୍କ ନିୟନ୍ତ୍ରଣ ସଂସ୍ଥା (Central Drugs Standard Control Organisation (CDSCO))ଏହି କଟକଣା ଲାଗୁ କରିଛନ୍ତି । ଯେଉଁ ସବୁଔଷଧରେ ଆଣ୍ଟିବାୟୋଟିକ ସିପ୍ରୋଫ୍ଲୋକ୍ସାସିନ ଓ ଓଫ୍ଲକ୍ସାସିନ ଥିବା ସେହି ସବୁ ଔଷଧକୁ ବ୍ୟାନକରାଯାଇଛି। ଏହି ସବୁ ଆଣ୍ଟିବାୟୋଟିକ ମାନବଶରୀର ପାଇଁ କ୍ଷତିକାରକ ହୋଇଥିବାରୁ ଏଗୁଡିକ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି।

## ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ସବୁ ସ୍କୁଲରେ ହିନ୍ଦୀ ବାଧ୍ୟତାମୂଳକ ହେବ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ ମୁତାବକ ସବୁ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ହିନ୍ଦୀ ବାଧ୍ୟତାମୂଳକ ହେବ । କେତେକ ଘରୋଇ ସ୍କୁଲ ଓ ଆଞ୍ଚଳିକ ସ୍କୁଲଗୁଡିକରେ ହିନ୍ଦୀ ଅଧ୍ୟୟନ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ହିନ୍ଦୀ ସବୁ ସ୍କୁଲ ପିଲାଙ୍କ ପାଇଁ ଏକ ଗ୍ରହଣୀୟ ଭାଷା ହେବ ବୋଲି କୁହାଯାଉଛି।

## ଜିଏସ୍‌ଟି ଲାଗୁ ହେବା ପରେ ମହଙ୍ଗା ହେବ ମୋବାଇଲ

କେନ୍ଦ୍ର ସରକାର ଜିଏସ୍‌ଟି ଲାଗୁ କରିବା ପରେ ଆମଦାନୀ ହେଉଥିବା ମୋବାଇଲ ମହଙ୍ଗା ହେବ ବୋଲି କୁହାଯାଉଛି। କାରଣ କେନ୍ଦ୍ର ସରକାର ଆମଦାନୀ ହେଉଥିବା ମୋବାଇଲ ଓ ମୋବାଇଲ ଯନ୍ତ୍ରାଂଶ ଉପରେ ପ୍ରବେଶ ଶୁଳ୍କ ଲାଗୁ କରିବେ । ତେଣୁ ମୋବାଇଲଗୁଡିକର ମୂଲ୍ୟ ୫ରୁ ୧୦ ପ୍ରତିଶତ ବୃଦ୍ଧି ପାଇବା ଆଶା କରାଯାଉଛି।

## ୨୦୩୦ ସୁଦ୍ଧା ଭାରତରେ ପେଟ୍ରୋଲ ଓ ଡିଜେଲ କାର ଉଚ୍ଛେଦ ହେବ

୨୦୩୦ ସୁଦ୍ଧା ଦେଶରୁ ସବୁ ପେଟ୍ରୋଲ ଓ ଡିଜେଲ କାର ଉଚ୍ଛେଦ କରାଯିବ । ସବୁ କାରଗୁଡିକୁ ବ୍ୟାଟେରି ଚାଳିତ କରାଯିବ । ଗୋଟିଏ ହେଲେ କାର ଡିଜେଲ ପେଟ୍ରୋଲରେ ଚାଲିବାକୁ ଦିଆଯିବ ନାହିଁ । ଦୁଇ ତିନି ବର୍ଷ ମଧ୍ୟରେ ବିଜୁଳି କାର ଉତ୍ପାଦନ ଓ ବିକ୍ରି ପାଇଁ ସରକାର ପ୍ରୋତ୍ସାହନ

ଯୋଗଇଦେବେ । ଉଜାଲା ଯୋଜନାରେ ଯେଉଁଭଳି ଘରେ ଘରେ ଏଲଇଡି ବଲ୍ ପହଞ୍ଚାଇଲୁ ଠିକ୍ ସେହିପରି ସବୁ କାର ବିଜୁଳି ଚାଳିତ କରାଯିବ ।

## ଜାତୀୟ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବ୍ୟାପୀ ୨୧ ଲକ୍ଷ ଷ୍ଟ୍ରିଟ୍ ଲାଇଟ୍ ଏଲଇଡି ଲାଇଟ୍ ଲଗାଯିବ




ଭାରତ ସରକାରଙ୍କ ଷ୍ଟ୍ରିଟ୍ ଲାଇଟ ଜାତୀୟ କାର୍ଯ୍ୟକ୍ରମ (ଏସଏଲ୍ଏନପି) ମାଧ୍ୟମରେ ସାରା ଦେଶରେ ୨୧ ଲକ୍ଷ ପୁରୁଣା ଲାଇଟ୍ ବଦଳରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ କରାଯିବ। ନୂଆ ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ କରାଯିବା ଦ୍ୱାରା ସହରାଂଚଳରେ ଅଧିକ ଆଲୋକ ମିଳିବା ସହିତ ବିଦ୍ୟୁତ ସଂଚୟ ହୋଇପାରିବ । ଏହା ସହରବାସୀ ଏବଂ ପଥଚାରୀଙ୍କ ସୁରକ୍ଷା ଏବଂ ନିରାପତାକୁ ସୁନିଶ୍ଚିତ କରିବ। ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରାୟତ ଶକ୍ତି ସେବା କମ୍ପାନୀ ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ୍ (ଇଇଏସଏଲ)ପକ୍ଷରୁ ଏସଏଲ୍ଏନପି ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଏଲଇଡି ଲାଇଟ୍ ସଂଯୋଗ କରାଯିବା ଦ୍ୱାରା ବାର୍ଷିକ ୨୯୫ ନିୟୁତ ୟୁନିଟ୍ ବିଦ୍ୟୁତ ଶକ୍ତି ସଂଚୟ କରାଯିବା ସହ ୨.୩ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହ୍ରାସ କରାଯାଇପାରିବ।

## ଚୀନ ନିଜସ୍ୱ ଏନ୍‌ସାଇକ୍ଲୋପିଡିଆ ଆରମ୍ଭ କରିବ




ଚୀନ ନିଜସ୍ୱ ଏନସାଇକ୍ଲୋପିଡିଆ ଆରମ୍ଭ କରିବ । ୱିକି ପେଡିଆ ଉପରେ ଚୀନର ବିଶ୍ୱାସ ନାହିଁ । ଏଥିପାଇଁ ୨୦ ହଜାରରୁ ଅଧିକ ଚୀନା ଅଧ୍ୟବସାୟୀଙ୍କୁ କାର୍ଯ୍ୟରେ ମୁତୟନ କରାଯାଇଥିଲା । ଚୀନ ଆମେରିକାକୁ ଟକ୍କର ଦେବା ପାଇଁ ଏଭଳି କାର୍ଯ୍ୟ କରୁଛି । ଏପରିକି ଚୀନରେ ଫେସବୁକ୍ ଓ ଟ୍ୱିଟର ଭଳି ସାମାଜିକ ଗଣମାଧ୍ୟମକୁ ମଧ୍ୟ ଅନୁମୋଦନ ଦିଆଯାଏ ନାହିଁ । ଚୀନରେ ଆସନ୍ତା ଜୁନ୍ ପହିଲାରୁ କେତେକ କଟକଣା ଲାଗୁ କରାଯିବ । ଜଣେ ବ୍ୟକ୍ତି ନିଜର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ନକଲେ ତାକୁ କୌଣସି ୱେବ୍‌ସାଇଟ୍ ଖୋଲିବାକୁ ଦିଆଯିବ ନାହିଁ ବୋଲି ଚୀନ ଦର୍ଶାଇଛି।

ବିଜ୍ଞାନ ବିଚିତ୍ରା

# କେତେକ ଔଷଧୀୟ ବୃକ୍ଷ ଏବଂ ତାର ବ୍ୟବହାର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## କସନି (Cichorium intybus)

ଏହା ବର୍ଷର ସବୁ ଋତୁରେ ପ୍ରାୟ ୩୦ ରୁ ୯୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢି ପାରୁଥିବା ଏକ ସିଧା ଗଛ ଯାହାର ଚେର ମାଂସାଳ, ଧୂସର ହଳଦିଆ ଓ ପ୍ରାୟ ୭୫ ସେମି ଲମ୍ବର ହୋଇଥାଏ। ଏହାକୁ ମୁଖ୍ୟତଃ ପଞ୍ଜାବ ଓ ଆନ୍ଧ୍ରପ୍ରଦେଶରେ



ଚାଷ କରାଯାଏ। ଏହାର ଛାଲି ଗୁଡିକ ପତଳା ତଥା ପତ୍ରସବୁ ଅଣ୍ଡାକାର, ଅପବର୍ଚ୍ଛାକାର ହୋଇ ତଳେ ବୁଦାଳିଆ କିନ୍ତୁ ଉପରକୁ ଗୁଚ୍ଛ ହୋଇଥାଏ। ଉପର ପତ୍ରଗୁଡିକ ଏକାନ୍ତର, କ୍ଷୁଦ୍ର ଓ ସମ୍ପୂର୍ଣ୍ଣ ହୋଇଥାନ୍ତି। ତଳ ପତ୍ରଗୁଡିକର ଲମ୍ବ ୭.୫ ରୁ ୧୫ ସେମି ମଧ୍ୟରେ ହୋଇଥାଏ।ଏଗୁଡିକ ଅଳ୍ପ ପକ୍ଷାଳ ,ଧାର ଗୁଡିକ ଦନ୍ତୁରିତ ଏବଂ ତଳ ମୁହାଁ ହୋଇ ରହିଥାଏ। ଏହାର ଥଣ୍ଡା ଗୁଣଯୋଗୁଁ ଏହାକୁ ଶରୀରର ଯେ କୌଣସି ପୀଡା ଅନୁଭୂତ ସ୍ଥାନରେ ପ୍ରଲେପାକାରରେ ଦିଆଯାଇପାରେ। ଯକୃତ୍ ଓ ଖାଦ୍ୟନଳୀ ପାଇଁ ଏହା ଏକ ଟନିକ୍ ଭଳି କାମ କରେ। ଏହାର ଔଷଧୀୟ ଗୁଣ ଟାରାକ୍ସାକମ୍ ସହ ତୁଳନୀୟ।ବାତ, ଗଣ୍ଠିଫୁଲା ଓ କୋଷ୍ଠକାଠିନ୍ୟତା ଦୂରପାଇଁ ମଧ୍ୟ ଏହି ଉଦ୍ଭିଦକୁ ପ୍ରୟୋଗ କରାଯାଏ।ଏହା ସ୍ନାୟୁତନ୍ତ୍ର ଉପରେ ନିଶା ଉଦ୍ରେକକାରୀ ପ୍ରଭାବ ପକାଏ। ତେଣୁ ଏହାର ଅଧିକ ବ୍ୟବହାର ଆମୋରୋଟିକ ଅନ୍ଧତ୍ୱର କାରଣ ସାଜିଥାଏ।

ଏହାର ଚେର ସବୁଠାରୁ ଉପାଦେୟ ଅଂଶ ଯାହାକୁ ଜଣ୍ଡିସ୍ ଓ ଯକୃତ ବୃଦ୍ଧିର ଉପଚାର ପାଇଁ ବ୍ୟବହାର କରାଯାଏ। ଏହାକୁ ଅନ୍ୟ ପରିବାସହ ତରକାରି ରୂପେ ଅଗ୍ନିମାନ୍ଦ୍ୟ ଓ ଜ୍ୱର ରୋଗୀଙ୍କୁ ପଥ୍ୟ ଆକାରରେ ଦିଆଯାଏ।ଏହା ରକ୍ତ ବିଶୋଧକ ରୂପେ ମଧ୍ୟ କାର୍ଯ୍ୟ କରିଥାଏ।ଯକୃତ ରୋଗ ଉପଚାରରେ ଏହାର ଫୁଲକୁ ଅନ୍ୟ ତରଳ ପାନୀୟ ସହ ମିଶାଇଦିଆଯାଏ। ଆଂଠୁ ଗଂଠି ଦରଜ ଦୂର କରିବାପାଇଁ ଏହାର ପତ୍ରକୁ ବାଟି ପ୍ରଲେପାକାରରେ ଦିଆଯାଏ। ଏହାର ଚେରରେ ଫ୍ରକ୍ଟୋଜ୍ ପରିମାଣ ଅଧିକ ଥିବାରୁ ଏଥିରୁ ନିର୍ଗତ ରସକୁ ଡାଇବେଟିସ୍ ରୋଗୀମାନଙ୍କୁ ଏକ ମିଠା ବିକଳ୍ପ ଭାବେ ଦିଆଯାଏ। ଏହାର ରସକୁ ଚିକୋରି ଆକାରରେ କଫିରେ ମିଶାଇଲେ ତାର ସ୍ୱାଦ ବଢିବା ସଙ୍ଗେ ସଙ୍ଗେ ବାସନା ମଧ୍ୟ ବଦଳିଯାଏ। କସନିରେ ଥିବା ଉଦବାୟୀ ପଦାର୍ଥ ଗୁଡିକ ହେଲା ଏସିଟାଲଡିହାଇଡ୍,ଏସିଟୋନ୍ ,ଡାଇ ଏସିଟିଲବିଟା ଡାଇକିଟୋ ପେଂଟେନ୍, ଫରଫ୍ୟୁରାଲଡିହାଇଡ,୫-ହାଇଡ୍ରକ୍ସିମିଥାଇଲ୧-ଫର-ଫ୍ୟୁରାଲଡିହାଇଡ, ମାଲଟୋଲ ,ଫ୍ୟୁରାନ୍ ଓ ମିଥାଇଲ୍ ଫ୍ୟୁରାଇଲ ଆଲକୋହଲ।ଯଦି ଦୈନିକ ୬୦ ଗ୍ରାମ ଭଜା ଚିକୋରିକୁ ଜଣେ ମଣିଷ ୬ ମାସ ଧରି କ୍ରମାଗତଭାବେ ବ୍ୟବହାର କରେ ତଥାପି ତାର କିଛି ବିଷାକ୍ତ ପ୍ରଭାବ ପଡେନାହିଁ। କିନ୍ତୁ ଏହି ମାତ୍ରା ଯଦି ୧୦୦ ଗ୍ରାମରୁ ଅଧିକ ହୁଏ ତେବେ ବ୍ରାଡିକାଡିଆ ରୋଗରେ ଜଣେ ପଡିପାରେ। ଚିକୋରିର ଅନ୍ୟ ଏକ ଗୁଣହେଲା ପାକସ୍ଥଳୀର କୌଣସି କ୍ଷତି ନ କରି ଏହା କୋଷ୍ଠକାଠିନ୍ୟତାକୁ ଦୂର କରେ। ଏହାର ଚେରରେ ଲାକ୍ଟୁକୋପିକ୍ରିନ୍ ନାମକ ଏକ ପିତା ପଦାର୍ଥ ଥାଏ ଯାହା କ୍ଷତିକାରକ ନୁହେଁ ଏବଂ ଚେରକୁ ଖୁବ ଗରମ କଲେ ଏହା ନଷ୍ଟ ହୋଇଯାଏ। ଏହାର ମଞ୍ଜି ଗୁଡିକ ଅନ୍ତଃବାୟୁନାଶକ ଓ ମସ୍ତିଷ୍କ ପାଇଁ ଟନିକ୍ ଭାବେ କାର୍ଯ୍ୟ କରନ୍ତି। ଏହାକୁ ଶ୍ୱାସ ଓ ମୁଣ୍ଡବ୍ୟଥା ହେଲେ ବ୍ୟବହାର କରାଯାଏ। ଋତୁସ୍ରାବ ଅନିୟମିତ କିମ୍ବା ବନ୍ଦ ହୋଇଯାଇଥିଲେ ଏହି ମଞ୍ଜିର କ୍ୱାଥକୁ ମହିଳାମାନଙ୍କୁ ଦିଆଯାଏ। ତ୍ରସି ରୋଗରେ ପ୍ଲୀହା ଓ ଯକୃତ ଫୁଲି ଯାଇଥିଲେ ତାର ଉପଚାର ପାଇଁ ଏହି ମଞ୍ଜିର ଗୁଣ୍ଡକୁ ରୋଗୀଙ୍କୁ ଦିଆଯାଏ। ବାନ୍ତି ଉପଶମରେ ମଧ୍ୟ ଏହା ସହାୟକ ହୋଇଥାଏ।


## ଦାରୁ ହରିଦ୍ରା (Berberis aristata )



ଏହି ବୃକ୍ଷଟି ବେର୍ବେରିଡାସି ପରିବାରର ଅଟେ। ସାଧାରଣତଃ ଏହା ନୀଳଗିରି, ହିମାଳୟ ପାଦଦେଶ, ଭୁଟାନ ଓ କୁନାଉ ଏର ଅଂଚଳରେ ଦେଖାଯାଏ। ଏଥିରୁ

ତିଆରି ଔଷଧକୁ ରସବନ୍ତି ବା ରସାଜନ ବୋଲି କୁହାଯାଏ। ପିତ୍ତରୋଗ,ପାକସ୍ଥଳୀ, କୋଷ୍ଠକାଠିନ୍ୟତା, ଜ୍ୱରନାଶକ ଓ ଆଂଟିସେପ୍ଟିକ ଭାବେ ଏହାକୁ ବ୍ୟବହାର କରାଯାଏ। ଆଖି ଦରଜ, ଅଲସର, ପାଦରେ ଘାଆ ହେବା କିମ୍ବା ଅର୍ଶ, ମଳକଂଟକ ରୋଗରେ ଏହି ଗଛର ବିଭିନ୍ନ ଅଂଶକୁ ଯନ୍ତ୍ରଣା ନିବାରକ ଭାବେ ବାହ୍ୟପ୍ରଲେପ ରୂପରେ ଦିଆଯାଏ। ଏହାକୁ ଜଣ୍ଡିସ୍, ପ୍ଲିହା ବୃଦ୍ଧି ଆଦି ରୋଗର ନିଦାନପାଇଁ ମଧ୍ୟ ଦିଆଯାଏ। ଏହାର ଶୁଖିଲା ଫଳକୁ ଖାଇ ହୁଏ। ଚେର ଓ କାଣ୍ଡରେ ଥିବା ବିଭିନ୍ନ ଆଲକାଲଏଡ୍ ମଧ୍ୟରେ ବରବେରିନ୍ ମୁଖ୍ୟ ଅଟେ। ବେରବେରିନ ହାଇଡ୍ରୋକ୍ଲୋରାଇଡ ସମସ୍ତ ପ୍ରକାର ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏହାର ଚେରକୁ ଆଲକୋହଲ ସହ ମିଶାଇ ଖାଇଲେ ରକ୍ତ ଶର୍କରା ସ୍ତର କମ୍ ହୋଇଥାଏ। ଏହା ସିଧାସଳଖ ରକ୍ତରେ ମିଶି ରକ୍ତଚାପକୁ ବି ହ୍ରାସ କରିଥାଏ। ଝାଡାବାନ୍ତି ରୋଗପାଇଁ ବି ବେରବେରିନ୍ ଭଲ କାମ କରିଥାଏ। କାରଣ ଏହା ଏକ ବେକ୍ଟେରିଓଷ୍ଟେଟିକ ଡ୍ରଗ ଅଟେ। ଶିଶୁମାନଙ୍କ କ୍ଷେତ୍ରରେ ବି ଝାଡାବାନ୍ତି ରୋଗ ଉପଶମ ପାଇଁ ଏହାକୁ ବ୍ୟବହାର କରାଯାଏ। ଏହା କୃମିଦୋଷ ମୁଖ୍ୟତଃ ଜିଆଡିଆ ଲାମ୍ବେଲା ସଂକ୍ରମଣ ରୁ ୬ ଦିନ ମଧ୍ୟରେ ଆରାମ ଦେଇଥାଏ।

**ପିସ୍ତା ବାଦାମ୍** (Pistacia vera ) ;-ଇରାନ, ଆଫଗାନିସ୍ଥାନ ଏବଂ ମଧ୍ୟ ଏସୀୟ ଦେଶମାନଙ୍କରେ ଏହା ଚାଷ କରାଯାଏ।



ଏହାର ସ୍ୱାଦ ଓ ସୁଗନ୍ଧ ଯୋଗୁଁ ଏହାକୁ ଚକଲେଟ, ଆଇସକ୍ରିମ ଓ ରନ୍ଧନ କ୍ରିୟାରେ ବ୍ୟବହୃତ ହୁଏ।ପିସ୍ତା ମଧ୍ୟରେ ଥିବା ମଞ୍ଜି ଅଂଶଟି ସୁସ୍ୱାଦୁ ହୋଇଥିବାରୁ ଏହାକୁ କଂଚା କିମ୍ବା ଭାଜି ଲୁଣଦେଇ ଲୋକେ ଖାଇଥାନ୍ତି। ଏହା ଖାଦ୍ୟ ହଜମକାରୀ ଏବଂ ଦୁର୍ବଳ ବ୍ୟକ୍ତି ପାଇଁ ଏକ ଟନିକ୍ ଭଳି କାମ କରେ। ଏହାର ମଞ୍ଜିରୁ ଏକ ପ୍ରକାର ତେଲ ବାହାରେ ଯାହକୁ ଏକ ଡିମଲସେଂଟ ବା ପ୍ରଶମକ ଭାବେ ବ୍ୟବହାର କରାଯାଏ। ବିଭିନ୍ନ ପେଟରୋଗରେ ଏହି ତେଲ ଅତ୍ୟନ୍ତ ଉପଯୋଗୀ ବେଲି ଜଣାଯାଏ। ଏହାର ପତ୍ରର ଅଗ୍ରଭାଗରେ ଗୋଲାକାର ଅର୍ବୁଦ ସବୁ ରହିଥାଏ ଯାହାକୁ ଲୁଗା ରଙ୍ଗ କରିବାକୁ କିମ୍ବା ଚମଡା ଶିଳ୍ପରେ ବ୍ୟବହାର କରାଯାଏ। ଏହାକୁ ଆଷ୍ଟ୍ରିଂଜେଂଟ ଭାବେ ମଧ୍ୟ ବ୍ୟବହାର କରାଯାଏ।

**ଅରଗବଧ**(Cassia fistula ) ;-ସମଗ୍ର ଗାଙ୍ଗେୟ ଉପତ୍ୟକା ଓ ହିମାଳୟ ପାଦ ଦେଶରେ ଥିବା ଅଂଚଳରେ ଏହି ବୃକ୍ଷ ଦେଖାଯାଏ।



ଏହା ମଧ୍ୟମ ଆକାର ଓ ଉଚ୍ଚତାର ପତ୍ରମୋଚୀ ବୃକ୍ଷ। ଏହାର ବକଳ ଗୁଡିକ ଇଷତ କଳା ରଙ୍ଗର ମସୃଣ ଓ ପ୍ରାୟ ୧.୫ ସେମି ବହଳର ହୋଇଥାଏ। ପତ୍ରଗୁଡିକ ୨୦-୪୦ ସେମି ଲମ୍ବର ହୋଇଥାଏ ଏବଂ ଏହାର ମୂଳରେ କୌଣସି ଗ୍ରନ୍ଥି ନଥାଏ। ଫୁଲସବୁ ଗାଢ ହଳଦିଆ ରଙ୍ଗର ଏବଂ ରେସିମୋଜ୍ ଆକାରରେ ସଜାଇ ହୋଇ ରହିଥାଏ। ଏହି ଗଛର ଛାଲିକୁ ଝାଡା ହେଉ ଥିଲେ କିମ୍ବା ଶରୀରରେ ପୀଡା ହେଉଥିଲେ ଔଷଧ ଆକାରରେ ଦିଆଯାଏ। ପଚା ଘାଆ ଜାଗାରେ ଏହି ଗଛର ପାଉଁଶକୁ ଲେପ ଆକାରରେ ଦିଆଯାଏ ଓ ଏହାର କ୍ୱାଥକୁ କୁଷ୍ଠ, ଜଣ୍ଡିସ୍, ସିଫିଲିସ ଓ କେତେକ ହୃଦରୋଗର ଉପଶମ ପାଇଁ ବ୍ୟବହାର କରାଯାଏ। ଏହାର ଛାଲି ଭ୍ୟାକ୍ସିନିଆ ଭୂତାଣୁ ବିରୁଦ୍ଧରେ ଇଂଟରଫେରନ ଭଳି କାମ କରେ। ସେହିପରି ଏହାକୁ କେତେକ ଚର୍ମରୋଗ ଓ ହାଡଭାଙ୍ଗି ଯାଇଥିଲେ କିମ୍ବା ଘାଆ ଶୁଖୁ ନ ଥିଲେ ପଟି ଆକାରରେ ବନ୍ଧାଯାଏ। ପତ୍ରଗୁଡିକ କୋଷ୍ଠକାଠିନ୍ୟ ନିବାରକ ଓ ବେଦନା ନାଶକ ହୋଇଥିବାରୁ ଏହାକୁ ବାତ, ଜଣ୍ଡିସ, ଅର୍ଶ, ଚର୍ମରୋଗ,ଏକ୍‌ଜିମା, ଦେହ କୁଣ୍ଡାଇହେବା ଆଦି ଲକ୍ଷଣ ଦୂର କରିବାକୁ ବ୍ୟବହାର କରାଯାଏ। ପତ୍ର ଓ ଛାଲି ଗୁଣ୍ଡକୁ ତେଲ ସହ ମିଶାଇ ଫୋଟକା, କୀଟଦଂଶନ ଜନିତ ଫୁଲା ଓ ମୁଖ ପକ୍ଷାଘାତ ରୋଗୀଙ୍କୁ ଦିଆଯାଏ। ପକ୍ଷାଘାତ ଓ ମସ୍ତିଷ୍କ ଜ୍ୱର ପୀଡିତ ରୋଗୀ କିମ୍ବା କେନ୍ଦ୍ରୀୟ ସ୍ନାୟୁସଂସ୍ଥା ଜନିତ ରୋଗୀଙ୍କୁ ଏହାର ରସ ପିଇବାକୁ କୁହାଯାଏ। ଏହି ଗଛର ଫଳ, କଢ ସସର ବିଭିନ୍ନ ଔଷଧୀୟ ଗୁଣ ରହିଛି। ଏହାର କଢକୁ ଗରମ କରି ସେକ ଆକାରରେ ଦେଲେ ଟଂଟିଫୁଲାରୁ ଉପଶମ ମିଳେ। ଏହାର ଫଳ ଶ୍ୱାସରୋଗୀଙ୍କୁ ଆରାମ ପ୍ରଦାନ କରିଥାଏ। ଏହି ଗଛର ଫଳରେ ଥିବା ତନ୍ତୁ ବା ସସ୍ ପୁଷ୍ଟିସାର ଶର୍କରା ଓ ସେନୋସାଇଡ୍ ଏ ଓ ବି ରେ ଭରପୂର ଥାଏ।ତେଣୁ ଶିଶୁ ଓ ଗର୍ଭବତୀ ନାରୀମାନଙ୍କୁ ଏହାକୁ ପର୍ଗେଟିଭ୍ ଆକାରରେ ଦିଆଯାଏ। ଏହାର ଆଂଟିପାଇରେଟିକ୍,ବେଦନାନାଶକ ଓ ବୀଜାଣୁ ନିରୋଧକ ଗୁଣ ଯୋଗୁଁ ଏହାକୁ ବାତ,ମେଲେରିଆ, ଗାଉଟ୍, ଝାଡା, ଶ୍ୱାସ, ଟାଇଫଏଡ୍ ଏବଂ ଇ. କୋଲି ସଂକ୍ରମଣରେ ଔଷଧାକାରରେ ଦିଆଯାଏ। ଯକୃତ ରୋଗପାଇଁ

ମଧ୍ୟ ଏହା ଟନିକ ଭଳି କାର୍ଯ୍ୟ କରେ। ଏହାର ସସ ଓ କଢକୁ କ୍ୱାଥ ଭାବେ ଡଂଟି ଦରଜ ଓ ନିମୋନିଆ ,ଜ୍ୱରରେ ଔଷଧ ଭାବେ ବ୍ୟବହାର କରାଯାଏ। ଏହାର ସସରେ ଶତକଡା ହିସାବରେ ଆଲାନାଇନ୍ ୧.୭୫, ଆସପାର୍ଟିକ ଏସିଡ ୨.୧୫, ଗ୍ଲୁଟାମିକ୍ ଏସିଡ୍ ୨.୮୯ ,ଗ୍ଲାଇସିନ୍ ୨.୨୬, ଟାଇରୋସିନ ୧.୩୫,ଆର୍ଜିନିନ୍ ୧.୩ ଏବଂ ଟ୍ରିପ୍ଟୋ'ାନ୍ ୧.୦୯ ପରିମାଣରେ ରହିଥାଏ। ଏହି ବୃକ୍ଷର ମଞ୍ଜିଗୁଡ଼ିକ ମିଠାଳିଆ ଏବଂ ଏହାର କାର୍ମିନେଟିଭ, ଲାକ୍ସାଟିଭ, ଆଂଟିପାଇରେଟିକ ଓ ଜୀବାଣୁନାଶକ ଗୁଣ ରହିଛି।

ସମସ୍ତ ପ୍ରକାର ପେଟରୋଗ ପାଇଁ ଏହାର ଫୁଲକୁ କ୍ୱାଥ ଆକାରରେ ଦିଆଯାଏ। ଏହାର ଫୁଲ କଂଚା ଅବସ୍ଥାରେ ଆଷ୍ଟ୍ରିଞ୍ଜେଟ,ପର୍ଗେଟିଭ, ଫେବ୍ରିଫ୍ୟୁଗାଲ ଓ ଆଂଟିବ୍ଲୁଲସ ଭଳି କାମ କରେ। ମଞ୍ଜିକୁ ଗୁଣ୍ଡ କରି ଆମିବାୟୋସିସ, ଜଣ୍ଡିସ, କୋଷ୍ଠବଦ୍ଧତା, କେତେକ ଚର୍ମରୋଗ ଓ ଡଂଟି ଦରଜରୁ ଉପଶମ ପାଇଁ ଦିଆଯାଇଥାଏ। ଏହାର ଚେର ଓ ଛାଲିର ବି ସମଗୁଣ ରହିଛି। ଏହାର ଚେରକୁ ଏସିଟୋନ ସହ ଦ୍ରବଣ ଆକାରରେ ଫୁଟାଇଲେ ସେଥିରୁ ଫ୍ଲାଭନଏଡାଲ ଗ୍ଲୁକୋସାଇଡ଼ସ ସବୁ ମିଳିଥାଏ ।ତେଣୁ ଏହାକୁ ଆଂଟିଫଙ୍ଗାଲ୍ ଏଜେଂଟ ରୂପେ ମଧ୍ୟ ବ୍ୟବହାର କରାଯାଇପାରେ। ଚେର ଏବଂ ଛାଲିର ଯନ୍ତ୍ରଣା ନିବାରକ ଧର୍ମ ଯୋଗୁଁ ଏହାକୁ ଅର୍ଶ, ଘାଆ, କ୍ଷତ କିମ୍ୱା ଯକ୍ଷ୍ମାଜନିତ ଯନ୍ତ୍ରଣା ଜାଗାରେ ମଲମ ଆକାରରେ ଦିଆଯାଏ। କଳାଜ୍ୱର ରୋଗୀକୁ ଏହି ବୃକ୍ଷର ଚେର ଓ ଛାଲିକୁ ଆଲକୋହଲ ସହ ଫୁଟାଇ ଔଷଧ ଆକାରରେ ଦିଆଯାଇଥାଏ।

**ଅଳେଇଚ** ;-ମସଲା ଭିତରେ ଏହାକୁ ରାଣୀ ବୋଲି ଧରାଯାଏ। ଏହାର ବିଭିନ୍ନ ଔଷଧୀୟ ଗୁଣ ଯୋଗୁଁ ଏହାର ବର୍ଣ୍ଣନା ଚରକ ଓ ସୁଶ୍ରୁତ ସଂହୀତାରେ ତଥା ଏହାର ଅର୍ଥନୈତିକ ପ୍ରାଧାନ୍ୟତା ହେତୁ ଏହାର ବର୍ଣ୍ଣନା କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ମଧ୍ୟ ରହିଛି। ଭାରତର ପଶ୍ଚିମଘାଟ ପର୍ବତମାଳାରେ ଏ ଜାତୀୟ ଫଳ ଶୁଖିଲା ଅବସ୍ଥାରେ ଏକ ଚିରହରିତ ଗୁଳ୍ମ ଜାତୀୟ ବୃକ୍ଷରୁ ମିଳିଥାଏ। ଏଗୁଡ଼ିକ ବାଉଁଶ ବୁଦାଭଳି ମାଡିଥାଏ ଏବଂ ପ୍ରତ୍ୟେକ ପବରୁ ଗୁଡାଏ ପ୍ରଶାଖା ବାହାରିଥାଏ ଯାହାର ପ୍ରତ୍ୟେକ ଆଖିରୁ ପେନ୍ଥା ପେନ୍ଥା ହୋଇ ଝୁଲିଥାଏ। ଏହି ପର୍ବତମାଳାର ଯେତେ ଭିତରକୁ ଯିବା ସେତିକି ଉଚ୍ଚ ମାନର ଅଳେଇଚ ମିଳେ। ଅନେକ ପ୍ରକାରର ଅଳେଇଚ ମଧ୍ୟରୁ ଆଲେପ୍ପି ଗ୍ରୀନ୍ ଓ କୁର୍ଗ ଗ୍ରୀନ୍ ଭେରାଇଟି ର ଚାହିଦା ଅନେକ ଅଛି। ଏହି ଫଳର ଗୁଣବତ୍ତା ବଢାଇବାରେ ମହୁମାଛିମାନଙ୍କ ଭୂମିକା ଅତୁଳନୀୟ ଅଟେ। ଦିନେ ଯାହା ଏକ ବଣୁଆ ଫଳ ହୋଇଥିଲା ତାହା ଆଜି କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଚାଷ କରାଗଲାଣି। ଏହି ଚାଷୀମାନେ ନିୟନ୍ତ୍ରୀତ ଅବସ୍ଥାରେ ଫଳକୁ ଶୁଖାଇ ଏହାର ରଙ୍ଗ ଓ ବାସନାକୁ ବଜାୟ ରଖି ପାରୁଛନ୍ତି। ଏମାନଙ୍କ ଉତ୍ପାଦନ କ୍ଷମତା ୧୯୭୦ ରେ ହେକ୍ଟର ପିଛା ୫୫ କେଜି ଥିବାବେଳେ ୨୦୧୩ ରେ ଏହା ୨୭୬ କେଜି କୁ ବୃଦ୍ଧି ପାଇଥିଲା। ଆରବ ଦେଶ ମାନଙ୍କରେ କାହ୍ୱା ନାମକ କଫି ତିଆରିରେ ଏହାକୁ ବ୍ୟବହାର କରାଯାଏ। ୟୁରୋପ ଓ ଆମେରିକାରେ ଏହାକୁ ମସଲା ଗୁଣ୍ଡ ଆକାରରେ ବ୍ୟବହାର କରାଯାଏ। ଏଥିରୁ ବାହାରୁଥିବା ତେଲକୁ ଏକ ସୁଗନ୍ଧ ସୃଷ୍ଟିକାରୀ ପଦାର୍ଥ ରୂପେ ଖାଦ୍ୟପଦାର୍ଥ, ଚକୋଲେଟ, ମଦ ଓ ଅତରରେ ମିଶାଯାଏ। ପୃଥିବୀରେ ବ୍ୟବହୃତ ସମୁଦାୟ ଅଳେଇଚର ୩୦% କେବଳ ଭାରତରୁ ଆସିଥାଏ। ୨୦୦୮-୦୯ରେ ଭାରତରୁ ୭୫୦ ମେଟ୍ରିକ ଟନ ଅଳେଇଚ ରପ୍ତାନି ହେଉଥିଲାବେଳେ ୨୦୧୨-୧୩ରେ ଏହା ୨୨୫୦ ମେ.ଟ ଓ ୨୦୧୩-୧୪ ରେ ଏହା ୩୬୦୦ ମେ.ଟ କୁ ବୃଦ୍ଧି ପାଇଛି। ଆମଦାନୀ କରୁଥିବା ଦେଶମାନେ ହେଲେ ସାଉଦି ଆରବ, ଯୁକ୍ତରାଷ୍ଟ୍ର ,ପାକିସ୍ତାନ, କୁଏତ,ମାଲୟେସିଆ ଓ ଓମାନ। ଆଜିକାଲି ଜୈବିକ କୃଷି ପଦ୍ଧତି ଅବଲମ୍ବନ କରି ଉନ୍ନତ ଓ ତାର ମୂଳ ଗୁଣକୁ ବଜାୟ ରଖିଥିବା ପ୍ରକାରର ଅଳେଇଚ ଚାଷ ହେଉଛି। ବଡ ଅଳେଇଚକୁ ଭାରତରେ ସିକିମ ଓ ପଶ୍ଚିମ ବଙ୍ଗରେ ଚାଷ କରାଯାଏ। ଏହା ଏକ ବହୁବର୍ଷ ଗୁଳ୍ମ ଯାହାର କାଣ୍ଡ ୧.୭ ରୁ ୨.୬ ମିଟର ଉଚ୍ଚର ହୋଇଥାଏ ଏବଂ ପ୍ରତ୍ୟେକ ପ୍ରଶାଖାରେ ୯ ରୁ ୧୩ଟି ପତ୍ର ଥାଏ। ପ୍ରତ୍ୟେକ ବୃନ୍ତରେ ୧୦ ରୁ ୧୫ ଫଳ ରହେ। ଫଳ ଗୁଡ଼ିକ ୩ କୋଠରୀ ବିଶିଷ୍ଟ ଓ ଏଥିରେ ମଞ୍ଜି ଭର୍ତ୍ତି ହୋଇ ରହିଥାଏ।

ଏକ ନିଷ୍ଫେତକ, ଆଂଟିସେପ୍ଟିକ ଓ ଆଂଟି ଅକ୍ସିଡେଂଟ ଭାବେ କେଉଁ ଆବହମାନ କାଳରୁ ଅଳେଇଚ ତେଲ ବ୍ୟବହୃତ ହୋଇ ଆସୁଅଛି। ସବୁଦିନ ଅଳେଇଚ ଖାଇଲେ ରୋଗ ପ୍ରତିଷେଧକ ଶକ୍ତି ବଢେ। ଏଥିରେ ପଟାସିଅମ୍ ଭରପୁର ଥିବାରୁ ହୃତସ୍ପନ୍ଦନ ଗତି ଓ ରକ୍ତଚାପ ସ୍ଥିର ରଖେ। ତାଛଡା ଏଥିରେ ମାଗ୍ନେସିଅମ, କ୍ୟାଲସିଅମ,ଲୌହ,ମାଙ୍ଗାନିଜ, ଭିଟାମିନ ସି ଓ ବି-୬ ପ୍ରଚୁର ପରିମାଣରେ ଥାଏ। ଏହା ତନ୍ତୁଯୁକ୍ତ ଓ ଅଣୁ ଖାଦ୍ୟସାର ମଧ୍ୟ ଏଥିରେ ଥାଏ। ତେଣୁ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିରେ ଏହା ସହାୟକ ହୋଇଥାଏ। ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ସମସ୍ତ ପେଟ ରୋଗ ଯଥା ପେଟମୋଡା, ଅଜୀର୍ଣ୍ଣ, କୋଷ୍ଠକାଠିନ୍ୟ, ଅମ୍ଳତ୍ୱ ଅଦି ଲାଘବ କରିବାରେ ଅଳେଇଚ ପ୍ରମୁଖ ଭୂମିକା ଗ୍ରହଣ କରେ ଓ ଏହା ଭୋକ ବଢାଏ।ଶ୍ୱାସ ଜନିତ ଆଲର୍ଜି, ବାନ୍ତି, ମୁହଁରେ ଘା ହେବା କିମ୍ୱା ମୁଖରୁ ଦୁର୍ଗନ୍ଧ ଦୁର କରିବାକୁ ଏହାକୁ ବ୍ୟବହାର କରାଯାଏ। ମୂତ୍ରନଳୀ ସଂକ୍ରମଣ, ମାନସିକ ଅବସାଦ, ନିମ୍ନ ରକ୍ତଚାପ ଏବଂ ବିଷାକ୍ତ ପଦାର୍ଥର ପ୍ରଭାବ କାଟିବାକୁ ଏହାକୁ ବ୍ୟବହାର କରାଯାଏ। ପରୀକ୍ଷଣରୁ ଜଣାଯାଏ ଯେ ପ୍ରତିଦିନ ଗୋଟିଏ କରି ଅଳେଇଚ ଖାଉଥିବା ବ୍ୟକ୍ତିଙ୍କୁ କେବେ କୋଲୋନ କ୍ୟାନ୍ସର ହୁଏନାହିଁ। ଚୀନ ଦେଶରେ ଏହାକୁ ବାନ୍ତି , ମୁଣ୍ଡବୁଲା, ତରଳ ଝାଡା ଓ ଧଇଁକାଶର ଉପଶମ ପାଇଁ ଘରେ ଘରେ ବ୍ୟବହାର କରାଯାଏ। ଯୌନରୋଗର ଉପଶମ ଓ ଯୌନଶକ୍ତି ବୃଦ୍ଧିରେ ଏହା ସହାୟକ ହୁଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି।

ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ)
ଏନ୍. ଏ. ସି. ମହାବିଦ୍ୟାଳୟ ,
ବୁର୍ଲା ମୋ -୯୪୩୭୧୨୭୮୨୦

# କନ୍ୟାଭୃଣ ହତ୍ୟାପାଇଁ କିଏ ଦାୟୀ ?



**ବାଲ୍ମୀକି ନାୟକ**

ପୃଥିବୀରେ ଜୀବଜଗତର ସୃଷ୍ଟି ସଂପର୍କରେ ବିଭିନ୍ନ ଧର୍ମ ସଂପ୍ରଦାୟର ମତ ଅଲଗା ଅଲଗା। ସବୁଗୁଡ଼ିକ ମତ ଅବିଶ୍ୱସନୀୟ ଓ ଅବୈଜ୍ଞାନିକ, ତେଣୁ ବିବାଦୀୟ ମଧ୍ୟ। ଆମେ ତେଣୁ ବୈଜ୍ଞାନିକ ମତକୁ ଗ୍ରହଣ କରୁଛୁ। ବିବର୍ତ୍ତନବାଦରୁ ଜୀବଜଗତର ସୃଷ୍ଟି ହୋଇଛି।

ଜୀବଜଗତର ବୃଦ୍ଧି ବା ବଂଶ ବିସ୍ତାର ପାଇଁ ପ୍ରତ୍ୟେକ ପ୍ରାଣୀଙ୍କ ଦୁଇଟି ଲିଂଗ ରହିଛି। ଗୋଟିଏ ପୁରୁଷ ଅନ୍ୟଟି ସ୍ତ୍ରୀ। ଏହି ଦୁଇଟିର ମିଳନ ଫଳରେ ନୂତନ ଶିଶୁଟି ଜନ୍ମ ଗ୍ରହଣ କରିଥାଏ। ମୋଟାମୋଟି ଭାବେ ଏହା ହେଉଛି ଏକ ସାଧାରଣ ପ୍ରାମାଣିକ ତତ୍ତ୍ୱ। ସବୁ ପ୍ରାଣୀଙ୍କ ଭଳି ମଣିଷ ଜାତିରେ ବି ଦୁଇଟି ଶ୍ରେଣୀ ରହିଛି। ପୁଅ ଓ ଝିଅ।

ଅନ୍ୟାନ୍ୟ ଦେଶରେ ପୁଅ ଓ ଝିଅଙ୍କ ଜନ୍ମକୁ ନେଇ ଏତେ ବିଭେଦ ନାହିଁ ଯେତେ ଆମ ଦେଶରେ ଅଛି। ପୌରାଣିକ ଯୁଗରୁ ଐତିହାସିକ ଯୁଗ ପର୍ଯ୍ୟନ୍ତ କନ୍ୟା ବା ନାରୀକୁ ଉଚିତ ଅଧିକାର ଦିଆଯାଇନାହିଁ। ସତେ ଯେମିତି କନ୍ୟା ଏକ ମଣିଷ ନୁହେଁ, ଏକବସ୍ତୁ। ଆଧୁନିକ ଯୁଗରେ ନାରୀ ସ୍ୱାଧିନତାର ରୂପ ରେଖା ଟଣାଯାଇପାରିଲା। ଏହି ଯୁଗରେ ନାରୀ ଶିକ୍ଷାପ୍ରାପ୍ତ କରି ମାନ, ସମ୍ମାନ ଓ ଧନ ରୋଜଗାର କରି ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିପାରିଛି। ନିଜର ଜୀବନ ଶୈଳୀକୁ ଆଧୁନିକ ଢାଞ୍ଚାରେ ବଦଳାଇ ଦେଇଥିବା ନାରୀମାନେ କିନ୍ତୁ ଆଜି ବି ଧର୍ମୀୟ ଅଂଧଶ୍ରଦ୍ଧାରୁ ମୁକ୍ତ ହୋଇପାରିନାହାନ୍ତି। ସେଥିପାଇଁ ପ୍ରତ୍ୟେକ ସ୍ତ୍ରୀର ଆନ୍ତରିକ ଭାବରେ ପୁତ୍ର କାମନା ବେଶୀ ଥାଏ। ବିବାହ ସମୟରେ ସମସ୍ତେ ଆଶୀର୍ବାଦ ଦେଇ କୁହନ୍ତି- ସୌଭାଗ୍ୟବତୀ ଭବ, ପୁତ୍ରବତୀ ଭବ। କେହି ବି କହନ୍ତି ନାହିଁ କନ୍ୟାବତୀ ଭବ କିମ୍ବା ସନ୍ତାନବତୀ ଭବ। ଏହି କାରଣରୁ ସ୍ତ୍ରୀ ବି ମନରେ ଦୃଢ଼ ବିଶ୍ୱାସ ରଖିଥାଏ ଯେ, ସେ ନିଶ୍ଚୟ ପୁତ୍ର ସନ୍ତାନକୁ ହିଁ ଜନ୍ମ ଦେବ। ତା'ନହେଲେ ତା'ର ସମ୍ମାନ ରହିବ ନାହିଁ। ଆଜି ବି ଅଧିକାଂଶ ସ୍ତ୍ରୀ ଜାଣନ୍ତି ନାହିଁ ଯେ- ପୁତ୍ର ସନ୍ତାନ ଜନ୍ମ ହେବା ପାଇଁ ପୁରୁଷର ୱାଇ କ୍ରୋମଜୋମ୍ ହିଁ ନିହାତି ଆବଶ୍ୟକ। ସ୍ତ୍ରୀ ଦେହରେ କେବଳ ଏକ୍ସ ଏକ୍ସ କ୍ରୋମଜୋମ୍ ଥାଏ। ଏହି ବୈଜ୍ଞାନିକ ଜ୍ଞାନର ଅଭାବ ଯୋଗୁଁ ସମସ୍ତେ ପୁରୁଷ ପରିବର୍ତ୍ତେ ସ୍ତ୍ରୀକୁ ଦୋଷ ଦେଇଥାନ୍ତି। ସ୍ତ୍ରୀ ବି ମାନିବାକୁ ବାଧ୍ୟ ହୋଇଥାଏ। ଆଜି କିନ୍ତୁ ପ୍ରତ୍ୟେକ ଶିକ୍ଷିତା ସ୍ତ୍ରୀ ଜାଣିସାରିଲେଣି ଏକ୍ସ ଏବଂ ୱାଇର ସଂଯୋଗରେ ହିଁ ପୁତ୍ର ସନ୍ତାନ ଜନ୍ମ ହୋଇପାରିବ। ଏହି ଜ୍ଞାନ ଜାଣିଥିଲେ ବି ସ୍ତ୍ରୀ ଚାହୁଁନି ତା'ର ଦ୍ୱିତୀୟ ବା ତୃତୀୟ ସନ୍ତାନ କେବଳ କନ୍ୟା ହେଉ। ଏହା ପଛରେ ଦୁଇଟି ମୁଖ୍ୟ କାରଣ ହେଉଛି- ପୁଅ ହେଲେ ବଂଶ ରକ୍ଷାହେବ। ଦ୍ୱିତୀୟରେ ପିତା ଓ ମାତାଙ୍କ ସହିତ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବ। ବର୍ଷକୁ ଥରେ ଶ୍ରାଦ୍ଧ ତର୍ପଣ କରିବ। ଅନ୍ୟ ଏକ ସାମାଜିକ କାରଣ ହେଉଛି- ଝିଅର ବାହାଘର ବେଳେ ଯଥେଷ୍ଟ ଯୌତୁକ ଦେବାକୁ ପଡ଼ିବ। ଯୌତୁକ ନଦେଲେ ଝିଅର ଜୀବନ ବିପଦଶଙ୍କୁଳ।

କାରଣ ଯାହା ବି ହେଉ ଯାହାର ଘରେ ଏକ ବା ଦୁଇରୁ ଅଧିକ ଝିଅ ଜନ୍ମ ହୁଅନ୍ତି, ତାଙ୍କର ଚିନ୍ତା ବଢ଼ିଯାଏ। କନ୍ୟାଜନ୍ମ ନହେବା ପାଇଁ ଉପାୟ ଖୋଜିବାକୁ ସାଧୁ, ସନ୍ନ୍ୟାସୀ, ତାନ୍ତ୍ରିକ, ଜ୍ୟୋତିଷମାନଙ୍କ ପାଖକୁ ଦୌଡ଼ି ଯାଇ ଧନ ନଷ୍ଟ କରନ୍ତି। ସେଥିରେ ସଫଳ ନହେଲେ କନ୍ୟାଭୃଣ ହତ୍ୟା କରିବାକୁ ପଛାନ୍ତି ନାହିଁ। ଯେଉଁମାନେ ଅଲଟ୍ରାସାଉଣ୍ଡ ଦ୍ୱାରା ଗର୍ଭରେ ହିଁ କନ୍ୟାଥିବା ଜାଣିପାରନ୍ତି, ସେମାନେ ଡ଼ାକ୍ତରଙ୍କ ସାହାଯ୍ୟରେ ଗର୍ଭପାତ କରାଇଦିଅନ୍ତି। ଯେଉଁମାନେ ଜାଣିପାରନ୍ତି ନାହିଁ, ଶିଶୁ ଜନ୍ମ ହେବାପରେ କୌଣସି ଉପାୟରେ ହତ୍ୟାକରି କନ୍ୟାକୁ ନିଜ ଜୀବନରୁ ଅଲଗା କରିଦିଅନ୍ତି। ଆଜିକାଲି ଅବଶ୍ୟ ଜନସଚେତନତା ବୃଦ୍ଧିପାଇଛି ଏବଂ ସରକାର କଡ଼ା ଆଇନ ପ୍ରଣୟନ କରି ଲାଗୁ କରୁଥିବାରୁ କନ୍ୟାଭୃଣ ହତ୍ୟା ବହୁତ କମିଯାଇଛି।

ତଥାପି ଏଇଠି ପ୍ରଶ୍ନ ଉଠୁଛି- କନ୍ୟାଭୃଣ ହତ୍ୟା ପାଇଁ ଆମେ କାହାକୁ ଦାୟୀ କରିବା ?

କନ୍ୟାଭୃଣ ହତ୍ୟା ସମ୍ପର୍କରେ ମହିଳା ସଂଗଠନର ନେତ୍ରୀଗଣଙ୍କ ସହ ଗଣମାଧ୍ୟମ ଯେଉଁଭଳି ଭାବପ୍ରବଣ ହୋଇ ପ୍ରଚାର କରୁଛନ୍ତି, ସେ ସବୁ ଦେଖିଶୁଣି ସାଧାରଣ ଜନତାଙ୍କ ମନରେ ଗର୍ଭବତୀ ମାଆକୁ ଗୋଟିଏ ଅସହାୟ ଅବଳା ତଥା ଶୋଷିତା ସ୍ତ୍ରୀ ରୂପେ ପ୍ରତିପାଦନ କରୁଛି। ସେହି ସ୍ତ୍ରୀର ସ୍ୱାମୀ, ଶ୍ୱଶୁର, ଶାଶୂ, ନଣନ୍ଦ ଆଦି ସଦସ୍ୟଙ୍କୁ ଅସୁର ଜାତୀୟ ନିଷ୍ଠୁର ମଣିଷ ରୂପେ ଆଖ୍ୟା କରାଯାଉଛି। କୁହନ୍ତି- ମାଆକୁ ଅଧିକ କନ୍ୟା ପାଇଁ କୌଣସି ଆପତ୍ତି ନାହିଁ କିନ୍ତୁ ନିଷ୍ଠୁର ଶାଶୂ ଓ ପୁତ୍ର କାମନା କରୁଥିବା ସ୍ୱାମୀ ଭୃଣ ହତ୍ୟା କରିବା ପାଇଁ ସ୍ତ୍ରୀକୁ ବାଧ୍ୟ କରୁଛନ୍ତି।

ଏହା ପ୍ରକୃତରେ ସତ୍ୟ ନୁହେଁ। ଏହା ଏକତରଫା ବାହାନା ମାତ୍ର। ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଆଉ ଏକ ଅପ୍ରିୟ ସତ୍ୟ ସ୍ପଷ୍ଟ ହେଉଛି। ପ୍ରକୃତରେ ଶାଶୂ ଓ ଶ୍ୱଶୁରମାନଙ୍କୁ ନାତି ଅପେକ୍ଷା ନାତୁଣୀ ବେଶୀ ପସନ୍ଦ, କାରଣ ନାତୁଣୀମାନେ ଯେତିକି ସେବା କରନ୍ତି ନାତିମାନେ କରନ୍ତି ନାହିଁ। ସେହିଭଳି ସ୍ୱାମୀକୁ ପୁଅ ଅପେକ୍ଷା ଝିଅ ବେଶୀ ପସନ୍ଦ। ଏହା ପୁରୁଷର ଏକ ମନସ୍ତତ୍ତ୍ୱ, ଫ୍ରଏଡ୍ ପ୍ରମାଣିତ କରିଦେଇଛନ୍ତି। ଛୋଟ ଝିଅଟିର କୁନି ମୁହଁରେ



ହସ, କାନ୍ଦ, ଅଭିମାନ ମିଶା ଖେଳରେ ପୁରୁଷ ବେଶୀ ଆମୋଦିତ ହୋଇଥାଏ। ମାଆମାନେ କିନ୍ତୁ ଝିଅର ଭବିଷ୍ୟତକୁ ନେଇ ବେଶୀ ଅସୁରକ୍ଷା ଅନୁଭବ କରିଥାନ୍ତି। ସମାଜରେ ପ୍ରଚଳିତ ଅଛି- ପୁଅ ହେଉଛି ପିତ୍ତଳ ମାଠିଆ (ଧୋଇମାଜି ସଫା କରିଦେଲେ ଚମକି ଉଠିବ) ଝିଅ ହେଉଛି ମାଟି ମାଠିଆ (ସାମାନ୍ୟ ଆଘାତରେ ଭାଙ୍ଗି ନଷ୍ଟ ହୋଇଯିବ)। ସ୍ତ୍ରୀ ଏଇଥିପାଇଁ କେବଳ ପୁତ୍ର କାମନା କରିଥାଏ। ଦ୍ୱିତୀୟ କାରଣ ହେଉଛି- ଭାରତୀୟ କାନୁନ୍ ବ୍ୟବସ୍ଥା ଅନୁସାରେ କେବଳ ପୁତ୍ର ହିଁ ବାପା ଓ ମାଆଙ୍କ ଭରଣ ପୋଷଣ ଦାୟିତ୍ୱ ନେବାକୁ ବାଧ୍ୟ। କନ୍ୟା ରୋଜଗାରକ୍ଷମ ହୋଇଥିଲେ ବି ବାପା ଓ ମାଆଙ୍କ ଭରଣ ପୋଷଣ ଦାୟିତ୍ୱ ନେବାକୁ ବାଧ୍ୟ ନୁହେଁ।

ଆଜିକାଲି ଅନେକ ଯୌଥ ପରିବାର ଭାଙ୍ଗିଯାଇ ଛୋଟ ଛୋଟ ପରିବାରରେ ବିଭକ୍ତ ହୋଇଯାଉଛି। ଶାଶୂ, ଶ୍ୱଶୁର ଅଲଗା ରହିଯାଉଛନ୍ତି। ପୁଅ, ବୋହୂ ଅଲଗା ହୋଇ, ଦୂର ସହରକୁ ବି ଚାଲିଯାଉଛନ୍ତି। ବୋହୂମାନଙ୍କ ଉପରେ ଶାଶୂ, ଶ୍ୱଶୁରଙ୍କ କଡ଼ା ଶାସନ ଚଳୁନାହିଁ। ଶିକ୍ଷିତା ଓ ରୋଜଗାରିଆ ସ୍ତ୍ରୀ ଉପରେ ସ୍ୱାମୀର ବି ହୁକୁମ ଚାଲିପାରୁନାହିଁ। ସ୍ତ୍ରୀ ନିଜ ଜୀବନର ପ୍ରାୟ ସମସ୍ତ ପସନ୍ଦ ଅପସନ୍ଦ କାମ କରିବାର ସ୍ୱତନ୍ତ୍ର ଅଧିକାର ରଖିପାରୁଛି। ତଥାପି କନ୍ୟାଭ୍ରୁଣ ହତ୍ୟାପାଇଁ ସମାଜ ଓ ଗଣମାଧ୍ୟମ ଶାଶୂ, ଶ୍ୱଶୁର ଓ ସ୍ୱାମୀ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି କାହିଁକି ବୁଝି ହେଉନି। ବୋହୂ ଯଦି କନ୍ୟା ସନ୍ତାନକୁ ଜନ୍ମ ଦେବାପାଇଁ ପସନ୍ଦ କରିବ, ଆଜିର ଯୁଗରେ କାହାରି ବି ବାଧା ଦେବାର ଶକ୍ତିନାହିଁ। ବାଧ କରିବା ତ ଦୂରର କଥା।

ସ୍ତ୍ରୀମାନଙ୍କର ପୁତ୍ର ମୋହ ହେଉଛି ଆମର ତଥାକଥିତ ଧର୍ମର ଅବଦାନ। ଧର୍ମ ଦ୍ୱାରା ଦିଆଯାଇଥିବା ଶିକ୍ଷାକୁ ଆମେ ଆଜିର ବୈଜ୍ଞାନିକ ଯୁଗରେ ବି ବିନା ତର୍କରେ ପାଳନ କରିଆସିଛୁ। ପିତାଙ୍କ ଶବଦହନ ସମୟରେ ପୁତ୍ର ଦ୍ୱାରା ମୁଖାଗ୍ନି ଦେବାର ପରମ୍ପରା ଧର୍ମ ହିଁ ଶିଖାଇଛି। ଯୌତୁକର ପ୍ରଚଳନ ପୁରାଣ ଯୁଗରୁ ରହିଆସିଛି।

ଆଜି ସତରେ ଯଦି ଏହି ଘୃଣ୍ୟ ପ୍ରଥାକୁ ବନ୍ଦ କରିବାପାଇଁ କେହି ଆନ୍ତରିକ ଭାବେ ଚିନ୍ତା କରୁଥାଏ ତେବେ ପ୍ରଥମେ ପ୍ରତ୍ୟେକ କନ୍ୟାକୁ ବିବାହ ପୂର୍ବରୁ ବୁଝେଇ ଦେବା ଉଚିତ୍। ତା'ମନରେ ଥିବା ଅସୁରକ୍ଷା ମନୋଭାବ ଯଥା:- ମୋ ଝିଅ ବଡ଼ହେଲେ ଗଣ ଧର୍ଷଣର ଶିକାର ହୋଇଯାଇପାରେ। ମୋ ଝିଅ ବିବାହ କଲେ ଯୌତୁକ ଜୁଇରେ ପୋଡ଼ି ମରିଯାଇପାରେ, ମୋ ଝିଅ ବାହା ହୋଇ ଅନ୍ୟ ଘରକୁ ଚାଲିଗଲେ ଆମକୁ କିଏ ପୋଷିବ? ଆମକୁ ଶ୍ମଶାନରେ ମୁଖାଗ୍ନି ଦେବାକୁ ପୁତ୍ର ନଥିଲେ ଆମେ ପୁତ ନର୍କରେ ଦଣ୍ଡ ପାଇବୁ। ଏହିସବୁ ଭିତ୍ତିହୀନ ବିଶ୍ୱାସକୁ ବୈଜ୍ଞାନିକ ଚିନ୍ତାଧାରାରେ ବଦଳିବାକୁ ହେବ। କନ୍ୟାମାନଙ୍କର ଆତ୍ମବିଶ୍ୱାସ ସୁଦୃଢ଼ ହେଲେ, ସେ ମାଆ ହେବାବେଳକୁ ଧୈର୍ଯ୍ୟ ଓ ସାହସର ସହିତ ଗର୍ଭସ୍ଥ ଶିଶୁକୁ ଜନ୍ମ ଦେଇପାରିବ। ଜନ୍ମିତ ଶିଶୁଟି ପୁଅ ହେଉ କି ଝିଅ, ସେ କେବେ ଲଜ୍ଜିତ ହେବନାହିଁ କିମ୍ବା ଆତ୍ମଗ୍ଲାନି ଅନୁଭବ କରିବନାହିଁ।

**ଫ୍ଲାଟ ନମ୍ବର-୧୦୧, ଡିଏସ୍ -ମାକ୍ସ ସିଗୁଲି ନେଷ୍ଟ୍**
**ବାସଭନାପୁର,ଭିରଗୋନଗର,**
**ବାଙ୍ଗାଲୋର-୫୬୦୦୪୯**
**୯୪୮୨୦୧୬୨୬୦**

## ବିଶେଷ ସୂଚନା
## ଆମରି ସତ୍ୟ କବିତା ବିଶେଷ-୨୦୧୭

ଆମରି ସତ୍ୟ କବିତା ବିଶେଷ - ୨୦୧୭ ପାଇଁ କବିତା ଆହ୍ୱାନ କରାଯାଉଅଛି। ଯେ କୌଣସି ପ୍ରକାର କବିତା ଗହଣୀୟ। ଅମନୋନୀତ କବିତା ପ୍ରକାଶ ପାଇବ ନାହିଁ। କବିତା ସହ ନିଜର ଫଟୋ, ଫୋନ୍ ନଂ. ଥାଇ ନିମ୍ନ ଠିକଣାରେ ଜୁନ୍ ୧୫ ତାରିଖରେ ମଧ୍ୟରେ ପଠାଇବାକୁ ଅନୁରୋଧ। ଏହା ଆମରି ସତ୍ୟର ବାର୍ଷିକ ଉତ୍ସବ (ଅଗଷ୍ଟ-୨୦୧୭)ରେ ଉନ୍ମୋଚିତ ହେବ।

### ଠିକଣା

**'ଆମରି ସତ୍ୟ'**
**ଏମ୍ - ୧/୫, ମୁକୁନ୍ଦପ୍ରସାଦ**
**ହାଉସିଂ ବୋର୍ଡ଼ କଲୋନୀ, ପୋ.ଅ.- ପି.ଏନ୍. କଲେଜ,**
**ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା**
**ଦୂରଭାଷ:୦୬୭୫୫-୨୨୦୯୮୦**
**ମୋ : ୯୪୩୭୨୮୧୬୫୫**
**Email:amarisatya@gmail.com / amarisatya@rediffmail.com**

# ଓଡିଆ ଶିଶୁ ଗଳ୍ପର ବର୍ତ୍ତମାନ ସ୍ଥିତି

## ଡକ୍ଟର ସନ୍ତୋଷ କୁମାର ରଥ

ଓଡିଆରେ ଗଳ୍ପକଥନ ପରଂପରା ଓଡିଆ ଭାଷା ପରି ବହୁ ପ୍ରାଚୀନ । ପ୍ରାଚୀନ କାଳରେ ଗଳ୍ପକଥନ ଓ ଗଳ୍ପଶ୍ରବଣ ଥିଲା ଅନ୍ୟତମ ପ୍ରଧାନ ମନୋରଂଜନ । ଖୁବ୍‌କମ୍ ଲୋକ ଲେଖିପଢି ଜାଣିଥିଲେ।ଏଣୁ ସଂଧ୍ୟାହେଲେ ଅବସର କାଳରେ ପରସ୍ପର ଗଳ୍ପ କହି ଓ ଶୁଣି ଆମୋଦିତ ହେଉଥିଲେ।ସଂଧ୍ୟା ହେଲେ ହିଁ ଆରମ୍ଭ ହେଉଥିଲା ଗଳ୍ପର ଆସର । ତାହା ବିଳମ୍ବିତ ରାତ୍ରି ଯାଏଁ ଗଡି ଚାଲିଥାଏ।ଏ ଶିଶୁ ଗଳ୍ପ ଗୁଡ଼ିକରେ ରାଜାରାଣୀ, ସାଧବ ପୁଅ, ସାଧବ ବୋହୂ ଠୁଁ ଆରମ୍ଭ କରି ଅସୁର ଅସୁରୁଣୀ, ଶୁଆସାରୀ ବିଲୁଆ ଓ ଉଡ଼ନ୍ତା ମୂଷା ଯାଏଁ ସମସ୍ତେ ଚରିତ୍ର ଥିଲେ । ଶିଶୁର ଆଖିରେ ବିସ୍ମୟ ଭରା ଜଗତଟିଏ ନାଚିଉଠୁଥିଲା , ବୟସ୍କ ଗଳ୍ପ କଥକର ଚାତୁର୍ଯ୍ୟପୂର୍ଣ୍ଣ କଥା ଓ ଗୀତରେ। ଗୀତ ସବୁଥିଲା ନାଟକୀୟତା ସୃଷ୍ଟିପାଇଁ ଓ ଆନମନା ଶିଶୁକୁ କାହାଣୀ ରାଜ୍ୟକୁ ଫେରାଇ ଆଣିବା ପାଇଁ ଏକ ଉପାୟ । ଅଦ୍‌ଭୂତ ଶାରିରୀକ ବର୍ଣ୍ଣନା, ପରିବେଶ ବର୍ଣ୍ଣନା ଓ କାର୍ଯ୍ୟରବର୍ଣ୍ଣନା କରି ଗଳ୍ପକଥକ ଏ ପୃଥିବୀ ବାହାରେ ଆଉ ଏକ ସ୍ୱପ୍ନର ପୃଥିବୀ ଥିବା କଥା ଶିଶୁଟିକୁ ସୂଚାଇ ଦେଉଥିଲେ।କଥାକୁହା ଜୀବଜନ୍ତୁ, ଅମିତ ଶକ୍ତିଶାଳୀ ରାକ୍ଷସ, ପୁଣି ଯାଦୁ ଓ ମନ୍ତ୍ରପୂର୍ଣ୍ଣ ସେ ପୃଥିବୀକୁ ଯିବା ପାଇଁ ଶିଶୁଟି ବିହ୍ୱଳ ହୋଇ ଅପେକ୍ଷା କରୁଥିଲା । ସେସବୁ ଥିଲା ଓଡିଶା ଭାଷାର ପ୍ରାଚୀନ ଶିଶୁଗଳ୍ପ, ଯାହା ଏବେ ହଜି ହଜି ଯାଉଛି । ତାକୁ ସଂଗ୍ରହ କରିବା ଓ ଏକାଳର ଶିଶୁପାଇଁ ଉପଯୋଗୀ କରିବା ବର୍ତ୍ତମାନର ଶିଶୁ ସାହିତ୍ୟିକମାନଙ୍କ ପାଇଁ ଏକ ଐତିହାସିକ ଆହ୍ୱାନ।

ଉନବିଂଶ ଶତାବ୍ଦୀରେ ଦ୍ୱିତୀୟ ଭାଗରୁ ଆଜିଯାଏଁ ପ୍ରାୟ ଶହେ ପଚାଶ ବର୍ଷରୁ ଉର୍ଦ୍ଧ୍ୱ କାଳ ହେଲା, ପତ୍ର ପତ୍ରିକାରେ, ପାଠ୍ୟ ପୁସ୍ତକରେ ଓ ଶିଶୁ ଗଳ୍ପ ବହିରେ ଉଦ୍ଦେଶ୍ୟପୂର୍ଣ୍ଣ ଭାବରେ ଲେଖାଯାଇଛି ହଜାର ହଜାର ଶିଶୁ ଗଳ୍ପ। ଏ ଗଳ୍ପମାନଙ୍କୁ ଲକ୍ଷ୍ୟ କଲେ ଜଣାଯାଏ, ଯେଉଁ ନିରୀହ ବିସ୍ମୟବୋଧ ପ୍ରାଚୀନ ଗଳ୍ପମାନଙ୍କରେ ଥିଲା, ଏଥିରେ ତାର ଏକାନ୍ତ ଅଭାବ ରହିଛି । ଆହୁରି ଅଭାବ ରହିଛି, ଶିଶୁ ମନରେ କୌତୂହଳ ସୃଷ୍ଟି କରିବାର ସାମର୍ଥ୍ୟ ଶିକ୍ଷକ ସୁଲଭ ଉପଦେଶ ଓ ଜ୍ଞାନ ପ୍ରଦାନର ଇଚ୍ଛା ଅଧିକାଂଶ ଗଳ୍ପକୁ ମନୋରଂଜନ ଠାରୁ ଦୂରେଇ ନେଇଛି । ନୀତିଶିକ୍ଷା ଦେବାର ମାଧମ ହୋଇଯାଇଛି ଗଳ୍ପ। ଶିଶୁଟି ଏହା ଯେତେବେଳେ ବୁଝିପାରୁଛି ଗଳ୍ପପଠନ ବା ଶ୍ରବଣରୁ ବୀତସ୍ପୃହ ହେବା ଆଶ୍ଚର୍ଯ୍ୟକର ନୁହେଁ। ପାଠ୍ୟ ପୁସ୍ତକର ମୁଖ୍ୟକଥା ହେଲା ଜ୍ଞାନ ପ୍ରଦାନ, ତଥ୍ୟ ପ୍ରଦାନ, ନୀତିଶିକ୍ଷା ପ୍ରଦାନ। ଶିକ୍ଷାର ମାଧମ ରୂପେ ଗଳ୍ପକୁ ବ୍ୟବହାର କରିବାରୁ, ଲିଖିତ ଗଳ୍ପ ଆଉ ପ୍ରାଚୀନ କଥିତ ଲୋକଗଳ୍ପ ପରି ଚମକପ୍ରଦ ଓ କୌତୂହଳ ଉଦ୍ଦୀପକ ହୋଇପାରୁନି।

ଏବେ ଓଡିଆ ଲୋକ ଗଳ୍ପର ବର୍ତ୍ତମାନ ସ୍ଥିତିରେ ଆସିଛି ନୂଆ ଯୁଗାନ୍ତର। ଅପର ଦେଶ ଓ ଭାଷାରୁ ରୂପାନ୍ତରିତ ହୋଇ ଲିଖିତ ହେଉଛି ନୂଆ ନୂଆ ଗଳ୍ପ । ୧୯୬୦ ଯାଏ ଓଡିଆ ଶିଶୁଗଳ୍ପ ମୂଳତଃ ଥିଲା ମଧୁସୂଦନ ରାଓ ଆରମ୍ଭ କରିଥିବା ପାଠ୍ୟ ପୁସ୍ତକ ସୁଲଭ ଗଳ୍ପ ଲେଖନ ପରଂପରାର ଅନୁବର୍ତ୍ତନ। ସେଠି ଗଳ୍ପଟି ଶେଷ ହେଲେ ଲେଖକ କହୁଥିଲେ ପିଲାଏ ଏ ଗଳ୍ପରୁ ଆମେ ଶିକ୍ଷା ପାଇଲେ ଯେ ...... । ଏ ପରଂପରାର ଆଉ ଏକ ନବୀକରଣ ଘଟିଲା ୧୯୬୦ ପରବର୍ତ୍ତୀ କାଳରେ। ତାହାହେଲା,ସାମାଜିକ ରୂପାନ୍ତରଣକୁ ଶିଶୁଟି ଭିତରେ ସୂଚେଇ ଦେବା ପାଇଁ ଗଳ୍ପର ସାହାଯ୍ୟ ନେବା। ଧର୍ମନିରପେକ୍ଷତା, ପରିବେଶ ସଚେତନତାଠୁ ଆରମ୍ଭ କରି କୁକୁଡା ଚାଷ ଓ ମାଛ ଚାଷ ଯାଏଁ ଗଳ୍ପ ମାଧମରେ ପ୍ରକାଶ କରିବାର ଇଚ୍ଛା ଗଳ୍ପକୁ ତାର ମୌଳିକ ଲକ୍ଷ୍ୟ,ମନୋରଂଜନ ଠାରୁ ଦୂରତର କରିଦେଲା।ପ୍ରାଚୀନ ନୀତିଶିକ୍ଷା ମୂଳକ ହିତୋପଦେଶ, ପଞ୍ଚତନ୍ତ୍ର, ଇଶପ୍ କାହାଣୀ ଓ କଥାସରିତ୍ ସାଗର ପରି ମୌଳିକ ଓ କୌତୂହଳ ଉଦ୍ଦୀପକ କାହାଣୀ ପରଂପରାଠାରୁ ପାଠ୍ୟପୁସ୍ତକର ନୀତିବାଦୀ ପ୍ରଚାରଧର୍ମୀ ଗଳ୍ପଶୈଳୀ ସହ ଅନେକ ଲେଖକ ନିଜ ଅଜାଣତରେ ଅଭ୍ୟସ୍ତ ହୋଇପଡିଲେ। ବିଶେଷକରି ପୌରାଣିକ ଓ ଐତିହାସିକ ଚରିତ୍ରମାନଙ୍କର ଆଦର୍ଶ ଓ ନୀତିନିଷ୍ଠ ଜୀବନସହ ଶିଶୁକୁ ପରିଚିତ କରିବା ପାଇଁ ରଚିତ ହେଲା ଯେଉଁ ଗଳ୍ପସବୁ,ସେଥିରେ ଥିବା ତଥ୍ୟ ଓ ନୀତି ଗଳ୍ପକୁ ମନୋରଂଜକ କରିବା ପାଇଁ ପ୍ରଧାନ ପ୍ରତିବନ୍ଧକ ହେଲା । ପ୍ରାଚୀନ ଗଳ୍ପମାନଙ୍କରେ କଳ୍ପନା ଓ ବିସ୍ମୟ ଯେଉଁ ସ୍ଥାନ ଗ୍ରହଣ କରୁଥିଲା, ଆଧୁନିକ ଶିଶୁ ଗଳ୍ପରେ ସେ ସ୍ଥାନ ଗ୍ରହଣ କଲା ସତ୍ୟ ଓ ଆଦର୍ଶ । ଏଣୁ ବାସ୍ତବତାର ନିଷ୍ଠୁର କଥନ ଗଳ୍ପକୁ ସାଧାରଣ ଜୀବନର ନୀତିଦିନିଆ ଘଟଣା କରିଦେଲା । ଫଳରେ ଶିଶୁର କଳ୍ପନାଶକ୍ତି ଓ ବିସ୍ମୟବୋଧର ଆସ୍ତେ ଆସ୍ତେ ମୃତ୍ୟୁଘଟି ଶିଶୁମନଟି ଉନ୍ମୁଖ ହେଲା ବିଶ୍ଳେଷଣ, ବୈଜ୍ଞାନିକ ଚିନ୍ତନ,ତଥ୍ୟ ଆଦର୍ଶ ଓ ସତ୍ୟ ପ୍ରତି । ବୋଧହୁଏ ଭଲ ହୋଇଥାନ୍ତା ଗଳ୍ପ ସତ୍ୟ ଓ କଳ୍ପନା ଉଭୟର ଏକ ସମତୁଲ ମିଶ୍ରଣ ପରିବେଷଣ କରିଥିଲେ । ଓଡିଆ ଶିଶୁଗଳ୍ପର ଏ ଅଭାବ ସମାଜର କଣ କ୍ଷତି କଲା ଓ କ୍ଷତି କରିବ,ତାହା ବିଶେଷ ଏକ ଆଲୋଚନାର ଅପେକ୍ଷା ରଖେ ।

୧୯୮୦ ପରବର୍ତ୍ତୀ କାଳରେ ଓଡିଶାକୁ ଆସିଲା ମନୋରଂଜନର ନୂଆ ନୂଆ ଯାନ୍ତ୍ରିକ ଉପକରଣ । ଯେମିତି ରେଡିଓ, ଟେପ୍‌ରେକର୍ଡର ଓ ବିଶେଷକରି ଦୂରଦର୍ଶନ । ଶିଶୁମାନେ ଓ ବୟସ୍କମାନେ ଗଳ୍ପ କଥନ ଓ ପଠନ ପରଂପରାଠାରୁ ଦୂରେଇ ଗଲେ ଓ ଆସ୍ତେ ଆସ୍ତେ ଆରମ୍ଭ ହେଲା ଗଳ୍ପ ଦର୍ଶନର ପରଂପରା । ମଧ୍ୟବିତ୍ତର ବୈଠକଖାନାର ଟେବୁଲରେ


ପତ୍ରପତ୍ରିକା ବଦଳରେ ସ୍ଥାନପାଇଲା ଟେଲିଭିଜନ। କାର୍ଟୁନ କାହାଣୀ,ପାରିବାରିକ ସଂଘର୍ଷର କାହାଣୀକୁ ନେଇ ଧାରାବାହିକ ଏମିତି କି ବେତାଳ ପଞ୍ଚବିଂଶତି,ଶକ୍ତିମାନ ପରି ଯାଦୁକରୀ ବାସ୍ତବତାକୁ ନେଇ ଆରମ୍ଭ ହେଲା ପୌରାଣିକ, ଐତିହାସିକ, ସାମାଜିକ ଓ କାଳ୍ପନିକ ଗଳ୍ପର ପ୍ରଦର୍ଶନ । ଶିଶୁମନକୁ ନୂଆ ଚମକ ଆଣିଦେଲା ଏସବୁ ଦୃଶ୍ୟ ଓ ଅତିବାସ୍ତବ ଗଳ୍ପର ବିଚିତ୍ର ଚରିତ୍ର ସବୁ । ଏହାର ପ୍ରତିସ୍ପର୍ଦ୍ଧାରେ ଓଡିଆ ଶିଶୁଗଳ୍ପରେ ଯେଉଁ ପରିବର୍ତ୍ତନ ଆସିବାକଥା,ତାହା ଆଜିଯାଏ ଆସିପାରିନି । ଛୋଟା ଭୀମ, ମାଇଁଫ୍ରେଣ୍ଡ ଗଣେଶା, ସୁପରମେନ, ସ୍ପାଇଡର ମେନ ପରି ଶିଶୁମନର ନାୟକ ଓଡିଆ ଶିଶୁଗଳ୍ପରେ ଖୋଜିଲେ ଆଜିବି ହତାଶ ହେବାକୁ ପଡେ । ଆଜି ବି ହତାଶ ହେବାକୁ ପଡେ ଯଦି ଆମେ ଓଡିଆ ଶିଶୁଗଳ୍ପରେ ଓଡିଆ ଶିଶୁର ମନ ପ୍ରାଣକୁ ପୁଲକିତ କଲାପରି କାହାଣୀଟିଏ ବା ଚରିତ୍ରଟିଏ ଖୋଜିବା । ଗୋଟିଏ କ୍ଲାସିକ ଶିଶୁଗଳ୍ପ ଓଡିଆରେ କଣ ଅଛି କହିଲେ ଆଜି ବି ଆମେ ଦୋ ଦୋ ପାଞ୍ଚ ହେବା ।

ପ୍ରାୟ ଦେଢଶହ ବର୍ଷର ଲିଖିତ ଶିଶୁଗଳ୍ପର ପରଂପରାରେ ଲେଖାଯାଇଛି ହଜାର ହଜାର ଶିଶୁଗଳ୍ପ। ପାଠ୍ୟପୁସ୍ତକରେ ସ୍ଥାନପାଇଛି,ଶିଶୁ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି, ରେଡିଓରେ ଶୁଣାଯାଇଛି,ଟିଭିରେ ପ୍ରଦର୍ଶିତ ହୋଇଛି,କିନ୍ତୁ ସଫଳ ନାୟକଟିଏ, ନିଛକ ଓଡିଆ ଗଳ୍ପଟିଏ ସୃଷ୍ଟି କରିବାରେ ଆମ ଲିଖିତ ଓଡିଆ ଶିଶୁଗଳ୍ପର ଗାଳ୍ପିକମାନେ ବିଫଳ ହୋଇଛନ୍ତି । ସର୍ବଜନ ସ୍ୱୀକୃତ ଓ ଶିଶୁବୋଧ୍ୟ ସହଜ ସରଳ କାହାଣୀଟିଏ ଓଡିଆ ଶିଶୁଗାଳ୍ପିକମାନେ କାହିଁକି ସୃଷ୍ଟି କରିପାରି ନାହାନ୍ତି ଏକଥା ସମସ୍ତଙ୍କୁ ବିଚଳିତ କରୁଛି । କାହିଁକି ଶିଶୁକୁ ଆକର୍ଷିତ କଲାପରି ଅଧିକ କଳ୍ପନାପ୍ରବଣ ଓ ସୃଜନଧର୍ମୀ ଶିଶୁଗଳ୍ପ ଆମ ଓଡିଆ ପାଠ୍ୟପୁସ୍ତକର ପରିସରଭୁକ୍ତ ହେଉନାହିଁ ଯାହା ପ୍ରେରିତ କରନ୍ତା ଶିଶୁପାଠକଟିକୁ, ଅପର ଗଳ୍ପ ସବୁ ପାଠ୍ୟପୁସ୍ତକ ବାହାରେ ଖୋଜି ପଢିବା ପାଇଁ । ଆମ ପାଠ୍ୟ ଖସଡାର ନୀତି ଓ ଜ୍ଞାନର ବୋଝ କଣ ଶିଶୁର ସାହିତ୍ୟ ରୁଚିକୁ ପ୍ରତିହତ କରିଚାଲିଛି ? ଗପ ମାଧ୍ୟମରେ ନୀତି ଓ ପ୍ରଗତିର କଥା କହିବା ନାଁ ରେ ଆମେ କଣ ସହଜ ଓ ସରସ ଶିଶୁ ସାହିତ୍ୟକୁ ହତ୍ୟା କରି ଚାଲିଛୁ ? ଆମ ପାଠ୍ୟ ଖସଡା ପ୍ରସ୍ତୁତକାରୀମାନେ ଶିଶୁର ସୃଜନଶୀଳତାଠାରୁ କଣ ଅଧିକ ଗୁରୁତ୍ୱ ଦିଅନ୍ତି ନୀତି ଓ ତଥ୍ୟକୁ ?

ଏ ସମସ୍ତ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ମୋର ବାରଂବାର ମନେପଡେ, କୋଉଠୁ ଶୁଣିଥିବା ଏକ ପୁରାତନ କାହାଣୀ, ଯାହାର ଆରମ୍ଭ ହୁଏ ଏମିତି ; ଗୋଟିଏ ଦେଶରେ ଜଣେ ରାଜାଥିଲେ । ଚିତ୍ରକଳା ପ୍ରତି ତାଙ୍କର ଥିଲା ଅଦ୍‌ଭୁତ ସଉକ । ଦୂର ଦେଶଦେଶାନ୍ତରରୁ ଚିତ୍ରଶିଳ୍ପୀମାନେ ତାଙ୍କ ଦରବାରକୁ ଆସୁଥିଲେ । ରାଜାଙ୍କର ମନମୁତାବକ ଚିତ୍ର ଆଙ୍କି ହୀରାନୀଳାର ଅନେକ ଉପହାର ଧରି ଫେରିଯାଉଥିଲେ ନିଜ ନିଜ ଦେଶକୁ । ଥରେ ରାଜାଙ୍କ ମୁଣ୍ଡକୁ ଜୁଟିଲା ଏକ ଅଦ୍‌ଭୁତ ଝୁଙ୍କ । ସେ ପ୍ରଚାର କଲେ ଯିଏ ଗୋଟିଏ ସଠିକ ଯୁଦ୍ଧୋଦ୍ୟତ କୁକୁଡାର ଚିତ୍ର ଅଙ୍କନ କରିବ, ତାକୁ ରାଜା ସହସ୍ର ସ୍ୱର୍ଣ୍ଣମୁଦ୍ରା ସହିତ, ଦେବେ ହୀରାନୀଳା ଖଚିତ ଅପୂର୍ବ ହାରଟିଏ । ଦୂରଦୂରାନ୍ତରୁ ବହୁତ ଶିଳ୍ପୀ ଆସିଲେ, ସୁନ୍ଦର ଓ ନିଖୁଣ ଯୁଦ୍ଧ ଉଦ୍ୟତ କୁକୁଡାର ଚିତ୍ରଧରି । ସମସ୍ତଙ୍କ ଚିତ୍ରଥିଲା ଏତେ ନିଖୁଣ ଯେ କାହାକୁ ପୁରସ୍କୃତ କରିବେ, ହୋଇଗଲା ରାଜାଙ୍କ ପାଇଁ ଚିନ୍ତାର ବିଷୟ । ଚିତ୍ର ବିଶାରଦମାନେ ଓ ସମସ୍ୟା ସମାଧାନ ପାଇଁ ସବୁଠୁ ନିପୁଣ ମନ୍ତ୍ରୀ ବି ଅଡୁଆରେ ପଡିଗଲେ । ସବୁ ଚିତ୍ର ଜୀବନ୍ତ ଓ ନିଖୁଣ ଜଣେ ଜଣେ ସଫଳ ଚିତ୍ର ଶିଳ୍ପୀର କୃତିତ୍ୱ । ରାଜାଙ୍କ ମୁଣ୍ଡକୁ ହଠାତ୍ ଜୁଟିଲା ଗୋଟିଏ ବୁଦ୍ଧି । ଗୋଟିଏ ବିରାଟ କୋଠରୀରେ ଧାଡିକରି ସଜାହେଲେ ଚିତ୍ର ସବୁ । ରାଜ୍ୟରୁ ଖୋଜାଗଲା ସବୁଠାରୁ ଲଢୁଆ କୁକୁଡାକୁ । କୁକୁଡାଟିକୁ ଛାଡି ଦିଆହେଲା ପ୍ରଦର୍ଶିତ ଚିତ୍ରମାନଙ୍କ ମଝିରେ । କୋଠରୀଟି ମନେହେଲା କୁକୁଡାମୟ । କିନ୍ତୁ ଜୀବନ୍ତ କୁକୁଡାଟି କୌଣସି କୁକୁଡା ସହ ଯୁଦ୍ଧ କରିବା ପାଇଁ ଚାହିଁଲା ନାହିଁ । କେବଳ ଥରେ ବୁଲି ଆସିଲା । ରାଜା ଘୋଷଣା କଲେ କୁକୁଡାର ଆଖିରେ କୌଣସି କୁକୁଡାର ଚିତ୍ର କୁକୁଡା ମନେହେଲା ନାହିଁ । ଏଣୁ ଏ ଚିତ୍ରସବୁ ସଫଳ କୁକୁଡାର ଚିତ୍ର ନୁହେଁ । ସମସ୍ତ ଚିତ୍ରକର ନିରାଶ ହୋଇ ଫେରିଲେ ।

ଏ କାହାଣୀ ପରି ଓଡିଆ ଶିଶୁସମାଜ କାହିଁକି ମୁହଁ ଫେରାଇ ନେଉଛନ୍ତି ଓଡିଆ ଶିଶୁଗଳ୍ପରୁ ବିଚାର କରିବାର କାଳ ଆସିଛି । ସମୟ ଆସିଛି ଶିଶୁର ଦୃଷ୍ଟିକୋଣ ନେଇ ଲେଖା ହେବା କଥା ଶିଶୁଗଳ୍ପ, ଯାହା ଶିଶୁମନକୁ ପୁଲକିତ ଓ ପ୍ରଣୋଦିତ କରିବ । ଯେମିତି ଏ କାହାଣୀର ଶେଷ ଅଂଶରେ ହୁଏ ; ସାରା ରାଜ୍ୟରେ ଖେଳିଗଲା ହତାଶବୋଧ । ରାଜା ଓ ସବୁ ଚିତ୍ର ଶିଳ୍ପୀ ବିଷର୍ଣ୍ଣ ମନରେ ଦିନ କାଟିଲେ । କିଛି ଦିନ ପରେ ହାତରେ କାନ୍‌ଭାସ୍‌ଟିଏ ଧରି ରାଜଦରବାରକୁ ଆସିଲେ ଜଣେ ସନ୍ନ୍ୟାସୀ । କାନ୍‌ଭାସ୍‌ଟିରେ ରହିଥାଏ କେତୋଟି ଅଙ୍କାବଙ୍କା ଗାର, ଏଠି ସେଠି ରଙ୍ଗମାନଙ୍କର ବିନ୍ଦୁ ଆଉ ତାରା । ସନ୍ନ୍ୟାସୀ ଦାବୀ କଲେ ଏହାହିଁ କୁକୁଡା ଆଖିରେ ଯୁଦ୍ଧ ଉଦ୍ୟତ କୁକୁଡାର ଚିତ୍ର । ସମସ୍ତେ ଚକିତ ହୋଇ ଚାହିଁଲେ । ସେମିତି କୋଠରୀରେ ରଖାହେଲା ଚିତ୍ରଟିକୁ ଆଉ ଅଣାହେଲେ ସେଇ ଲଢୁଆ କୁକୁଡାଟିକୁ । ଆଶ୍ଚର୍ଯ୍ୟ ଚିତ୍ରଟିକୁ ଦେଖୁଦେଖୁ ଝାମ୍ପି ପଡିଲା କୁକୁଡା । ଖିନଭିନ ହୋଇଗଲା କାନଭାସ । ଏକଥା କହିବା ନିଷ୍ପ୍ରୟୋଜନ ଯେ ସନ୍ନ୍ୟାସୀ ପୁରସ୍କୃତ ହେଲେ । ଆମ ଦୃଷ୍ଟିରେ ହିଁ ଆମେ ଶିଶୁ ସାହିତ୍ୟ ରଚନା କରିଚାଲିଛୁ ଯାହା ଶିଶୁପାଠକକୁ ଆକର୍ଷିତ କରିପାରୁନାହିଁ । ସେମାନେ ମୁହଁ ଫେରାଇ ନେଉଛନ୍ତି ଓଡିଆ ଶିଶୁଗଳ୍ପରୁ । ଆମ କାଳରେ ହିଁ ଓଡିଆ ଶିଶୁ ସାହିତ୍ୟର ସ୍ଥିତି ଯେତେ ଶୀଘ୍ର ପରିବର୍ତ୍ତିତ ହେବ ସେତେ ଭଲ । କାହିଁକିନା, ଓଡିଆ ଭାଷା ପ୍ରତି ମମତାର ପ୍ରାରମ୍ଭକାଳରେ ଯଦି ଆମେ ଶିଶୁମାନଙ୍କୁ ଆକର୍ଷିତ କରିପାରିବା ନାହିଁ, ସେମାନେ ଅପର ସାହିତ୍ୟ ପ୍ରତି ଆକର୍ଷିତ ହୋଇଯିବେ ସହଜରେ, ଯେମିତି ଏବେ ଘଟିଚାଲିଛି । ଓଡିଆ ଭାଷାର ଭବିଷ୍ୟତ ପାଇଁ ଯୋଜନା ନିର୍ମାଣ କରୁଥିବା ସଂସ୍ଥା, ସାହିତ୍ୟିକ ଓ ସରକାରଏ ସଂପର୍କରେ ଦୃଷ୍ଟି ଦେବେ ବୋଲି ମୋର ଆଶା । ଭାଷା ଓ ସାହିତ୍ୟର ବିକାଶ ପାଇଁ ଶିଶୁ ସାହିତ୍ୟର ଭୂମିକା ଅନନ୍ୟ ଏକଥା ଆମକୁ ବୁଝିବାକୁ ପଡିବ,ଏହାକୁ ଯେତେ ଶୀଘ୍ର ବୁଝିବା ଦରକାର।

ପାଟଣାଗଡ଼,ବଲାଙ୍ଗୀର
ମୋ-୯୮୬୧୦୬୫୮୦୧



# ସକାଳ ବନ୍ଦନା- ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ

ଛନ୍ଦା ଚରଣରେ ବନ୍ଧା ମୋର ମନ
ପ୍ରଭୁ ତୁମେ ମୋର ପରିଚୟ
ତମେ ଥାଉ ଥାଉ କାହିଁକି ଖୋଜିବି
ଜୀବନରେ ଜୟ- ପରାଜୟ ।।୦।।

ସୁଖ ଦୁଃଖ ଏଇ ସଂସାରର ଖେଳ
ଜୀବନ ପଥରେ ଆସିଥାଏ
ଚାଲୁ ଚାଲୁ ବାଟେ ବଇଶାଖ ଝାଞ୍ଜି
ଫୁଲ ଫଗୁଣର ଭେଟ ହୁଏ
ସବୁ ଘଟିଥାଏ ତୁମରି ରଙ୍ଗିତେ
କର୍ମଘେନି ତୁମେ ଫଳଦିଅ ।।୧।।
ଛନ୍ଦା ଚରଣରେ..........


ଯାହା ଘଟିଅଛି ଯାହା ଘଟୁଅଛି
ଯାହା ଘଟିବାକୁ ଅଛି ବାକି
ସବୁରି ହିସାବ ତୁମରି ଖାତାରେ
ତମେ ମୋ' ପ୍ରଥମ ଶେଷ ସାକ୍ଷୀ
ଆସିଥିଲି ଦିନେ ଫେରିଯିବି ଦିନେ
ତମ ହାତେ ବନ୍ଧା ମୋ' ସମୟ ।।୨।।
ଛନ୍ଦା ଚରଣରେ..........

କବି ଓ କବିତା ଭବନ
ମହୁଲ/ ଅଙ୍ଗାରପଡ଼ା/ ଖୋର୍ଦ୍ଧା- ୭୫୨୦୫୪
ମୋ- ୯୧୭୮୬୨୬୨୮୦

# କଳିଙ୍ଗର ବରପୁତ୍ର ବିଜୁ ପଟ୍ଟନାୟକ



ସତ୍ୟବାଦୀ ବଳିଆର ସିଂହ



ଆମ ଓଡ଼ିଶାର ପୂର୍ବ ନାମ ଥିଲା କଳିଙ୍ଗ। କଳିଙ୍ଗର ଲୋକମାନେ ଥିଲେ ସାହସୀ, ଦୁର୍ଜେୟ, ନିର୍ଭୀକ। ଭାରତର ପୂର୍ବ ପ୍ରାନ୍ତରରେ ଏହା ଏକ ବିଶାଳ ସାମ୍ରାଜ୍ୟ ଥିଲା। ଏହାର ସାଧବ ପୁଅମାନେ ଶ୍ରୀଲଙ୍କା, ଇଣ୍ଡୋନେସିଆ, ମିଆଁମାରରେ ବୋଇତ ବାଣିଜ୍ୟକରି ବିପୁଳ ଧନ ସମ୍ପତ୍ତି ବୋହି ଆଣୁଥିଲେ। ବର୍ଣ୍ଣିତ ଅଛି 'କଳିଙ୍ଗାଃ ସାହାସିକତାଃ।'ଆଜିର ବଙ୍ଗପୋସାଗରର ନାମ ଥିଲା କଳିଙ୍ଗ ସାଗର। ଏକଦା କଳିଙ୍ଗ ସମ୍ରାଟ ଖାରବେଳ ଆଧୁନିକ ଭାରତର ଦୁଇ ତୃତୀୟାଂଶ ଅଂଚଳର ଅଧିପତି ଥିଲେ। କଳିଙ୍ଗର ଗୌରବୋଜ୍ଜ୍ୱଳ ଇତିହାସକୁ ସ୍ମରଣକରି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ କଳିଙ୍ଗ ନାମରେ ବହୁ ଅନୁଷ୍ଠାନ ଗଢ଼ିଥିଲେ। ସେଥିପାଇଁ ତାଙ୍କୁ କଳିଙ୍ଗ କେଶରୀ ନାମରେ ସମ୍ମାନିତ କରାଯାଇଥିଲା ଓ ସେ ଥିଲେ ଯଥାର୍ଥରେ କଳିଙ୍ଗର ବରପୁତ୍ର। ଆଜିବି ଆନ୍ତର୍ଜାତିକ ସ୍ତରରେ ୟୁନେସ୍କୋ ଦ୍ୱାରା ପ୍ରଦତ୍ତ ବିଜ୍ଞାନର ସଫଳତା ପାଇଁ କଳିଙ୍ଗ ପୁରସ୍କାର ବିଜୁ ପଟ୍ଟନାୟକଙ୍କୁ ମନେ ପକାଇଥାଏ।

ବିଜୁ ପଟ୍ଟନାୟକଙ୍କ ପିତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ମାତା ଆଶାଲତା ଦେବୀଙ୍କର କୋଳମଣ୍ଡନ କରିଥିଲେ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ। ଏ ଭିତରେ ଶହେ ବର୍ଷ ପୂରିଯାଇଥିବାରୁ ତାଙ୍କ ଜନ୍ମ ଶତବାର୍ଷିକୀ ରାଜ୍ୟ ସରକାର ତଥା ଜନସାଧାରଣଙ୍କୁ ପକ୍ଷରୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ସାମାଜିକଠାରୁ ଆରମ୍ଭକରି ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶାକୁ ଦେଶର ଆଗଧାଡ଼ିରେ ପରିଚିତ କରାଇବା ଦିଗରେ ତାଙ୍କ ଜୀବନବ୍ୟାପୀ ଉଦ୍ୟମ ଓ ତ୍ୟାଗ ଅନସ୍ୱୀକାର୍ଯ୍ୟ ଏକାଧାରରେ ଅସାଧାରଣ ସ୍ୱାଧୀନଚେତା, ପ୍ରଚଣ୍ଡ ସ୍ୱାଭିମାନୀ, ସଫଳ ଶିଳ୍ପପତି, ବିଚକ୍ଷଣ ରାଜନୀତିଜ୍ଞ ଭାବେ ବିଜୁ ପଟ୍ଟନାୟକଙ୍କର ପଟ୍ଟାନ୍ତର ନାହିଁ। ଜୀବନରେ ଅସୁମାରୀ ଅର୍ଥ, ଯଶ, ପ୍ରଶଂସା ଓ କ୍ଷମତା ଅର୍ଜନ କରି ସୁଦ୍ଧା ସେ ଏହାକୁ ତୁଚ୍ଛ ବୋଲି ମନେ କରିଥିଲେ। ଓଡ଼ିଶାର ପ୍ରଗତି ଓ ଓଡ଼ିଆଙ୍କ ସ୍ୱାଭିମାନ ଥିଲା ତାଙ୍କର ଜୀବନର ମୂଳମନ୍ତ୍ର।

ଓଡ଼ିଆ ସ୍ୱାଭିମାନର ମୂଳମନ୍ତ୍ର ସେ ଶିକ୍ଷାଲାଭ କରିଥିଲେ ପିତା

ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କଠାରୁ।ସ୍ୱତନ୍ତ୍ର ପ୍ରଦେଶ ଗଠନ ବେଳେ ପାରଳା ଖେମୁଣ୍ଡିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ପାରଳା ଗଜପତି କୃଷ୍ଣଚନ୍ଦ୍ର ନାରାୟଣଦେବଙ୍କ ଦେବାନ୍ ଥିଲେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ। ପାରଳାର ଯେଉଁ ତେଲୁଗୁ ଲୋକମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ବିରୋଧ କରୁଥିଲେ ଲକ୍ଷ୍ମୀନାରାୟଣ ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ପିଟୁଥିଲେ। ସେ ମଧୁବାବୁଙ୍କ ଭାଷାରେ କହୁଥିଲେ:-

**'ନିଜର ଜୀବନ ଜାତିକୁ ଅର୍ପଣ**
**କଲେ ମିଳେ ଜାତିପ୍ରାଣ**
**ଜାତୀୟ ଜୀବନ ନ ମିଳିବ କଲେ**
**ହାଟେ ବାଟେ ଅନ୍ୱେଷଣ।"**

ବ୍ୟକ୍ତିନିଷ୍ଠ ଭାବଧାରାରୁ ଉର୍ଦ୍ଧ୍ୱରେରହି ପିତା ଲକ୍ଷ୍ମୀନାରାୟଣ ଜାତୀୟତାର ଉତ୍ତାଳ ତରଙ୍ଗରେ ଭାସିବାକୁ ଉପଦେଶ ଦେଉଥିଲେ, ପୁତ୍ର ବିଜୟାନନ୍ଦ ମଧ୍ୟ ସେହିପରି ସବୁ କ୍ଷେତ୍ରରେ ଜାତୀୟତାର ମହାର୍ଘ୍ୟ ସ୍ପର୍ଶ ଅନୁଭବ କରୁଥିଲେ। ସେଥିପାଇଁ ସେ ନିଜ ସ୍ୱାର୍ଥ ଅପେକ୍ଷା ଓଡ଼ିଶାର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିଲେ। ସେ ୧୯୬୨ରେ ମୁଖ୍ୟମନ୍ତ୍ରୀ ପଦରେ ଥିଲେ। ଦୁଇବର୍ଷ କ୍ଷମତାରେ ରହିବାପରେ ସେ କାମରାଜ ନାଦର ପ୍ଲାନରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହି କମ ସମୟ ମଧ୍ୟରେ ସେ ପାରାଦ୍ୱୀପ ବନ୍ଦର, ଜାତୀୟ ରାଜପଥ, ରାଉରକେଲା ରିଜିଓନାଲ ଇଂଜିନିୟରିଂ କଲେଜ, ସୁନାବେଡ଼ା ମିଗ୍ ବିମାନ କାରଖାନା, ଚାରବାଟିଆ ମିଲିଟାରୀ ବିମାନ ଅବତରଣ କେନ୍ଦ୍ର, ବାଲିମେଳା ଡ୍ୟାମ ପ୍ରୋଜେକ୍ଟ, ରିଜିଓନାଲ କଲେଜ ଅଫ୍ ଏଜୁକେଶନ, ବରଗଡ଼ ସିମେଣ୍ଟ କାରଖାନା, ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ, ତାଳଚେର ଥର୍ମାଲ, ବୁର୍ଲା ଇଂଜିନିୟରିଂ କଲେଜ, ବ୍ରହ୍ମପୁର ମେଡ଼ିକାଲ କଲେଜ, ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଦି ଯୁଗାନ୍ତକାରୀ ପ୍ରତିଷ୍ଠାନ ପ୍ରତିଷ୍ଠା ସମ୍ଭବ ହୋଇଥିଲା। ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବହାରଲାଲ ନେହେରୁଙ୍କ ସହ ଘନିଷ୍ଠ ସମ୍ପର୍କ ହେତୁ ସେ ଓଡ଼ିଶା ପାଇଁ ପ୍ରଗତି କରି ପାରିଥିଲେ। ସେ ୧୯୯୦ରେ ଦ୍ୱିତୀୟବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ।। ସେତେବେଳେ ବିଜୟାନନ୍ଦ ପଟ୍ଟନାୟକ ପରିବର୍ତ୍ତେ ବିଜୁ ପଟ୍ଟନାୟକ ରୂପେ ପରିଚିତ ହୋଇ ସାରିଥିଲେ। ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ଦୃଢ଼ ପଦକ୍ଷେପ ନେଇଥିଲେ। ସେ ଓଡ଼ିଶାର ଜିଲ୍ଲାସଂଖ୍ୟା ୧୩ରୁ ୩୦କୁ ବୃଦ୍ଧିକରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ। ସେ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ଓ ଅଣକଂଗ୍ରେସ ରାଜନୀତିରେ ମୁଖ୍ୟ କର୍ଣ୍ଣଧାର ଥିଲେ।ଏପରିକି ଅଣକଂଗ୍ରେସ ମନ୍ତ୍ରୀମଣ୍ଡଳରେ ତାଙ୍କୁ ପ୍ରଧାନମନ୍ତ୍ରୀ କରାଯିବାର ପ୍ରସ୍ତାବ ଥିଲା।

ବିଜୁ ବାବୁଙ୍କ ଜୀବନଥିଲା ସଂଘର୍ଷର ଜୀବନ। ସେ ଥିଲେ ଅଦମ୍ୟ ସାହସୀ। ୧୯୩୨ ମସିହା କଲେଜର ଫାଷ୍ଟଇୟର ପରେ ଗ୍ରୀଷ୍ମର ଉତ୍ତପ୍ତ ସଂଧ୍ୟାରେ ମହାନଦୀ କୂଳରେ ବସିଥିଲେ ବିଜୟାନନ୍ଦ। ସାଥିରେ ତାଙ୍କସାଥୀ ଭ୍ରମରବର ସାହୁ ଓ ଅମର ଦେ। ସେଇଠୁ ସେମାନେ ସାଇକଲ୍‌ରେ ପେଶୱାର ଯିବାପାଇଁ ସ୍ଥିର କଲେ। ଯେତେ ପ୍ରକାର ଅସୁବିଧା ଆସୁନା କାହିଁକି ତିନିବଂଧୁ ସାଇକଲରେ ନିଶ୍ଚୟ ପେଶୱାର ପର୍ଯ୍ୟନ୍ତ ଯିବେ। ପେଶୱାର ପ୍ରତି ବିଜୁବାବୁଙ୍କ ମନରେ ଅତି ପିଲାଦିନରୁ ଏକ ସ୍ୱତନ୍ତ୍ର ଶ୍ରଦ୍ଧା ସୃଷ୍ଟି ହୋଇଥିଲା। ବାଳକ ବିଜୟାନନ୍ଦଙ୍କ ଅବଚେତନମନରେ ସବୁବେଳେ ଗୋଟିଏ କଥା ଖେଳୁଥିଲା, ସେ ଆକାଶରେ ଉଡ଼ିବେ-ଉଡ଼ାଜାହାଜ ଚଳାଇବେ-ଗୋରା ସାହେବଙ୍କୁ ଦେଶରୁ ତଡ଼ିବେ।

ବିଜୟାନନ୍ଦ ପେଶୱାର ଯିବା ପୂର୍ବରୁ କଟକରୁ ଭଂଜନଗର ପର୍ଯ୍ୟନ୍ତ ସାଇକେଲରେ ଯାଇଥିଲେ। ଏଣୁ ଅନୁଭୂତି ଥିଲା ପେଶୱାର ଯାତ୍ରା ପାଇଁ ମାତା ଆଶାଦେବୀ ଓ ବଡ଼ ଭାଇ ଜର୍ଜ ନିବର୍ତ୍ତାଇବା ପାଇଁ ଚେଷ୍ଟା କରିଥିଲେ କିଂତୁ ପିତା ଲକ୍ଷ୍ମୀନାରାୟଣ ଏ ଯାତ୍ରା ପାଇଁ ସ୍ୱୀକୃତି ଦେଇଥିଲେ।

ପିତାମାତା ଭାଇବଂଧୁ ସମସ୍ତଙ୍କଠାରୁ ବିଦାୟ ନେଇ ପେଶୱାର ଉଦ୍ଦେଶ୍ୟରେ ସାଇକେଲ ଛୁଟାଇଲେ ତିନିବଂଧୁ। ଅନିର୍ଦ୍ଦିଷ୍ଟ ପଥରେ ସାଇକେଲ ଚାଲିଛି- ତିନିବଂଧୁ ଚାଲିଛଂତି ଉଦ୍ଦାମ ଆନନ୍ଦରେ। କାହାକୁ ଭୟ ନାହିଁ- ଶଙ୍କା ବି ନାହିଁ। ଆଗରେ ବିଜୟାନନ୍ଦ- ବିଜୁ ପଟ୍ଟନାୟକ, ତାଙ୍କ ପଛକୁ ଭ୍ରମରବର ସାହୁ ଏବଂ ତାଙ୍କ ପଛକୁ ବିଶ୍ୱସ୍ତ ବଂଧୁ ଅମର ଦେ। ତିନିକୁ ତିନିହେଁ ଦୁଃସାହସୀ- ସଦା ହସ ହସ ଆନନ୍ଦ ମୁଖର। ଆଗଭଳି ସେତେବେଳେ ରାସ୍ତାଘାଟର ଏପରି ଉନ୍ନତି ଘଟିନଥିଲା। କେତେବେଳେ ନାଇ ପାର ହେବାକୁ ପଡୁଥିଲା ତ କେତେବେଳେ ଘଞ୍ଚ ଅରଣ୍ୟ ଭିତରେ ସାଇକେଲ ଚଳାଇବାକୁ ପଡୁଥିଲା। ତିନିବଂଧୁ କିଂତୁ କୌଣସି ସ୍ଥାନରେ ଅଭିଯାନରୁ ବିମୁଖ ହୋଇନଥିଲେ।

'ଜୟ ଜଗନ୍ନାଥ' ନାଁ ଥିଲା ତିନିବଂଧୁଙ୍କ ପାଇଁ ମୂଳମନ୍ତ୍ର, ଉତ୍ସାହର ବାର୍ତ୍ତା- ତା ସହିତ ବିଜୁବାବୁଙ୍କ ମୁହଁରେ ଅତୀତ ଓଡ଼ିଶାର ଗୌରବମୟ କାହାଣୀ। ଖାରବେଳ, କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ କାହାଣୀ କାଞ୍ଚି ଅଭିଯାନ କଥା। ବାଟରେ ମହାବଳ ବାଘର ସମ୍ମୁଖୀନ ହୋଇଛଂତି। ମୁହଁକୁ ମୁହଁ ଚାହିଁରହିଲେ। ତା'ପରେ ବିଜୁବାବୁଙ୍କ କଣ୍ଠରୁ ସ୍ଫୁରିଲା "ବୋଲ ଭାଇ ଜୟ ଜଗନ୍ନାଥ"। ତିନିବଂଧୁଙ୍କ କଣ୍ଠରେ ଏ ଶବ୍ଦଟି ସାରା ବଣରେ ବିସ୍ଫୋରଣ ସୃଷ୍ଟିକଲା। ଦୂରରୁ ଆସୁଥିବା ଆଉ ଦଳେ ଯାତ୍ରୀ ଏ ଶବ୍ଦର ଉତ୍ତରରେ କହି ଉଠିଲେ, "ଜୟ ମା ଭବାନୀ ମାୟଓ କି"। ଆଉ ଏ ସମୟରେ ବାଘକୁ କିଏ ଗୁଳିକଲା। ଦି ତିନି ଲମ୍ଫରେ ବାଘଟି ଅଦୃଶ୍ୟ ହୋଇଗଲା। ପାକିସ୍ଥାନ ସୀମାନ୍ତରେ ଥିବା ପେଶୱାରରେ ବହୁବାଧା ଅତିକ୍ରମ କରି ପହଞ୍ଚିଥିଲେ ଏ ତିନିବଂଧୁ। ଦୀର୍ଘ ତିନିହଜାର କିଲୋମିଟର ବାଟ ଅତିକ୍ରମ କରିଥିଲେ ସେମାନେ। ପେଶୱାରରେ ବଂଧୁ ଅମର ଦେଙ୍କୁ Royal Air Force ରେ ଚାକିରି ମିଳିଗଲା। ତାଙ୍କୁ ଛାଡ଼ି ବିଜୟାନନ୍ଦ ଓ ଭ୍ରମର ବାବୁ ଟ୍ରେନ ଯୋଗେ ଫେରିଲେ କଟକ। ବିଜୁବାବୁ ତାଙ୍କର ଏହି ଭ୍ରମଣ କାହାଣୀ "ବୁଲା ନିଶା" ପୁସ୍ତକରେ ଲେଖିଛଂତି। ଏହି ଖଣ୍ଡିକ ପୁସ୍ତକ ବ୍ୟତୀତ ତାଙ୍କ ରଚିତ ଅନ୍ୟ କୌଣସି ପୁସ୍ତକ ନାହିଁ। ୧୯୩୪ ମସିହାରେ ଲିଖିତ ତାଙ୍କର ଏହି ଲେଖାଟି ବିଶ୍ୱନାଥ କରଙ୍କ ସଂପାଦନାରେ ଉତ୍କଳ ସାହିତ୍ୟର ୩୮ଶ ଭାଗ ୩ୟ ଓ ୪ର୍ଥ ସଂଖ୍ୟାଦ୍ୱୟରେ ପ୍ରକାଶିତ ହୋଇଥିଲା। ବିଜୁ ପଟ୍ଟନାୟକ ଛାତ୍ର ଅବସ୍ଥାରେ ଏକ ଦୀର୍ଘ ଭ୍ରମଣ କାହାଣୀ ଲେଖିଥିଲେ ତାହା ଆଜି

ବିଶ୍ୱାସ କରି ହୁଏନା। ବିଜୁ ପଟ୍ଟନାୟକଙ୍କ ଅନ୍ୟ ଏକ ପୁସ୍ତକ "ମୋ ସ୍ୱପ୍ନର ଓଡ଼ିଶା" ଚର୍ଚ୍ଚାକୁ ଆସିଥାଏ। ଏହା ତାଙ୍କ ସ୍ୱଲିଖିତ ପୁସ୍ତକ ନୁହେଁ। ୧୯୯୨ ମସିହା ଜାନୁଆରୀ ୨୨ ତାରିଖ ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ବକ୍ତୃତାମାଳାରେ "ମୋ ସ୍ୱପ୍ନର ଏକବିଂଶ ଶତାବ୍ଦୀର ଓଡ଼ିଶା" ବିଜୁ ପଟ୍ଟନାୟକଙ୍କ ଅଭିଭାଷଣର ଏହା ଅନୁବାଦ। ବିନୋଦ କାନୁନଗୋ ଏହା ଅନୁବାଦ କରିଥିଲେ। ସେ ଏହି ଅଭିଭାଷଣରେ କଳିଙ୍ଗ ଗୌରବମୟ ଇତିହାସକୁ ପୁନର୍ଜୀବିତ କରିବା ପାଇଁ ଆହ୍ୱାନ ଦେଇଥିଲେ।

୧୯୨୬ ମସିହା। ମହାତ୍ମାଗାନ୍ଧୀ କଟକ ସ୍ୱରାଜ୍ୟ ଆଶ୍ରମକୁ ଆସିଥାନ୍ତି। ଜନଗହଳିରେ ସ୍ଥାନଟି ମୁଖରିତ ହୋଇଉଠିଥାଏ। ସେତେବେଳେ ବିଜୁବାବୁ ରେଭେନ୍ସା କଲେଜିଏଟ୍ ସ୍କୁଲରେ ପଢୁଥାନ୍ତି। ମହାତ୍ମାଗାନ୍ଧୀଙ୍କୁ ଦେଖିବାକୁ ତାଙ୍କ ମନରେ ପ୍ରବଳ ଆଗ୍ରହ। ଭିଡ଼ ଭିତରେ ସୁଯୋଗ ଉଣ୍ଡି ଆଗକୁ ଆଗକୁ ଆଗେଇ ଚାଲିଛଂତି କିଶୋର ବିଜୁ। ସେ ଡ଼େଙ୍ଗା ଥିବାରୁ ତାଙ୍କୁ ଠଉରେଇବା ସହଜ ଥିଲା। ଗୋରା ଏସ୍.ପି ହାରଗ୍ରୀବ ସାହେବ ପିଲାଟି କିପରି ଠେଲିପେଲି ଆଗକୁ ମାଡ଼ିଚାଲୁଛି ତାହା ସେ ଲକ୍ଷ୍ୟ କରୁଥିଲେ। ହାରଗ୍ରୀବ ସାହେବଙ୍କୁ ଏ କଳା ପିଲାର ଅବଜ୍ଞା ଭଲ ଲାଗିଲା ନାହିଁ। ସେ କ୍ରୋଧରେ ଦାନ୍ତ କଡ଼ମଡ଼ କରି ଭିଡ଼ ଭିତରେ ଆଗେଇଯାଇ ବିଜୁଙ୍କ ମୁଣ୍ଡରେ ଏକ ପାହାର ଦେଲେ। ବାଡ଼ି ମୁଣ୍ଡ ଆଙ୍କୁଶ କିଶୋର ବିଜୁଙ୍କର ଡ଼େଙ୍ଗା ମୁଣ୍ଡରେ ଏକ କ୍ଷତ କରିଦେଲା। ଧାର ଧାର ହୋଇ ତାଙ୍କ ମୁଣ୍ଡରୁ ବୋହିଆସିଲା ରକ୍ତଧାର। ଉତ୍ତେଜିତ ହୋଇଉଠିଲେ ଉପସ୍ଥିତ ଜନତା। ସ୍ୱୟଂ ମହାତ୍ମାଗାନ୍ଧୀ ଧାଇଁ ଆସିଲେ। ଯେଉଁ ମହାତ୍ମାଗାନ୍ଧୀଙ୍କୁ ନିକଟରେ ଦେଖି ହାତମିଳାଇବାକୁ ଯାଇ ପିଲାଟି ଏ ଅବସ୍ଥାର ସମ୍ମୁଖୀନ ହେଲା, ସେହି ମହାତ୍ମା ନିଜେ ତାଙ୍କର କ୍ଷତ ଚିହ୍ନରେ ହାତ ବୁଲାଇ ସ୍ନେହବୋଳା କଣ୍ଠରେ କୁଶଳ କାମନା କରିଥିଲେ। ହାରଗ୍ରୀବ ସାହେବଙ୍କୁ ଖୁବ୍ ଧିକ୍କାର କରିଥିଲେ। ଗାନ୍ଧିଜୀଙ୍କ ହାତରେ ତାଙ୍କର ରକ୍ତ ଲାଗିବା ସାମାନ୍ୟ କଥାନୁହେଁ। ନିଜ ମୁଣ୍ଡରୁ ନିଜ ହାତରେ ରକ୍ତପୋଛି ରକ୍ତମଖା ହାତରେ ଦେଶମାତାଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି କିଶୋରଟିଏ ହୁଏତ ସେଦିନ ଶପଥ କରିଥିଲା- ଏ ଦେଶରୁ ବ୍ରିଟିଶ ସାମ୍ରାଜ୍ୟବାଦ ଲୋପ କରିବାପାଇଁ ଯେଉଁମାନେ କ୍ରାନ୍ତିକାରୀ ଉଦ୍ୟମ ଚଳାଇଛନ୍ତି ସେଇମାନଙ୍କ ସହ ମିଶି କିଛି ନା କିଛି କରିବ।

ଆଇ.ଏସ୍.ସି ପରୀକ୍ଷା ଦେଇ ସାରିବାପରେ ଉଡ଼ାଜାହଜ ଶିକ୍ଷା ପାଇବା ପାଇଁ ବିଜୁବାବୁଙ୍କ ମନରେ ପ୍ରବଳ ଆଗ୍ରହ ଜାତ ହେଲା। ପୂର୍ବରୁ ତାଙ୍କ ସାଙ୍ଗରେ ପେଶୱାର ପର୍ଯ୍ୟନ୍ତ ଯାଇଥିବା ଅନ୍ତରଙ୍ଗ ବଂଧୁ ଅମର ଦେ ରୟାଲ ଏୟାର ଫୋର୍ସରେ ଚାକିରି କରିସାରିଥାନ୍ତି। ବିଜୁବାବୁଙ୍କର ଦୁଃସାହସ ଦେଶପ୍ରୀତି ଆଉ କାହାକୁ ନହେଲେ ମଧ୍ୟ ଅମରବାବୁଙ୍କୁ ଖୁବ୍ ଭଲଭାବରେ ଜଣା ଥିଲା। Air Force ନୁହେଁ ବିମାନଚାଳନା ଶିକ୍ଷା ବିଜୁବାବୁଙ୍କ ଜୀବନର ମୋଡ଼ ବଦଳାଇ ଦେବ ବୋଲି ସେ ସବୁବେଳେ ଅନୁଭବ କରୁଥାନ୍ତି। ଏଣୁ ସେ ପ୍ରତ୍ୟେକ ଚିଠିରେ ବିଜୁବାବୁଙ୍କୁ ଉଡ଼ାଜାହଜ ଶିକ୍ଷା କରିବା ପାଇଁ ଉତ୍ସାହିତ କରୁଥାନ୍ତି।

ଉଡ଼ାଜାହଜ ଚାଳନା ଶିକ୍ଷା ସେତେବେଳେ ଖୁବ୍ ବ୍ୟୟ ସାପେକ୍ଷ ଥିଲା। ପିତା ଲକ୍ଷ୍ମୀନାରାୟଣ ବାବୁ ଚାକିରୀରୁ ଅବସର ଗ୍ରହଣ କରିସାରିଥାନ୍ତି। ଦୁଇଶହ ପେନ୍‌ସନ୍ ଟଙ୍କାରେ ଘର ଚଳାଇବା କଷ୍ଟକର ହୋଇପଡ଼ିଥାଏ। ଏଣେ ବଡ଼ପୁଅ ଜର୍ଜ ଡ଼ାକ୍ତରୀ ପଢୁଥାଏ। ପୁଅର ଇଚ୍ଛାକୁ ପୂରଣ କରିବାକୁ ଲକ୍ଷ୍ମୀନାରାୟଣ ବାବୁ ଘର ବିକ୍ରି କରିବା କଥା ଚିନ୍ତାକଲେ। ଘର ବିକ୍ରିକଲେ ରହିବେ କେଉଁଠି ଏ ଚିନ୍ତା ମନରେ ଆନ୍ଦୋଳିତ ହେଉଥାଏ। ଏଭଳି ଦୁଶ୍ଚିନ୍ତା ମଧ୍ୟରେ ବୁଡ଼ି ରହିଲେ ସମସ୍ତେ। ଏ ମଧ୍ୟରେ ଗୋଟିଏ ଚିଠି ଆସିଲା। ଆନନ୍ଦରେ ଗଦଗଦ ହୋଇଗଲେ ଲକ୍ଷ୍ମୀନାରାୟଣ ବାବୁ। ସମସ୍ତେ ପଚାରିଲେ ଏ ଚିଠି କେଉଁଠୁ ଆସିଛି- ଏକ ମିଳିତ ପ୍ରଶ୍ନ। ତା'ର ଉତ୍ତରରେ ସେ କହିଲେ- "ଭଗବାନଙ୍କର ଆଶୀର୍ବାଦ ପତ୍ର ବିଜୁଙ୍କୁ ପାଠ ପଢ଼ାଇବା ପାଇଁ। ଏ ହେଉଛି ଭଗବାନଙ୍କର ଆଜ୍ଞାପତ୍ର। ପାରଳାଖେମୁଣ୍ଡି ମହାରାଜା ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ପାରଳାର ଦେୱାନ୍ ରୂପେ ମୋତେ ନିଯୁକ୍ତି ଦେଇଛଂତି। ମାସିକ ଦରମା ୧୨୦୦ ଟଙ୍କା।"

ଏହି ଅର୍ଥର ବ୍ୟବସ୍ଥା ଯୋଗୁଁ ବିଜୁବାବୁଙ୍କ ପାଇଲଟ ଟ୍ରେନିଂ ସମ୍ଭବ ହୋଇପାରିଥିଲା। ଛତିଶ ମାସର ଶିକ୍ଷାନବିସ ଭାବରେ ବିଜୁବାବୁ ବେଶ ସୁଖ୍ୟାତି ଅର୍ଜନ କରିଥିଲେ। ନିଜର ଦୁଃସାହସିକତା ପାଇଁ ସେ ସମସ୍ତଙ୍କ ନିକଟରେ ବେଶ ପରିଚିତ ଥିଲେ। ନିଜ ଜନ୍ମଭୂମି କଳିଙ୍ଗର ବୀରଗାଥା ସେ ବନ୍ଧୁମାନଙ୍କୁ କହି ଚମକୃତ କରୁଥିଲେ। ସେଥିପାଇଁ କେତେକ ବଂଧୁ ସମୟେ ସମୟେ ତାଙ୍କୁ "The Hero of Kalinga" ବୋଲି କହୁଥିଲେ ବା ତାଙ୍କୁ "The Kharavela of Kalinga" ବୋଲି ଡ଼ାକୁଥିଲେ। କୃତିତ୍ୱର ସହିତ ପାଇଲଟ ଟ୍ରେନିଂ ଶେଷ କରି ସାରିବା ପରେ ଗୋଭନ ବ୍ରଦରର୍ସ ଦ୍ୱାରା ପରିଚାଳିତ Indian National Airways ରେ ପ୍ରଥମେ ନିଯୁକ୍ତି ପାଇଲେ ବଜୁବାବୁ। କିନ୍ତୁ ତାଙ୍କୁ ମନଲାଖି ଚାକିରି-ପ୍ରଚୁର ଟଙ୍କା-ପ୍ରଚୁର ସମ୍ମାନ-ପ୍ରଚୁର ସହଯୋଗ ଭିତରେ ଯୁବକ ବିଜୟାନନ୍ଦଙ୍କ ମନରେ ସମୟେ ସମୟେ ସେ ସମୟର ଦେଶର ପରିସ୍ଥିତି ବିଚଳିତ କରୁଥିଲା । ଛାତ୍ର ଅବସ୍ଥାରେ ବ୍ରିଟିଶ ସରକାରଙ୍କ ବିରୋଧରେ ତାଙ୍କ ମୁଣ୍ଡ ବିନା କାରଣରେ ଫଟାଇ କଣା କରିଥିବା ଗୋରା ସାହେବଙ୍କ ବିରୋଧରେ ପୁଞ୍ଜିଭୂତ ଘୃଣା ତାଙ୍କ ମନରେ ରହିଥିଲା । କେବଳ ସୁଯୋଗ ଅପେକ୍ଷାରେ ଥିଲେ ସେ । ଏକ ଦିଗରେ ମହାତ୍ମାଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଅନ୍ୟ ଦିଗରେ ସନ୍ତ୍ରାସବାଦୀମାନଙ୍କର ରୋମାଞ୍ଚକାରୀ ସଂଗ୍ରାମ, କଣ କରିବେ ସେ ମାନସିକ ଦ୍ୱନ୍ଦ ମଧ୍ୟରେ ସ୍ଥିର କଲେ ଚାକିରୀରେ ରହିବେ କିନ୍ତୁ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୀବନ ବିପଦପୂର୍ଣ୍ଣ ହୋଇଛି। ସେମାନଙ୍କୁ ସେ ହାଜତରେ ଗୁପ୍ତ ଭାବରେ ଗୁପ୍ତ ସ୍ଥାନରେ ପହଞ୍ଚାଇ ଦେବେ । ଏହା ଏକ ଗୁରୁତର କର୍ତ୍ତବ୍ୟ ଅତି ବିପଦପୂର୍ଣ୍ଣ ହେଲେହେଁ ଜୀବନକୁ ବାଜି ଲଗେଇ ଏ କାର୍ଯ୍ୟ କରିବାକୁ ସ୍ଥିର କଲେ । ସମୟ ଆସିଲା ଜୟ ପ୍ରକାଶ ନାରାୟଣ, ଅରୁଣା ଆସଫଅଲ୍ଲୀ, ରାମ ମନୋହରଲାଲ ଲୋହିୟା ଅଚ୍ୟୁତ ପଟଵର୍ଦ୍ଧନ ଓ ଅଶୋକ ମେହେଟାଙ୍କ ଭଳି ବହୁ ସ୍ୱାଧୀନତା ସଂଗ୍ରାମୀ ଙ୍କୁ ବ୍ରିଟିଶ ଗୋଇନ୍ଦାର ଆଢୁଆଳରେ ସେ ଏକ ସ୍ଥାନରୁ ଅନ୍ୟ ସ୍ଥାନଙ୍କୁ ନେଇଛଂତି। ଏପରିକି ଅରୁଣା ଆସଫ ଅଲ୍ଲୀଙ୍କୁ ସେ ଅନେକ ଥର ଛଦ୍ମନାମରେ କଟକ ଆନନ୍ଦ ଭବନ ଘରକୁ ଆଣିଛନ୍ତି।

ବିଜୁବାବୁଙ୍କର ୧୯୩୯ ମସିହାରେ ଜ୍ଞାନଦେବୀଙ୍କ ସହ ବିବାହ ହୋଇଥିଲା। ସେ କାଶ୍ମୀରର ଜଣେ ବଡ଼ ଧନୀ ବ୍ୟକ୍ତିଙ୍କର କନ୍ୟା ଥିଲେ। ବିବାହର ମାତ୍ର ତିନି ବର୍ଷ ପରେ ୧୯୪୩ ମସିହାରେ ଜାନୁଆରୀ ୧୩ ତାରିଖରେ ବ୍ରିଟିଶ ସରକାରଙ୍କ କାର୍ଯ୍ୟକଳାପକୁ ବିରୋଧ କରିବାରୁ ତାଙ୍କୁ ବନ୍ଦୀ କରାଗଲା। ଦିଲ୍ଲୀ ଲାଲକିଲ୍ଲା ଦୁର୍ଗରେ ବନ୍ଦୀ ସମୟରେ ଭାରତର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ତାଙ୍କର ସମ୍ପର୍କ ଆସିଥିଲା। ତନ୍ମଧ୍ୟରେ ଜବାହରଲାଲ ନେହେରୁ, ଭୁଲାଭାଇ ଦେଶାଇ, ତେଜ ବାହାଦୁର ସାପ୍ରୁ ପ୍ରମୁଖ ପ୍ରଧାନ ଥିଲେ।

ବିଜୁବାବୁ ଥିଲେ ଦୁଃସାହସିକତାର ପ୍ରତୀକ। ୧୯୪୭ ମସିହା ମେ ଜୁନ୍ ମାସରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ପ୍ରଥମ ଏସିଆ ସମ୍ମିଳନୀ ଚାଲିଥାଏ। ସେତେବେଳେ ଔପନିବେଶିବାଦ ଅଧୀନରେ ଥିବା ଆଫ୍ରିକା ଓ ଏସିଆର ବହୁ ରାଷ୍ଟ୍ରର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥାନ୍ତି। ଇଣ୍ଡୋନେସିଆ ରାଷ୍ଟ୍ରପତି ସୁକର୍ଣ୍ଣଙ୍କ ନେତୃତ୍ୱରେ ପରିଚାଳିତ ବିପ୍ଳବୀ ସରକାରର ପ୍ରଧାନମନ୍ତ୍ରୀ ଡକ୍ଟର ସାହାରିୟର ମଧ୍ୟ ଅଂଶ ଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ସମଧର୍ମୀ ଦରଦୀ ରାଷ୍ଟ୍ରମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଇଣ୍ଡୋନେସିଆର ଡଚ ସରକାରଙ୍କ ପ୍ରତିଶୋଧମୂଳକ ବ୍ୟବସ୍ଥା ଯୋଗୁଁ ଅସମ୍ଭବ ହୋଇ ପଡୁଛି ବୋଲି ସେ କହିଥିଲେ। ବିଭିନ୍ନ ଦ୍ୱୀପରେ ଥିବା ବିପ୍ଳବୀମାନଙ୍କ ମଧ୍ୟରେ ସମ୍ପର୍କ ରଖିବା ସମ୍ଭବ ହୋଇପାରୁନଥିବା ସେ କହିଥିଲେ। ଏ କ୍ଷତ୍ରରେ ବିମାନଯୋଗେ ବିପ୍ଳବୀ ନେତାମାନଙ୍କୁ ଆଣି ଭେଟ କରାଇବା ଏବଂ ଅସୁବିଧାରେ ଥିବା ନେତାମାନଙ୍କୁ ଉଦ୍ଧାର କରିବା ପାଇଁ ପଣ୍ଡିତ ଜବାହାର ନେହେରୁ ଚିନ୍ତାକରି ଦକ୍ଷ ବିମାନ ଚାଳକ ବିଜୁବାବୁଙ୍କୁ ପଚାରିଲେ 'Why do not you help them?ଏହାର ଉତ୍ତରରେ ବିଜୁବାବୁ କହିଲେ।- Why not, I will try my best'। ଏହାପରେ ବିଜୁବାବଙ୍କର ଇଣ୍ଡୋନେସିଆର ରୋମାଞ୍ଚକର ଅଭିଯାନର ଅୟମାରମ୍ଭ ହୋଇଥିଲା।

ବିଜୁବାବୁ ଓ ତାଙ୍କର ସହଧର୍ମିଣୀ ଜ୍ଞାନ ପଟ୍ଟନାୟକଙ୍କୁ ମାତ୍ର ୧୪ ଦିନର ଶିଶୁ ସନ୍ତାନକୁ ଆୟା ହାତରେ ଛାଡ଼ି ବିମାନରେ ଯାଇଥିଲେ। ସେ ସିଙ୍ଗାପୁରରେ ପହଞ୍ଚିଲେ। ସେତେବେଳେ ଉଚ୍ଚ କର୍ତ୍ତୃପକ୍ଷ ଧମକପୂର୍ଣ୍ଣ ସମ୍ବାଦ ପଠାଇଲେଯଦି ବିଜୁବାବୁଙ୍କ ବିମାନ ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତା ଯାଏ ତେବେ ଗୁଳିମାରି ବିମାନକୁ ଖସାଇ ଦିଆଯିବ। ବିଜୁବାବୁ ଭୟ ନକରି ନିଜର ଡାକୋଟା ବିମାନ ଚଳାଇଲେ। ଏଣେ ଡଚର ୩ଟି ଏୟାର ଫୋର୍ସ ବିମାନ ବିଜୁ ବାବୁଙ୍କ ବିମାନକୁ ଏତେ ଉପରକୁ ନେଲେ ଯେ ସେମାନେ ଏହାର ପତ୍ତା ପାଇଲେ ନାହିଁ। ସେଠାରେ ସେ ଡ.ସୁକର୍ଣ୍ଣସହ ସାକ୍ଷାତ କରିବା, ବିପ୍ଳବୀ ସରକାରର ଉପରାଷ୍ଟ୍ରପତି ଡକ୍ଟର ମହମ୍ମଦ୍ ହଟ୍ଟାଙ୍କୁ ସୁମାତ୍ରାର ଏକ ଉଚ୍ଚ ପାହାଡ଼ରୁ କୌଶଳକ୍ରମେ ଉଦ୍ଧାରକରି ଡାକୋଟାରେ ଦିଲ୍ଲୀ ନେଇଆସି ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ପ୍ରତିରକ୍ଷା ମନ୍ତ୍ରୀ ସର୍ଦ୍ଦାର ବଳଦେବ ସିଂହଙ୍କ ସହ ସାକ୍ଷାତ କରାଇବା ଏବଂ ବିଭିନ୍ନ ଦ୍ୱୀପସହ ସଂଯୋଗ ସ୍ଥାପନ କରି ଡଚ୍ କବଳରୁ ଇଣ୍ଡୋନେସିଆକୁ ମୁକ୍ତ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେଥିପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ ଭୂମିପୁତ୍ର (Son of soil )ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ରାଷ୍ଟ୍ରପତି ସୁକର୍ଣ୍ଣଙ୍କର କନ୍ୟା ମେଘାବତୀ ସେ ଦେଶର ରାଷ୍ଟ୍ରପତି ହୋଇଥିଲେ। ଏହି ନାମଟି ବିଜୁବାବୁ ଦେଇଥିଲେ। ବିମାନରେ ଉଭୟ ରାଷ୍ଟ୍ରପତି ସୁକର୍ଣ୍ଣ ଓ ବିଜୁବାବୁ ବସିଥିବା ବେଳେ ସୁକର୍ଣ୍ଣ ଝିଅର ନାମ କ'ଣ ଦେବାବୋଲି ପଚାରିଥିଲେ। ସେତେବେଳେ ଆକାଶରେ ମେଘଘୋଟି ଥିବାରୁ ଝିଅର ନାମ ମେଘାବତୀ ଦେବାପାଇଁ ବିଜୁବାବୁ କହିଥିଲେ। ଏଣୁ ତାଙ୍କୁ କୁହାଯାଏ ସୁକର୍ଣ୍ଣ ପୁତ୍ରୀ ମେଘାବତୀ।

ଇଣ୍ଡୋନେସିଆ ସ୍ୱାଧିନ ହେବାପରେ ରାଷ୍ଟ୍ରପତି ସୁକର୍ଣ୍ଣଙ୍କର ସିଲ୍ ସହ ବିଜୁବାବୁ ଇଣ୍ଡୋନେସିଆ ସରକାରଙ୍କର ଏକ ଡକୁମେଣ୍ଟରେ ଦସ୍ତଖତ କଲେ। ଏହା ଦ୍ୱାରା ତାଙ୍କୁ ଏକ ତୈଳ ଖଣି, ସେ ଦେଶର ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ସୁଯୋଗ ସୁବିଧା, ପାଞ୍ଚଶହ ବର୍ଗମାଇଲ ପରିମିତ ଏକ ମୂଲ୍ୟବାନ ଜଙ୍ଗଲ ଓ ଡଚ୍ ପରିତ୍ୟକ୍ତ ଏକ ବିରାଟ ପ୍ରାସାଦ ଦିଆ ଯାଇଥିଲା। କିନ୍ତୁ ବିଜୁବାବୁ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ ଉତ୍ସବରେ ସମସ୍ତ ସମ୍ପତ୍ତିର ଡକୁମେଣ୍ଟ ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ଫେରାଇ ଦେଇଥିଲେ।ଏ ସମ୍ପର୍କରେ ବିଜୁବାବୁଙ୍କୁ ପଚାରିବାରେ ସେ କହିଥିଲେ-- 'It was the pleasure of my wife to return this great gift document of Indonesia to President Sukarno as a token of India's good will for the Indonesiaan people!!' ଦେଶରେ ଆଜି ବହୁନେତା ସୃଷ୍ଟି ହୋଇଛନ୍ତି,ବହୁଦାନୀ ବଦାନ୍ୟ ବ୍ୟକ୍ତି ଜନ୍ମ ହୋଇଛନ୍ତି କନ୍ତୁ ବିଜୁ ଦମ୍ପତିଙ୍କର ଏ ମହନୀୟତା ଦେଶ ଜାତିର ସମ୍ମାନ ପାଇଁ ଯୁଗ ଯୁଗ ଧରି ଉର୍ଜସ୍ୱଳ ହୋଇ ରହିବ।

ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ପାକିସ୍ଥାନର ଅନୁରୋଧ ରକ୍ଷାକରି ଇଣ୍ଡୋନେସିଆ ୨ଟି ନୌବହର ପାକିସ୍ଥାନକୁ ପଠାଇ ସାରିଥିଲା ଲାଲବାହାଦୁର ଶାସ୍ତ୍ରୀଙ୍କ ଅନୁରୋଧ ରକ୍ଷାକରି ବିଜୁବାବୁ ଇଣ୍ଡୋନେସିଆ ଗଲେ ଏବଂ ଅଧାବାଟରୁ ସମୁଦ୍ର ବକ୍ଷରୁ ଜାହାଜ ଫେରେଇ ଆଣିବାକୁ ରାଷ୍ଟ୍ରପତି ସୁକର୍ଣ୍ଣ ବାଧ ହୋଇଥିଲେ। ଏବେ ବି ଇଣ୍ଡୋନେସିଆର ଘରେ ଘରେ ବିଜୁବାବୁଙ୍କ ଫଟୋ ପୂଜା ପାଏ। ବିଜୁବାବୁଙ୍କ ବିୟୋଗରେ ଇଣ୍ଡୋନେସିଆରେ ୭ଦିନ ରାଷ୍ଟ୍ରୀୟ ଶୋକ ପାଳନ କରାଯିବା ସହ ସେ ଦେଶର ବହୁ ରାଷ୍ଟ୍ରନେତା ପୁରୀରେ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଭାରତ ଓ ଇଣ୍ଡୋନେସିଆର ଜାତୀୟ ପତାକାକୁ ବିଜୁବାବୁଙ୍କ ଶରୀରରେ ଆଚ୍ଛାଦିତ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ରୁଷିଆ ସରକାର ମଧ୍ୟ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଦିନକ ପାଇଁ ଜାତୀୟ ପତାକା ଅର୍ଦ୍ଧନିର୍ମିତ କରିଥିଲେ। ବିଜୁବାବୁ ଥିଲେ ଯଥାର୍ଥରେ ଆନ୍ତର୍ଜତିକ ଖ୍ୟାତି ସମ୍ପନ୍ନ ରାଷ୍ଟ୍ରୀୟ ନେତା।

ବିଜୁବାବୁ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି। ସେ ଏକ ବହୁମୁଖୀ ଅନୁଷ୍ଠାନ। ତାଙ୍କର କର୍ମମୟ ଜୀବନ ଯୁଗ ଯୁଗଧରି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏବଂ ଓଡ଼ିଆ ଜାତିର ପ୍ରାଣରେ ତାଙ୍କ ବୀରତ୍ୱର ଗାରିମା ଅନୁରଣିତ ହେଉଥିବ।

**ସହଯୋଗୀ ସଂପାଦକ**
**ମୋ-୯୨୩୭୦୮୯୫୦୯**

# ଦରଜୀଠାରୁ ଶିକ୍ଷା



ବନମାଳୀ ବେହେରା

ଦିନେ ବିଦ୍ୟାଳୟ ଅଧାଛୁଟି ଘୋଷଣା ହେବାପରେ ଜଣେ ଦରଜୀର ଛୋଟ ପୁଅଟି ତା'ର ବାପାଙ୍କ ଦୋକାନକୁ ଆସିଲା। ସେଠାରେ ବଡ଼ ଧ୍ୟାନ ସହକାରେ ତା'ର ବାପାଙ୍କ କାମକୁ ନିରୀକ୍ଷଣ କଲା। ସେ ଲକ୍ଷ୍ୟକଲା ତା ବାପା କଇଁଞ୍ଚିରେ କପଡ଼ାକୁ କାଟୁଛନ୍ତି ଏବଂ କାଟିସାରି ତାକୁ ତାଙ୍କ ପାଦତଳେ ରଖୁଛନ୍ତି କିନ୍ତୁ ଛୁଞ୍ଚିରେ ସିଲେଇ କରିସାରି ଛୁଞ୍ଚିକୁ ନିଜ ଟୋପିରେ ଗୁଞ୍ଜି ରଖୁଛନ୍ତି। ଏପରି କାମକୁ ୪/୫ ଥର ଦେଖିବାପରେ ତା ମନରେ କୌତୁହଳ ଜାତହେଲା। ସେ ବୁଝିପାରିଲାନି ବାପା ଏପରି କାହିଁକି କରୁଛନ୍ତି! କଇଞ୍ଚିକୁ ପାଦତଳେ ଏବଂ ଛୁଞ୍ଚିକୁ ମୁଣ୍ଡ ଉପରେ? ତାକୁ ଏସବୁ ଅବୋଧ୍ୟ ହେବାରୁ ସେ ବାପାଙ୍କ ଆଡ଼କୁ ପ୍ରଶ୍ନିଳ ଦୃଷ୍ଟିରେ ଅନାଇ ରହିଲା। ବାପା ତାର ମୁହଁରୁ ଜାଣିପାରିଲେ, ପୁଅ କିଛି ପଚାରିବାକୁ ଚାହୁଁଛି। ତେଣୁ ସେ ସ୍ନେହରେ ପୁଅକୁ ପଚାରିଲେ, ବାପରେ! ମୋତେ କିଛି କହିବୁ କି? କୁହ।

ପୁଅ ସାହସ ପାଇ ପଚାରିଲା, ବାପା ତୁମେ କଇଞ୍ଚିରେ କପଡ଼ା କାଟିସାରି ତାକୁ ପାଦତଳେ ରଖୁଛ। କିନ୍ତୁ ଛୁଞ୍ଚିରେ ସିଲେଇ କରିସାରି ତାକୁ ମୁଣ୍ଡରେ ପିନ୍ଧିଥିବା ଟୋପିରେ ଗୁଞ୍ଜିକରି ରଖୁଛ କାହିଁକି? ଏହାର ଉତ୍ତର ବାପା ଯାହାଦେଲେ ତାର ଦୁଇଧାଡ଼ିର ମର୍ମାର୍ଥ ଜୀବନର ସାରକଥା ଥିଲା। ଉତ୍ତର ଥିଲା- ପୁଅ କଇଞ୍ଚି କାଟିବା କାମକରେ ଏବଂ ଛୁଞ୍ଚି ଯୋଡ଼ିବା କାମକରେ। କାଟିବାବାଲାର ସ୍ଥାନ ସଦାବେଳେ ନୀଚ ହୋଇଥାଏ, ପରନ୍ତୁ ଯୋଡ଼ିବା ବାଲାର ସ୍ଥାନ ସର୍ବଦା ଉପର ହୁଏ। ଏହି କାରଣ ଯୋଗୁଁ ମୁଁ କଇଞ୍ଚିକୁ ପାଦତଳେ ଏବଂ ଛୁଞ୍ଚିକୁ ଟୋପି ଉପରେ ଲଗାଇ ରଖେ।

ଉପରୋକ୍ତ ପଂକ୍ତିର ସାରମର୍ମ ହେଉଛି- କଟାକଟି, ହଣାମରା ଇତ୍ୟାଦି ନୃଶଂସ କାମ, ହେଉଛି ନୀଚ ସ୍ତରର କାମ ପରନ୍ତୁ ସୁସ୍ଥ ଜୀବନଯାପନ ତଥା ଶାନ୍ତି ଓ ସଦଭାବନା ପାଇଁ ଯୋଡ଼ିବା ବା ମିଳାମିଶା କରେଇବା ପାଇଁ ପ୍ରଚେଷ୍ଟା ହେଉଛି ଉଚ୍ଚ ଓ ମହତ୍‌କର୍ମ।

**ଭଗବତୀ ସମିଲ ଲେନ୍, ଜଟଣୀ**
**ମୋ- ୯୪୩୭୭୬୨୧୫୦**

# ବୋଝ



ତ୍ରିଲୋଚନ ମହାପାତ୍ର

ଗୋଟିଏ ଗାଁରେ ଜଣେ ଜମିଦାର ଥିଲେ। ଅତିଲୋଭୀ, ସେ ଯେକୌଣସି ଉପାୟରେ ଧନସମ୍ପତ୍ତି ଠୁଳ କରିବାରେ ଲାଗିଥିଲେ। ଅନ୍ୟମାନଙ୍କର ଜମି ହଡ଼ପ କରି ନିଜର ଜମି ପରିମାଣ ବଢ଼ାଉଥିଲେ। ସେଥିରେ ତାଙ୍କର ମହା ଆନନ୍ଦ।

ସେଇ ଗାଁରେ ଜଣେ ବୁଢ଼ୀ ଥିଲେ। ତାଙ୍କର ଖଣ୍ଡିଏ ଜମିଥିଲା। ସେଇଟିକୁ ଜମିଦାର ନିଜର କରିନେଲେ। ବୁଢ଼ୀଙ୍କର ମନଦୁଃଖ ହେଲା। ସେ ଦିନେ ଜମିଦାରଙ୍କ ନିକଟରେ ପହଞ୍ଚିଲେ। ବଡ଼ ନେହୁରା ହୋଇ କହିଲେ, 'ଆପଣ ତ ମୋ ଜମି ଖଣ୍ଡିକ ନେଇଗଲେ। ହେଲେ ସେଥିରୁ ବୋଝଟିଏ ମାଟି ନେବାକୁ ମୋତେ ଅନୁମତି ଦିଅନ୍ତୁ। ମୋ ଘରେ ମାଟିତକ ସାଇତି ରଖିବି। ତାକୁ ଦେଖି ଜମି ହରାଇବା ଦୁଃଖ ଭୁଲିଯିବି।'

ଜମିଦାର ମନେ ମନେ ଭାରି ହସିଲେ। କହିଲେ- 'ହଉ, ବୋଝେ ମାଟି ନେଇଯା।'

ବୁଢ଼ୀ ଗୋଟିଏ ବଡ଼ ବୋଝ ଓ ଛୋଟ ଶାବଳଟିଏ ଧରି ଜମିରେ ପହଞ୍ଚିଲେ। ମାଟି ଖୋଳି ବୋଝରେ ରଖିଲେ। ବୋଝ ପୂର୍ଣ୍ଣ ହୋଇଗଲା।

ଏଣେ ଜମିଦାର ସିନା କହିଦେଲେ, ହେଲେ ମନଟା ଦୁକୁଦୁକୁ ହେଲା। ବୁଢ଼ୀ କ'ଣ ଗୁଣିଗାରେଡ଼ି କରିଦେବ କି! ସେ ଜମିକୁ ଗଲେ। ଦେଖିଲେ, ବୁଢ଼ୀ ବୋଝରେ ମାଟି ପୂର୍ଣ୍ଣ କରି ବସିଛି।

ଜମିଦାରଙ୍କୁ ଦେଖି ବୁଢ଼ୀ କହିଲେ- ମାଟି ବୋଝଟି ମୋ ମୁଣ୍ଡଟିକୁ ଟିକେ ଟେକି ଦିଅ ତ। ଜମିଦାର କହିଲେ- ତୁ ତ ବୁଢ଼ୀଲୋକ। ବଡ଼ ବୋଝଟିଏ ଆଣିଛୁ। ସେଇଟିକୁ ପୂର୍ଣ୍ଣ କରିଦେଇଛୁ। ତୋ ମୁଣ୍ଡକୁ ଦେଲେ ବେକ ଭାଙ୍ଗିପଡ଼ିବ। ତୁ ପଡ଼ିଯିବୁ। ଘରଯାଏ ଯିବୁ କେମିତି?

ବୁଢ଼ୀ କହିଲେ- ମୁଁ ବୋଝଟିଏ ମାଟି ନେବାକୁ ଅକ୍ଷମ। ତୁମେ ଜମି ପରେ ଜମି ଦଖଲ କରିବାକୁ ଲାଗିଛ। ଏତେଗୁଡ଼ିଏ ଜମି କେମିତି ନେବ?

ଜମିଦାର ବୁଢ଼ୀଙ୍କ କଥାର ଅର୍ଥ ବୁଝିଗଲେ, ଲଜ୍ଜିତ ହେଲେ। ବୁଢ଼ୀଙ୍କର ତଥା ଅନ୍ୟମାନଙ୍କ ଜମି ଫେରେଇ ଦେଇ ଶାନ୍ତିରେ ଜୀବନ କଟେଇଲେ।

ବହିଘର, ଜଟଣୀ
ମୋ- ୯୯୩୮୯୯୪୮୨୨

# ଆକାଶ ହସୁଛି

ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ

ସହରଠାରୁ ଅଳ୍ପଦୂରରେ ହରିପୁର ଏକ ଛୋଟିଆ ଗାଆଁ। ସେଇ ଗାଆଁର ମନଜିତ୍ ତାର ସ୍ତ୍ରୀ ସୁନୀତା ସହିତ ଏକ ଛୋଟ ଚଷା ପରିବାର ଚାଷବାସ କରି ସଂସାର ଚଳିଯାଏ। ଯେଉଁ ବର୍ଷ ଭଲ ଫସଲ ହୁଏ ସେ ବର୍ଷ ଭଲରେ ଚଳିଯାଏ- ଏମିତି ଚାଲିଥାଏ ସଂସାର ତାଙ୍କର। ପୁଅକୁ ଅନେଇ ଅନେଇ ଲାଗ ଲାଗ ଦୁଇଟି ଝିଅରେ ତାଙ୍କର ସଂସାର ବଢ଼ି ଚାଲିଲା- ଭଗବାନଙ୍କ ଅଶେଷ କୃପାରୁ କିଛିଦିନ ପରେ ପୁଅଟିଏ ତାଙ୍କ ଘରକୁ ଆସିଲା- ସମସ୍ତଙ୍କ ଖୁସି କହିଲେ ନସରେ। ଭୋଜି ଭାତରେ କିଛିଦିନ କଟିଗଲା। ଆନନ୍ଦରେ ଦିନସବୁ ଗଡ଼ିଚାଲିଲା। ଦୁଇଝିଅ ଯେମିତି ସେମିତି ବିଭା ହୋଇଗଲେ। ପୁଅ ଗଗନ ଗାଁ କଲେଜରୁ ବି.ଏ ପାଶ୍ କଲାପରେ ଈଶ୍ୱର କୃପାରୁ ଭୁବନେଶ୍ୱରର କେଉଁ ଅଫିସ୍‌ରେ କିରାଣୀ ଚାକିରି ପାଇଲା। ମନଜିତ୍‌ର ମନ ଖୁସିରେ ଆକାଶ ଛୁଇଁଲା ଯେମିତି। ପାଠୋଇ ଝିଅଟିଏ ଦେଖି ଗଗନର ବାହା କରିଦେଲେ। କିଛିଦିନ ପରେ ନାତିଟିଏ ଘରକୁ ଆସିଲା। ସମସ୍ତଙ୍କର ଆନନ୍ଦର ସୀମା ନଥାଏ। ଜେଜେ ଓ ଜେଜେମା ନାତିର ସବୁ ଯତ୍ନ ନେଉଥାନ୍ତି- ସବୁ ଯେମିତି ସୁରୁଖୁରୁରେ ଚାଲିଥାଏ।

ନାତିର ପାଠ ପଢ଼ିବା ବୟସ ହେବାରୁ ପୁଅ ବୋହୂ ନାତିର ଭଲ ସ୍କୁଲରେ ପଢ଼ାଇବା ନିଶାରେ ଗାଆଁ ଛାଡ଼ି ସହର ଚାଲିଆସିଲେ। ଜେଜେ ଜେଜେମା ମନରେ ଆଘାତ ଲାଗିଲା ସତ, ହେଲେ ବି ନିଜ ନାତି ତ, ବାହାରେ ରହି ଭଲ ସ୍କୁଲରେ ପଢ଼ିଲେ ତାଙ୍କର ବି ନାଆଁ ହେବ- ଏଇ କଥା ଭାବି ବୁଢ଼ାବୁଢ଼ୀ ମନକୁ ବୁଝାଇଦେଲେ। ଦିନ ଏମିତି ଗଡ଼ିଚାଲିଲା। ନାତିକୁ ଦେଖିବା ପାଇଁ ଜେଜେ ମଝିରେ ମଝିରେ ସହରକୁ ଯାଆନ୍ତି, ନାତିକୁ ଦେଖି ପୁଣି ଫେରିଆସନ୍ତି- ଗାଁରେ ସୁନୀତା ପାଖରେ ନାତିକଥା ଶୁଣାଇ ତାଙ୍କୁ ଖୁସି କରାନ୍ତି। ଏମିତି ଚାଲିଥାଏ ଜୀବନ।

କିଛିଦିନ ଗଲାପରେ ମନଜିତ୍ ଅନୁଭବ କଲେ ଗଗନ ଏବେ ତାଙ୍କୁ ଦେଖିଲେ ଆଗପରି ଏତେ ଖୁସି ହେଉନାହିଁ। ଗଗନ ମନେମନେ ଭାବୁଛି ବାପା ତା ଠାରୁ କିଛି ଟଙ୍କା ପାଇବା ଆଶାରେ ଆସୁଛନ୍ତି - ବିଲବାଡି କାମରେ ଲଗାଇବା ପାଇଁ।ଏହାବି ବୋହୂ ଧାରଣା। ଏବେ ସେମାନଙ୍କର ଖର୍ଚ୍ଚ ବଢ଼ିବାରେ ଲାଗିଛି।ଏମିତି ଭାବନାରେ ସେମାନେ ଉବୁଟୁବୁ। ତେଣୁ ଯେତିକି ଦରକାର ସେତିକି ମପାଚୁପା କଥାକହି କାମର ବାହାନା କରି ଘରୁ ବାହାରି ଯାଉଛି ଗଗନ। ବାପା ସାଙ୍ଗରେ ବସି ପଦେ କଥା ହେବାକୁ ତାର ଯେମିତି ସମୟ ନାହିଁ। ମନଜିତ୍ ନୀରବ ରହନ୍ତି- ଯେତେ ହେଲେ ପୁଅ ତ? ମନଜିତ୍ କେବଳ ନାତିକୁ ଦେଖି ଖୁସି ହୋଇ ତା ହାତରେ ୫୦୦ଟଙ୍କାଟିଏ ଗୁଂଜିଦେଇ ଚାଲିଆସନ୍ତି- ରାତିରେ ଗଗନ ପାଖରେ ପ୍ରାୟ ଆଉ ଏବେ ରହୁନାହାନ୍ତି ସେ।

ଗଗନର ଚିନ୍ତା ବଢ଼ିଯାଇଥାଏ। ଆଉ ମାସରେ ପୁଅ ଜନ୍ମଦିନ, ତାର ଲୁଗାପଟା, ସ୍ତ୍ରୀର ମେଡ଼ିସିନ୍ ଖର୍ଚ୍ଚ- ଇତ୍ୟାଦି ଇତ୍ୟାଦି କେମିତି କରିବ ମୁଣ୍ଡ କାମ କରୁନଥାଏ। ହଠାତ୍ କବାଟ ଠେଲି ବାପା (ମନଜିତ୍) ଦୁଇହାତରେ ଦୁଇବ୍ୟାଗ୍‌ରେ କଣ ଜିନିଷ ଭର୍ତ୍ତିକରି ଭିତରକୁ ପଶିଆସିଲେ। ଏସବୁ ନାତିର ଜନ୍ମଦିନ ପାଇଁ କହି ତଳେ ଚକା ପକାଇ ବସିପଡ଼ିଲେ। ସ୍ନେହରେ ଆଉଁଷି ଦେଲେ ପୁଅ ମୁଣ୍ଡକୁ ଆଉ କହିଲେ ତମ ସମସ୍ତଙ୍କ ପାଇଁ ତୋ ବୋଉ ପଠେଇଛି ପରା।

ଖିଆପିଆ ସରିଲାପରେ- ଗଗନକୁ ପାଖରେ ବସେଇ ପିଠି ଆଉଁଷି ଦେଇ କହିଲେ- କିରେ ତୁ ଶୁଖିଲା ଦିଶୁଛୁ କାହିଁକି? କ'ଣ ଦେହ ଭଲ ନାହିଁ ନା କଅଣ? ହଠାତ୍ ପକେଟ୍‌ରୁ ୧୦୦ ଟଙ୍କିଆ ନୋଟ୍‌ର ଗୋଟାଏ ବିଡ଼ା ବାହାର କରି ଗଗନ ହାତରେ ଗୁଂଜିଦେଲେ- କହିଲେ ନେଏ- ଏତକ ରଖିଥାଆ, କାମରେ ଲାଗିବ। ଏବର୍ଷ ଭଲ ଅମଳ ହୋଇଥିଲା ତ। ରଖିଥାଆ- ତୋର ବୋହୂର ଓ ନାତିର ଭଲମନ୍ଦ ଖର୍ଚ୍ଚରେ ଲାଗିବ। ମୁଁ ଯାଉଛି। ମୋର ଗାଡ଼ି ବେଳ ହୋଇଗଲାଣି ବୋଲି କହି ସାଙ୍ଗେ ସାଙ୍ଗେ ଘରୁ ବାହାରି ଗହଳି ଭିତରେ ହଜିଗଲେ। ଗଗନ ଆକାଶକୁ ଚାହିଁଲା, ନୋଟ୍ ବିଡ଼ାକ ତା ହାତ ଭିତରେ ଯେମିତି ଭାରି ଭାରି ଲାଗୁଥିଲା। ବାସ୍ତବିକ୍ ସେ ସ୍ତମ୍ଭୀଭୂତ୍ ହୋଇ ଠିଆ ହୋଇଯାଇଥିଲା- ସମ୍ପୂର୍ଣ୍ଣ ନିର୍ବାକ୍ ନିଷ୍ପନ୍ଦ କବନ୍ଧଟିଏ ଯେମିତି?

ସତେ ଏ ଆକାଶ କେତେ ବଡ଼- ଗଗନ ଯେମିତି ଆଜି ଏକଥା ପ୍ରଥମ କରି ଜାଣିପାରିଛି- ଆଗରୁ ସେ ଆକାଶ ଦେଖିଥିଲା କି ନାହିଁ ସେ କଥା ତାର ଆଉ ମନେନାହିଁ।

ତାର ଅଜାଣତରେ ଆଖି ତାର ଓଦା ହୋଇଯାଇଥିଲା। ଗଗନ ଆଖି ପୋଛି ପୁଣି ଆକାଶକୁ ଚାହିଁଲା- ଆକାଶ ହସୁଛି।

ହାଉସିଂବୋର୍ଡ କଲୋନୀ
ପି.ଏନ.କଲେଜ,ଖୋରଧା
୯୪୩୭୨୮୧୬୫୫

## ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡ଼ିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡ଼ିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

| | | | | | | | | |
|---|---|---|---|---|---|---|---|---|
| | | 4 | 2 | | 5 | | | 3 |
| 5 | 2 | | | 1 | | | 6 | 7 |
| | | 3 | 7 | | 4 | 1 | | |
| | 5 | 6 | | 2 | | | 4 | 9 |
| 3 | | 1 | | 4 | | 6 | | 2 |
| 2 | | 9 | 3 | | 6 | | 5 | |
| | 1 | | | 3 | | 2 | | 8 |
| | 3 | | 4 | | 2 | | 1 | |
| | | 2 | 8 | | 1 | 7 | | 4 |

ସୁ-ଡୋକୁ ଉତ୍ତର ୨୬ ପୃଷ୍ଠାରେ



# ବାଳିକା ବଧୂର ଦୁଃଖର କାହାଣୀ

**କମଳିନୀ ବେହେରା**

ମୋତେ ଏମିତି ବଲବଲ କରି କଣ ଚାହୁଁଛ ? ମୋତେ କଣ ଚିହ୍ନି ପାରୁନ ? ମୁଁ ପରା ବାଳିକା ବଧୂ ! ମୋ ପରି ବାଳିକା ବଧୂ ପ୍ରତ୍ୟେକ କୋଣ ଅନୁକୋଣରେ ଅଛନ୍ତି । ଆଉ ମୋ ପରି ନୀରବରେ ଲୁହ ଢ଼ାଳୁଛନ୍ତି ।

ଏଇ ରଙ୍ଗଣୀ ପାଟଣାର ବଡ଼ ସାହିରେ କଣ ଗୋଟିଏ କାର୍ଯ୍ୟକ୍ରମ ଚାଲିଛି । ଏଠାରେ ଅନେକ ଗୁରୁଜନ ଆଉ ଭାଇ ଭଉଣୀମାନେ ଅଛନ୍ତି । ଏଣୁ କୌଣସି ମୋତେ ମୁଁ ଦୌଡ଼ି ଆସୁଛି, ସମସ୍ତଙ୍କୁ ମୋର ଦୁଃଖର କାହାଣୀକୁ ଶୁଣାଇବାକୁ ।

ଆପଣମାନେ ଦେଖନ୍ତୁ । ମୋ ହାତରେ ଚୁଡ଼ି । ପାଦରେ ଝୁଣ୍ଟିଆ ଆଉ ମଥାରେ ସିନ୍ଦୂର । ମୋ ପଢ଼ା ଅଧାରେ ରହିଗଲା । ମୋ ସ୍ୱପ୍ନ ଭାଙ୍ଗିଗଲା । ଭଲ ବର ଭଲ ଘର ଦେଖି ମୋତେ ବିବାହ କରିଦିଆଗଲା । ୧୮ବର୍ଷ ପୂର୍ବରୁ । ମୁଁ ବାପ ଘରେ ପ୍ରଜାପତିଟିଏ ପରି ଉଡ଼ିବୁଲୁଥିଲି । ଆଉ ଏଠାରେ ସବୁକିଛି ରୁଟିନ୍ ବନ୍ଧା ଜୀବନ । ରାତି ନ ପାହୁଣୁ ଉଠ । ଘର ଓଳାଅ । ବାସନ ମାଜ । ଲୁଗା ସଫା କର । ଶୀଘ୍ର ନିତ୍ୟକର୍ମ ସାର । ଠାକୁର ପୂଜା କର । ରୋଷେଇ କର । ସମସ୍ତଙ୍କ ମନ ଜାଣି ପରଷ । ସମସ୍ତଙ୍କଠାରୁ ଶୀଘ୍ର ଉଠ । ସମସ୍ତଙ୍କ ପଛରେ ଶୁଅ । ମୁଁ ଏତେ ସବୁ କାମ କରିପାରୁନି । ଏକା ବେଳକେ ଥକି ପଡୁଛି । ମୋତେ ଖୁବ୍ ଅଣନିଃଶ୍ୱାସୀ ଲାଗୁଛି । ଅଉ ନୀରବରେ ଲୁଚି ଲୁଚି ଲୁହ ଢ଼ାଳୁଛି ।

ମୋ ଝିଆରୀ ପୁତୁରା, ସାନ ନଣନ୍ଦ ଯେତେବେଳେ ଅଗଣାରେ ଖେଳନ୍ତି, ମୋର ଭାରି ଇଚ୍ଛା ହୁଏ, ଏଇ ଲୁଗାଟିକୁ କାଢ଼ି ଫ୍ରକ୍‌ଟିଏ ପିନ୍ଧି ସେମାନଙ୍କ ସହ ଖେଳିବାକୁ । ମସ୍ତି କରିବାକୁ । କିନ୍ତୁ ସେ ମସ୍ତି ମୋ ପାଇଁ ଆଜି ଲକ୍ଷ୍ମଣ ଗାର ପାଲଟିଛି ।

ମୁଁ ସେଦିନ ପ୍ରତିବାଦ କରିଥିଲି । ମୋର ଆଗେ ପାଠପଢ଼ା ସରୁ ତାପରେ ବିବାହ କରିବ । କିନ୍ତୁ ସେଇ ପ୍ରତିବାଦର ସ୍ୱର ଖୁବ୍ କ୍ଷୀଣ ଥିଲା । ଆଜି ତାର କଷ୍ଟ କଣ ମୁଁ ଅଙ୍ଗେ ଅଙ୍ଗେ ଲିଭାଉଛି । ମୋ ଘରେ ମୋ ସାନ ନଣନ୍ଦ ଅଛନ୍ତି । ଝିଆରୀମାନେ ଅଛନ୍ତି । ସେମାନଙ୍କର ବିବାହ ଯଦି ୧୮ବର୍ଷ ପୂର୍ବରୁ କରାଯାଏ, ନିଶ୍ଚିତ ମୁଁ ଏହାର ଦୃଢ଼ ପ୍ରତିବାଦ କରିବି । ଆବଶ୍ୟକ ହେଲେ ଆଇନର ସହାୟତା ନେବି, ପରିଣାମ ଯାହା ହେଉ ନା କାହିଁକି, ଆଉ ମୋ ଝିଅ ହେଲେ......, ମୋଟେ ନୁହେଁ । ୧୮ବର୍ଷ ପୂର୍ବରୁ ତାର ଶାରୀରିକ, ମାନସିକ, ସ୍ତରରେ ସାମର୍ଥ୍ୟ ନ ଥିବ । ତାକୁ କେବେ ବି ବାଳିକା ବଧୂ ସଜାଇ ଦେବିନି । ଯେତେ କନିଆକୁ ସେତେ ବର । ମୋ ଝିଅର ପାଠପଢ଼ା ସରିବ । ଘରକରଣା ଟିକିଏ ଶିଖାଇବି । ତାପରେ ଖୁବ୍ ଧୁମ୍‌ଧାମ୍‌ରେ ତାର ବିବାହ କରାଇବି ।

ଶୁଣିଲେ ତ ଏକ ବାଳିକା ବଧୂର ଦୁଃଖର କାହାଣୀକୁ । ମୋ ଦୁଃଖକୁ ଆପଣମାନେ ଅନୁଭବ କରିପାରିଲେ ତ ? ଗୁରୁଜନମାନଙ୍କୁ ମୋର ବିନମ୍ର ପ୍ରାର୍ଥନା, ଆପଣଙ୍କ ଗେଲି ଝିଅକୁ ମୋ ପରି ବାଳିକା ବଧୂ କରିବାକୁ ଦେବେନି । ଆଉ ଯେଉଁଠାରେ ଏପରି ଘଟଣା ଘଟୁଥାଏ, ନିଜ ଝିଅ ବୋଲି ଭାବି ଏହାର ଦୃଢ଼ ପ୍ରତିବାଦ କରିବେ । ନମସ୍କାର ।

**ପ୍ରଧାନ ଶିକ୍ଷୟିତ୍ରୀ, ଉଦ୍ଧବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,**
**ରଙ୍ଗଣୀପାଟଣା ଗ୍ରା/ପୋ- ରଙ୍ଗଣୀପାଟଣା**
**ଥାନା- ଓଡ଼ଗାଁ, ଜିଲ୍ଲା- ନୟାଗଡ଼**

# ପ୍ରାରବ୍ଧ

**ଶ୍ରୀମତୀ ପଦ୍ମାବତୀ ପାଢ଼ୀ**

ଆଉ ରଚନାରେ ମନ୍ଦମତି କଳଙ୍କିତ ଅଧ୍ୟାୟ,
ସର୍ବକର୍ମ ହିସାବ ତୋ କରିନେବ ଆଦାୟ ।
ସଭିଙ୍କ ଉର୍ଦ୍ଧ୍ୱରେ ରହି ସବୁସେ ଦେଖୁଛି,
ସର୍ବୋଚ୍ଚ ନ୍ୟାୟାଧୀଶ ନ୍ୟାୟ ସେ ଦେଉଛି ।
ଭଲମନ୍ଦ କର୍ମ ସେ ଯେ ନେବରେ ପରଖି,
ସୁକର୍ମ ସୁପଥେ ତେଣୁ ଚାଲୁଥା ସଳଖି ।
କୁକର୍ମରେ ମାତି ଯେବେ ହେବୁ ପଥଭ୍ରଷ୍ଟ,
ଜଗତ କରତା ତୋତେ ହେବେ ଅସନ୍ତୁଷ୍ଟ ।
ଆଜି ବୁଣିଥିବୁ ତୁହି ଯେଉଁଭଳି ମଞ୍ଜି,
ଜଗତ ବିଧାତା ଫଳଦେବେ ଜାଣି ଖଞ୍ଜି,
ଆତ୍ମା ସ୍ୱଚ୍ଛ ସବୁକିଛି ତୋର ଜାଣୁଥାଇ,
ଅର୍ଥ୍ୟ ପ୍ରାୟ ମନ ତୋର ମିଥ୍ୟାରେ ଭ୍ରମଇ ।
ଲବ୍ଧ ଜୀବନରେ ଯଦି ଦୁଷ୍କର୍ମ କରିବୁ,
ସାତ ଜନମ ପ୍ରାରବ୍ଧ ଦୁଃଖ ତୁ ଭୋଗିବୁ ।
ମାଧବ ସେବା କରୁଥା ମାନବ ସେବାକରି,
ଅନ୍ତକାଳେ ତୋର ପ୍ରାପତ ହେବେ ହରି ।

ଶିକ୍ଷୟିତ୍ରୀ
ରାମନାଗୁଡ଼ା, (ରାୟଗଡ଼ା)

# ବାଘ କାନ୍ଦୁଛି

ଉମାକାନ୍ତ ମହାନ୍ତି

ବାଘଟି ନିତି ରାତିରେ ଆସି ମାଳତୀ ମୁଣ୍ଡା ଘରଦୁଆର ମୁହଁରେ ବସେ। ବୋହୂ ମାଳତୀ, ପୁଅ ସଉରା ଏବଂ ତା' ପିଲାମାନଙ୍କୁ ମନପୂରାଇ ଦେଖେ। ଛଳଛଳ ଆଖିରେ କେଜାଣି କେତେ ମନକଥା କହିଥାଏ; ସୁଁ ସୁଁ ହୋଇ ବହେ କାନ୍ଦେ। ରାତି ପାହିବା ଆଗରୁ କୁଆଡ଼େ ଚାଲିଯାଏ, ପୁଣି ଆର ରାତିକୁ ଆସେ। ବାଘଟି କାହିଁକି ନିତି ରାତିରେ ମାଳତୀ ମୁଣ୍ଡା ଘରକୁ ଆସୁଛି, ଶୁଣିଲେ କାହାରି ଆଖିରେ ବି ଲୁହ ରହିବ ନାହିଁ।

ପୁରୁଣା ଦିନର କଥାଟିଏ। ମାଳତୀ ମୁଣ୍ଡା ଆଉ ତା' ଗେରସ୍ତ ସଉରା ମୁଣ୍ଡା ଜାତିରେ ଆଦିବାସୀ। ଓଡ଼ିଶା ମୁଲକର ପୁରୁଣା ଜୟପୁର ରାଜ୍ୟର ଛୋଟିଆ କମଦାରୀଟିଏ- ପାହାଡ଼ ମାଳ। ଆଉ ଜମିଦାର ହେଉଛନ୍ତି ମଦେଇ ମହାନନ୍ଦ। ମାଳତୀ ଆଉ ସଉରା ଏଇ ପାହାଡ଼ମାଳ ଜମିଦାରୀର ପାତ୍ରପଡ଼ା ଗାଁର ବାସିନ୍ଦା। ହାରାହାରି ଶହେ ଖଣ୍ଡ ଗାଁକୁ ନେଇ ଏଇ ଜମିଦାରୀଟି ବିସ୍ତୃତି ଲାଭ କରିଛି।

ଜମିଦାରୀଟିରେ ଉଚ୍ଚା ଉଚ୍ଚା ପାହାଡ଼, ଗହଳିଆ ଜଙ୍ଗଲ ସାଙ୍ଗକୁ ଜଗି ଜଗି ଡ଼େଇଁ ଡ଼େଇଁ ଆଗେଇ ଯାଉଥିବା କେତୋଟି ପାହାଡ଼ିଆ ନଈ ସହିତ ରହିଛି ସ୍ୱଚ୍ଛ ସଲୀଳା ଝରଣା କେତୋଟି।

ବେଶ୍ କିଛି ଖାଲୁଆ, ଢ଼ିପୁଆ, ଟାଙ୍ଗରା ଜମି ସହିତ ପୁଳାଏ ସମତଳ ଚାଷ ଜମି ବି ରହିଛି। ତୋଟାମାଳ ଭରି ରହିଛି। ଜଙ୍ଗଲରେ ମିଳୁଥିବା କେନ୍ଦୁପତ୍ର, ତେନ୍ତୁଳି, ଲାଖ, ଝୁଣା, ମହୁଲ, ହରିଡ଼ା, ବାହାଡ଼ା, ଅଁଳା, ଖଇର, କାଠ, ବାଉଁଶ, ବେତ, ମହୁ ଆଦିରୁ ଜମିଦାରଙ୍କୁ ଢ଼େର୍ ପଇସା ମିଳିଥାଏ।

ଏଥି ସହିତ ଆଦିବାସୀ ପ୍ରଜାମାନେ ଧାନ, କାନ୍ଦୁଲ, ପାଳୁଅ, ରାଶି, ହଳଦି, ମକା, ମାଣ୍ଡିଆ, ବିରି, ମୁଗ, ଆଳୁ, କନ୍ଦମୂଳ, କୋଳଥ, ପିଆଜ ଆଦି ନାନାପ୍ରକାର ଫସଲ ଚାଷ କରିଥାଆନ୍ତି। ପ୍ରଜାମାନେ ଏବଂ ନିଜେ ଜମିଦାର୍ ବେଶ୍ ଭଲରେ ଚଳନ୍ତି।

ଜମିଦାର ସଦେଇ ମହାନନ୍ଦ ଜଣକ କିନ୍ତୁ ଭଲଲୋକ ନୁହେଁ। ସେ ଲୋକମାନଙ୍କୁ ଅଯଥାରେ ହଇରାଣ ହରକତ କରେ; ବେଠି ଖଟାଏ; ମୂଲମଜୁରୀ ମାଗିଲେ ବାନ୍ଧି ପକାଇ ପିଆଦା ଲଗାଇ ମାଡ଼ଗାଳି ଦିଏ।

ଦିନତମାମ୍ ଘୋଡ଼ୀଟାଏ ଚଢ଼ି ଜମିଦାରୀ ସାରା ପଇଁତରା ମାରୁଥାଏ। କାହା ବାଡ଼ିରେ ଭଲ ପରିବା, ଫଳମୂଳ କିମ୍ବା କାହା ବାଡ଼ିରେ ଫଳମୂଳ କିମ୍ବା କାହାଘରେ କୁକୁଡ଼ା ପଟେ କି ଛେଳୀ ଖାସିଟିଏ ଦେଖିଲେ, ତା'ପାଟିରୁ ଲାଳ ବୋହିପଡ଼େ। ପିଆଦା ପଠାଇ ଉଠାଇ ନିଏ। ପାତ୍ରପଡ଼ା ଗାଁର ସଉରା ମୁଣ୍ଡାର ବାପ ଶୁକ୍ରାମୁଣ୍ଡା ଥାଏ ଜମିଦାରଙ୍କ ପିଆଦା ଦଳର ମୁଖିଆ।

ସେତେବେଳେ ଶୁକ୍ରା ଥାଏ ଜଣେ ପାଞ୍ଚହତା ମର୍ଦ୍ଦ, ଚଉଡ଼ା ଛାତି, ଶାଳଗଜା ଭଳି ଦି'ଟା ହାତ; ବାଘ ମୁହଁ ଭଳି ମୁହଁ। ଦେହରେ ଥାଏ ଗୋଟାଏ ପୋଢ଼ର ବଳ। ତେଣୁ ଜମିଦାର ଯେତେ ଯାହା ଅତ୍ୟାଚାର କଲେ ବି, ଶୁକ୍ରାକୁ ଡ଼ରିମରି ଲୋକେ କିଛି କହିପାରନ୍ତି ନାହିଁ, କରମ ଆଦରି ସହିଯାଆନ୍ତି।

ଥରେ ଜମିଦାରଙ୍କ ବଡ଼ ପୁଅର ବାହାଘର ଠିକ୍ ହୋଇଗଲା। ବାପ ଭଳି ପୁଅଟା ମଧ୍ୟ ଦୁର୍ଦ୍ଧାନ୍ତ ପ୍ରଜାମାନଙ୍କୁ ହଇରାଣ ହରକତ କରିବାରେ ତାର ଆନନ୍ଦ। ବାହାଘର ଖର୍ଚ୍ଚ ଏବଂ ମଉଜ ମଜ୍‌ଲିସ୍ ପାଇଁ ପ୍ରଜାମାନଙ୍କ ଠାରୁ ଜବରଦସ୍ତ ଭେଟି ଆକାରରେ ଟଙ୍କା- ପଇସା ସାଙ୍ଗକୁ ଚାଉଳ, ଡ଼ାଲି, ଘିଅ, ଦୁଧ, ଦହି, ଛେନା, ମାଛ, ମାଉଁସ, ପନିପରିବା ପ୍ରଚୁର ପରିମାଣରେ ଆଦାୟ ହେଲା। ଆଠ- ଦଶ ଦିନ ଧରି ବାହାଘର ଭୋଜିଭାତ ଚାଲିଥାଏ, ବହେ ଜିନିଷ ନହେଲେ ଚଳିବ କେମିତି ?

ଏସବୁରେ ରଖାଥୁଆ ଦାୟିତ୍ୱ ଶୁକ୍ରା ଉପରେ ପଡ଼ିଲା। ଜମିଦାରଙ୍କ ଉଆସରେ କୁଣିଆ ମଇତ୍ର ମାନଙ୍କର ଚର୍ଚ୍ଚା ପାଇଁ ଜଣେ ସ୍ତ୍ରୀଲୋକ ଆବଶ୍ୟକ ହେଲା। ଜମିଦାର ଶୁକ୍ରାର ସ୍ତ୍ରୀ ଲବଙ୍ଗଙ୍କୁ ଦୁଇ-ତିନି ଦିନପାଇଁ ଉଆସକୁ ପଠାଇଦବାକୁ ଶୁକ୍ରାକୁ କହିଲେ।

ଲବଙ୍ଗ ରଙ୍ଗରେ କଳା ହେଲେ କଅଣ ହେଲ, ଦେଖିବାକୁ ବେଶ୍ ଡ଼ଉଲ ଡ଼ାଉଲ କଳା ମୁଗୁନି ପଥରରେ ନିଖୁଣ ଭାବେ ଗଢ଼ା ଦେବୀପ୍ରତିମାଟିଏ ଭଳି ଦେଖାଯାଏ....। ଗୋଲ ମୁହଁ, ଧାରୁଆ ନାକ, ସଫା ସଫା ଦାନ୍ତ ମେଞ୍ଚାଟା ସହିତ ଉସାଣିଆ ଆଖି ଦି'ଟା ତାକୁ ବେଶ୍ ମାନିଥାଏ।

ଆଗରୁ ଥରେ ଅଧେ ଜମିଦାରଙ୍କ ଆଖି ଲବଙ୍ଗ ଉପରେ ପଡ଼ିଥାଏ। ଉଆସ ବାହାଘର କାମକୁ ଲବଙ୍ଗ ଠିକ୍ ହେବ ବୋଲି ଭାବି, ଜମିଦାର ଶୁକ୍ରାକୁ ତାର ସ୍ତ୍ରୀ ଲବଙ୍ଗଙ୍କୁ ଉଆସକୁ ପଠାଇ ଦେବାକୁ ବାଧ କଲେ।

ଶୁକ୍ରା ବିଚରାର ଆଉ ଚାରା ବା କ'ଣ ? ପାଣିରେ ଘର କରି କୁମ୍ଭୀର ସାଙ୍ଗରେ କଳି କଲେ ଚଳିବ କି ?

ସେତେବେଳକୁ ସଉରା ଜନମ ହୋଇସାରିଥାଏ। କଅଁଳା ପିଲାଟା ମା'କୁ ଛାଡ଼ି କେମିତି ରହିବ ବୋଲି କହିଲେ ବି ଜମିଦାର କିଛି ଶୁଣିଲେ ନାହିଁ। ବାରମ୍ବାର ବାଧ କରିଚାଲିଲେ। ଶେଷକୁ ସଉରାକୁ ଲବଙ୍ଗର ମା' ଦାୟିତ୍ୱରେ ଛାଡ଼ି ଲବଙ୍ଗ ଦୁଇଦିନ ପାଇଁ ଜମିଦାରଙ୍କ ଉଆସକୁ ଆସିଗଲା।

ଏଥିମଧ୍ୟରେ ଜମିଦାରଙ୍କ ପୁଅ ବାହାଘର ସରିଗଲା। ଦୁଇଦିନରୁ ଚାରିଦିନ, ଚାରିଦିନରୁ ଆଠଦିନ; ଆଠ ଦିନରୁ ପନ୍ଦର ଦିନ; ଆଜିକାଲି ଏମିତି କହି କହି ଜମିଦାର ଲବଙ୍ଗକୁ ଆଉ ଛାଡ଼ିଲେ ନାହିଁ। ଶୁକ୍ରା ଉଆସକୁ ଦଉଡ଼ି ଦଉଡ଼ି ତା' ଗୋଡ଼ରୁ ପାଣିମଲା। ଯେତେ ହାତଗୋଡ଼ ଧରି ନେହୁରା ହେଲେ ବି, ଜମିଦାର କି ତାଙ୍କ ପୁଅ କେହି ତା'କଥା ଶୁଣିଲେ ନାହିଁ।

ଏମିତି ଏମିତି ମାସ ପରେ ମାସ ବର୍ଷ ପରେ ବର୍ଷ ଗଡ଼ି ଚାଲିଲା। ଶେଷକୁ ଶୁକ୍ରା ଆଉ କିଛି ଉପାୟ ନପାଇ, ଜୟପୁର ଯାଇ ବଡ଼ ରାଜାଙ୍କ

ପାଖରେ ଗୁହାରି କଲା। ହେଲେ ଜମିଦାରଙ୍କର କିଛି ଲୋକ ସେଠାରେ ରହିଥିବାରୁ ଶୁକ୍ରାର କଥା ବଡ଼ ରାଜାଙ୍କ କାନକୁ ଯାଇପାରିଲା ନାହିଁ। ଶୁକ୍ରା ଭୋକ- ଉପାସରେ ପଡ଼ି ପଡ଼ି ସେଠାରୁ ନିରାଶ ହୋଇ ଫେରିଆସିଲା।

ଶୁକ୍ରା ବେଶି ଜିଦ୍ କରିବାରୁ ଲବଙ୍ଗ ବିଷ ପିଇ ଆତ୍ମହତ୍ୟା କରିଛି ବୋଲି ତାକୁ କୁହାଗଲା। ଲବଙ୍ଗକୁ ଫେରାଇ ଦିଆଗଲା ନାହିଁକି, ଲବଙ୍ଗର ଲାସ୍ ମଧ୍ୟ ତାକୁ ଦେଖାଇ ଦିଆଗଲା ନାହିଁ। ଶୁକ୍ରା ଏବେ ଭଲ ଭାବରେ ବୁଝିଗଲା ଯେ, ଯାବତୀୟ ଭଲ ଜିନିଷରେ କେବଳ ବଡ଼ ବଡ଼ିଆ ଆଉ ପଇସା ବାଲାଙ୍କର ହକ୍। ସେମାନେ ନିରୀହ ଗରିବ ଲୋକମାନଙ୍କର ମନ କି ହୃଦୟ କିଛି ବୁଝି ପାରନ୍ତି ନାହିଁ। ଏମାନଙ୍କର ଗୋଟାଏ ମନ କି ହୃଦୟ ବୋଲି କିଛି ଅଛି ସେମାନେ ସେ କଥା ବୁଝିବାକୁ ଚେଷ୍ଟା କରନ୍ତିନାହିଁ।

ଶୁକ୍ରା ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ। ରାଗରେ ତା' ଆଖିରୁ ଲୁହ ବଦଳରେ ରକ୍ତ ଝରିବାକୁ ଲାଗିଲା। ହାତରେ ଖଣ୍ଡେ ଟାଙ୍ଗିଆ ଧରି ଜମିଦାରଙ୍କ ଉଆସ ଆଡ଼କୁ ଦୌଡ଼ିଲା..... ଆଜି ଯାହାକୁ ପାଇବ, ତାକୁ ହାଣିବ। ବାପ ପୁଅ କାହାକୁ ବି ଛାଡ଼ିବ ନାହିଁ। ଲବଙ୍ଗ ମୃତ୍ୟୁର ପ୍ରତିଶୋଧ ସୁଧମୂଳ ସହ ଆଦାୟ କରିବ।

ଶୁକ୍ରା ଏମିତି ରାଗରେ ମାଡ଼ିଆସୁଛି ବୋଲି, ଆଗରୁ ଖବରପାଇ ଜମିଦାର ଅନ୍ୟ ପିଆଦମାନଙ୍କୁ ଲଗାଇ ତାକୁ ବହେ ମାଡ଼ଦେଲେ। ଅବଶ୍ୟ ତା' ଟାଙ୍ଗିଆ ଚୋଟରେ ପିଆଦା କେତେଟା ବି ଖଣ୍ଡିଆ ଖାବରା ହେଲେ, ହେଲେ ସେମାନଙ୍କ ସଂଖ୍ୟା ଅଧିକ ଥିବାରୁ ଶୁକ୍ରା ତାଙ୍କର ବିଶେଷ କିଛି କ୍ଷତି କରିପାରିଲା ନାହିଁ। ସେମାନେ ଶୁକ୍ରାକୁ ମାଡ଼ ମାରିମାରି ମୁଣ୍ଡ ଫଟାଇଦେଲେ; ହାତଗୋଡ଼ ଭାଙ୍ଗିଦେଲେ; ଛାତି ପଞ୍ଜରା ହାଡ଼ ବି ଭାଙ୍ଗିଦେଲେ; ଲୋକ ଲଗାଇ ଶୁକ୍ରାର ମରମର ଦେହଟାକୁ ଆଣି ତା'ଘରଦୁଆର ମୁହଁରେ ଫୋପାଡ଼ି ଦେଇଗଲେ।

ଗାଁ ଲୋକେ ଜମାହୋଇପଡ଼ିଲେ; ସମସ୍ତେ ହାଏ ହାଏ କଲେ। କିନ୍ତୁ ଜମିଦାରଙ୍କ ବିରୁଦ୍ଧରେ ଯିବାପାଇଁ ସେମାନଙ୍କର ବା ଯୁ କାହିଁ....? ଗାଁଟା ସାରା କାନ୍ଦିକୁନ୍ଥାଇ ଚୁପ୍ ହୋଇରହିଲେ।

ଶୁକ୍ରା ଏମିତି ଘରେ ପଡ଼ିରହିଲା। କିଛିଦିନ ଏମିତି ଗଡ଼ି ଗଡ଼ି ଶେଷରେ ଧୀରେ ଧୀରେ ଉଠି ଠିଆହେଲା। ଆଦିବାସୀ ମୁଳକର ଚେରମୂଳୀ ରସପତ୍ର ଖାଇ ଖାଇ ଧୀରେ ଧୀରେ ତା' ଦେହରେ ବଳ ବି ଆସିଗଲା। ଗୋଡ଼- ହାତ- ମୁଣ୍ଡ- ଛାତି ହାଡ଼ ସବୁ ଯୋଡ଼ି ହୋଇଗଲା।

ସେଦିନର କଥା କିନ୍ତୁ ତା' ମନରୁ ଯାଇନଥାଏ। ପୁରୁଣା କଥା ଭାବି ଥରେ ଥରେ ତାର ଦେହ ହାତ ଥରିଉଠେ। ଆଖିରୁ ନିଆଁ ଝରିପଡ଼େ।

ଏଥି ମଧ୍ୟରେ ପାଖ ଗାଆଁର ମାଳତୀ ସାଙ୍ଗରେ ପୁଅ ସଉରାକୁ ହାତକୁ ଦି'ହାତ କରିଦେଇଥାଏ। ତା' ସଂସାର ଧୀରେ ଧୀରେ ପୂରି ଉଠୁଥାଏ।

ଦିନେ ପୁଅ ସଉରା ଓ ବୋହୂ ମାଳତୀକୁ ପାଖକୁ ଡ଼ାକି ଶୁକ୍ରା କହିଲା- "ମୁଁ ଯାଉଛି, କୁଆଡ଼େ ଯାଉଛି ମୁଁ ଜାଣିନାହିଁ। ମୁଁ ଯାହା ଖୋଜୁଛି ମିଳିଯାଏ ତ, ଘରକୁ ଫେରିବି, ନଚେତ୍ ନାହିଁ। ମୋ ପାଇଁ କେହି ବ୍ୟସ୍ତ ହେବନାହିଁ।"

ଏତିକି କହି ଶୁକ୍ରା ଚାଲିଗଲା; କୁଆଡ଼େ ଗଲା ଯେ ଗଲା, ଆଉ ଦେଖା ଦର୍ଶନ ନାହିଁ। ଦିନେ ରାତିରେ ଶୁକ୍ରା ଆସି ପହଞ୍ଚିଗଲା। ପୁଅ ବୋହୂଙ୍କୁ ପାଖକୁ ଡ଼ାକି କହିଲା- "ଶୁଣ, ମୁଁ ଏଥି ମଧ୍ୟରେ କଳାହାଣ୍ଡି ଜିଲ୍ଲାର କଣା ଦିଶାରୀ (ଗୁଣିଆ) ଠାରୁ ପାଲଟା ବାଘ ମନ୍ତ୍ର ଆଣିଛି। ମଣିଷରୁ କେମିତି ବାଘ ହୋଇପାରିବ ଏବଂ ବାଘରୁ କେମିତି ପୁଣି ମଣିଷ ରୂପକୁ ଫେରିହବ ସେ କଥା ମୁଁ ଶିଖିଆସିଛି। ଏଣିକି ଜମିଦାର ଆଉ ମୋ'ଠାରୁ ବଳାଇଯାଇ ପାରିବନାହିଁ। ମୁଁ ବାଘ ରୂପ ଧରି ଯେମିତି ହେଲେ ବି ତା' ବଂଶ ମାରିବି। ତମେମାନେ କେହି ବ୍ୟସ୍ତ ହେବନାହିଁ। ମୋ କାମ ମୁଁ ନିଶ୍ଚୟ କରିବି.....।" ଏମାନେ ତା'ଠାରୁ ପାଲଟା ବାଘ କଥା ଶୁଣି ଥରିଉଠିଲେ। ଅବଶ୍ୟ ଆଦିବାସୀ ଅଞ୍ଚଳରେ ଏପରି ହୋଇଥାଏ ବୋଲି ଏମାନେ ଆଗରୁ ଶୁଣିଥାଆନ୍ତି, ହେଲେ କେବେ ବି ଆଖିରେ ଦେଖିନଥାନ୍ତି।

ତା' ଆରଦିନ ରାତିରେ, ଶୁକ୍ରା ମନ୍ତୁରା ହଳଦି ପାଣି କଂସାଏ ତିଆରି କଲା। ମାଳତୀକୁ ପାଖକୁ ଡ଼ାକି କହିଲା- "ଦେଖ୍ ମାଳତୀ, ମୋତେ ତୋ ଶାଶୂ ଲବଙ୍ଗର ଆତ୍ମା ଡ଼ାକିଛି। ମୁଁ ଆଉ ଥୟ ଧରି ରହିପାରୁନାହିଁ।

ମୁଁ ବାଘ ରୂପଧରି ଯାଉଛି, ଜମିଦାର ବଂଶ ନିପାତ କରି ଏଠାକୁ ଫେରିଆସିବି। ଫେରିଆସିବା ପରେ ତୁ ମୋ ଉପରକୁ ହଳଦିପାଣି ମନ୍ଦାଟା ଫୋପାଡ଼ି ଦେବୁ। ହଳଦି ପାଣି ମନ୍ଦାକ ମୋ' ଉପରେ ପଡ଼ିଲେ ମୁଁ ପୁଣି ମଣିଷ ରୂପକୁ ଫେରିଆସିବି। ହୁସିଆର୍ ତୁ ଜମାରୁ ଡ଼ରିବୁ ନାହିଁ,.....। ବୁଝେ ଖବରଦାର ପାଣି ମନ୍ଦାକ ଢ଼ାଳିଗଲେ କି ମୋ ଦେହରେ ନପଡ଼ିଲେ, ଆଉ କିଛି ହେବନାହିଁ।ମୁଁ ବଞ୍ଚିଥିବା ଯାଏ, ବାଘ ହୋଇ ବୁଲୁଥିବି, ଆଉ କେବେ ବି ମଣିଷ ହୋଇପାରିବି ନାହିଁ।"

ଶୁକ୍ରା ବାଘ ରୂପଧରି କୁଦା ମାରି ମାରି ଚାଲିଗଲା। ଜମିଦାରଙ୍କ ଉଆସ ପାଚିରୀ ଡ଼େଇଁ ଘରେ ପଶିଲା। ଜମିଦାର ତା' ଦି ପୁଅ ବୋହୂ ତା' ସ୍ତ୍ରୀ ସମସ୍ତଙ୍କ ତଣ୍ଟି କଣାକରି ରକ୍ତ ପିଇଲା..... କାମୁଡ଼ି କାମୁଡ଼ି ସମସ୍ତଙ୍କୁ ମାରି ତଳେ ଗଡ଼ାଇ ଦେଲା।

ସେଇ ରାତା ରାତି କୁଦା ମାରି ମାରି ଆସି ମାଳତୀ ପାଖରେ ଠିଆ ହୋଇଗଲା। ବାପରେ! ସେତେବେଳେ ତାର କି ଭୟଙ୍କର ରୂପ....। କେଡ଼େ କେଡ଼େ ଆଖି...., କେଡ଼େ କେଡ଼େ ଦାନ୍ତ, ନଖ। ଜିଭରୁ ଥୋପା ଥୋପା ଲାଲ ତାଜାରକ୍ତ ବୋହିପଡୁଥାଏ......। ନିଶ ଆଉ ରୋମ ସବୁ ଠିଆ ହୋଇଯାଇଥାଏ.....।

ମାଳତୀ ହଳଦି ପାଣି ଥିବା କଂସାଟା ଆଣୁଥିବା ବେଳେ ଥରିଥରି ତଳେ କଚାଡ଼ି ହୋଇପଡ଼ିଲା। କଂସାଟି ତଳେ ପଡ଼ିଯିବାରୁ ପାଣିଯାକ ସବୁ ଢ଼ାଳି ହୋଇଗଲା। ମାଳତୀର ବି ଚେତା ଚଇତନ ଚାଲିଗଲା।

ଚେତା ଫେରିଆସିଲା ବେଳକୁ ରାତି ପାହିଯାଇଥାଏ। ବାଘରୂପୀ ଶୁକ୍ରା କିନ୍ତୁ ଆଉ ସେଠାରେ ନଥାଏ। କୁଦା ମାରି ମାରି ବଣକୁ ଚାଲିଯାଇଥାଏ।

ଯାହା ହେଉ ଶୁକ୍ରା ମନରେ ଆଉ ଦୁଃଖ ନଥାଏ....., ମଣିଷ ରୂପ ତା'ର ଫେରୁ ବା ନଫେରୁ, ଲବଙ୍ଗର ଆତ୍ମା ତ ଶାନ୍ତି ପାଇପାରିବ?? ଶୁକ୍ରା କିନ୍ତୁ ବଞ୍ଚିଥିବା ଯାଏ ବାଘରୂପ ଧରି ବଣରେ ରହିଲା......।

ସା/ପୋ- ମଣ୍ଡାସାହି
ଜି-ଜଗତସିଂହପୁର, ପିନ୍- ୭୫୪୧୧୪
୮୭୫୮୮୭୦୫୪୨

# ପୁଅ

**(ଆଉ ଏକ ଡ଼ାକମୁନ୍‌ସି)**

**କବିତା ପଟ୍ଟନାୟକ**



ଅଫିସ ଫେରନ୍ତା ଦେବକାନ୍ତ ଟ୍ରାଫିକ୍ ସିଗ୍‌ନାଲରେ ଗାଡ଼ି ବ୍ରେକ୍ ଦେଉ ଦେଉ ଖୁବ୍ କ୍ଲାନ୍ତ ଓ ଅବଶ ହୋଇପଡୁଥିଲେ। ହଠାତ୍ କେଉଁ ଏକ କ୍ୟାସେଟ୍ ଦୋକାନରୁ ପୁରୁଣା ସୁଲଳିତ ସଂଗୀତ ଭାସିଆସିଲା।

**''ପାପା କହେତେ ହେ " ବଡ଼ା ନାମ୍ କରେଗା**
**ବେଟା ନାମ କରେଗା**
**ମଗର ୟେ ତୋ କୋୟି ନାଯାନେ......''**

ବାପାଙ୍କର ଉଜ୍ଜ୍ୱଳ ଚେହେରା ତାଙ୍କ ଆଖି ଆଗରେ ଭାସିଉଠିଲା। ଦେବକାନ୍ତ ବାପା ବୋଉଙ୍କର ଏକମାତ୍ର ସନ୍ତାନ ଥିବାରୁ ସେମାନଙ୍କ ସମସ୍ତ ସ୍ନେହର ସେ ମଧ୍ୟ ଏକମାତ୍ର ଉତ୍ତରାଧିକାରୀ ଥିଲେ। ବର୍ଷାଦିନେ ଗୋଡ଼ରେ କାଦୁଅ ଲାଗିଯାଉଥିଲେ ବାପା ତାଙ୍କ ପିନ୍ଧା ଲୁଗାରେ କାଦୁଅ ପୋଛି ଦେଉଥିଲେ। ଦୂର ଜାଗାକୁ ଯିବାକୁ ପଡ଼ିଲେ ବାପା ଗୋଡ଼ ଥକି ପଡ଼ିବ ଭାବି କାନ୍ଧରେ ବସାଇଦେଉଥିଲେ। ସ୍କୁଲ ମାଷ୍ଟର ଥିବା ତାଙ୍କ ବାପା ସବୁବେଳେ ଭାବୁଥିଲେ ସେ ଭଲପାଠ ପଢ଼ି ହାକିମ ହେବା ସହିତ ଭଲ ମଣିଷଟେ ହୁଅନ୍ତୁ। ବାପା ଆଜି ଶଯ୍ୟାଶାୟୀ, ବୋଉ ଆଉ ଏପାରିରେ ନାହିଁ। ବାପାଙ୍କର ଯନ୍ତ୍ରଣାକ୍ଲିଷ୍ଟ ମୁହଁ ମନେପଡ଼ି ଦେବକାନ୍ତଙ୍କ କଳିଜାରୁ ରକ୍ତ ଝରି ପଡୁଥିଲା। ବାପାଙ୍କର ଅଳ୍ପ ଦରମା ଥିବାରୁ ଏକମାତ୍ର ସନ୍ତାନର ସୁଖ ସ୍ୱଚ୍ଛନ୍ଦ ଏବଂ ପାଠପଢ଼ା ପାଇଁ ଅଧାରୁ ଅଧିକ ପଇସା ଅଲଗା କରି ସେ ରଖିଦିଅନ୍ତି, ତା'ପରେ ଯେତେବେଳେ ସେଥିରେ ଠାକୁରଙ୍କ ଖର୍ଚ୍ଚ, ଚାଷ ଖର୍ଚ୍ଚ ଆଉ ଘର ଖର୍ଚ୍ଚ ପରେ ପ୍ରାୟ କିଛି ବଳେନି। ଯାହା ଫଳରେ ବାପା ବୋଉ ଖଣ୍ଡିଏ ଲେଖାଁ ଲୁଗା ପିନ୍ଧି ବର୍ଷସାରା ଚଳେଇ ନିଅନ୍ତି। ଏକ ଦୀର୍ଘଶ୍ୱାସ ବାହାରି ଆସିଲା ତାଙ୍କ ଭିତରୁ। ଟ୍ରାଫିକ୍‌ର ଗ୍ରୀନ୍‌ସିଗ୍‌ନାଲ୍ ଆଉ ପଛ ଗାଡ଼ିମାନଙ୍କର ହର୍ଣ୍ଣ ଶୁଣି ସମ୍ବିତ୍ ଫେରିପାଇଲେ ସେ।

ସେଦିନ ଘରେ ପହଞ୍ଚିଲାବେଳକୁ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ପିଲାଙ୍କର ଟ୍ୟୁସନ୍ ସାର୍ ଆସିସାରିଥିଲେ। ବାପାଙ୍କୁ ଦେଖିବାକୁ ତାଙ୍କ ରୁମ୍‌କୁ ଯାଉ ଯାଉ ପତ୍ନୀ ରିମାଙ୍କର ଚିତ୍କାର ଶୁଭିଲା। ପତ୍ନୀଙ୍କର ଏପ୍ରକାର ମୁଡ୍ ଦେଖି ଆଗକୁ ଯାଉଥିବା ପାଦ ଆପେ ଆପେ ପଛକୁ ଫେରିଆସିଲା। ନିଷ୍ପଳ ଆଖି ଦୁଇଟାରେ ବାପା ହୁଏତ କିଛି କହୁଥିଲେ। ବିଡ଼୍ ବିଡ଼୍ ବି ହେଉଥିଲେ। ଚା' ବଢ଼ାଉ ବଢ଼ାଉ ରିମା ଏକପ୍ରକାର ଗର୍ଜିଉଠିଲେ- ତୁମେ ତ ଦିନସାରା ଆରାମରେ ବୁଲିଲ ; ତୁମେ କେଉଁଠୁ ଜାଣିବ ବାପା ଏଠି କି ପରିସ୍ଥିତି କରୁଛନ୍ତି। ତୁମକୁ କେତେଥର କହିଲିଣି ବାପାଙ୍କୁ ସରଭେଣ୍ଟ କ୍ୱାର୍ଟରକୁ ସିଫ୍ଟ କରିବାକୁ। ନାଇଁ ନାଇଁ ଏକାମ ତୁମକୁ ଆଜିହିଁ କରିବାକୁ ପଡ଼ିବ। ଚମକି ପଡ଼ିଲେ ଦେବକାନ୍ତ ବାପା ପୁଣି ସରଭେଣ୍ଟ କ୍ୱାର୍ଟର୍??? ମନେପଡୁଥିଲା ତାଙ୍କର ଯେଉଁଦିନ ସେ ଗାଁ ଛାଡ଼ି ପ୍ରଥମକରି ସହରକୁ ଆସିଲେ ଉଚ୍ଚଶିକ୍ଷା ପାଇଁ, ସେଦିନ ବାପା ବହଳେ ମୋଟାର ଗଦି ପାରି ତା' ଉପରେ ନୂଆ ଚାଦର ତକିଆ ବିଛାଇ ତାକୁ ଶୁଆଇବାବେଳେ କି ଆତ୍ମତୃପ୍ତି ଲାଭ କରିଥିଲେ। ସେହି ବାପା ବୋଉର ହାତ ତିଆରି କନ୍ଥାରେ ଯାହାର ସାରା ଜୀବନ କଟିଯାଇଛି। ଚାକିରି କରିବା ପରେ ଦେବକାନ୍ତ ବୋଉକୁ କେବେ ଖଣ୍ଡେ ଭଲ ଶାଢ଼ୀ ଦେବା କି ପୁରୀକୁ ତୀର୍ଥ କରିନେବା; ନେଇପାରିଲେନି। ପତ୍ନୀ ରିମାଙ୍କ ଭୟରେ। ରିମା କିଂତୁ କହିଚାଲିଥିଲେ ପିଲାଙ୍କର ପାଠପଢ଼ାରେ କି ଅସୁବିଧା ହେଉଛି ତୁମେ କେବେ ଅନୁଭବ କରିଛ। ପରୀକ୍ଷା ସମୟ ; ବାପାଙ୍କର ଏ ପରିସ୍ଥିତି ଦେଖି ଟ୍ୟୁସନ୍ ସାର୍ ବି ବିରକ୍ତ ହୋଇ ଆସିବାକୁ ମନାକରିଦେଇଥିଲେ। ମୁଁ ତାଙ୍କୁ ବହୁକଷ୍ଟରେ ଅନୁରୋଧ କରି ଆଜି ଦିନକ ସମୟ ନେଇଛି। ଆମେ ତ ତାଙ୍କୁ ଘରୁ ବାହାର କରି ଦେଉନାହୁଁ। ସରଭେଣ୍ଟ କ୍ୱାର୍ଟରରେ ରଖିବା ଅସୁବିଧା କ'ଣ ଅଛି? ରିମାଙ୍କର ଯୁକ୍ତି ଯଥାର୍ଥ ନଥିଲା କିଂତୁ ତାଙ୍କ ନିଷ୍ପତ୍ତି ଯେ ଚୂଡ଼ାନ୍ତ ଥିଲା ଏକଥା ଦେବକାନ୍ତ ଭଲକି ଜାଣିଥିଲେ।

ବାପାଙ୍କୁ ସରଭେଣ୍ଟ କ୍ୱାର୍ଟର୍‌ର ବେଡ଼ ଉପରେ ଶୁଆଇଲା ବେଳେ ତାଙ୍କ ଆଖି କେମିତି ଥମ୍ ଥମ୍ ଜଣାପଡୁଥିଲା। ଓଠ ତାଙ୍କର ଥରି ଉଠୁଥିଲା। ବାପା ବହୁକଷ୍ଟରେ ହାତ ଉଠାଇ ମୋ ମୁଣ୍ଡକୁ ଆଉଁସି ଦେଲାବେଳେ ସାନପୁଅ ପ୍ରୟାସ ପଚାରୁଥିଲା, 'ବାପା ଜେଜେ କ'ଣ ଆମ ସରଭେଣ୍ଟ ଯେ ସେ ସରଭେଣ୍ଟ କ୍ୱାର୍ଟରରେ ରହିବେ??? ତୁମେ ପରା କହୁଥିଲ ଜେଜେ ଆମ ଘରର ମୁରବୀ; ମୁରବୀମାନେ କ'ଣ ସରଭେଣ୍ଟ କ୍ୱାର୍ଟରରେ ରହନ୍ତି?' ପ୍ରଶ୍ନଟା ମୋ ଚାରିପଟେ ଗୁଡ଼େଇ ହୋଇଯାଉଥିଲା। ଆଉ ମୋ ଆଖିରୁ ଝରୁଥିଲା ଠପ୍ ଠପ୍ ଲୁହ।

ପଲଟନ ପଡ଼ିଆ, ଖୋର୍ଦ୍ଧା
୯୬୬୮୬୩୧୭୮୫

# ଡେଣାକଟା ସ୍ୱପ୍ନ



**ଗୋପୀନାଥ ଦାଶ**

ପାଠପଢ଼ାଠୁ ଆରମ୍ଭ କରି ନାଚଗୀତ, ଖେଳକୁଦ ଆଦି ଯାବତୀୟ କଥାରେ ପୁଅ କେମିତି ସଫଳତାର ଶିଖରକୁ ଛୁଇଁବ, ଏକଥାକୁ ନେଇ ବାପା ସବୁବେଳେ ଚିନ୍ତିତ ରହିଲେ। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତାକୁ ପାଠପଢ଼ାଇଲେ। ଘରକୁ ଦକ୍ଷ ଟ୍ୟୁସନସାର୍ ଡ଼କେଇ ତା' ପାଠପଢ଼ାର ସୁବନ୍ଦୋବସ୍ତ କଲେ। ପୁଅକୁ କଡ଼ା କଟକଣା ଭିତରେ ରଖିଲେ। ମାଟିରେ ପକାଇଥିବା ଛେପ ଶୁଖିଲାବେଳକୁ ସେ ଗାଧୁଆ ସାରିଥିବ, ଅଳ୍ପ ସମୟ ଭିତରେ ଖାଆପିଆ ସାରିବ, ଟି.ଭି. ଦେଖିବ ନାହିଁ, ମୋବାଇଲ୍ ଧରିବନାହିଁ, କୋଉ ଝିଅପିଲାକୁ ଆଖି ଉଠାଇ ଚାହିଁବ ନାହିଁ, ବନ୍ଧୁବାନ୍ଧବଙ୍କ ଘରକୁ ଯିବନାହିଁ, ମେଳ ମଉଚ୍ଛବରେ ସାମିଲ ହେବନାହିଁ ଇତ୍ୟାଦି। ପୁଅ ଆଗଆଗ ଭଲପଢ଼ିଲା, ସୁନାପିଲାଟିଏ ହୋଇଗଲା। ମାଟ୍ରିକ ପର୍ଯ୍ୟନ୍ତ ଏହି ପକ୍ରିୟା ଜାରି ରହିଲା। ତେଣୁ ପୁଅର ସାମାନ୍ୟ ସଫଳତାରେ ବାପା କୁରୁଳି ଉଠିଲେ। ତା' ସଫଳତାର କାହାଣୀକୁ ବନେଇଚୁନେଇ ଅନ୍ୟମାନଙ୍କ ଆଗରେ ପରଶିଲେ। କହିଲେ, "ମୁଁ ତାକୁ ବଢ଼େଇକୁଢ଼େଇ ଏତୁଟିରୁ ଏତୁଟିଏ କରିଛି। ସେ ଗୋଟେ ଖାଣ୍ଟି ସୁନାମୁଣ୍ଡା। ଭଲ ମଣିଷଟିଏ ହୋଇବାହାରିବ। ଦେଶ ଜାତିର ଟେକ ରଖିବ।" ପୁଅ ଭଲନମ୍ବର ରଖି ମାଟ୍ରିକ୍ ପାଶ୍‌କଲା। ତେଣୁ ବାପା ସାଇଭାଇ, ବନ୍ଧୁବାନ୍ଧବ ଆଦି ସମସ୍ତଙ୍କୁ ମିଠା ବାଣ୍ଟିଲେ। ପୁଅକୁ ଗୋଟେ ଆବାସିକ ଇଞ୍ଜିନିୟରିଂ କଲେଜରେ ରଖି ପାଠପଢ଼େଇଲେ। ସେଠିକି ପ୍ରଚୁର ଟଙ୍କା ପଠାଇଲେ। ତାକୁ ସେଠି ଛାଡ଼ି ଆସିଲା ଦିନ ତାଗିଦ୍ କଲେ ସେ ତାଙ୍କର ସ୍ୱପ୍ନ ଯେମିତି ଫଳବତୀ କରେ।

ଗାଁଆର ଶାନ୍ତକାନ୍ତ ପରିବେଶକୁ ଛାଡ଼ି ପୁଅ ଯେତେବେଳେ ନିଅନ୍ ଆଲୁଅରେ ଝଲମଲ କରୁଥିବା ସହରର ଆଖିଝଲସୀ ରୂପକୁ ଦେଖିଲା, ସେଥିରେ ସେ ଗୋଟାପଣେ ଭଳିଗଲା। ମୁକୁଳା ଆକାଶର ବିହଙ୍ଗ ଭଳି ସେ ମନଖୁସିରେ ଉଡ଼ିବୁଲିଲା। ପାର୍କରେ ପ୍ରେମୀ ଯୁଗଳଙ୍କୁ ଦେଖି ତା' ଭିତରେ କାମନାର କଲ୍ଲୋଳିନୀ ଢ଼େଉ ଭାଙ୍ଗିଲା। ସପନର ସାତରଙ୍ଗୀ ଇନ୍ଦ୍ରଧନୁ ତା' ଭିତରେ ନୂଆନୂଆ ରୋମାଞ୍ଚ ସୃଷ୍ଟିକଲା। ମାଳମାଳ ଗାର୍ଲଫ୍ରେଣ୍ଡମାନଙ୍କର କଥାର କୁହୁକ, ଚାହାଣିର ଚମକ ଭିତରେ ସେ ମଜ୍ଜିଗଲା। ପିଲାଦିନୁ ଅବରୁଦ୍ଧ ହୋଇ ରହିଥିବା ତା'ର ସମସ୍ତ ଆବେଗ ଉଚ୍ଛୁଳିଲା। ଧୀରେ ଧୀରେ ତାର ପାଠପଢ଼ା ଢ଼ିଲାହେଲା। ବାପାଙ୍କ ପ୍ରଶ୍ନର ଉତ୍ତର ଦେବାଲାଗି ତା'ର ନୈତିକ ସାହସ ନଥିଲା। ତା'ର ଅଧୋପତନର ଅଧ୍ୟାୟ ଆରମ୍ଭ ହେଲା। ସେ ଯାବତୀୟ ନିଶାଦ୍ରବ୍ୟ ସେବନ କଲା। ଘରକୁ ଭଗ୍ନ ମନୋରଥ ନେଇ ଫେରିଲାବେଳକୁ ତା'ଭିତରର ଭଲକଥାସବୁ ଯେମିତି ବାମ୍ଫହୋଇ ଉଡ଼ିଯାଇଥିଲା ଶୂନ୍ୟ ଆକାଶକୁ। ମନମୁତାବକ ନମ୍ବର ନରଖିଲେ ମଧ୍ୟ ସେ ଯଥାକଥା ଉତ୍ତୀର୍ଣ୍ଣ ହେଲା ଏବଂ ବେଙ୍ଗାଲୁର୍‌ରେ ଗୋଟେ କମ୍ପାନୀରେ ଇଞ୍ଜିନିୟର୍ ଭାବରେ ଯୋଗଦେଲା। ମଝିରେ ମଝିରେ ବାପପୁଅ ଦୁହେଁ ମିଶି ବିତି ଯାଇଥିବା ଦିନମାନଙ୍କର ସମୀକ୍ଷା କଲେ। ଖସିଯାଇଥିବା ଗୋଡ଼କୁ ପଙ୍କକାଦୁଅରୁ କାଢ଼ି ପୁନଶ୍ଚ ଭଲ ଭାବରେ ଚାଲିବ ବୋଲି ପୁଅ ବାପାଙ୍କ ମୁଣ୍ଡଛୁଇଁ ଶପଥ କଲା। ହେଲେ ବୁଡ଼ି ଯାଉଥିବା ଗୋଡ଼ ତ ତଳକୁ ତଳକୁ ପୁଅ ଆଉ ସୁଧୁରିପାରିଲା ନାହିଁ। ଗୋଟେ ବଡ଼ଘର ଝିଅ ପାଲରେ ପଡ଼ି ଜୀବନକୁ ବରବାଦ କରିଦେଲା। ଗାଁକୁ ଆସିଲେ ଅନବରତ ତା'ସାଥେ ମୋବାଇଲ୍‌ରେ ଗପିବାରେ ରାତିଦିନ ଏକାକାର କରିଦେଲା। ସେଇ ଝିଅର କୋଟିପତ ବାପା ଗୁଣ୍ଡାଲଗାଇ ହତ୍ୟାକରିବାକୁ ଯୋଜନା କରୁଥିବାବେଳେ ପୁଅ ନିଶାର୍ଦ୍ଧରେ ଲୁଚିଲୁଚି ଚାଲିଆସିଲା ଗାଁଆକୁ । ସେଠିକି ଯିବାର ଆଶା ଛାଡ଼ିଦେଲା ସବୁଦିନ ପାଇଁ। ସେତେବେଳକୁ ଏପଟେ ନିର୍ବାଚନୀ ତାତି। ତାକୁ କିଛି ଭେଣ୍ଡିଆ ଉସ୍‌କେଇଲେ ସରପଞ୍ଚ ପ୍ରାର୍ଥୀ ହେବାପାଇଁ ସେମାନଙ୍କ କଥାରେ ସେ ମାତିଲା। ମଦମାଂସରେ ଭସେଇଲା ଭୋଟରଙ୍କୁ। ହେଲେ ହାରିଗଲା ଶୋଚନୀୟ ଭାବରେ। ଏହାଫଳରେ ବିଜୟୀ ପ୍ରାର୍ଥୀଙ୍କର ରୋଷର ଶିକାର ହେଲା। ସେ ଗୁଣ୍ଡା ଲଗାଇ ତାକୁ ମରଣାନ୍ତକ ଆକ୍ରମଣ କଲେ। ଦୁଇହାତକୁ ଟାଙ୍ଗିଦେଲେ ଖଣ୍ଡାରେ। ଏବେ ପୁଅ ମରଣ ସହିତ ସଂଗ୍ରାମ କରୁଛି କଟକ ବଡ଼ ଡ଼ାକ୍ତରଖାନାରେ। ବାପା ମୁହଁରେ ଚୋଳେ ହେଲେ ପାଣିନାହିଁ। ମନରୁ ହଜିଯାଇଛି ସକଳ ସରସତା। ପୁଅର ଜୀବନ ବଞ୍ଚେଇବା ଲାଗି ଈଶ୍ୱରଙ୍କୁ ଆକୁଳକଣ୍ଠରେ ସତେଯେମିତି ଆଉ ତା'ର ନାହିଁ ଅନ୍ୟଗତି। ଦିନେ ଡ଼େଣାଛାଡ଼ି ଅନନ୍ତ ଅନ୍ତରୀକ୍ଷରେ ଉଡ଼ିବୁଲୁଥିବା ସବୁଜ ସପନ ସବୁ ଏବେ ଖଣ୍ଡବିଖଣ୍ଡିତ ହୋଇ ଲୋଟୁଛନ୍ତି ଧୂଳିମାଟିର ଧରଣୀରେ।

**ମୁଖ୍ୟ ସମ୍ପାଦକ "ସପ୍ତଫେଣୀ"**
**ବ୍ରାହ୍ମଣକୁଶଡ଼ିହ, ଆଙ୍କୁଲାଚଟୀ, ଖୋର୍ଦ୍ଧା ୭୫୨୦୩୦**
**ମୋ- ୮୦୧୮୮୧୪୧୧**

## ସୁ-ଡୋକୁ ଉତ୍ତର ୨୧ ପୃଷ୍ଠାର

| | | | | | | | | |
|---|---|---|---|---|---|---|---|---|
| 1 | 7 | 4 | 2 | 6 | 5 | 9 | 8 | 3 |
| 5 | 2 | 8 | 9 | 1 | 3 | 4 | 6 | 7 |
| 9 | 6 | 3 | 7 | 8 | 4 | 1 | 2 | 5 |
| 7 | 5 | 6 | 1 | 2 | 8 | 3 | 4 | 9 |
| 3 | 8 | 1 | 5 | 4 | 9 | 6 | 7 | 2 |
| 2 | 4 | 9 | 3 | 7 | 6 | 8 | 5 | 1 |
| 4 | 1 | 5 | 6 | 3 | 7 | 2 | 9 | 8 |
| 8 | 3 | 7 | 4 | 9 | 2 | 5 | 1 | 6 |
| 6 | 9 | 2 | 8 | 5 | 1 | 7 | 3 | 4 |

# ମୋତେ ଗୋଟିଏ ପୁଅ ଦିଅ

**ଡ଼ଃ ତ୍ରିନାଥ ପଟ୍ଟନାୟକ**



ଅଗସ୍ତି ନାମରେ ଜଣେ ଋଷି ଥିଲେ। ଦିନେ ସେ ଦେଖିଲେ, ଗୋଟିଏ ଗଛରେ କେତେ ଜଣ ଲୋକ ଓହଳିଛନ୍ତି। ସେମାନଙ୍କ ମୁହଁ ତଳକୁ ରହିଛି। ଋଷି ପଚାରିଲେ, 'ତୁମେମାନେ କିଏ? ଏପରି ଗଛରେ ଓହଳି ଅଛ କାହିଁକି?' ସେମାନେ କହିଲେ- "ପୁଅ! ଆମେ ସବୁ ତୁମର ପିତୃ ପୁରୁଷ! ତୁମେ ବିଭା ହେଲ ନାହିଁ। ଆମ କୁଳ ରଖିବାକୁ ଆଉ କେହି ରହିଲେ ନାହିଁ। ସେଥିପାଇଁ ଆମେ ମୁକ୍ତି ନପାଇ ଏ ଗଛରେ ଝୁଲୁଛୁ।"

ଅଗସ୍ତିଙ୍କର ବହୁତ ତପବଳ ଥିଲା। ସେ ସବୁବେଳେ ସତ କହୁଥିଲେ। ପରର ଦୁଃଖ ଦେଖିଲେ ସହିପାରୁନଥିଲେ। ଋଷି କହିଲେ, "ମୁଁ ଆପଣଙ୍କ ଇଚ୍ଛା ପୂରଣ ପାଇଁ ବିବାହ କରିବି।"

କୁଳରକ୍ଷା କରିବାକୁ ହେଲେ ତ ବିବାହ କରିବାକୁ ପଡ଼ିବ। ସେମିତି ଝିଅ କାହାନ୍ତି ଯେ, ମୁନି ବାହା ହେବେ? ସେତେବେଳେ ବିଦର୍ଭ ବୋଲି ଏକ ରାଜ୍ୟ ଥିଲା। ସେ ରାଜ୍ୟର ଲୋକମାନେ ପୁଅ ଝିଅ ଭିତରେ କିଛି ହେଲେ ଫରକ ଦେଖୁନଥିଲେ। ରାଜାଙ୍କର ଝିଅଟିଏ ନଥିଲା ବୋଲି ସେ ଝିଅଟିଏ ପାଇବା ପାଇଁ ତପସ୍ୟା କରୁଥିଲେ। କିଛିଦିନ ପରେ ତାଙ୍କର ଗୋଟିଏ ସୁନ୍ଦର ଝିଅ ଜନ୍ମ ହେଲା। ସେହି ଝିଅଟିର ନାମ ରଖାଗଲା ଲୋପାମୁଦ୍ରା।

ଲୋପାମୁଦ୍ରା ଦିନକୁ ଦିନ ବଢ଼ିବାରେ ଲାଗିଲେ। ସେ ବଡ଼ ହେବା ସଙ୍ଗେ ସଙ୍ଗେ ପାଠ ବି ପଢ଼ିଲେ। ପୋଥି ପୁରାଣ ପଢ଼ି ନାନା କଥା ଶିକ୍ଷା କଲେ। ସେ ଅତି ସରଳ। ରାଜା ଘର ଝିଅ ବୋଲି ମନରେ ଟିକିଏ ସୁଦ୍ଧା ଗର୍ବ ନଥାଏ। ତାଙ୍କର ସ୍ୱଭାବ ବି ବହୁ ଭଲ। ଲୋପାମୁଦ୍ରାଙ୍କ ବିବାହ ବୟସ ଆସିହେଲା। ଋଷି ଅଗସ୍ତି ଦିନେ ରାଜାଙ୍କ ପାଖକୁ ଗଲେ। ବିଭାଘର ପ୍ରସ୍ତାବ ଦେଲେ। ରାଜା ଏ ପ୍ରକାର ପ୍ରସ୍ତାବ ଶୁଣି ଚିନ୍ତାରେ ପଡ଼ିଗଲେ।

ଋଷିଙ୍କର ତ ସେପରି କୌଣସି ଉତ୍ତମ ଗୃହ କିମ୍ବା ଧନ ସମ୍ପତ୍ତି ନାହିଁ। ତାଙ୍କ ସହିତ ଜଣେ ରାଜକନ୍ୟା ବା କିପରି ରହି ପାରିବ। କ'ଣ ଦେଖି ସେ ଝିଅକୁ ଜଣେ ବନବାସୀ ଋଷିଙ୍କ ସହିତ ବିଭା ଦେବେ। ଲୋପାମୁଦ୍ରା ବହୁ ଆଗରୁ ଋଷିଙ୍କ ବିଷୟରେ ଶୁଣିଥିଲେ। ସେ ପିତାଙ୍କୁ କହିଲେ, "ବାପା! ମୋ ପାଇଁ ଚିନ୍ତା କରନ୍ତୁ ନାହିଁ। ମୁଁ ବଣ ଜଙ୍ଗଲରେ ଋଷିଙ୍କ ସହିତ ଚଳିପାରିବି। ସମସ୍ତେ ସବୁଦିନ ଖୁସିରେ ରହନ୍ତିନାହିଁ। ଜୀବନରେ ସୁଖ ଆଉ ଦୁଃଖ ଉଭୟ ଭୋଗ କରିବାକୁ ପଡ଼ିଥାଏ। ମୁଁ ମୋର ବୁଦ୍ଧି ବଳରେ ଦୁଃଖକୁ ସୁଖ କରିଦେବି।"

ଝିଅ ମୁହଁରୁ ଏକଥା ଶୁଣି ରାଜା ଭାରି ଖୁସିହେଲେ। ଋଷିଙ୍କ ସହିତ ଝିଅକୁ ବାହା କରାଇଦେଲେ। ରାଜା ଯାନି-ଯଉତୁକ ଦେବାକୁ ଯାଉଥିଲେ। ଋଷି ମନା କରିଦେଲେ। କହିଲେ- ରାଜା! କେବେ ଯଦି ମୋର ଧନର ଲୋଡ଼ା ହୁଏ ସେ ଧନ ମୁଁ ନିଜେ ରୋଜଗାର କରିପାରିବି। ତୁମଠାରୁ ଯୌତୁକ ନେବିନାହିଁ। ଯୌତୁକ ଦେବା ଏବଂ ନେବା ହୀନ କାମ। ଲୋପାମୁଦ୍ରା ବାପାଙ୍କ ଠାରୁ ସୁନା ଗହଣା ବି ନେଲେ ନାହିଁ। ଯେତେ ସବୁ ଭଲ ଲୁଗାପଟା ଥିଲା; ତାହା ସବୁ ଛାଡ଼ିଗଲେ। ସାଧାରଣ ଶାଢ଼ୀ ଖଣ୍ଡିଏ ପିନ୍ଧି ଋଷିଙ୍କ ସହିତ ଚାଲିଗଲେ।

ଅଗସ୍ତି ଓ ଲୋପାମୁଦ୍ରା ବଣରେ କୁଡ଼ିଆଟିଏ ତିଆରି କଲେ। କୁଡ଼ିଆ ଚାରିପାଖ ନାନା ଜାତିର ଫଳ ଓ ଫୁଲ ଗଛ ଲଗାଇଲେ। ନିକଟରେ କୁଳୁକୁଳୁ ହୋଇ ଝରଣାଟିଏ ବହି ଯାଉଥାଏ। ତା ଆରପଟେ ସବୁଜ ଗଛପତ୍ରର ଗହଳିଆ ବଣ। ଜାତି ଜାତିକା ଚଢ଼େଇ ଗଛରୁ ଗଛକୁ ଉଡ଼ି ବୁଲୁଛନ୍ତି। କେତେ ତାନର ଗୀତ ଗାଉଥାନ୍ତି। ଏମିତି ଶାନ୍ତ ପରିବେଶ ଲୋପାମୁଦ୍ରାଙ୍କୁ ବହୁତ ଭଲ ଲାଗିଲା। ରାଜାଙ୍କ ନଅରରେ ତ ସବୁବେଳେ ହୋ' ହଲ୍ଲା ଲାଗି ରହିଥିଲା। ଟିକିଏ ଶାନ୍ତି ନଥିଲା। ଏଠି ଯାହା ହେଉ ଶାନ୍ତି ମିଳୁଛି।

ଥରେ ଲୋପାମୁଦ୍ରା କେତେଜଣ ଅପ୍‌ସରାଙ୍କୁ ଭେଟିଲେ। ସେମାନେ ସୁନ୍ଦର ଶାଢ଼ୀ ଓ ସୁନାହାର ପିନ୍ଧିଥିଲେ। ନାରୀମାନେ ତ ସହଜେ ଗହଣା ପ୍ରିୟ। ଅପ୍‌ସରାଙ୍କୁ ଦେଖି ତାଙ୍କର ମଧ ଗହଣା ପିନ୍ଧିବାକୁ ଇଚ୍ଛା ହେଲା। ହେଲେ ଧନ କାହିଁ? ସେ ସ୍ୱାମୀଙ୍କୁ ନିଜ ମନକଥା କହିଲେ। ଅଗସ୍ତିଙ୍କର ଜଣେ ଶିଷ୍ୟ ଥିଲେ, ସେ ଜଣେ ଅସୁର। ତାଙ୍କ ଠାରୁ ଧନ ଆଣିଲେ। ସେ ସବୁ ଲୋପାମୁଦ୍ରାଙ୍କୁ ଦେଲେ। ସେଥିରେ ଲୋପାମୁଦ୍ରା ସ୍ୱର୍ଣ୍ଣ ଅଳଙ୍କାର ଗଢ଼ାଇଦେଲେ।

ଦିନକର କଥା। ଦିନେ ସକାଳେ ଲୋପାମୁଦ୍ରା ନଈରୁ ଗାଧୋଇ ସାରି ଫେରିଲେ। ପବିତ୍ର ମନରେ ଋଷିଙ୍କ ନିକଟରେ ପହଞ୍ଚିଲେ। ବଣରୁ ତୋଳିଆଣିଥିବା ସଜଫୁଲ ସବୁକୁ ମୁନିଙ୍କ ପାଦତଳେ ରଖିଦେଲେ। ତା'ପରେ ପାଦଛୁଇଁ ପ୍ରଣାମ କଲେ। ଋଷି ତାଙ୍କ ମନକଥା ଜାଣିପାରି ହସିଦେଲେ।

ସେ ଲୋପାମୁଦ୍ରାଙ୍କୁ କହିଲେ- "ତୁମର ବ୍ୟବହାରରେ ମୁଁ ଖୁସି। ମୁଁ ଜାଣେ ତୁମେ ମା ହେବା ପାଇଁ ଚାହୁଁଛ। ପ୍ରଥମେ ମୋ କଥାଶୁଣ। ତୁମେ ହଜାରେ ପୁଅର ମା ହେବ ନା ଦଶଟି ପୁଅର ମା ହେବାକୁ ଚାହୁଁଛ?"

ଏକଥା ଶୁଣି ଲୋପାମୁଦ୍ରା କହିଲେ, "ହଜାରେ ପୁଅର ବଳ ଓ ଗୁଣ ଥିବା ଗୋଟିଏ ପୁଅ ମୋର, ଦରକାର। ଅନେକ ଅଯୋଗ୍ୟ ପୁଅ ଅପେକ୍ଷା ଗୋଟିଏ ଉତ୍ତମ ପୁଅ ସବୁଠାରୁ ଭଲ। ମୁଁ ତାକୁ ଭଲ ଭାବରେ ପାଠପଢ଼ାଇ ମଣିଷ କରି ପାରିବି। ଭଲ ବ୍ୟବହାର ବି ଶିଖାଇପାରିବି।"

ଋଷିଙ୍କ ଦୟାରୁ ଲୋପାମୁଦ୍ରା ମାଆ ହେଲେ। ତାଙ୍କର ସୁନ୍ଦର ପୁଅଟିଏ ହେଲା। ବଡ଼ ହେବାପରେ ସେ ବହୁତ ଗୁଣୀ ଓ ଜ୍ଞାନୀ ହେଲା। ତା'ର ନାମ 'ଦୃଢ଼ସ୍ୟୁ'। କୁଳରେ ଉତ୍ତମ ପୁଅ ଜନ୍ମ ହେଲା। ଫଳରେ ଅଗସ୍ତିଙ୍କର ପୂର୍ବ ପୁରୁଷ ମୁକ୍ତି ପାଇଲେ।

**ଆଲୋକନଗର, ନିଆଳୀ, ଜି- କଟକ**

**ମୋ- ୯୯୩୭୮୪୦୩୮୭**

# ବିଦେଶୀ



**ଶକ୍ତିଶଙ୍କର ମିଶ୍ର**

ଟୋକିଓ ସହର। ଆଲୋକ ମାଳାରେ ଝଲସୁଛି ବଜାର ସାରା । ଜଣେ ସମ୍ଭ୍ରାନ୍ତ ମହିଳା ତାଙ୍କର ୭ବର୍ଷର ଝିଅକୁ ଧରି ବଜାର ବୁଲୁଥାନ୍ତି। ଆବଶ୍ୟକ ଥିବା ଜିନିଷ କିଣିବାକୁ ମହିଳା ଜଣକ ଗୋଟିକ ପରେ ଗୋଟିଏ ଦୋକାନକୁ ଯାଉଥାନ୍ତି। ହଠାତ୍ ଝିଅଟି ମା'ଙ୍କ ହାତଛାଡ଼ି ଠିଆ ହୋଇଗଲା। ଗୋଟିଏ ଫଳ ଦୋକାନ ଆଗରେ । ଅନ୍ୟ ଏକ ଦୋକାନରୁ ଜିନିଷ କିଣି ଫେରିଲା ବେଳକୁ ଦେଖିଲେ ଝିଅଟି ଦେଖୁଛି ଏକ ଲୟରେ ଫଳ ଦୋକାନକୁ । ଦୋକାନରେ ସଜା ହୋଇ ରହିଚି ସବୁ ଦେଶ ବିଦେଶର ଅନେକ ଫଳ । ଥାକ ତଳେ ଲେଖା ହୋଇଛି ଦେଶର ନାମ। ଦୋକାନରେ ଥିବା କମଳା ଆଡ଼କୁ ଚାହିଁ ରହିଛି ଝିଅଟା। ଦେଖିବାକୁ ବେଶ୍ ମନଲୋଭା। ଝିଅଟି ମା'ଙ୍କ ମୁହଁକୁ ଚାହିଁଲା। କମଳା ଥାକକୁ ହାତ ବଢ଼ାଇ କମଳା ନେବାକୁ ଠାରିଲା। ଝିଅର ଠାର ଠିକ୍ ବୁଝି ପାରିଲେ ଭଦ୍ର ମହିଳା ଜଣକ। କମଳା ଥାକକୁ ଚାହିଁ ଚମକି ପଡ଼ିଲେ। ଥାକ ତଳେ ଲେଖାଥିଲା କାଲିଫର୍ଣ୍ଣିଆ। ଅଣ୍ଟାକୁ ନୁଆଇଁ ଝିଅ କାନ ପାଖକୁ ଯାଇ କହିଲେ ମା'ରେ ତୋର ଜେଜେ ଓ ତାଙ୍କ ବାପାଙ୍କୁ ଆଉ ଆମ ଦେଶର ସବୁ ଲୋକଙ୍କୁ ମାରିବାକୁ ଯେଉଁ ଦେଶ ବୋମା ପକାଇଥିଲା ଆଉ ଆମ ଦେଶ ସହିତ ଶତ୍ରୁତା କରି ବହୁତ କ୍ଷତି କରିଥିଲା ସେଇ ଦେଶରୁ ଏଇ କମଳା ଆସିଛି।

ଝିଅଟି କ'ଣ ବୁଝିଲା କେଜାଣି । ମା'ଙ୍କ ହାତକୁ ଟାଣି ଟାଣି ଟିକେ ଦୂରକୁ ଆସି କହିଲା, 'ମା' ମୁଁ କମଳା ଖାଇବିନି ତୁମେ କମଳା କିଣ ନାହିଁ ।'

ସରବରାକାର ଶିବସୁନ୍ଦର ପଟ୍ଟନାୟକଙ୍କ କଚେରୀ ଘର। ଲମ୍ବା ଚୌକିରେ ବସିଥାନ୍ତି ଶିବସୁନ୍ଦର। ଆଗକୁ ୬ହାତ ଛାଡ଼ି ବସିଥାନ୍ତି ଗୁମାସ୍ତା । ଆଗରେ ଲୋ ଡେସ୍କ । ତା ଉପରେ ଥୁଆ ହୋଇଛି ନାଲିକନା ଗୁଡ଼ା ହୋଇ ନଥିପତ୍ର। ଗୁମାସ୍ତା ପ୍ରଜାଙ୍କ ସହ କଥା ହୋଇସାରିବା ପରେ ଉଠିକରି ଯାଆନ୍ତି ମହାଜନେ ହୁକା ଟାଣିବା ସମୟରେ ଯିବାଟା ଗୁମାସ୍ତାଙ୍କ ଅନୁକୂଳ ସମୟ । ଠିକେ ଠିକେ ୩/୪ପଦରେ କଣ କହନ୍ତି କେବଳ ଦୁଇଜଣଙ୍କ ଭିତରେ ସୀମିତ। ପୁଣି ଆସି ପ୍ରଜାକୁ ମହାଜନଙ୍କ ନିଷ୍ପତ୍ତି ଶୁଣାନ୍ତି । ତେବେ ଗୁମାସ୍ତାଙ୍କ ସହିତ ଠିକ୍ ଭାବରେ କଥା ହୋଇଥିବା ପ୍ରଜାଟି ଆନନ୍ଦରେ ଘରକୁ ଫେରେ। ଗୁମାସ୍ତାଙ୍କର ଠିକ୍‌କୁ ଭୁଲ କରିବା ଅସମ୍ଭବ। ଏଣୁ ଗୁମାସ୍ତା ସହିତ ଠିକ୍ ହିସାବ ନ କଲେ ଠକିବା ସାର।

ଫ
ର
କ

ଦିନ ୧୧ଟା ହେବ । କଚେରୀ ଗେଟ ଆଗରେ ଲାଗିଲା ଘୋଡ଼ା ଗାଡ଼ିଟିଏ। ଗାଡ଼ିରୁ ଓହ୍ଲାଇ ଦାମୀ ବଙ୍କୁଲି ବାଡ଼ି ଧରି ମାଡ଼ି ଆସୁଛନ୍ତି କଚେରି ଘର ଆଡ଼କୁ। ମଠା ପଞ୍ଜାବୀକୁ ବଂଗାଳୀ ଧୋତି। ଦୁଆର ପାଖ ହଉ ହଉ ଭିତରୁ ଡାକ ପଡ଼ିଲା। ସମୁଦି କଣ ମନେ ପଡ଼ିଲା, କହୁ କହୁ ଠିଆ ହୋଇ ପଡ଼ିଲେ ଶିବସୁନ୍ଦର ବାବୁ। ଗୁମାସ୍ତା ଉଠିପଡ଼ି ଦୁଆର ମୁହଁରୁ ବାଟେଇ ନେଲେ ଚୌଧୁରୀ ତ୍ରିଲୋଚନ ଦାସ। ଘରୁଆ ଲୋକ, ସେ କାଳର ମାଟ୍ରିକ ପାଶ। ପଢ଼ା କଲିକତାରେ। ସରବରାକାର ଶିବସୁନ୍ଦରଙ୍କ ଭାଣେଜୀ ଚୌଧୁରୀଙ୍କ ବଡ଼ ବୋହୂ। ଏଣୁ ସମୁଦି ବଙ୍କୁଲି ବାଡ଼ିଟା ଉଠାଇ ବାଡ଼ିର ତଳ ପଟକୁ ବାଁ ହାତରେ ବୁଲାଇ ବୁଲାଇ ମହାଜନଙ୍କ ପାଖରେ ପହଞ୍ଚିଲା ବେଳକୁ ଦୁଇ ହାତକୁ ଧରି ସୋଫାରେ ବସାଇ ଦେଲେ ଚୌଧୁରୀଙ୍କୁ ଶିବସୁନ୍ଦରବାବୁ । ହସାହସି ଭିତରେ ହୁକାପାଇଁ ଅନୁରୋଧ କରବାରେ ଚୌଧୁରୀ ମନା କଲେ। କାରଣ ପଚାରିବାରେ ଚୌଧୁରୀ ସଂକ୍ଷେପରେ ବୁଝାଇ ଦେଲେ, ଲଣ୍ଡନରେ ପୁଅ ସେଠା ଡାକ୍ତରଙ୍କ ଦ୍ୱାରା ଚୌଧୁରୀଙ୍କ ଶରୀରର ପୂରା ପରୀକ୍ଷା କରି ଜଣାଇ ଦେଇଛି । ଏଣିକି ଧୂଆଁ ଖିଆ ବନ୍ଦ। ଖଣ୍ଡିକାଶ ମାରି ଶିବସୁନ୍ଦର ଆରମ୍ଭ କଲେ, 'ଆଉ ଲଣ୍ଡନ ଖବର କ'ଣ ? କେତେଦିନ ରହିଲ ? କଣ ସବୁ ଦେଖିଲ ? କଣ ଆଣିଲ '? ଏତେ ଗୁଡ଼ାଏ ପ୍ରଶ୍ନ ଶୁଣି ଭିତରେ ଭିତରେ ଗର୍ବ ଅନୁଭବ କଲେ ବି ମୁରୁକି ହସି ଆରମ୍ଭ କଲେ ତାଙ୍କ ଲଣ୍ଡନ କଥା । ଲଣ୍ଡନ ଯାଇଥିବାରୁ ଚୌଧୁରୀ ନିଜକୁ ଧନ୍ୟ ମଣୁଥାନ୍ତି । ଅବଶ୍ୟ ଚୌଧୁରୀଙ୍କ ଲଣ୍ଡନ ଯିବାଟା ଏକ କାକତାଳିକ। କଥାଟା ହେଲା ଚୌଧୁରୀଙ୍କ ବଡ଼ ପୁଅ ଶୁଭମ୍ ଦିଲ୍ଲୀରେ ପଢୁଥିବାବେଳେ ଜଣେ ଗୁଜୁରାଟୀ ଝିଅକୁ ଭଲପାଇ ବାହା ହୋଇଗଲା। ପରେ ଅବଶ୍ୟ ଆସି ବାପାଙ୍କୁ ବୁଝାଇବାରେ ସକ୍ଷମ ମଧ୍ୟ ହେଲା । ସେ ଝିଅର ବାପା ବଡ଼ଲୋକ। ଦୁହିଁଙ୍କୁ ଅଧିକ ପଢ଼ାଇବାକୁ ଲଣ୍ଡନ ପଠାଇଲେ। ଲଣ୍ଡନରେ ପାଠ ପଢୁ ପଢୁ ସେଠାରେ ଅଧିକ ଟଙ୍କାରେ ଚାକିରି ପାଇଗଲେ । ଗଲାବର୍ଷ ଶୁଭ ଗାଁକୁ ଆସିଥିଲାବେଳେ ଲଣ୍ଡନ କଥା ଟିକିନିଖି କରି ପଚାରିବାରୁ ଚୌଧୁରୀଙ୍କୁ ଲଣ୍ଡନ ନେବାକୁ କଥା ଦେଇଥିଲା। ଜାହାଜ ଟିକଟ ପଠାଇଥିଲା ଗଲା ମେ ମାସରେ। ଜୁନ ମାସରେ ଯାଇ ମାସେ ରହି ଫେରିଛନ୍ତି ଚୌଧୁରୀ ମହାଶୟ ଲଣ୍ଡନରୁ। କଣ ସବୁ ଆଣିଲ ପଚାରିବାରେ ବାଁ ହାତରେ କଚିଟିକୁ ତଳକୁ କରି ଦେଖାଇ ଦେଲେ ଘଡ଼ିକୁ ।ବେଶ୍ ମନଲୋଭା ବ୍ୟାଣ୍ଡ ମଧ୍ୟ ଅତି ସୁନ୍ଦର। ଘଣ୍ଟାକୁ ଦେଖିବାକୁ ଚାହିଁ ଦେଲାବେଳକୁ ଘରକୁ ପଶି ଆସିଲା ସରବରାକାରଙ୍କ ବଡ଼ ନାତୁଣୀ ।

ଡାକ ନାଁ ସ୍ୱିଟି । ମାଟ୍ରିକ୍ ପାଶକରି ଏବେ କଲେଜରେ ନାଁ ଲେଖାଇଛି । ଜେଜକୁ ମୁଣ୍ଡିଆ ମାର କହିଲାମାତ୍ରେ ଝିଅ ଅଧା ନଇଁ ଡାହାଣ ହାତକୁ ତଳକୁ ବଢ଼ାଇ ଉଠି ପଡ଼ିଲା। ଜେଜେ ଲଣ୍ଡନ ଯାଇଥିଲେ ଦେଖେ କିମିତି ଘଣ୍ଟା ଆଣିଛନ୍ତି । ନାତୁଣୀ ସ୍ୱିଟି ଚୌଧୁରୀଙ୍କ କଟିଟିକୁ ଧରି ନିରେଖି ଦେଖିଲା ଘଣ୍ଟାକୁ। ହସି ହସି କହିଲା, ‘ଜେଜେ ମୋ ପାଇଁ ଗୋଟେ ଘଣ୍ଟା ମଗେଇ ଦେବ ନାଁ ?’ ଚୌଧୁରୀ ବାବୁ ସ୍ୱିଟିର ମୁଣ୍ଡରେ ହାତ ରଖି, ‘ହଉ ମୁଁ ଶୁଭକୁ ଚିଠି ଦେବି ସେ ଆସିଲା ବେଳେ ତୋ ପାଇଁ ଘଣ୍ଟା ନିଶ୍ଚୟ ଆଣିବ ।’ ହଠାତ୍ ଶିବସୁନ୍ଦର ଚିହିଁକି ଉଠିଲେ । ଚିଡ଼ିଲା ଭଳି କହିଲେ, ‘ନାଁ ସେଟା ଆମ ଶତ୍ରୁ ଦେଶ। ମୋ ଜେଜ ଜଣେ ସତ୍ୟାଗ୍ରହୀ ଥିଲେ ।ପୁଲିସ୍ ତାଙ୍କୁ ମାରିଦେଲା। ଘଟଣାକୁ ଚପାଇବାକୁ ମୋ ମାମୁଁଙ୍କ ଜରିଆରେ ବାପାଙ୍କୁ ସରବରାକାର କରି ବାପାଙ୍କୁ ସବୁଦିନ ପାଇଁ ଚୁପକରି ଦେଲା। ଆଉ ତୁ କହୁଛୁ ସେ ଦେଶର ଘଡ଼ି ପିନ୍ଧିବୁ ’। ଅଧିକ ଚିଡ଼ିବା ଭଳି ସ୍ୱିଟି କହିଲା, ‘ଜେଜ ତୁମେ କିଛି ଜାଣିନ। ଇଣ୍ଡିପେଣ୍ଡେନ୍ସ ପରେ ଭାରତରେ ମେଡ-ଇନ-ଇଂଲଣ୍ଡ ଜିନିଷର ସମ୍ମାନ ବହୁ ବଢ଼ିଛି। ଯେତେହେଲେ ମେଡ-ଇନ୍-ଇଂଲଣ୍ଡଟି’। ଚୁପ ରହିଲେ ଶିବସୁନ୍ଦର ବାବୁ ।

**ଆମଘର, ଖୋରଧା**

**ମୋ-୯୪୩୭୭୧୪୯୦୦**

## ଖୋରଧାର ଅଧ୍ୟାପକ ଗୋପାଳକୃଷ୍ଣ ଦାସ ସମ୍ମାନିତ



ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟର୍‌ନ୍ୟାସନାଲ୍ ସେଣ୍ଟରଠାରେ ଆୟୋଜିତ ଗ୍ଲୋବାଲ ଟିଚର୍ କନ୍‌ଫରେନ୍ସରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ ସମ୍ମାନିତ ହୋଇଛନ୍ତି। ଶ୍ରୀ ଦାସଙ୍କୁ ଶିକ୍ଷା ତଥା ସାମାଜିକ ଉତ୍ଥାନ କ୍ଷେତ୍ରରେ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି। ସେ ଇଣ୍ଡିଆନ୍ ସାଇନ୍ସ କଂଗ୍ରେସ,ଓରିଏଣ୍ଟାଲ୍ କନ୍‌ଫରେନ୍ସରେ ଖୋର୍ଦ୍ଧା ଏବଂ ଓଡ଼ିଶା ସମ୍ବନ୍ଧରେ ପ୍ରବନ୍ଧ ଉପସ୍ଥାପନ, ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ବୌଦ୍ଧିକ ସଂସ୍କୃତି ସମ୍ପର୍କୀୟ ବୃତ୍ତଚିତ୍ର ପ୍ରଦର୍ଶନ, ନ୍ୟାସନାଲ୍ ମାନ୍ୟୁସ୍କ୍ରିପ୍ଟ ମିଶନ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲାର ୨୬ହଜାର ତାଳପତ୍ର ପୋଥି ସର୍ବେକ୍ଷଣ ପ୍ରଭୃତି କ୍ଷେତ୍ରରେ ପୁରସ୍କୃତ ହୋଇଛନ୍ତି। ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ପାଇଁ ଗ୍ରନ୍ଥ ସମ୍ପାଦନ ସହ ୬ଟି ଓଡ଼ିଆ ଓ ଇଂରାଜୀ ଗ୍ରନ୍ଥ ଏବଂ ୪୦ଟି ଗ୍ରନ୍ଥର ସମ୍ପାଦନା କରିଛନ୍ତି।

‘ଆମରି ସତ୍ୟ’ ପରିବାର ତରଫରୁ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା।

## ଶିକ୍ଷାବର୍ଷ ୨୦୧୭-୧୮

# ଗୋକୁଳାନନ୍ଦ ଛାତ୍ର ବୃତ୍ତି

**(ସତ୍ୟଚେତନା ଆନ୍ତର୍ଜାତିକ ଆଧ୍ୟାତ୍ମିକ ଆନୁକୂଲ୍ୟରେ)**

**ଯୋଗ୍ୟତା -** ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ।

| ବୃତ୍ତିର ନାମ | ବୃତ୍ତି ସଂଖ୍ୟା | ମାସିକ | ଅବଧି | ସମୁଦାୟ |
|---|---|---|---|---|
| ମେଧା ୧ମ | ୧ | ୫୦୦ଟ. | ୩ ବର୍ଷ | ୧୮,୦୦୦ |
| ମେଧା ୨ୟ | ୫ | ୩୦୦ଟ. | ୨ ବର୍ଷ | ୩୬,୦୦୦ |
| ମେଧା ୩ୟ | ୧୦ | ୧୦୦ଟ. | ୧ ବର୍ଷ | ୧୨,୦୦୦ |

**(ଏତଦ୍ ବ୍ୟତୀତ ସାଧାରଣ ଜ୍ଞାନ ଓ ଆଧ୍ୟାତ୍ମିକ ଚେତନାର ବିକାଶ ଉପଯୋଗୀ ୧୦୦ଟି ଛାତ୍ରବୃତ୍ତି ପ୍ରଦାନ କରାଯିବ)**

**ଲକ୍ଷ୍ୟ -** ଛାତ୍ରଛାତ୍ରୀମାନଙ୍କର ଧୀଶକ୍ତି ଓ ଆଧ୍ୟାତ୍ମିକ ଚେତନାର ବିକାଶ ।

**ନିୟମାବଳୀ**

୧. ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଜରିଆରେ ନିଜର ନାମ, ପିତାଙ୍କ ନାମ, ଜନ୍ମ ତାରିଖ, ପଢୁଥିବା ବିଦ୍ୟାଳୟ ନାମ ଓ ଠିକଣା, କେଉଁ ଶ୍ରେଣୀରେ ପଢୁଛନ୍ତି ଓ ନିଜର ବର୍ତ୍ତମାନର ଠିକଣା, ମୋବାଇଲ୍ ନଂ. ଓ ନିଜର ଗୋଟିଏ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଆବେଦନ କରିବାକୁ ପଡ଼ିବ । ପ୍ରତ୍ୟେକ ଆବେଦନକାରିଙ୍କୁ ପରୀକ୍ଷାରେ ବସିବା ପାଇଁ ଅନୁମତି ପତ୍ର ସତ୍ୟଚେତନା ସଂସ୍ଥା ତରଫରୁ ଡାକ ଦ୍ୱାରା ପଠାଯିବ । ଏଥିପାଇଁ ଆବେଦନକାରିଙ୍କୁ ନିଜ ଠିକଣା ଲେଖା ଥିବା ୫ଟଙ୍କାର ଡାକ ଟିକଟ ଲାଗିଥିବା ଲଫାଫା ପଠାଇବାକୁ ପଡ଼ିବ ।

୨. ପ୍ରତିଯୋଗିତା ପରୀକ୍ଷାର ଫଳାଫଳକୁ ନେଇ ବୃତ୍ତି ପ୍ରଦାନ କରାଯିବ । ଏହି ବୃତ୍ତି ପରୀକ୍ଷାରେ ସାଧାରଣ ଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନ ସମ୍ବଳିତ ତଥ୍ୟ ଓ ପ୍ରଶ୍ନାବଳୀ ପ୍ରତି ମାସର ‘ସତ୍ୟଚେତନା’ ଓ ‘ଆମରି ସତ୍ୟ’ ପ୍ରତିକାରେ ପ୍ରକାଶ ପାଇ ଆସୁଅଛି ।

୩. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ସେମାନଙ୍କର ଉତ୍କର୍ଷତା କ୍ରମରେ ଏହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

୪. ବୃତ୍ତି ପାଉଥିବା ସମୟରେ ବୃତ୍ତିଧାରୀମାନେ ଶିକ୍ଷାରୁ ନିବୃତ୍ତ ରହିବେ ନାହିଁ ।

ଆବେଦନ କରିବାର ଶେଷ ତାରିଖ **ଅଗଷ୍ଟ ୧ ତାରିଖ ୨୦୧୭** । ବିଶେଷ ବିବରଣୀ ପାଇଁ ‘ସତ୍ୟଚେତନା’ ଓ ‘ଆମରି ସତ୍ୟ’ର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

**ଯୋଗାଯୋଗ ଠିକଣା -**

**୧. “ସତ୍ୟଚେତନା” କାର୍ଯ୍ୟାଳୟ, ପି - ୬, ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯, ଫୋନ୍- ୦୬୭୪-୨୪୭୧୭୫୩**

**୨. “ଆମରି ସତ୍ୟ” କାର୍ଯ୍ୟାଳୟ,ଏମ୍ - ୧/୫,ମୁକୁନ୍ଦ ପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ,ପୋଷ୍ଟ-ପି.ଏନ୍.କଲେଜ, ଖୋରଧା - ୭୫୨୦୫୭, ମୋବାଇଲ୍ ନଂ. ୯୪୩୭୨୮୧୬୫୫**



# ସୁରେଶଙ୍କ ମହତ୍ ପଣିଆ

**ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

୨୦୧୬। ଫେବୃଆରୀ ୧୯ ତାରିଖ, ଶୁକ୍ରବାର। ସବୁଦିନ ଭଳି ସେଦିନ ବି ଗରାଖଙ୍କ ଅପେକ୍ଷାରେ ଥାଆନ୍ତି ସୁରେଶ ଚନ୍ଦ୍ର ପାଣ୍ଡେ। ସେ ଜଣେ ଅଟୋରିକ୍ସା ଡ୍ରାଇଭର୍।ଘର ଉତ୍ତରପ୍ରଦେଶରେ। କିନ୍ତୁ ୧୯୮୫ ମସିହାଠାରୁ ସେ ମହାରାଷ୍ଟ୍ରର ମୁମ୍ବାଇରେ ଅଟୋ ଚଳେଇ ରୋଜଗାର କରିଆସୁଛନ୍ତି।

ସୁରେଶ ଅପେକ୍ଷା କରିଥାଆନ୍ତି ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନ ବନ୍ଦର ସାମନାରେ। ଯାହା ହେଉ ଯାତ୍ରୀ ଜଣେ ମିଳିଗଲେ। ପାଖାପାଖି ୨୮ବର୍ଷ ବୟସର ମହିଳା ଜଣେ। ସେତେବେଳକୁ ଉପରବେଳା ଛଅଟା ବାଜିଥାଏ। ଯାତ୍ରୀ ଜଣକ ଅଟୋରେ ବସିପଡ଼ି କହିଲେ, "ଅନ୍ଧେରୀକୁ ଚାଲ।"

ଅଟୋ ଚାଲିଲା ଅନ୍ଧେରୀକୁ ଯିବା ରାସ୍ତାରେ। କିନ୍ତୁ ଦଶମିନିଟ୍ ଯାଇଛି କି ନାହିଁ, ମହିଳା ଜଣଙ୍କ ସୁରେଶଙ୍କୁ କହିଲେ, "ନା, ନା ଅନ୍ଧେରୀକୁ ନଯାଇ ଚାଲ ଯାରି ରୋଡ୍‌କୁ।" ଏ କେଉଁ ନୂଆକଥା ସୁରେଶଙ୍କ ପାଇଁ! ପାସେଞ୍ଜର୍‌ମାନେ ଅଟୋରେ କିଛି ବାଟଯିବା ପରେ ନିଜ ନିଷ୍ପତ୍ତି ବଦଳେଇ ଅନ୍ୟଜାଗାକୁ ଯିବା ନିମନ୍ତେ ବି ବରାଦ ଦେଇଥାଆନ୍ତି। ତେଣୁ ସୁରେଶ ଅଟୋକୁ ମୁହାଁଇଲେ ଯାରିରୋଡ୍ ଆଡ଼େ। ପାଞ୍ଚମିନିଟ୍ ଯାଇଛି କି ନାହିଁ, ପୁଣି କହିଲେ, "ମତେ ନେଇଚାଲ ବ୍ୟାଣ୍ଡ୍‌ଷ୍ଟାଣ୍ଡ୍‌କୁ। ଏଥିରେ ଅବା ସୁରେଶ କାହିଁକି ଆପତ୍ତି କରିଥାଆନ୍ତେ। ଏ'ତ ସବୁ ଅଟୋ ଡ୍ରାଇଭର୍‌ଙ୍କ ନିତିଦିନିଆ ଶୁଣାକଥା। ମାତ୍ର ଏହାପରେ ସେ ଯାହା କହିଲେନା, ତାହା ଶୁଣି ସୁରେଶଙ୍କ ଦେହରେ ଝାଳ ଜକେଇ ଆସିଲା ଛାନିଆଁରେ। ସୁରେଶଙ୍କୁ କ'ଣ କହିଲେ କି ସେ ମହିଳା?

ସେ ସୁରେଶଙ୍କୁ କହିଲେ, "ମୋତେ ବ୍ୟାଣ୍ଡ୍‌ଷ୍ଟାଣ୍ଡ୍‌ରେହିଁ ଓହ୍ଲେଇ ଦେବ। ସେଇଠି ପହଞ୍ଚି ମୁଁ ସମୁଦ୍ରକୁ ଡ଼େଇଁପଡ଼ିବି। ଯେତେ ଖୋଜିଲେ ବି ମୋତେ କେହି ପାଇବେନି।"

ଏହାଶୁଣି ସୁରେଶ ଭାବିଲେ ଯେ ମହିଳାଜଣକ ବୋଧହୁଏ ମଜାରେ ଏପରି କହୁଛନ୍ତି। ତେଣୁ ସୁରେଶ ହସିପକାଇଲେ। କିନ୍ତୁ ଅଟୋ ଚାଲୁଥିବାବେଳେ ସେ ବାରଂବାର ସେଇ ସମାନ କଥାକୁ ଦୋହରେଇ ଚାଲିଲେ। ବଡ଼ ଘାବରେଇ ଗଲେ ସୁରେଶ। ଭିଲେ ପାର୍‌ଲେରେ ପହଞ୍ଚି ସେ ଅଟୋର ଷ୍ଟାର୍ଟ ବନ୍ଦକରିଦେଲେ। ଅଟୋରୁ ନିଜେ ଓହ୍ଲେଇପଡ଼ି ତାଙ୍କୁ ପଚାରିଲେ, "ଆଜ୍ଞା ଆପଣଙ୍କର ହୋଇଛି କଅଣ? କାହିଁକି ତୁଣ୍ଡରେ ଧରୁଛନ୍ତି ଏପରି କଥା?"

ମହିଳା ଜଣକ ଉତ୍ତର ଦେଲେ, "ଏ ଦୁନିଆରେ ମୋର ବୋଲି କହିବାପାଇଁ କେହି ନାହାନ୍ତି। ତେଣୁ ମୁଁ ବଞ୍ଚିରହି କି ଲାଭ?" ଏହା ପରର ଅଧଘଣ୍ଟା। ସୁରେଶ ତାଙ୍କୁ ବହୁପ୍ରକାର ବୁଝେଇ ଚାଲିଲେ। କାଳେ ସେ ଟିକିଏ ଶାନ୍ତହେବେ, ତାଙ୍କୁ ଟିକିଏ ଭଲ ଲାଗିବ- ଏଥିପାଇଁ ସୁରେଶ ତାଙ୍କୁ ପଚାରିଲେ, "ଆପଣଙ୍କର ହୋଇଛି କଅଣ? ଆପଣଙ୍କର ଦୁଃଖ? ମୋ ଦ୍ୱାରା ଆପଣଙ୍କର କିଛି ଯଦି ଉପକାର ହୋଇପାରିବ, ତେବେ ମୁଁ ତାହା ନିଶ୍ଚୟ କରିବି।" ସୁରେଶଙ୍କର କଥାଶୁଣି ସେ ଉତ୍ତର ଦେଲେ, "ମୁଁ ଗୋଟିଏ ଭଲ ଚାକିରି କରୁଥିଲି। ଏଇ କିଛିଦିନ ତଳୁ ମୋର ଚାକିରି ଚାଲିଯାଇଛି। ସେଇ ଚାକିରି ଯିବା ଦିନଠାରୁ ବଡ଼ ଭାଙ୍ଗିପଡ଼ିଛି ମୁଁ। ଅଳ୍ପଦିନ ତଳେ ମୋ ମାଆ ଆସିଥିଲେ। ସେ ମୋ ସାଙ୍ଗରେ ଖୁବ୍ ଝଗଡ଼ା କଲେ। ଝଗଡ଼ାଟା ଏତେ ବେଶୀ ବଢ଼ିଗଲା ଯେ ସେ ରାଗିଯାଇ ଆଜି ଦିଲ୍ଲୀ ଫେରିଯାଉଛନ୍ତି।"

ଆତ୍ମହତ୍ୟା କରିବା ମହାପାପ ଓ ବଡ଼ ଖରାପ କାମ ବୋଲି ସୁରେଶ ଯେତେ ବୁଝାଇଲେ ମଧ୍ୟ ସେ ବୁଝିବାକୁ ନାରାଜ। ସୁରେଶଙ୍କର ଅନୁଭବ ହେଲା ଯେ ସେହି ମହିଳାଜଣକ ବଡ଼ ଜିଦ୍‌ଖୋର୍। ସେ ଏହାମଧ୍ୟ ଭାବିଲେ ଯେ ସେ ଯଦି ତାଙ୍କୁ ବ୍ୟାଣ୍ଡ୍‌ଷ୍ଟାଣ୍ଡ୍ ନନେଇ ଏଇଠି ଓହ୍ଲେଇଦେବେ, ତେବେ ମହିଳାଜଣକ ଆଉ ଗୋଟିଏ ଅଟୋ ଭଡ଼ାକରି ସେଠାକୁ ଚାଲିଯାଇପାରିବେ। ସେହି ଅନ୍ୟ ଡ୍ରାଇଭର୍ ଜଣକ ତାଙ୍କୁ ସେଠି ଓହ୍ଲେଇଦେବେ ଓ ସେ ଯାହା କରିବାପାଇଁ ଜିଦ୍ ଧରିଛନ୍ତି, ତାହା ହୁଏତ କରିପକେଇବେ। ସୁରେଶ ଟିକିଏ ଚିନ୍ତାକଲେ। କହିଲେ, "ଚାଲନ୍ତୁ ମୁଁ ଆପଣଙ୍କୁ ନେଇଯିବି ଏୟାର୍‌ପୋର୍ଟ୍ ଥାନାକୁ। ଏୟାର୍‌ପୋର୍ଟ୍ ଥାନାରେ ଜଣେଇଲେ ପୋଲିସ୍ ହୁଏତ ସେଠାରେ ଆପଣଙ୍କ ମାଆଙ୍କୁ ଖୋଜି ପାଇଯିବେ। ତାଙ୍କୁ ବୁଝେଇ ସୁଝେଇ ନେଇ ଆସିବେ ଆପଣଙ୍କ ପାଖକୁ।" ମହିଳା ଜଣକ ଏଥିରେ ରାଜିହେଲେ। ଅଟୋ ଚାଲିଲା ଏୟାର୍‌ପୋର୍ଟ୍ ଥାନାକୁ।

ଜମା ୧୦ମିନିଟ୍ ଭିତରେ ଅଟୋ ଥାନାରେ ପହଞ୍ଚିଗଲା। ସୁରେଶ ଅଟୋରୁ ଓହ୍ଲେଇ ତୁରନ୍ତ ପଶିଗଲେ ଥାନା ଭିତରକୁ। ଥାନା ବାବୁଙ୍କୁ କହିଲେ, "ଦେଖନ୍ତୁ ଆଜ୍ଞା! ମୋ ଅଟୋରେ ବସିଛନ୍ତି ଜଣେ ମହିଳା। ସେ ଆତ୍ମହତ୍ୟା କରିବେ ବୋଲି ଅଡ଼ିବସିଛନ୍ତି। ମୁଁ ଯେତେ ବୁଝେଇଲେ ବି ଶୁଣିବା ପାଇଁ ନାରାଜ।" ଥାନା ବାବୁ ଜମା ଡ଼େରି ନକରି ଧାଇଁଆସିଲେ ଅଟୋ ପାଖକୁ। ମହିଳା ଜଣକୁ ଥାନା ଭିତରକୁ ଡ଼ାକିନେଲେ। ପଚରାପଚରି କରି ଶୁଣିନେଲେ ତାଙ୍କ ଦୁଃଖ। ବହୁତ ବୁଝାବୁଝି କଲେ। ପାଖାପାଖି ଦୁଇଘଣ୍ଟାଧରି ବୁଝେଇସୁଝେଇ ତାଙ୍କୁ ନେଇଗଲେ କୁପର ହସପିଟାଲ୍‌କୁ। ହସପିଟାଲ୍‌ରେ ରହିଲେ ମହିଳା ଜଣକ। ତାଙ୍କ ଭଲମନ୍ଦ ବୁଝିବା ପାଇଁ ଜଣେ ପୋଲିସ୍ ଅଫିସର୍‌ଙ୍କୁ ଦାୟିତ୍ୱ ଦିଆଗଲା। ଯାହା ହେଉ ସୁରେଶ ପାଣ୍ଡେ ଯୋଗୁଁ ଜଣେ ମହିଳାଙ୍କର ଜୀବନ ରହିଗଲା। ସେ ଥାନାରେ ପହଞ୍ଚିନଥିଲେ ମହିଳା ଜଣକ କଅଣ କରିପକେଇଥାଆନ୍ତେ କିଏ ଜାଣେ? ସବୁ ଅଟୋ ଡ୍ରାଇଭର ସୁରେଶଙ୍କ ଭଳି ଭଲଲୋକ ହୋଇପାରିଲେ କେତେ ଭଲ ହୁଅନ୍ତା!

**'ଅଭୀପ୍‌ସା', ସେକ୍ଟର୍-୬, ପ୍ଲଟ୍ ନଂ- ୧୧୩୧**
**ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪**



# ଅସାବଧାନତାର ପରିଣାମ

**ଅଜୟ କୁମାର ସାହୁ**

ବେଳେ ବେଳେ ଆମର ସାମାନ୍ୟ ଅସାବଧାନତା ହେତୁ ଆମେ ବଡ ବଡ ବିପଦମାନ ନିମନ୍ତ୍ରଣ କରିଥାଉ। ଫଳସ୍ୱରୂପ ଆମକୁ ପ୍ରବଳ ମାନସିକ ତଥା ଶାରୀରିକ ପୀଡା ମିଳିଥାଏ । ଏହି ଅସାବଧାନତା କିମ୍ବା ଅନ୍ୟମନସ୍କତା ହେତୁ ଜନଜୀବନ ମଧ୍ୟ ନଷ୍ଟ ହୋଇଥାଏ । ବିଭିନ୍ନ ପ୍ରକାର ଅସାବଧାନରୁ ମନୁଷ୍ୟ କିପରି ବିପଦର ସମ୍ମୁଖୀନ ହୁଏ ତାହାର କିଛି ଉଦାହରଣ ଦୈନିକ ସମ୍ବାଦ ପତ୍ରରୁ ଦେଖିବାକୁ ମିଳେ ।

ପିଲାଟିଏ ଛାତ ଉପରେ ଗୁଡି ଉଡାଉଛି ଯେଉଁ ଛାତରକି ଚତୁର୍ପାର୍ଶ୍ୱରେ କୌଣସି ଆବଦ୍ଧ ନାହିଁ ପିଲାଟି ଗୁଡି ଉଡାଉଥିବାବେଳେ ଅନ୍ୟମନସ୍କତାରୁ ପଛକୁ ପଛ ଯାଇ ହଠାତ୍ ଛାତ ଉପରୁ ତଳକୁ ପଡିଯାଏ । ଫଳରେ ଗୋଡ ହାତ ଭାଙ୍ଗିବାସହ ବେଳେ ବେଳେ ମୃତ୍ୟୁ ମଧ୍ୟ ହୋଇଥାଏ । ଏଠାରେ ପିଲାଟି ଯେତେ ଅସାବଧାନତା ପାଇଁ ଦାୟୀ ତା'ଠାରୁ ପିତାମାତା ମଧ୍ୟ ଅଧିକ ଦାୟୀ, କାରଣ ପୁଅ କିମ୍ବା ଝିଅ ହେଉ ଯେତେବେଳେ ସେ ଛାତ ଉପରେ ଗୁଡି ଉଡାଉଛି ଆମେ ତାକୁ ବାରମ୍ବାର ସାବଧାନ କରିବା ସହ ତାହାପ୍ରତି ସଂପୂର୍ଣ୍ଣ ନଜର ମଧ୍ୟ ରଖିବା ଉଚିତ୍ ।

ନିକଟରେ ସମ୍ବାଦରୁ ଖବର ମିଳିଥିଲା ଏକ "ମା"ର ଅନ୍ୟ ମନସ୍କତାରୁ ଶିଶୁଟି ଗୁରୁଣ୍ଡି ଗୁରୁଣ୍ଡି ଯାଇ ମା ଭାତ ଗାଳି ରଖିଥିବା ଗରମ ପେଜରେ ହାତ ବୁଡାଇ ଦେଇ ଅକଥନୀୟ ଯନ୍ତ୍ରଣା ଭୋଗିଛି । ଏଠାରେ ସାବଧାନ ହେବା କ'ଣ ମାର ଦାୟିତ୍ୱ ନଥାଏ କି?. ସେହିପରି ଗୋଟିଏ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇପରେ କୌଣସି ଆଡକୁ ଲକ୍ଷ୍ୟ ନକରି ରୋଷେଇଆ ଗରମ ପେଜକୁ ଫୋପାଡି ଦେବାରୁ ବିଦ୍ୟାଳୟର ଛାତ୍ରଟିଏ ଗରମ ପେଜରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ମୃତ୍ୟୁସହ ସଂଗ୍ରାମ କରୁଥିଲା । ଶିଶୁଟିଏ ଗୁରୁଣ୍ଡୁଥିବାବେଳେ ଉଚ୍ଚ ବରଣ୍ଡାରୁ ପଡି ଆଘାତ ପାଇବା ମଧ୍ୟ ଅନ୍ୟ ଏକ ଦୃଷ୍ଟାନ୍ତ ।

ମହିଳାମାନେ ରୋଷେଇ କରିବା ସମୟରେ ସର୍ବଦା ସିଲିଣ୍ଡରରେ ଲାଗିଥିବା ରବର ପାଇପ୍‌କୁ ଲକ୍ଷ୍ୟ ରଖିବା ଉଚିତ୍ । ଗ୍ୟାସ୍ ବନ୍ଦ କରିବାକୁ ହେଲେ ପ୍ରଥମେ ରେଗୁଲେଟରକୁ ବନ୍ଦ କରିବାପରେ ଚୁଲାର ସୁଇଜ୍ ବନ୍ଦ କରିବା ଅତ୍ୟନ୍ତ ନିରାପଦ, କିନ୍ତୁ ଦେଖା ଯାଉଛିଯେ ପ୍ରାୟ ମହିଳାମାନେ କେବଳ ଚୁଲାର ସୁଇଚ୍ ବନ୍ଦ କରିଥାନ୍ତି କିନ୍ତୁ ରେଗୁଲେଟର ବନ୍ଦ କରିବାକୁ ଭୁଲିଯାଆନ୍ତି । ଏହାଦ୍ୱାରା ଗ୍ୟାସ୍ ପାଇପ୍‌ରେ ଲିକ୍ ଥିଲେ ମହାବିପଦର ସମ୍ଭାବନା ଥାଏ । ମହିଳାମାନେ ଗ୍ୟାସ ଚୁଲାରେ ଖିର ସିଝାଇବାବେଳେ କିମ୍ବା କରେଇରେ ତେଲ ପକାଇ ଦେଇ ଅନ୍ୟମାନଙ୍କ ସାଙ୍ଗରେ କଥାବାର୍ତ୍ତା ଭୋଳରେ ଚୁଲା କଥା ଭୁଲି ଯାଇଥାନ୍ତି । ଏପରି ପରିସ୍ଥିତିରେ ଅବହେଳା ହେତୁ ଚୁଲାରୁ ନିଆଁ ଉଠି ସାରା ଘରେ ଅଗ୍ନି ବିସ୍ଫୋରଣ କରିଥାଏ । ଏହା ହେଉଛି ସାମାନ୍ୟ ଅବହେଳାର ବିଷମ ପରିଣିତି ।

ନିଜର ଅବହେଳା ଯୋଗୁଁ ଠିକ୍ ସମୟରେ ବସ୍, ଟ୍ରେନ କିମ୍ବା ଟେକ୍ସି ଧରିବାପାଇଁ ଆମେ ଚଳନ୍ତା ଗାଡିରେ ତରତର ହୋଇ ଚଢିଥାଉ । ଏହା ଦ୍ୱାରା କେତେକ ଗୋଡହାତ ହରାଇଥିବା କିମ୍ବ ଅସ୍ୱାଭାବିକ ମୃତ୍ୟୁବରଣ କରିଥିବା ଦୃଷ୍ଟାନ୍ତ ଅଛି । ତରତର ହୋଇ ସେହି ଗାଡିରେ ନଯାଇ ସାମାନ୍ୟ ବିଳମ୍ବରେ ପରବର୍ତ୍ତୀଗାଡିରେ କ'ଣ ଯାଇପାରିବା ନାହିଁ । ରାତ୍ରୀରେ ଶୟନ ପୂର୍ବରୁ ଘରର ସମସ୍ତ ବାହାର ଦ୍ୱାର ଝରକା ଠିକ୍ ଭାବରେ ବନ୍ଦ ଅଛି କି ନାହିଁ ଦେଖିନେବା ନିତାନ୍ତ ଆବଶ୍ୟକ । ଏହି ସାଧାରଣ ଭୁଲ୍ ଯୋଗୁଁ ଧନଜୀବନ ହାନି ହେବା ଆଶଙ୍କା ଥାଏ । ଔଷଧ କିମ୍ବା ବିଷାକ୍ତ ରାସାୟନିକ ଦ୍ରବ୍ୟକୁ ସର୍ବଦା ଛୋଟ ପିଲାମାନଙ୍କର ହାତ ପାଆନ୍ତାଠାରୁ ଦୂରେଇ ରଖନ୍ତୁ । ଛୋଟ ପିଲାମାନଙ୍କୁ ସବୁବେଳେ ଡିବି ଓ ଲଣ୍ଠନ ଆଦିଠାରୁ ଦୂରେଇ ରଖନ୍ତୁ। ନିକଟରେ ଦିଲ୍ଲୀରେ ମା ଟିଏ ଦୁଇଟି ଯାଁଳା ପିଲାମାନଙ୍କୁ ଘରେ ଏକା ଏକା ଛାଡି ଦେଇ ଡିଟରଜେଣ୍ଟ କିଣିବାପାଇଁ ଅଳ୍ପ ସମୟ ପାଇଁ ଯାଇ ଆସି ଦେଖନ୍ତି ଯେ ଶିଶୁ ଦୁଇଟି ଏକ ୱାସିଙ୍ଗ ମେସିନ ମଧ୍ୟରେ ଥିବା ପାଣି ମଧ୍ୟରେ ପଡି ମୃତ୍ୟୁବରଣ କରିଛନ୍ତି ଏଥିରୁ ଶିକ୍ଷାମିଳେ ଯେ ସାଧାରଣ ଅବହେଳା ଯୋଗୁଁ ଏପରି ଏକ ଅସାମାନ୍ୟ ପରିଣାମ ଭୋଗ କରିବାକୁ ପଡିଥାଏ ।

ରାସ୍ତା କିମ୍ବା ଜଗୁଆଳି ବିହୀନ ଲେଭଲ କ୍ରସିଂ ପାର ହେବାବେଳେ ଅତ୍ୟନ୍ତ ସତର୍କତାର ସହ ରାସ୍ତାର ଦୁଇ ଦିଗକୁ ଲକ୍ଷ କରି ରାସ୍ତା ପାର ହେବା ଉଚିତ୍ । ଲେଭଲ କ୍ରସିଂ ବନ୍ଦ ଥିଲେ କେବେହେଲେ ରାସ୍ତାପାର ହେବାକୁ ଦୁଃସାହସ କରିବା ଅନୁଚିତ । କାରଣ କୌଣସି ମୁହୂର୍ତ୍ତରେ ଆପଣ ମହାବିପଦର ସମ୍ମୁଖିନ ହୋଇପାରନ୍ତି । ଛୋଟ ପିଲାମାନଙ୍କୁ କେବେହେଲେ ଆଲପିନ୍, ବୋତାମ କିମ୍ବା ଛୋଟ ଛୋଟ ମଞ୍ଜି ବା ଗୋଟିରେ ଖେଳିବାକୁ ସୁଯୋଗ ଦିଅନ୍ତୁ ନାହିଁ । ଖେଳୁ ଖେଳୁ ପିଲାଟି ତାହାକୁ କାନ, ନାକ କିମ୍ବା ପାଟିରେ ପୂରାଇବା ଦ୍ୱାରା ଆମେ ସେଥିରୁ ମୁକ୍ତି ପାଇଁ ବିଭିନ୍ନ ପ୍ରକାର ସମସ୍ୟାରେ ଘାଣ୍ଟି ହେବାକୁ ପଡିଥାଏ ।

ଏହିପରି ସାମାନ୍ୟ ଅସାବଧାନତା ଏବଂ ଅବହେଳାରୁ ଆମକୁ ପରିଣାମସ୍ୱରୂପ ଅଶେଷ ଦୁଃଖ ଓ କଷ୍ଟ ଭୋଗ କରିବାକୁ ହୋଇଥାଏ । ଏପରିକି ଅଯଥାରେ ଧନଜୀବନ ନଷ୍ଟ ହେବାର ସମ୍ଭାବନାକୁ ଏଡାଇ ହୋଇନଥାଏ । ଅତଏବ ଦୈନନ୍ଦିନ ଜୀବନ ଯାପନରେ ଆମକୁ ପ୍ରତି କ୍ଷେତ୍ରରେ ସାବଧାନ ଓ ସତର୍କପୂର୍ବକ ସବୁ ଆଡକୁ ଲକ୍ଷ୍ୟକରି ଚଳିବାକୁ ହେବ । ସାମାନ୍ୟ ଅସାବଧାନତା ହେତୁ ଆମକୁ ବେଳେବେଳେ ଅସାମାନ୍ୟ ପରିଣାମ ଭୋଗ କରିବାକୁ ହୋଇଥାଏ ।

*ଫ୍ଲାଟନଂ-ଏନ-୫/୨୨୩,*
*ଆଇ.ଆର.ସି.ଭିଲେଜ, ଭୁବନେଶ୍ୱର-୧୫*



# ଗର୍ଭବତୀ - ମହିଳାଙ୍କର ରକ୍ତହୀନତା

**ଡ଼କ୍ଟର ମୁରାରୀ ମୋହନ ଦାଶ**

ଆନେମିଆ (Anemia) ବା ରକ୍ତହୀନତା ରୋଗ ମହିଳା ଗର୍ଭବତୀ ଥିବା ସମୟରେ ହୋଇଥାଏ । ସହରର ୪୦ ପ୍ରତିଶତ ଓ ମଫସଲର ୮୦ ପ୍ରତିଶତ ମହିଳା ଏହି ସମସ୍ୟା ଭୋଗକରନ୍ତି । ଖାଦ୍ୟରେ ଲୌହର ଅଭାବରୁ ଏ ସମସ୍ୟା ଦେଖାଯାଏ । ଠିକ୍ ଭାବରେ ଏହାର ଚିକିତ୍ସା ନକଲେ ସମସ୍ୟା ଗୁରୁତର ରୂପ ଧାରଣ କରେ । ଏହି ରୋଗରେ କୋଷିକାର ସକ୍ରିୟତା ହ୍ରାସପାଏ, ରୋଗ ପ୍ରତିରୋଧକ ଶକ୍ତି କାମକରେ ନାହିଁ ଏବଂ ସଂକ୍ରମଣର ସମ୍ଭାବନା ଦେଖାଯାଏ । ଚିକିତ୍ସକମାନଙ୍କ ମତରେ ଏହି ରୋଗର ଠିକ୍ ସମୟରେ ଚିକିତ୍ସା କରିବା ଉଚିତ୍ । କେଉଁ ଖାଦ୍ୟ ଖାଇଲେ ଏ ରୋଗ ହେବନାହିଁ ସେ ବିଷୟରେ ସଚେତନତା ସୃଷ୍ଟିକରିବା ବିଧେୟ ।

ସ୍ୱଳ୍ପ ଆୟକାରୀ ଗୋଷ୍ଠୀ ମଧ୍ୟରେ ଏହି ରୋଗ ୮୦ଭାଗ ମହିଳାଙ୍କ ଠାରେ ଦେଖାଯାଉଥିବାବେଳେ ଉଚ୍ଚ ଓ ମଧ୍ୟମ ଆୟକାରୀମାନଙ୍କ କ୍ଷେତ୍ରରେ ୨୦ ପ୍ରତିଶତ ମହିଳା ଆକ୍ରାନ୍ତ ହେବାର ଜଣାଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମତରେ ଜଣେ ବ୍ୟକ୍ତିର ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ୧୧ଗ୍ରାମ / ଡ଼େସିଲିଟରରୁକମ୍ ରହିଲେ ସେ ବ୍ୟକ୍ତି ରକ୍ତହୀନତା ରୋଗରେ ଆକ୍ରାନ୍ତ ବୋଲି ଜଣାଯାଏ । ମହିଳାମାନେ ଗର୍ଭବତୀ ହେବାର ପ୍ରଥମ ତିନିମାସରେ ହିମୋଗ୍ଲୋବିନର ମାତ୍ରା ରକ୍ତରେ ପରୀକ୍ଷା କରାଇ ନେବା ଆବଶ୍ୟକ । ଯେଉଁ ମହିଳାମାନେ ପରେ ଡ଼ାକ୍ତରଙ୍କ ପାଖକୁ ଆସନ୍ତି ସେମାନଙ୍କ ରୋଗ ଡ଼େରିରେ ଚିହ୍ନଟ କରାଯାଇଥାଏ ।

ରକ୍ତହୀନତା ରୋଗର ଲକ୍ଷଣ ହେଲା, ମୁଣ୍ଡବିନ୍ଧିବା, ହୃଦ୍‌ସ୍ପନ୍ଦନ ବୃଦ୍ଧି, ମୁଣ୍ଡ ବୁଲେଇବା, ଖାଦ୍ୟ ହଜମ ନହେବା, ହାଲିଆ ଓ ଅଣନିଶ୍ୱାସୀ ଲାଗିବା । ବେଳେବେଳେ ରୋଗୀଙ୍କଠାରେ ଦୀର୍ଘକାଳୀନ ରକ୍ତହୀନତା ରୋଗ ଚିହ୍ନଟ କରାଯାଇଥାଏ । ଅନ୍ୟ ରୋଗର ଚିକିତ୍ସା ପାଇଁ ରକ୍ତ ପରୀକ୍ଷା କରିବା ସମୟରେ ଏହା ଜଣାପଡ଼େ । ମୃଦୁ ରକ୍ତହୀନତା ଥିଲେ ସାଧାରଣ ଲୌହ ବଟିକା ଚିକିତ୍ସକ ଖାଇବାକୁ ଦେଇଥାନ୍ତି, କିନ୍ତୁ ରକ୍ତହୀନତାର ମାତ୍ରା ତୀବ୍ର ହୋଇଥିଲେ ଇଞ୍ଜେକ୍‌ସନ୍ ନେବାକୁ ହୁଏ । ଲୌହ ବଟିକା ସହିତ ଉଚ୍ଚ ପ୍ରୋଟିନ ଯୁକ୍ତ ଖାଦ୍ୟ, ଭିଟାମିନ୍ 'ସି', ଭିଟାମିନ୍ ବି୧୨ ଏବଂ ଫଲିକ୍ ଏସିଡ଼୍ ଖାଇବା ଆବଶ୍ୟକ ।

ନିମ୍ନମାନର ଖାଦ୍ୟ ଯୋଗୁଁ ଓ ଦେହରେ ମାଲେରିଆ ରହିଲେ ରକ୍ତହୀନତା ଦେଖାଯାଏ । ଅଳ୍ପ ସମୟ ବ୍ୟବଧାନରେ ଗର୍ଭଧାରଣ କଲେ ମଧ୍ୟ ରକ୍ତହୀନତା ଦେଖାଯାଏ । ଅନେକ ରକ୍ତହୀନତା ରୋଗୀଙ୍କ କ୍ଷେତ୍ରରେ 'ହୁକ୍‌ୱାର୍ମ' ସଂକ୍ରମଣ ଥାଏ । ପାକସ୍ଥଳୀରେ ଅନ୍ୟ କୌଣସି ରୋଗଥିଲେ ବା କ୍ଷୁଦ୍ରାନ୍ତ୍ରରେ ଅବଶୋଷଣରେ ବାଧା ସୃଷ୍ଟିହେବା କାରଣରୁ ରକ୍ତହୀନତା ଦେଖାଯାଇଥାଏ ।

ଶରୀରରେ ରକ୍ତହୀନତା ରହିଲେ ଗର୍ଭସ୍ଥ ଶିଶୁ ଉପରେ ତା'ର ପ୍ରଭାବ ପଡ଼ିଥାଏ । ଗର୍ଭରେ ଶିଶୁର ବୃଦ୍ଧି ବାଧାପ୍ରାପ୍ତ ହୁଏ ଫଳରେ ଶିଶୁ ମୃତ୍ୟୁହାର ବୃଦ୍ଧିପାଏ । ଶିଶୁର ଓଜନ ଜନ୍ମ ସମୟରେ କମ୍ ଥାଏ । ମୃତ ଶିଶୁ ଜନ୍ମ ହୋଇଥାଏ ବା ଜନ୍ମ ସମୟରେ ଯଥେଷ୍ଟ ପୂର୍ବରୁ ଶିଶୁ ଜନ୍ମ ନେଇଥାଏ । ଶିଶୁ ଜନ୍ମ ନେଲାପରେ ସେ ମଧ୍ୟ ରକ୍ତହୀନତାର ଶିକାର ହୁଏ । ଶିଶୁର ମସ୍ତିଷ୍କ ଠିକ୍ ଭାବରେ ବିକଶିତ ହୋଇନଥାଏ । ମା'ଠାରେ ମୃଦୁ ରକ୍ତହୀନତା ଥିଲେ ବଟିକା ଖାଇଲେ ତାହା ଭଲ ହୋଇଯାଏ କିନ୍ତୁ ରକ୍ତହୀନତା ତୀବ୍ର ହୋଇଥିଲେ ବା ଦୀର୍ଘକାଳୀନ ହୋଇଥିଲେ ତା'ର ସଂଶୋଧନ ପାଇଁ କିଛି ସମୟ ଆବଶ୍ୟକ ହୋଇଥାଏ ।

ରକ୍ତହୀନତାରୁ ରକ୍ଷାପାଇବା ପାଇଁ ମହିଳାମାନେ ଶିକ୍ଷିତା ହେବା ନିହାତି ଜରୁରି । ଏହା ବ୍ୟତୀତ ରକ୍ତହୀନତାର ପ୍ରଭାବ ବିଷୟରେ ସେମାନଙ୍କୁ ସଚେତନ କରାଇବା ଆବଶ୍ୟକ । ଲୌହଯୁକ୍ତ ଖାଦ୍ୟ ଖାଇବା ସହିତ ସେମାନେ ଯେମିତି ଫଲିକ୍ ଏସିଡ଼୍ ଏବଂ ଭିଟାମିନ୍ ଖାଇବେ ସେଥିପ୍ରତି ପରିବାରର ଲୋକମାନେ ଧ୍ୟାନଦେବା ବିଧେୟ । ସେମାନଙ୍କୁ ଯେପରି ଡ଼ିସେଣ୍ଟ୍ରି, ମ୍ୟାଲେରିଆ, ମୂତ୍ର ସଂକ୍ରମଣ, ଅର୍ଶ ଓ ହୁକ୍‌ୱାର୍ମ ସଂକ୍ରମଣ ନହୁଏ ସେଥିପ୍ରତି ଧ୍ୟାନ ଦେବାଉଚିତ୍ । ଗର୍ଭବତୀ ଥିବା ସମୟରେ ସେମାନେ ୩/୪ ଥର ରକ୍ତରେ ହିମୋଗ୍ଲୋବିନ୍‌ର ମାତ୍ରା ପରୀକ୍ଷା କରାଇନେବା ଉଚିତ । ଗର୍ଭବତୀମାନଙ୍କର ଖାଦ୍ୟପ୍ରତି ପରିବାରରେ ଗୁରୁତ୍ୱ ଦେଲେ ରକ୍ତହୀନତା ହୋଇନଥାଏ ।

ବର୍ତ୍ତମାନ ପ୍ରଶ୍ନ ଉଠେ ଭୋଜନରେ କେଉଁ ଦ୍ରବ୍ୟ ଖାଇଲେ ରକ୍ତହୀନତାରେ ମହିଳାମାନେ ଆକ୍ରାନ୍ତ ହେବେ ନାହିଁ ? ସେ ଖାଦ୍ୟଗୁଡ଼ିକ ହେଲା ମାଂସ, ଶାଗ, ବ୍ରୋକୋଲି, କଞ୍ଚାକଦଳୀ, ବିନ୍, ମସୁରଡ଼ାଲି, ପେସ୍ତା ବାଦାମ, ଖଜୁରୀ, ବିଟ୍, ସେଓ ଓ ଗୁଡ଼ । ଏସବୁ ଖାଦ୍ୟରେ ଲୌହ ରହିଛି । ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ମଧ୍ୟରେ ଅଁଳା, ଲେମ୍ବୁ, କମଳା, ଅଙ୍ଗୁର, ବ୍ରୋକୋଲି, ଷ୍ଟ୍ରବେରୀ, ଏବଂ ଗଜାମୁଗ ବା ବୁଟ ପ୍ରଧାନ । ଫଲିକ୍ ଏସିଡ଼୍ ଥିବା ଖାଦ୍ୟ ମଧ୍ୟରେ ଶାଗ, କଟାଫଳ, ବିନ୍, ଏବଂ ଶସ୍ୟଜାତୀୟ ଦ୍ରବ୍ୟ ଅନ୍ତର୍ଭୁକ୍ତ । ଭିଟାମିନ୍ ବି-୧୨ ଶାଗ, ସୋୟା ଦ୍ରବ୍ୟ, ଛେନା, ଅଣ୍ଡା, କୁକୁଡ଼ା ମାଂସ, ଯକୃତ, ମାଂସ, ମାଛ ଓ କଙ୍କଡ଼ାରୁ ମିଳିଥାଏ ।

**ଜି/ଏଲ-୧, ଭି.ଏସ୍.ଏସ୍. ନଗର**
**ଭୂବନେଶ୍ୱର - ୭୫୧୦୦୭**
**ମୋ- ୯୪୩୭୧୧୦୭୧୫**

# ଲାଲ ଜାଇ



ଡ଼ା: ଧନେଶ୍ୱର ସାହୁ
ଏମ.ବି.ବି.ଏସ୍.ଏମ୍.ଏସ୍

## ଏହା କ'ଣ ?

ଏହା ଶରୀରର ଚର୍ମ ଦେହରେ ଉଚ୍ଚା ହୋଇ ରହିଥିବା ଲାଲ ରଂଗର ଏକ ଚିହ୍ନ। ଏହାକୁ ଚେରି ଆଂଜିଓମା, ନିଭସ ରୁବି, ନିଭସ ଚେରି, ସିନାଇଲ ଆଂଜିଓମା, ଚେରି ହିମାଂଜିଓମା ଇତ୍ୟାଦି କୁହନ୍ତି।

## ଏହାର ପାଥୋଫିଜିଓଲୋଜି କ'ଣ ?

ଏହା ଚର୍ମର ବୃଦ୍ଧି ନୁହେଁ। ଚର୍ମ ନିକଟରେ କିଛି ଛୋଟ ରକ୍ତନଳୀର ଅସାଧାରଣ ବୃଦ୍ଧି ଯୋଗୁ ଚର୍ମକୁ ଠେଲି ଉଚ୍ଚା ଦେଖାଯାଏ।

## ଏହାର ରଙ୍ଗ ଲାଲ କାହିଁକି ?

ରକ୍ତନଳୀର ବୃଦ୍ଧିଯୋଗୁଁ ଏହା ହେଉଥିବାରୁ ଏହାର ରଙ୍ଗ ଲାଲ।

## ଭାଗ୍ୟ ସହ ଏହାର କିଛି ସମ୍ପର୍କ ଅଛି କି ?

ଆସ୍ଟ୍ରୋଲୋଜରଙ୍କ ମତରେ ଲାଲଜାଇ ସାଧାରଣ ଭାବେ ଭଲ ଭାଗ୍ୟ ନେଇଆସେ।

## ଏହା ସଂବନ୍ଧରେ ଅଧିକ ଜାଣିବା ତଥ୍ୟ:-

- ଏହା ସାଧାରଣତଃ ଛୋଟ ଆକୃତିର ୧-୪ ମି.ମି
- ଏହା ଚର୍ମ ଉପରକୁ ଉଠିକରି ଥାଏ।
- ହାତରେ ଛୁଇଁଲେ ସରଳିଆ ଲାଗେ।
- ଏହା ଏକ କିମ୍ବା ଏକାଧିକ ହୁଏ।
- ଏହା ହଠାତ୍ ଦେଖାଯାଏ ଏବଂ ହଠାତ୍ ମଧ୍ୟ ଉଭେଇଯାଏ।
- ଏହା ଶରୀରରେ ଦେଖାଯିବାମାନେ ଜଣାଯାଏ ଶରୀରରେ କିଛି ଜିନିଷର ଅସମତା ହୋଇଛି।
- ଏହା ଶରୀରର ଯେକୌଣସି ଜାଗାରେ ହୋଇପାରେ। ସାଧାରଣତଃ ଏହା ବେକ, ମୁହଁ, ଛାତି, ପିଠି, ହାତ, ଗୋଡ଼, ମୁଣ୍ଡ, କାଖ, ଜେନିଟାଲରେ ହୁଏ।
- ସାଧାରଣତଃ ଏହା କ୍ୟାନସର ନୁହେଁ।
- ଏହାର ରଙ୍ଗ ବ୍ରାଇଟ୍ ରେଡ୍
- ଶରୀରର କିଛି କ୍ଷତିକରେ ନାହିଁ।
- ଚର୍ମରେ ରହିବା ଯୋଗୁଁ ଚର୍ମ ଅସୁନ୍ଦର ଦେଖାଯାଏ ଯାହାକୁ ଆମେ କସ୍ମେଟିକ ଅସୁବିଧା ବୋଲି କହୁ।
- ଏହା ପ୍ରାୟ ଗୋଲାକାର।
- ଏହା ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ଦେହରେ ହୁଏ।
- ଏହାର ଧାର ସମାନ ରହେ।

## ଏହାର କାରଣ କଣ ?

- ଯକୃତ ଠିକ୍ ଭାବରେ କାମ ନକଲେ।
- ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇଲେ ଶରୀରରେ ଅଧିକ ଟକ୍ସିନ ଏକଯୁଟ ହୁଏ।
- ବାରମ୍ବାର ଓ ବହୁତ ସମୟ ଶରୀରରେ ସୂର୍ଯ୍ୟକିରଣ ପଡ଼ିଲେ। ଚର୍ମ ଅଧିକ UVA ରଶ୍ମି ପାଇଲେ।
- ବଂଶଗତ।
- ହରମୋନାଲ ପରିବର୍ତ୍ତନ ହେଲେ।
  - ମେନାର୍କି (ପ୍ରଥମ ରତୁଶ୍ରାମ ହେବା) ସମୟରେ।
  - ଗର୍ଭ ସମୟରେ।
  - ମେନୋପଜ ( ରତୁଶ୍ରାବ ବନ୍ଦହେବା) ସମୟରେ।
- ବୟସ:- ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହା ହୁଏ। ୩୦ ବର୍ଷ କିମ୍ବା ଉର୍ଦ୍ଧ୍ୱବୟସର ଲୋକଙ୍କୁ ହୁଏ।
- ଉତ୍କଂଠା, ଷ୍ଟ୍ରେସ, ଡ଼ିପ୍ରେସନ ହେଲେ।
- ଅସ୍ୱାସ୍ଥ୍ୟକର ପରିବେଶରେ ରହିଲେ।

## ଏହାର ଜୀବନକାଳ କେତେ ?

ପାଖାପାଖି ୫୦ ବର୍ଷ।

## ସଂକେତ ଓ ଲକ୍ଷଣ:-

- ଚର୍ମ ତଳେ ଲାଲ ରଙ୍ଗର ଏକ ଚିହ୍ନ।
- ଏହା ଚର୍ମ ଉପରକୁ ଉଠିଥାଏ।
- ହାତ ମାରିଲେ ସରଳ ଲାଗେ।
- ଖଣ୍ଡିଆ ହେଲେ ରକ୍ତ ବାହାରେ।

## ନିଦାନ

- ଚର୍ମ ଦେଖି ଓ ଚର୍ମ ପରୀକ୍ଷା କରି।
- ବାଇଓପ୍‌ସି କରି- ମାଂସ ପରୀକ୍ଷା କରି।

## ଲାଲଜାଇ କେତେବେଳେ ବିପଦପୂର୍ଣ୍ଣ ହୁଏ ?

- ଯେତେବେଳେ ହଠାତ୍ ଦୁଇରୁ ଅଧିକ ଲାଲଜାଇ ଚର୍ମରେ ଦେଖାଯାଏ।
- ଯେତେବେଳେ ତାର ଧାର ଅସମାନ ହୁଏ।
- ଛୁଇଁଲେ ହାତକୁ ରଫ ଲାଗେ।
- ଯେତେବେଳେ ଏହାର ଆକୃତି ୬ ମି.ମି ଠାରୁ ଅଧିକ ହୁଏ।
- ଯେତେବେଳେ ଏହା ଅସଙ୍ଗତ ବା ଅପ୍ରତିସମ (ଆସିମେଟ୍ରିକ) ହୁଏ।
- ଯଦି ଏହାର ରଙ୍ଗ ଡ଼ାରକର ହୁଏ।

## ପ୍ରତିଶେଧକ ବ୍ୟବସ୍ଥା:-

- ଯକୃତର ଉପଯୁକ୍ତ ଯତ୍ନ ନେବା।
- ସ୍ୱାସ୍ଥ୍ୟକର ଖାଦ୍ୟ ଖାଇଲେ।
- ସ୍ୱାସ୍ଥ୍ୟକର ପରିବେଶରେ ବସବାସ କଲେ।
- ଅଧିକ ପରିମାଣର ପାଣି ପିଇଲେ। ୨-୨.୫ ଲିଟର ପାଣି ଦିନକୁ ପିଇଲେ ଶରୀରରେ ଥିବା ଟକ୍ସିନ ବାହାରକୁ ଚାଲିଯାଏ।
- ଖାଦ୍ୟରେ ତଟକା ପନିପରିବା ମିଶାଇ ଖାଇଲେ।
- ଖାଲି ପେଟରେ ଲେମନ ଜୁସ ପିଇଲେ।
- ଚର୍ମକୁ ସୂର୍ଯ୍ୟକିରଣ ଠାରୁ ରକ୍ଷା କଲେ।
- ଚର୍ମରେ ସବୁଦିନ ମଏସ୍‌ଚରାଇଜର ଲଗାଇଲେ।
- ସନସ୍କ୍ରିନ ପ୍ରୋଟେକସନ ବ୍ୟବହାର କଲେ। ସନସ୍କ୍ରିନ ଯେଉଁଥିରେ ଅଧିକ ସନପ୍ରୋଟେକସନ ଫ୍ୟାକ୍ଟର (SPF) ଥିବ ତାକୁ ବ୍ୟବହାର କଲେ ଚର୍ମ ରକ୍ଷା ହୁଏ।
- ପ୍ରାକୃତିକ ଲୁଗାପଟା ଯଥା ଲାଇନେନ କିମ୍ବା କଟନ ବ୍ୟବହାର କରିବା ଉଚିତ। ସିଂଥେଟିକ ଜିନିଷ ବ୍ୟବହାର କରିବା ଉଚିତ ନୁହେଁ।
- ଯେତେବେଳେ ସଂଭବ ଥଣ୍ଡା ପାଣିରେ ଦେହ ଧୋଇବା ଉଚିତ।

## ଚିକିତ୍ସା:-

ସାଧାରଣ ଭାବରେ ଚିକିତ୍ସା ଦରକାର ପଡ଼େନି। କସମେଟିକ କାରଣରୁ ଚିକିତ୍ସାର ଆବଶ୍ୟକତା ପଡ଼େ। ଲାଲଜାଇର କିଛି ପରିବର୍ତ୍ତନ ଲକ୍ଷ୍ୟ କଲେ ଚିକିତ୍ସା ଦରକାର ପଡ଼େ। ଖଣ୍ଡିଆ ହୋଇ ରକ୍ତ ବୋହିଲେ ଚିକିତ୍ସା ଦରକାର ପଡ଼େ। ଯାହା ଚିକିତ୍ସା ଦିଆଯାଏ ସେଗୁଡ଼ିକ ହେଲା....

- ଖଣ୍ଡିଆ ହୋଇ ରକ୍ତ ବହୁଥିଲେ ଚିପି ରଖି ରକ୍ତ ବନ୍ଦ କରାଯାଏ।
- ଅପରେସନ କରି ବାହାର କରାଯାଏ।
- କଓଟରାଇଜେସନ କରାଯାଏ। ଏଥିରେ ଲାଲଜାଇକୁ ଇଲେକ୍‌ଟ୍ରିକ୍ କଟେରିରେ ପୋଡ଼ାଯାଏ।
- ଲେସର ଅପରେସନ କରାଯାଏ।
- କ୍ରାଇଓ ଅପରେସନ କରାଯାଏ। ଏଥିରେ ଫ୍ରିଜିଙ୍ଗ କରାଯାଇ ବାହାର କରାଯାଏ।
- କେମିକାଲ ପିଲିଙ୍ଗ ଚିକିତ୍ସା କରାଯାଏ।

୦ କେତେକ ପ୍ରାକୃତିକ କିମ୍ବା ଘରୋଇ ଚିକିତ୍ସା:-
ଲାଲଜାଇରେ ଲଗାଇଲେ

- ୱାଲନଟ
- ମିଲ୍କ ୱିଡ଼ ହର୍ବ
- ଡ଼ାଣ୍ଡେଲିଅନ ରୁଟ
- ଟିଂକ୍‌ଚର ଆଇଓଡ଼ିନ
- ଡ୍ରମସ୍ଟିକ ପଡ଼ସ ଓ ଲାଇମ୍ ଜୁସ
- ରୋଷ୍ଟେଡ଼ ପୋମେଗ୍ରାନେଟ ଫ୍ରୁଟ ଓ ଲାଇମଜୁସ
- ଗ୍ରେପ ଫ୍ରୁଟ
- ଆଲୋଭେରା ଜେଲ
- ସିଲିକନ ଜେଲ
- ଟିଟ୍ରି ତେଲ ଓ ଅଲିଭ ତେଲ
- ଇଉକାଲିପଟସ ତେଲ ଓ ଜୋଜୋବା ତେଲ
- ମହୁ ଓ ଆପରସାଇଡ଼ର ଭିନେଗାର
- ପାଇନଆପଲ
- ଲେମନ
- ବେକିଙ୍ଗ ସୋଡ଼ା
- ଲାଇମ ଜୁସ
- ବାନାନା ପେଷ୍ଟ
- ନଡ଼ିଆ ତେଲ
- ଗାର୍ଲିକ କ୍ଲୋଭସ
- କାଷ୍ଟର ତେଲ
- ସଉର ଆପଲ ଜୁସ



ଚର୍ମରେ ସାଧାରଣତଃ ଅଧିକାଂଶ ଲୋକଙ୍କର କଳାଜାଇ ଥାଏ। ଯଦି କୌଣସି ଲୋକର ଚର୍ମରେ ଲାଲଜାଇ ଦେଖାଯାଏ ତାଙ୍କ ମନରେ ବିଭିନ୍ନ ପ୍ରକାର ଚିନ୍ତା ପ୍ରବେଶ କରେ। ଏ ଲାଲଜାଇ କଣ ? ଏହା କିଛି ଅସୁବିଧା କରିବ କି ? ଏମିତି ଅନେକ। ଏବେ ଜାଣିବାକୁ ପାଇଲେ ସାଧାରଣତଃ ଲାଲଜାଇ କ୍ୟାନସର ନୁହେଁ। ଶରୀରରେ କିଛି ଜିନିଷର ଇଂବାଲାନ୍ସ ହେଲେ ଏହା ହୁଏ। ତଥାପି ଯଦି ଲାଲଜାଇ ବହୁତ ପରିମାଣରେ ଦେଖାଯାଏ, ତାର ଧାର ଅସମାନ ହୁଏ, ହାତକୁ ରଫ୍ ଲାଗେ, ଏହାର ଆକର ବଡ଼ ହୁଏ, ଏ ଅପ୍ରତିସମ (ଆସିମେଟ୍ରିକାଲ) ହୁଏ, ଏହାର ରଙ୍ଗ ଡ଼ାରକର ହୁଏ ତେବେ ଲାଲଜାଇ କିଛି ବିପଦପୂର୍ଣ୍ଣ ହୁଏ ବୋଲି ମନରେ ସନ୍ଦେହ ଆସେ। ଡ଼ାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଦରକାର। ନହେଲେ ଜୀବନ ପ୍ରତି ବିପଦ ଆସିପାରେ।

**ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା**
ମୋ -୯୪୩୭୧୦୭୬୧୩

# ମୋ ଗଜରା



ସୁମତୀ ଦେଇ

ସ୍ମୃତିର ଶାମୁକା ଗର୍ଭୁ ଶବ୍ଦର ମୁକୁତା,
ଗଭୀର ଭାବନା ଜାଲେ ତୋଳି ସନ୍ତର୍ପଣେ,
ବେଦନା ରଜ୍ଜୁରେ ବୋଳି ମମତା ପୀୟୂଷ
ଏକାନ୍ତରେ ହୃଷ୍ଟମନେ ଗୁନ୍ଥଇ ଗଜରା,
ଲେପିଦିଏଁ ଭିନ୍ନ ଭିନ୍ନ ଭାବର ସୁରଭି ।।

କେବେ ପୂର୍ଣ୍ଣ ସମର୍ପଣ ଭାବ ମହିମାମୟଙ୍କୁ
ହୃଦୟର ନିଭୃତ କୋଣରୁ,
କେବେ ଶିଶୁ ମନ ଜିଣିବାର ଲିପ୍‌ସା ନେଇ
ହାସ୍ୟରସ ଭାବ ଲେପେ ବିଷାଦ ଅନ୍ତରୁ,
ଭୂମା ଜୀବ ନିର୍ଜୀବଙ୍କୁ କରି ଏକାକାର,
ନିର୍ବିକାର ଚିତ୍ତେ ଯୋଡ଼େ ଛନ୍ଦ ଲାଳିତ୍ୟରେ
ସେ ଗଜରା ହେବ ଆଉ କିଏ ?

ସେ ଗଜରା ତୁମେ ମୋ କବିତା
ମୋ ମାନସ କନ୍ୟା ତୁମେ ନୟନ ତାରକା,
ଆବେଗ ଉଚ୍ଛ୍ୱାସ ପୁଣି ଜୀବନ ଦୀପିକା ।।

ଅହରହ ଗୁନ୍ଥି ସମର୍ପି ଦିଏ ପୁଣି ଗୁନ୍ଥୁଥାଏ
ନହୋଇ ଅବଶ ଖାଲି ଯାହା ରହେ ଅବଶୋଷ,
ନୂତନ ଗଜରାଟିଏ ଗୁନ୍ଥିବାର ଦୁର୍ବାର ପ୍ରୟାସ,
ଚାଲିଛି ପୁଣି ଚାଲିଥିବ ନିରବଧି,
ଥିବାଯାଏଁ ଏ ପିଣ୍ଡରେ ଅନ୍ତିମ ପ୍ରଶ୍ୱାସ ।।

ଅସରଳା, ପିଚୁକୁଳି, ଖୋର୍ଦ୍ଧା

# ସାବଧାନ



ଶମ୍ଭୁନାଥ ଦାସ

ଅନ୍ୟାୟ- ଦୁର୍ନୀତି ଚୋରି ଡ଼କାୟତି
ଛାଡ଼ିଦିଅ ଜନଗଣ,
ସମାଜରେ ଶାନ୍ତି ପ୍ରୀତି ଭରିଦିଅ
ସୁଖରେ କାଟ ଜୀବନ ।

ତବ ଅପକର୍ମ ନଦେଖିଲେ କେହି
ଦେଖନ୍ତି ତ ନାରାୟଣ,
ବିଳମ୍ବରେ ତୁମେ ଭୋଗିଥାଅ ବନ୍ଧୁ
ଯମଙ୍କ ଶାସ୍ତି ବିଧାନ ।

ଏବେ ତୁମ ପାପ ଅଧର୍ମ- କୁକର୍ମ
କ୍ୟାମେରା ସବୁ ଦେଖୁଛି,
ସିସିଟିଭି ଏଇ ତୃତୀୟ ନୟନ
ଫଟୋ ଉଠେଇ ରଖୁଛି ।

ଆଖିଠାର ସିନା ଧର୍ମକୁ ମାରୁଛ
ନିଆରା କିନ୍ତୁ ବିଜ୍ଞାନ,
ବିଜ୍ଞାନ ଜାଲରେ ଛନ୍ଦିହୋଇ ତୁମେ
ହେବରେ ନିଶ୍ଚେ ଶାସନ ।

ନ ପାରିବ ଫାଙ୍କି ପାଇବରେ ଶାସ୍ତି
କରୁଥିବ ଅବସୋସ,
ତେଣୁ ସାବଧାନ ରହରେ ଦୁର୍ଜନ
ଶାନ୍ତ ହେଉ ପରିବେଶ ।

ଶାନ୍ତ ପରିବେଶ ଓ ସୁସ୍ଥ ସମାଜ
ଆସ ଆମେ ତିଆରିବା,
ଦୁଃଖ-ଦୁର୍ଦ୍ଦଶାକୁ ଦୂର କରିଦେଇ
ସୁଖ-ଶାନ୍ତିରେ ଚଳିବା ।

ମୁଖ୍ୟ ସଂପାଦକ : 'ଅଭିଯାନ'
୧୭୫- ଏ/୧, ବିଶ୍ୱଲକ୍ଷ୍ମୀ ତାଲା ରୋଡ୍
କୋଲକାତା- ୭୦୦୦୬୦
ମୋ- ୯୦୩୮୩୯୭୧୩୫

# ଚକ୍ରରାଜ ସୁଦର୍ଶନ

ଲକ୍ଷ୍ମୀପ୍ରିୟା ବିଶ୍ୱାଳ



ଚକ୍ରରାଜ ସୁଦର୍ଶନ
ରତନ ମଣ୍ଡପେ ସ୍ୱତନ୍ତ୍ର ମାନ୍ୟ ବଉଳ ଲୋ
ଚତୁର୍ଦ୍ଧା ମୂର୍ତ୍ତୀ ରୂପରେ ସ୍ଥାନ ବଉଳ ଲୋ (୧)
ସମସ୍ତ ଦେବତା ଗଣ
କଲେ ତେଜ ହରିଙ୍କୁ ସମର୍ପଣ ବଉଳ ଲୋ
ହରି ରୁଦ୍ରଙ୍କୁ କଲେ ପ୍ରଦାନ ବଉଳ ଲୋ (୨)
ସମସ୍ତ ତେଜ ମିଶିଣ
ସୁଦର୍ଶନ ଚକ୍ର ହେଲା ନିର୍ମାଣ ବଉଳ ଲୋ
ଜଳନ୍ଧରର ମୃତ୍ୟୁ କାରଣ ବଉଳ ଲୋ (୩)
ବିଷ୍ଣୁଙ୍କ ଆୟୁଧ ଜାଣ
ନାମ ପୁଣି ସେ ଚକ୍ର ନାରାୟଣ ବଉଳ ଲୋ
ଅବତାର ଘେନି ତାଙ୍କ ସ୍ଥାନ ବଉଳ ଲୋ (୪)
ମତ୍ସ୍ୟ ଅବତାରେ ବାରେ
ଚକ୍ର ରହିଲେ ତାଙ୍କରି ଲାଞ୍ଜରେ ବଉଳ ଲୋ
ଲୁଚି ସମସ୍ତଙ୍କ ଆଗୋଚର ବଉଳ ଲୋ (୫)
ପୁଣି କୂର୍ମ ଅବତାରେ
ଚକ୍ର ରହିଲେ ତାଙ୍କରି ପୃଷ୍ଠରେ ବଉଳ ଲୋ
ବରାହ ଅବତାରେ ଦାନ୍ତରେ ବଉଳ ଲୋ (୬)
ନୃସିଂହ ଅବତାରରେ
ଚକ୍ର ରହିଲେ ତାଙ୍କରି ନଖରେ ବଉଳ ଲୋ
ତ୍ରେତୟାରେ ରାମଙ୍କ ଧନୁରେ ବଉଳ ଲୋ (୭)
ପର୍ଶୁରାମ ଅବତାରେ
ରହିଲେ ଚକ୍ର ତାଙ୍କରି ପର୍ଶୁରେ ବଉଳ ଲୋ
ଦ୍ୱାପର ଚକ୍ର କୃଷ୍ଣ ହସ୍ତରେ ବଉଳ ଲୋ (୮)
ବାମନ ଅବତାରେ
ଚକ୍ର ରହିଲେ ତାଙ୍କ ପଇତାରେ ବଉଳ ଲୋ
ବୁଦ୍ଧାବତାରେ ଆଜ୍ଞା ଚକ୍ରରେ ବଉଳ ଲୋ (୯)
ଏବେ ଏ କଳିଯୁଗରେ
ଜଗନ୍ନାଥ ପାଶେ ସ୍ତମ୍ଭ ରୂପରେ ବଉଳ ଲୋ
ପୂଜା ପାଆନ୍ତି ଶିରୀ ମନ୍ଦିରେ ବଉଳ ଲୋ (୧୦)

**ସୁଦର୍ଶନ ନଗର, ପୁରୀ-୨**
**ମୋ- ୭୫୩୦୮୪୯୩୫୩**

# ହେ ପ୍ରକୃତି ତୁମକୁ ପ୍ରଣାମ

ଧ୍ରୁବ ରଣା



ହେ ପ୍ରକୃତି !
ତୁମର ମେହେରବାନି, ଦୟା
ଅନୁକଂପାରେ ମୁଁ ଚରମ ଆହ୍ଲାଦିତ,
ତୁମରି ସ୍ନେହ, ଶ୍ରଦ୍ଧା ନିକଟରେ
ମୁଁ ଚିରକୃତଜ୍ଞ ମରଣଯାବତ ।

ମୋ' ଚକ୍ଷୁର ଦୃଶ୍ୟ ରଶ୍ମିରେଖାରେ
ତୁମେ ଜାଜ୍ଜ୍ୱଲ୍ୟମାନ କାଳକାଳ,
ମୋ ହାତ, ପାଦ, ମସ୍ତିଷ୍କର
ଚଳନ ପାତରେ
ତୁମରି ଅନୁଗ୍ରହର ବିମଳ ବିଳାସ ।

ମୋ' ସୁଖ, ଦୁଃଖ, ଶାନ୍ତି, ପ୍ରଶାନ୍ତିର
ସୀମିତ ବଳୟରେ
ତୁମେ ଅସୀମ ଆଲିଗଂନ ।

ତୁମରି ଗ୍ରହ, ନକ୍ଷତ୍ର, ବୃକ୍ଷଲତା
ଝର, ନିର୍ଝର, ସରିତ, ସ୍ଥାବର
ଅସ୍ଥାବର ବ୍ୟାପୃତିରେ
ତୁମେ ପରମ ସୁଖଦାୟୀ
ନିର୍ଲିପ୍ତ ଚିତ୍‌ସତ୍ତା,
ତୁମରି ନରମ ଅନୀଳ ସ୍ପଂଦନରେ
ମୁଁ କର୍ମଶୀଳତାରେ ଯୁଗପତ ।

ମୋ'ପ୍ରାଣଶକ୍ତିର
ନିଭୃତ କନ୍ଦରରୁ
ତୁମକୁ ମୋ'ର ପ୍ରଣାମ,
ବାରମ୍ବାର ପ୍ରଣାମ,
ନିବିଡ଼ ପ୍ରଣାମ ।

**ଭଗତ ସିଂ ବିହାର,**
**ବଡ଼ମ୍ବା, କଟକ**
**ମୋ : ୯୧୭୮୨୧୪୭୨୪**

# ରାଧିକେ ଅପେକ୍ଷା କର !

ଡ଼.ଭାରତୀ ମହାନ୍ତି

ଫଗୁଣ ପବନ ହାତେ
ରାଧା ଲେଖିଛନ୍ତି ଚିଠି
କୃଷ୍ଣ ହେ !

ଏଥରକ ଆସିବନି
ହୋଲି ଖେଳ ପାଇଁ
ଅନେକ ଭରଷା କରି
ଅପେକ୍ଷା କରିବୁ
ତୁମ ବାଟ ଚାହିଁ।
ନିରବ ହସଟି ହସି
କୃଷ୍ଣ ବସି ଲେଖିଲେ ଉତ୍ତର
ରାଧିକେ ଗୋ !

ଭୁଲ୍ ବୁଝିବନି ମୋତେ
ଆଉ କି ଖେଳିବି ରଙ୍ଗ
ସବୁ ରଂଗେ ମିଶୁଚି ଜହର
ଯେତେ ସବୁ ଦାଣ୍ଡ ଥିଲା
ଗୋପଦାଣ୍ଡ, ବଡ଼ଦାଣ୍ଡ, ଗାଆଁ ଦାଣ୍ଡ
ସବୁଠି ବସିବୁ ଆଜି, ମିଛର ବଜାର
ସଭିଏଁ ବିକଳ ଏବେ
ମାଟିପରେ, ସବୁଠି ଚାଲିଛି ଖେଳ
ଖାଲି ପଶାପାଲି, ରାଧିକେ ଗୋ ! କେବଳ ଅପେକ୍ଷା କର !
ଆଉ ଥରେ ଦ୍ୱାପରକୁ, ଖେଳିବାକୁ ରଂଗମୟ
ପ୍ରେମମୟ ଅବିରର ହୋଲି।।

ମହର୍ଷି ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ- ୯୯୩୭୬୫୯୭୦୩

# ଅପୂର୍ଣ୍ଣ କବିତା



ତ୍ରିଲୋଚନ ଦାସ

କବିତାଟିଏ ମୁଁ ଲେଖି ପାରିଲିନି
ଏଇ ମୋର ଜୀବନରେ
ବହୁ ଆଶା ନେଇ କେତେ କେତେ ଶବ୍ଦ
ଯୋଡ଼ିଥିଲି କଲମରେ ॥୧॥

ଯେତେ ଯୋଡ଼ିଲେ ବି ହୁଏନି କବିତା
ଅବୁଝା ଅବୁଝା ଲାଗେ
ଶବ୍ଦମାନ ସବୁ ଠକି ଚାଲିଯାନ୍ତି
ଠିକଣା ହଜାଇ ଆଗେ ॥୨॥

ମାଟିର କବିତା କେମିତି ଲେଖିବି
ଖୋଜି ପାଏନା ମୁଁ ଶବ୍ଦ
ଆଖିର ଭାଷାକୁ ପଢ଼ି ପାରୁନାହିଁ
କେମିତି ଯୋଡ଼ିବି ପଦ ॥୩॥

ଖୋଜିଛି ଅନେକ ଶବ୍ଦମାନଙ୍କୁ
ସ୍ୱପ୍ନ ଆଉ ବାସ୍ତବରୁ
ସୁଖେ ଦୁଃଖେ ଶୋକେ ସାଉଁଟିଛି କେତେ
କିଟିମିଟି ଅନ୍ଧାରରୁ ॥୪॥

ତଥାପି ଖୋଜୁଛି କବିତାର ଶବ୍ଦ
ବିତିଗଲା ଯଉବନ
ଜରା ହାତଠାରେ କାଳ ଆସିଲାଣି
ନୋହିଲା କବିତା ପୂର୍ଣ୍ଣ ॥୫॥

ଶ୍ରୀବିହାର, ପୋ/ଜି- ଖୋର୍ଦ୍ଧା
ପିନ୍-୭୫୨୦୫୫,
ମୋ-୯୮୫୩୫୩୫୦୯୫

# ଦିବ୍ୟ ସଂପର୍କର ସତ୍ତା

ଇଂ ପ୍ରମୋଦ କୁମାର ନନ୍ଦ



ଜୀବନ ପରମ ଆଶା ଅନୁପମ
ସଂସାର ଘୋର ଚେତନା
ଦିବ୍ୟ ପ୍ରାଣ ରସେ ଦିବ୍ୟ ଲହରୀଟି
ସବୁଠି ଖେଳେ ଭାବନା ।।୧।।

ସୃଷ୍ଟିର ରହସ୍ୟ ହେଲେ ଅବଗତ
ମାୟା ହୋଇଯିବ ଦୂର
ଅନନ୍ତ ଜ୍ଞାନର ଅଧିକାରୀ ବିଭୂ
ତାଙ୍କଠି ନିକଟତର ।।୨।।

ଭାବର ତରଙ୍ଗ ରହିଛି ସବୁଠି
ଏ ଭବ ଭାବନା ପୂର୍ଣ୍ଣ
ଯେ ଯାହା ଭାବିବ ହୋଇବ ସଫଳ
ନିଷ୍ଠା ଖାଲି ପ୍ରୟୋଜନ ।।୩।।

ମନର ଭାବନା ମୂଳେ ରହିଅଛି
ଦିବ୍ୟ ସଂପର୍କର ସତ୍ତା
ସେ ଭାବନା ମୂଳେ ସଂସାର ରହସ୍ୟ
ଆଣେ ଯେଣୁ ନିରବତା ।।୪।।

ମଣିରୁ ମଣିଷ ନାମ ହୋଇଅଛି
ନରଯୁକ୍ତ ନାରାୟଣ
ପଶୁ ଧର୍ମ ଛାଡ଼ି ସତ୍‌କର୍ମ କରି
ମଣିର ରଖିବା ମାନ ।।୫।।

ବଡ଼ପାରି, ଖୋର୍ଦ୍ଧା
ଦୂରଭାଷ- ୮୫୯୬୮୨୩୬୬୪

# ପିତା ମାତା

ଗିରୀଶ ଚନ୍ଦ୍ର ତ୍ରିପାଠୀ



ଜନମ ଦେଇଛ ପାଳିଛ ପୋଷିଛ
କରିଛ ଛୋଟରୁ ବଡ଼
ସେନେହ ଦେଇଛ ମମତା ଦେଇଛ
ଭୁଲିବି କେମିତି କହ।
ଆକଟ କରିଛ ଦଣ୍ଡ ବି ଦେଇଛ
ଶିଖାଇଛ ଭଲମନ୍ଦ
ସତ୍ୟ ପଥେ ବାଟ କଢ଼ାଇ ନେଇଛ
ସୁଖ ଦୁଃଖ ମଣି ସମ।
ରାତି ରାତି କେତେ ଅନିଦ୍ରା ହୋଇଛ
ପାଶେ ପାଶେ ମୋର ଜଗି ବସିଅଛ
ରୋଗେ ପଡ଼ି ମୁହିଁ ଯାତନା ପାଇଲେ
କେତେ କଷ୍ଟ ତୁମେ ମୋ ପାଇଁ ସହିଛ।
ବିଦ୍ୟାଶିକ୍ଷା ଲାଗିକରିଛ ଯତନ
ସଂସାରେ ପାଇଛି ମାନ ସନମାନ
ନିଜ ସୁଖ ଭୁଲି ମୋ ପାଇଁ କି
ସତେ ସହିଛ କେତେ କଷଣ।
ଯେତେ ବଡ଼ ହେଲେ କି ଯାଏ ଆମେ
ତୁମ ପାଶେ ସତେ ମୁଇଁ କେତେ ସାନ
ମୋର ସୁଖ ପାଇଁ ସଦା ତତ୍‌ପର
ତୁମକୁ କୋଟି ପ୍ରଣାମ।
ପିତାମାତାଙ୍କର ଋଣଭାର କେବେ
କେହି ନପାରଇ ଶୁଝି
ଭୁଲିବାନି ସତେ ଏହି କଥାଟିକୁ
ମନେରଖିଥିବା ହେଜି।

କ୍ୱାର୍ଟର ନଂ- କେ-୪୪, ଟି.ଆର୍.ଏଲ କ୍ୟାମ୍ପସ
ପୋ- ବେଲପାହାଡ଼, ଜି- ଝାରସୁଗୁଡ଼ା- ୭୬୮୨୧୮
ମୋ- ୯୪୩୭୮୦୭୫୯୨



# ଅତି ପରିଚିତ ହଳଦିବସନ୍ତ



**ପ୍ରାଧାପକ ମନୋଜ କୁମାର ମହାପାତ୍ର**

ଆମର ଅତି ପରିଚିତ ପକ୍ଷୀ ହେଉଛି ହଳଦିବସନ୍ତ। ଆଜକୁ ୧୫ ବର୍ଷ ତଳେ ହଳଦିବସନ୍ତ ଆମଘର ପାଖରେ ଗଛ ଡାଳରେ ବସିଥିବାର ଦେଖାଯାଉଥିଲା। ଏବେ କିନ୍ତୁ ଏମାନଙ୍କ ସଂଖ୍ୟା ହ୍ରାସ ଯୋଗୁଁ ବେଳେ ବେଳେ ଦେଖାଯାଉଛି। ଏଇ କିଛି ଦିନ ତଳେ ହଠାତ୍ News world T.V. ର ସମ୍ବାଦ ପ୍ରତିନିଧି ପ୍ରଦୀପ ଜେନା ମୋପାଖକୁ ଆସି ହଳଦିବସନ୍ତ ସମ୍ବନ୍ଧରେ ଏକ ଟିପ୍ପଣୀ ଦେବାପାଇଁ କହିଲେ। ପ୍ରତିନିଧି ଜଣକ ମୋତେ କହିଲେ, 'ଏଇ ସୁନ୍ଦର ପକ୍ଷୀର ଏବେ କାହିଁକି ପ୍ରାୟ ଦେଖାଯାଉନାହାଁନ୍ତି ଓ ଏହାର କାରଣ ସମ୍ବନ୍ଧରେ କିଛି କୁହନ୍ତୁ।' ମୋ ମନରେ ପ୍ରଶ୍ନହେଲା ସତରେ ଏହି ସୁନ୍ଦର ପକ୍ଷୀର ଅବସ୍ଥା କ'ଣ ହେଲା ଓ କାହିଁକି ଦେଖାଯାଉନାହିଁ। ଅନେକ କଥା ଚିନ୍ତାକରି ମୁଁ ଟିପ୍ପଣୀ ଦେଲି। ସେଥିରେ ପ୍ରତିନିଧି ଜଣଙ୍କ ତାଙ୍କ ଉତ୍ତର ଠିକ୍ ହୋଇଛିବୋଲି କହିବା ସଙ୍ଗେ ସଙ୍ଗେ ତା ପରଦିନରେ T.V. News ରେ ପ୍ରସାରଣ କଲେ। ଏହାର ଠିକ୍ ୨ମାସ ପରେ ହଳଦୀ ବସନ୍ତ ଉପରେ ମୋଠାରୁ ଅନେକ ତଥ୍ୟ ନେଇ ପୁନର୍ବାର ପ୍ରସାରଣ କଲେ। ତେଣୁ ମୁଁ ଏବେ ଭାବୁଛି Electronic media ଓ ଅନେକ ସାଧାରଣ ଜନତା ମଧ୍ୟ ଏହି ସୁନ୍ଦର ପକ୍ଷୀ ବିଷୟରେ ଚିନ୍ତା ପ୍ରକଟ କରିବା ଆରମ୍ଭକରିଛନ୍ତି। ଏଠାରେ ଏହି ପକ୍ଷୀ ସମ୍ବନ୍ଧରେ ଆଲୋଚନା କରାଯାଉ।

ହଳଦି ବସନ୍ତ ପକ୍ଷୀକୁ ଇଂରାଜୀରେ Black headed Oriole କଳାମୁଣ୍ଡିଆ ହଳଦିବସନ୍ତ, ହିନ୍ଦୀରେ ପୀଲକ୍, ବଙ୍ଗଳାରେ ବେନେବାଓ, ଆସାମୀରେ ହୋକି ଏବଂ ଏହାର ବୈଜ୍ଞାନିକ ନାମ ହେଲା Oriolus xanthornus। ଏହା ଆକାରରେ ଦେଖିବାକୁ ବଣି ଚଢେଇ ସଦୃଶ। ଏମାନଙ୍କ ବର୍ଣ୍ଣ ଉଜ୍ଜ୍ୱଳ ସୁନା ପରି ହଳଦିଆ। କିନ୍ତୁ ମୁଣ୍ଡ, ଥଣ୍ଟ ଓ ଛାତିର ଉପର ଅଂଶ ଘନ କଳା ରଙ୍ଗ ଅଟେ। ମାଈ ହଳଦି ବସନ୍ତର ମୁଣ୍ଡ ଫିକା କଳା ରଙ୍ଗ। ଛୋଟ ଶାବକମାନଙ୍କର ଲଲାଟ ହଳଦିଆ ଓ ମୁଣ୍ଡରେ ହଳଦିଆ ଡୋରି ଭଳି ଦାଗ ଥାଏ ।

ଅନ୍ୟ ଏକ ଜାତିର ହଳଦିବସନ୍ତ ଦେଖାଯାଆନ୍ତି ଓ ସେମାନଙ୍କୁ ସ୍ୱର୍ଣ୍ଣ ହଳଦି ବସନ୍ତ (Golden Oriole) କୁହାଯାଏ। ଏମାନଙ୍କର ବୈଜ୍ଞାନିକ ନାମ ହେଉଛି Oriolus Oriolus। ଏମାନେ ଠିକ୍ ସାଧାରଣ ହଳଦିବସନ୍ତ ପରି କିନ୍ତୁ ଏମାନଙ୍କର ମୁଣ୍ଡ ଟି କଳା ପରିବର୍ତ୍ତେ ହଳଦିଆ ଅଟେ। କେବଳ ଆଖି ପାଖରେ କଳା ଦାଗ ଥାଏ ଓ ଦେହର ସମସ୍ତ ଅଂଶ ହଳଦି ରଙ୍ଗରେ ଆବୃତ। ଏମାନେ ବିଶେଷକରି କାଶ୍ମୀର ଓ ହିମାଳୟ ଅଞ୍ଚଳରେ ଦେଖାଯାନ୍ତି। ଭାରତର ଅନ୍ୟ ଅଞ୍ଚଳକୁ ଏମାନେ ବେଳେ ବେଳେ ଆଗନ୍ତୁକ ପକ୍ଷୀ ଭାବେ ଉଡି ଉଡି ଯାଆନ୍ତି । କିନ୍ତୁ ସାଧାରଣ ହଳଦି ବସନ୍ତମାନେ ଭାରତ, ଶ୍ରୀଲଙ୍କା, ବାଙ୍ଗଲାଦେଶ, ମିଆଁମାର ଆଦି ଅଞ୍ଚଳରେ ଦେଖାଯାନ୍ତି।

ଏମାନେ ଗଛ ଡାଳରେ ବସା ବାନ୍ଧି ରହିଥାନ୍ତି। ଏମାନେ ଏକା ତଥା ବୃକ୍ଷରେ ଏକୁଟିଆ ବସିଥାନ୍ତି। ଏମାନେ ଲାଜୁକ ଓ ଅପସୃତ ପ୍ରକୃତିର ପ୍ରାଣୀ। କିନ୍ତୁ ଏମାନେ ଗାଁ ଓ ସହର ଭିତରେ ଘୋ ଘୋ ସ୍ଥାନରେ ବିଶେଷକରି ଉଦ୍ୟାନ ଅଞ୍ଚଳରେ ଦେଖାଯାନ୍ତି। ଗଛଡାଳରୁ ଅନ୍ୟ ସ୍ଥାନକୁ ଉଡିଉଡି ଯିବାବେଳେ ଖୁବ୍ ସୁନ୍ଦର ଦେଖାଯାନ୍ତି । ଏମାନଙ୍କର ସ୍ୱର ପ୍ରଥମେ କର୍କଶ ଯଥା "ତିଆହା" ବା କ୍ୱାକ୍ ଓପରେ ଶୃତିମଧୁର ସ୍ୱର ଯଥା "ପିଲୋ ବା" ପିଲୋଲୋ"। ଏମାନେ ଫଳ, ଭଇଁଚ, ବର, ଓସ୍ତ ଓ ନାଗୈଶରି ଗଛର ଫଳ ଖାଇବାକୁ ଭଲପାଆନ୍ତି। ଆଉମଧ୍ୟ ଏମାନେ ଛୋଟ ଛୋଟ କୀଟପତଙ୍ଗ ମାନଙ୍କୁ ଖାଇଥାନ୍ତି। ପାଲଧୁଆ ଓ ଶିମୂଳି ଗଛର ଫୁଲରୁ ମଧୁ ଶୋଷି କରି ଖାଇଥାନ୍ତି।

ଏମାନଙ୍କ ବସା ବା ନୀଡ ବେଶ ଗଭୀର। ଗଛର ତନ୍ତୁରେ ଏମାନେ ନୀଡ ତିଆରି କରିଥାନ୍ତି। ଏହିନୀଡରେ ମାଙ୍କଡସା ଜାଲର ପ୍ରଲେପ ଦିଆଯାଇଥାଏ। ନିବୁଜ ହୋଇଥାଏ। ଭୂମିଠାରୁ ୪ ରୁ ୧୦ ମିଟର ଉଚ୍ଚରେ ଗହଳ ପତ୍ରଥିବା ଦୁଇଶାଖା ବିଶିଷ୍ଟ ଡାଳ ବାହାରକୁ ବାହାରିଥିବା ଡାଳର ଦୁଇ ଅଗରୁ ନୀଡଟି ଝୁଲିଥାଏ। ଏହି ନୀଡ ପବନହେଲେ ଦୋଳିଖେଳ ପରି ଝୁଲିଥାଏ। ଏମାନେ ବିଶେଷକରି ଯେଉଁଠାରେ କଜ୍ଜଳପାତି ବସା ବାନ୍ଧନ୍ତି ସେହିଠାରେ ବସା ବାନ୍ଧନ୍ତି। କାରଣ କାଉ ଓ ଅନ୍ୟ ପକ୍ଷୀଙ୍କଠାରୁ ନିଜକୁ ସୁରକ୍ଷିତ ରହିବା।

ହଳଦିବସନ୍ତ ଥରକେ ୨ ରୁ ୩ ଟି ଅଣ୍ଡା ଦେଇଥାଏ। ଅଣ୍ଡାଗୁଡିକ ରଙ୍ଗ ପାଟଳ ଧଳା ଓ ଅଣ୍ଡା ଉପରେ କଳା ବା ଲାଲ ବାଦାମୀ ରଙ୍ଗର ଚିହ୍ନ ରହିଥାଏ। ଏପ୍ରିଲ ମାସ ଠାରୁ ଜୁଲାଇ ମାସ ମଧ୍ୟରେ ବସା ବାନ୍ଧି ସେଥିରେ ଏମାନେ ଅଣ୍ଡା ଦେଇଥାନ୍ତି। ଏହି ସୁନ୍ଦର ପକ୍ଷୀ ହଳଦିବସନ୍ତ ଆମର ପରିଚିତ ଓ ବିଶେଷକରି ବୃକ୍ଷ ଲତା ହ୍ରାସ, ଜଙ୍ଗଲ କ୍ଷୟ, ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଆଦି କାରଣ ଯୋଗୁଁ ଏମାନଙ୍କର ସଂଖ୍ୟା ଦୃତ ଗତିରେ ହ୍ରାସ ହେଉଛି। ଏଣୁ ଜନସାଧାରଣ ଏହି ପକ୍ଷୀର ସମ୍ବନ୍ଧରେ ସଚେତନତା ସୃଷ୍ଟିକଲେ ଏମାନଙ୍କ ସଂଖ୍ୟା ବୃଦ୍ଧି ଘଟିବ।

**ପ୍ରାଣୀ ବିଜ୍ଞାନ ବିଭାଗ,**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ**
**ମୋ : ୯୪୩୭୩୧୭୬୫୯**



# ଭାରତୀୟ ବ୍ୟାଡମିଣ୍ଟନର ପଥ ପ୍ରଦର୍ଶକ

**ଆଶିଷ କୁମାର ରାୟ**



ବର୍ତ୍ତମାନ ସମୟରେ ବ୍ୟାଡମିଣ୍ଟନ ଜଗତରେ ଆମ ଦେଶର ଖେଳଳିମାନେ ବେଶ୍ ସୁନାମ ଅର୍ଜନ କରିସାରଲେଣି । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ନାମୀଦାମୀ ଟୁର୍ଣ୍ଣାମେଣ୍ଟମାନଙ୍କରେ ଭାରତୀୟ ବ୍ୟାଡମିଣ୍ଟନ ତାରକାମନେ ସେମାନଙ୍କର ସଫଳତାର ଧାରା ଜାରି ରଖି ଟାଇଟେଲ୍ ଜିଣିବା ସହିତ ଦେଶର ଗୌରବ ବୃଦ୍ଧି କରୁଛନ୍ତି । ମହିଳା ତାରକା ସାଇନା ନେହୱାଲ ଓ ପି.ଭି. ସିନ୍ଧୁ ଅଲିମ୍ପିକ୍ ଏବଂ ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ପଦକ ଜିତିବା ସହିତ ସୁପର ସିରିଜ୍ ପ୍ରତିଯୋଗିତାଗୁଡ଼ିକରେ କ୍ରମାଗତ ଭାବେ ଉନ୍ନତ ପ୍ରଦର୍ଶନ କରିଆସୁଛନ୍ତି । ସେହିଭଳି ପାରୁପଲ୍ଲୀ କଶ୍ୟପ, କିଡ଼ାମ୍ବି ଶ୍ରୀକାନ୍ତ, ଏଚ.ଏସ. ପ୍ରଣୟ, ବି. ସାଇ ପ୍ରଣୀତ, ଅଜୟ ଜୟରାମ, ସମୀର ବର୍ମା ଆଦି ପୁରୁଷ ଖେଳାଳିମାନେ ମଧ୍ୟ ସୁପର ସିରିଜ୍ ଟୁର୍ଣ୍ଣାମେଣ୍ଟମାନଙ୍କରେ ସଫଳତା ହାସଲ କରିଛନ୍ତି ।

ତେବେ ଭାରତୀୟ ବ୍ୟାଡମିଣ୍ଟନର କଥା ଉଠିଲେ ଯେଉଁ ତାରକାଙ୍କ ନାମ ସର୍ବପ୍ରଥମେ ଚର୍ଚ୍ଚାର ପରିଧି ମଧ୍ୟକୁ ଆସିଯାଏ ସେହି ତାରକା ଜଣକ ପ୍ରକାଶ ପାଦୁକୋଣଙ୍କ ବ୍ୟତୀତ ଆଉ କେହି ନୁହନ୍ତି । ନିଃସନ୍ଦେହରେ ସେ ହେଉଛନ୍ତି ଆମ ଦେଶର ସର୍ବଶ୍ରେଷ୍ଠ ବ୍ୟାଡମିଣ୍ଟନ ଖେଳାଳି ଏବଂ ଭାରତୀୟ ବ୍ୟାଡମିଣ୍ଟନର ପଥ ପ୍ରଦର୍ଶକ । ନିଜ କ୍ରୀଡ଼ା ଜୀବନରେ ଅଲ୍ ଇଂଲାଣ୍ଡ ଚାମ୍ପିଆନଶିପ୍ ତଥା ବିଶ୍ୱ କପ୍ ଭଳି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ବିଜୟୀ ହେବା ସହିତ ଅନ୍ୟାନ୍ୟ ଅନେକ ଟୁର୍ଣ୍ଣାମେଣ୍ଟର ଟାଇଟେଲ୍ ହାସଲ କରିଛନ୍ତି ସେ । ଏତଦ୍‌ବ୍ୟତୀତ ପ୍ରକାଶ ପ୍ରାୟ ଏକବର୍ଷ ଧରି ମାନ୍ୟତା ତାଲିକାରେ ଏକ ନମ୍ବର ଆସନ ଦଖଲ କରି ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଡମିଣ୍ଟନ ତାରକା ବନିବାର ଗୌରବ ହାସଲ କରିଛନ୍ତି । ତାଙ୍କ ପରେ ପୁଲ୍ଲେଲା ଗୋପୀଚାନ୍ଦ ବିଶ୍ୱର ସର୍ବ ପୁରାତନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅଲ୍ ଇଂଲଣ୍ଡ ଚାମ୍ପିଆନ୍‌ଶିପରେ ବିଜୟୀ ହୋଇଥିଲେ ହେଁ ନିଜ କ୍ୟାରିୟରରେ ପ୍ରକାଶଙ୍କ ଭଳି ସଫଳତା ହାସଲ କରିପାରି ନାହାନ୍ତି ।

୧୯୫୫ମସିହା ଜୁନ୍ ୧୦ତାରିଖରେ ପ୍ରକାଶ ପାଦୁକୋଣଙ୍କ ଜନ୍ମ ବାଙ୍ଗାଲୋରଠାରେ ହୋଇଥିଲା । ମାତ୍ର ପାଞ୍ଚ ବର୍ଷ ବୟସରୁ ବ୍ୟାଡମିଣ୍ଟନ ଖେଳିବାକୁ ଆରମ୍ଭ କରିଥିଲେ ସେ । ପ୍ରକାଶ ଥିଲେ ନୈସର୍ଗିକ ପ୍ରତିଭାର ଅଧିକାରୀ, ଯାହାର ପ୍ରମାଣ ମିଳିଥିଲା ୧୯୭୨ମସିହାରେ, ଯେତେବେଳେ କି ମାତ୍ର ୧୭ବର୍ଷ ବୟସରେ ସେ ଉଭୟ ଜାତୀୟ ଜୁନିଅର ଓ ସିନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିଆନ ହୋଇ ସୃଷ୍ଟି କରିଥିଲେ ଏକ ନୂଆ ଇତିହାସ । ଏହାପରେ ଭାରତୀୟ ବ୍ୟାଡମିଣ୍ଟନରେ କ୍ରମାଗତ ଭାବେ ଚାଲିଲା ତାଙ୍କର ରାଜତ୍ୱ । ଜାତୀୟ ସିନିଅର ପ୍ରତିଯୋଗିତାରେ ସର୍ବାଧିକ ନଅଥର ଚାମ୍ପିଆନ ହେବାର ରେକର୍ଡ ତାଙ୍କ  ଦ୍ୱାରା ପ୍ରତିଷ୍ଠିତ ହେଲା । ୧୯୭୮ରେ କାନଡ଼ାର ଏଡମଣ୍ଟନ୍‌ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିଣିବା ଥିଲା ଆନ୍ତର୍ଜାତିକ ସ୍ତରରେ ପ୍ରକାଶଙ୍କ ପ୍ରଥମ ବଡ଼ଧରଣର ସଫଳତା । ପରବର୍ତ୍ତୀ ବର୍ଷ ଅର୍ଥାତ ୧୯୭୯ରେ ସେ ଲଣ୍ଡନ୍ ମାଷ୍ଟର୍ସ, ଡେନ୍‌ମାର୍କ ଓପନ୍ ଓ ସ୍ୱିଡିଶ୍ ଓପନ୍‌ରେ  ଚାମ୍ପିଆନ ଆଖ୍ୟା ଅର୍ଜନ କଲେ ।

ତେବେ ୧୯୮୦ମସିହାଟି ଥିଲା ପ୍ରକାଶଙ୍କ ଜୀବନର ସର୍ବାଧିକ ସଫଳ ବର୍ଷ । ଏହିବର୍ଷ ସେ ସ୍ପାନିଶ୍ ଓପନ୍, ଡେନ୍‌ମାର୍କ ଓପନ୍, ସ୍ୱିଡିଶ୍ ଓପନ୍ ଆଦି ଜିଣିବା ସହିତ ବିଶ୍ୱର ସର୍ବ ପୁରାତନ ତଥା ସର୍ବଶ୍ରେଷ୍ଠ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଭାବେ ଖ୍ୟାତ ଅଲ୍ ଇଂଲାଣ୍ଡ ଚାମ୍ପିଆନ୍‌ଶିପ୍‌ର ଟାଇଟେଲ୍ ହାସଲ କଲେ । ଇଣ୍ଡୋନେସିଆର ପ୍ରସିଦ୍ଧ ତାରକା ରୁଡି ହାର୍ଟୋନୋଙ୍କୁ ପ୍ରକାଶ ନିଜର ଆଦର୍ଶ ମାନୁଥିଲେ । ଆଠଥର ଅଲ୍ ଇଂଲାଣ୍ଡ ଚାମ୍ପିଆନ୍ ହୋଇଥିବା ସେହି ମହାନ ତାରକା ରୁଡି ହାର୍ଟୋନୋଙ୍କୁ ହରାଇ ପ୍ରକାଶ ହୋଇଥିଲେ ସ୍ୱିଡିଶ୍ ଓପନ୍‌ର ବିଜେତା । ସେହିଭଳି ୧୯୮୦ର ଅଲ୍ ଇଂଲାଣ୍ଡ ପ୍ରତିଯୋଗିତାର ଫାଇନାଲରେ ଇଣ୍ଡୋନେସିଆର ଅନ୍ୟଜଣେ ତାରକା ଲିଏମ୍ ସୁଇ କିଙ୍ଗଙ୍କ ବିରୁଦ୍ଧରେ ତାଙ୍କର ବିଜୟ ମଧ୍ୟ ଥିଲା ଅତ୍ୟନ୍ତ ଚାଞ୍ଚଲ୍ୟକର । ଦ୍ରୁତଗତିରେ ଖେଳୁଥିବା କିଙ୍ଗଙ୍କୁ ଅକ୍ଳେଶରେ ୧୫-୧୧, ୧୫-୩ରେ ହରାଇ ଚହଳ ସୃଷ୍ଟି କରିଥିଲେ ସେ । ସମ୍ମାନଜନକ ଅଲ୍ ଇଂଲାଣ୍ଡ ପ୍ରତିଯୋଗିତାର ବିଜୟ ମୁକୁଟ ପରିଧାନ କରିବା ସହିତ ସେ


ବିଶ୍ୱର ଶୀର୍ଷ ମାନ୍ୟତାପ୍ରାପ୍ତ ବ୍ୟାଡମିଣ୍ଟନ ତାରକା ବନିବାର ଗୌରବ ହାସଲ କରିନେଲେ ।

୧୯୮୦ରେ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଆନ୍‌ଶିପରେ ପ୍ରକାଶ ପାଦୁକୋଣଙ୍କୁ ମିଳିଥିଲା ଟପ୍ ସିଡ୍‌ର ମାନ୍ୟତା । ସେ ଏହି ଟୁର୍ଣ୍ଣାମେଣ୍ଟ ଜିତିବେ ବୋଲି ମଧ୍ୟ ଆଶା କରାଯାଉଥିଲା । କିନ୍ତୁ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଯିବା ଫଳରେ ପ୍ରକାଶ ତଥା ଭାରତର ଅଗଣିତ କ୍ରୀଡ଼ାପ୍ରେମୀଙ୍କର ଆଶା ଧୂଳିସାତ ହୋଇଗଲା । ତେବେ ବିଶ୍ୱ ଚାମ୍ପିଆନଶିପରେ ମିଳିଥିବା ପରାଜୟର କ୍ଷତିକୁ ସେ ଭରଣା କରିଥିଲେ ବିଶ୍ୱ କପ୍ ଭଳି ଅନ୍ୟ ଏକ ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ବିଜୟୀ ହୋଇ । ୧୯୮୧ରେ ମାଲେସିଆର ରାଜଧାନୀ କୁଆଲାଲମ୍ପୁର ନଗରୀରେ ଆୟୋଜିତ ହୋଇଥିଲା ବିଶ୍ୱ କପ୍ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ । ଏଥିରେ ବିଶ୍ୱର ନାମିଦାମୀ ବ୍ୟାଡମିଣ୍ଟନ୍ ତାରକା, ଯଥା- ଇଣ୍ଡୋନେସିଆର ଲିଏମ୍ ସୁଇ କିଙ୍ଗ, ଇଚୁକ୍ ସୁଜିଆର୍ତ୍ତୋ, ଚୀନ୍‌ର ହାନ୍ ଜିଆନ୍, ଲୁଆନ୍ ଜିନ୍, ୟାଙ୍ଗ ୟାଙ୍ଗ ତଥା ଡେନମାର୍କର ମୋର୍ଟନ ଫ୍ରଷ୍ଟ ହାନ୍‌ସେନ୍ ଆଦିଙ୍କୁ ପଛରେ ପକାଇ ଚାମ୍ପିଆନ ହୋଇଥିଲେ ସେ । ଏଥିସହିତ ବ୍ୟାଡମିଣ୍ଟନରେ ବିଶ୍ୱବିଜୟୀ ହେବାର ସ୍ୱପ୍ନ ମଧ୍ୟ ତାଙ୍କର ସାକାର ହୋଇଥିଲା । ପରବର୍ତ୍ତୀ ସମୟରେ ସେ ଅନ୍ୟ କେତୋଟି ଛୋଟବଡ଼ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ବିଜୟୀ ହୋଇଥିଲେ ।

ବିଶ୍ୱର ଶ୍ରେଷ୍ଠ ଖେଳାଳି ଭାବେ ପ୍ରକାଶଙ୍କ ରାଜତ୍ୱ କିନ୍ତୁ ଅଧିକ ଦିନ ପର୍ଯ୍ୟନ୍ତ ଜାରି ରହିପାରିଲା ନାହିଁ । ଭାରତରେ ତାଙ୍କ ସମାସ୍କନ୍ଧ ଖେଳାଳି ନଥିବାରୁ ସେ ୧୯୮୨ରୁ ଡେନମାର୍କରେ ଯାଇ ଅବସ୍ଥାନ କଲେ । ତଥାପି ପୂର୍ବବର୍ତ୍ତୀ ସଫଳତାକୁ ସେ ଦୋହରାଇ ପାରିଲେ ନାହିଁ । ବିଶେଷକରି ବ୍ୟାଡମିଣ୍ଟନ ଜଗତରେ ଚୀନ୍‌ର ଖେଳାଳିମାନଙ୍କ ଦ୍ରୁତଗତିର ଖେଳ ସମ୍ମୁଖରେ ପ୍ରକାଶଙ୍କ କଳାତ୍ମକତା ପଛରେ ପଡ଼ିଗଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେ ସମୟରେ ବ୍ୟାଡମିଣ୍ଟନ ଖେଳଟି ଅଲିମ୍ପିକ୍‌ରେ ଅନ୍ତର୍ଭୁକ୍ତ ହୋଇନଥିଲା । ନଚେତ ୧୯୮୦ର ମସ୍କୋ ଅଲିମ୍ପିକ୍‌ରେ ସେ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିପାରଥାନ୍ତେ, କାରଣ ସେତେବେଳେ ସେ ଥିଲେ ବିଶ୍ୱର ଏକନମ୍ବର ତାରକା । ତେବେ ସେ ଯାହାହେଉ ୧୯୮୨ରେ ଦିଲ୍ଲୀଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ଏବଂ ୧୯୮୩ରେ ଡେନମାର୍କର ରାଜଧାନୀ କୋପେନ୍‌ହେଗେନ୍ ନଗରୀରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଆନ୍‌ଶିପରେ ବ୍ରୋଞ୍ଜ ପଦକ ହାସଲ କରିବା ଥିଲା ତାଙ୍କର ଅନ୍ୟତମ ସଫଳତା ।


ଡେନ୍‌ମାର୍କର କୋପେନ୍‌ହେଗେନ୍ ନଗରୀରେ ଅବସ୍ଥାନ କରୁଥିବା ସମୟରେ ପ୍ରକାଶ ପାଦୁକୋଣଙ୍କ ପତ୍ନୀ ଉଜ୍ଜ୍ୱଳା ଗୋଟିଏ ଝିଅକୁ ଜନ୍ମ ଦେଇଥିଲେ । ସେହି ଝିଅ ବ୍ୟାଡମିଣ୍ଟନ ଷ୍ଟାର ହେବ ବୋଲି ଅନେକେ ଆଶା କରିଥିଲେ । କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ । ବ୍ୟାଡମିଣ୍ଟନ ତାରକା ହେବା ବଦଳରେ ସେ ବନିଗଲେ ପ୍ରସିଦ୍ଧ ଚଳଚିତ୍ର ତାରକା । ଏବେ ଉଭୟ ହଲିଉଡ ଓ ବଲିଉଡରେ ସକ୍ରିୟ ଥିବା ପ୍ରକାଶ ଓ ଉଜ୍ଜ୍ୱଳାଙ୍କ ଏହି କନ୍ୟାଜଣକ ହେଉଛନ୍ତି ଦୀପିକା ପାଦୁକୋଣ । ତେବେ ତାଙ୍କର ଦୁଇଝିଅ ବ୍ୟାଡମିଣ୍ଟନ ତାରକା ନହୋଇ ପାରିଲେ ମଧ୍ୟ ପ୍ରକାଶଙ୍କ ସଫଳତାରୁ ପ୍ରେରଣା ନେଇ ଆମ ଦେଶରେ ଯେ ଅନେକ ଯୁବା ଖେଳାଳି ଏହି ଖେଳ ପ୍ରତି ଆକୃଷ୍ଟ ହୋଇଛନ୍ତି ଏହା ଅନସ୍ୱୀକାର୍ଯ୍ୟ ।

ମୋ-୯୪୩୭୬୨୭୫୧୪





# ସାଧାରଣ ଜ୍ଞାନ



## (1) ABBREVIATION

1. AMCs - Asset Management Companies
2. CAIT - Confederation of All India Traders
3. GIPC - Global Intellectual Property Center
4. NRLM - National Rural Livelihood Mission
5. NCRTC - National Capital Region Transport Corporation
6. NSDA - National Skill Development Agency
7. NCLT - National company Law Tribunal
8. TTCP - Telemetry & Telecommand Processor
9. I.I.P - Index of Industrial Production
10. SAFF - South Asia Football Federation

## (୨) ପୁସ୍ତକ ଓ ଲେଖକ

1. When Breath Becomes Air - Paul Kalanithi
2. Aurangzeb: The Man and The Myth- Audrey Truschke
3. The Travelling Belly: Eating Through India's By - Lanes- kalyan Karmakar
4. Trump: The Art of the deal - Donald Trump

୫.ମାଟିମଟାଳ - ଗୋପୀନାଥ ମହାନ୍ତି
୬.ପୂଜାରିଣୀ - ମାୟାଧର ମାନସିଂହ
୭. ମାଳତୀ - ଦିବ୍ୟସିଂହ ପାଣିଗ୍ରାହୀ
୮.କବି ଗୋଦାବରୀଶ - ଚିନ୍ତାମଣି ଦାସ
୯. ଅଳଙ୍କାର ତରଙ୍ଗିଣୀ - କୁଳମଣି ଦାସ
୧୦. ଶତାବ୍ଦୀର ସୂର୍ଯ୍ୟ - ସୁରେନ୍ଦ୍ର ମହାନ୍ତି

## (୩) ଉତ୍ତର ପ୍ରଦେଶ

୧. ଗଠନ - ୨୪.୦୧.୧୯୫୦
୨. ରାଜ୍ୟପାଳ - ରାମ ନାୟକ
୩. ମୁଖ୍ୟମନ୍ତ୍ରୀ - ଯୋଗୀ ଆଦିତ୍ୟନାଥ
୪. ଉପ ମୁଖ୍ୟମନ୍ତ୍ରୀ (୨) - କେଶବ ପ୍ରସାଦ ମୌର୍ଯ୍ୟ, ଦିନେଶ ଶର୍ମା
୫. ଲୋକସଭା ଆସନ - ୮୦
୬. ବିଧାନସଭା ଆସନ - ୪୦୩
୭. ରାଜ୍ୟସଭା ଆସନ - ୩୧
୮. ରାଜଧାନୀ - ଲକ୍ଷ୍ନୌ
୯. କ୍ଷେତ୍ରଫଳ - ୨୪୦,୯୨୮ ବର୍ଗ କି.ମି.
୧୦. ଜନସଂଖ୍ୟା - ୧୯୯,୫୮୧,୪୭୭ (୨୦୧୧)
ପୁରୁଷ - ୧୦୪,୫୯୬,୪୧୫
ସ୍ତ୍ରୀ - ୯୪,୯୫୮,୦୬୨
୧୧. ଲିଙ୍ଗ ଅନୁପାତ - ୯୦୮,
୧୨. ସାକ୍ଷରତା ହାର - ୬୯.୭୨%
୧୩. ଜିଲ୍ଲା - ୭୫,
୧୪. ଗ୍ରାମ - ୯୭,୯୪୨

## (୪) ନିଯୁକ୍ତି

୧.ଦିଲ୍ଲୀ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି -ଗୀତା ମିତଲ
୨.ସି ଆର ପି ଏଫ୍ ମହାନିର୍ଦ୍ଦେଶକ -ରାଜୀବ ରାୟ ଭଟ୍ଟନାଗର
୩.କଣ୍ଟ୍ରୋଲର ଜେନେରାଲ ଅଫ୍ ଏକାଉଣ୍ଟସ୍ - ଆନ୍ଥୋନୀ ଲୀଆନ୍ ଜୁଲାକ୍
୪.ଟି ବୋର୍ଡର ଚେୟାରମ୍ୟାନ୍ - ପ୍ରଭାତ କୁମାର ବେଜବରୁଆ
୫. ଇଣ୍ଡିଆନ୍ କାଉନସିଲ୍ ଅଫ ସୋସିଆଲ ସାଇନସ୍ ରିସର୍ଚ୍ଚ ଚେୟାରମ୍ୟାନ - ବ୍ରଜ ବିହାରୀ କୁମାର

## (୫) ଦେହାନ୍ତ

୧. ଅଖିଳେଶ୍ ଦାସଗୁପ୍ତା(୫୬) - ପୂର୍ବତନ କେନ୍ଦ୍ରମନ୍ତ୍ରୀ
୨. ଗୀରିଶ ଚନ୍ଦ୍ର ସାକ୍ସେନା(୯୦) - ପୂର୍ବତନ ଗଭର୍ଣ୍ଣର ଜାମ୍ମୁକାଶ୍ମୀର
୩. ଲୀଳା ସେଠ୍ - ହାଇକୋର୍ଟର ପ୍ରଥମ ମହିଳା ମୁଖ୍ୟ ବିଚାରପତି
୪. ବିନୋଦ ଖାନ୍ନା - ହିନ୍ଦୀ ଚଳଚ୍ଚିତ୍ର ଅଭିନେତା
୫. ମୁନସୀ ଭେନୁ - ମାଲାୟାଲମ୍ ଚଳଚ୍ଚିତ୍ର ଅଭିନେତା

## (୬) ପର୍ବପର୍ବାଣୀ ଓ ମାସ

୧. ପ୍ରଥମାଷ୍ଟମୀ - ମାର୍ଗଶୀର ମାସ
୨. ବାରୁଣୀ ଅମାବାସ୍ୟା - ଚୈତ୍ର ମାସ
୩. ରାମନବମୀ - ଚୈତ୍ରମାସ
୪. ବୁଦ୍ଧ ପୂର୍ଣ୍ଣିମା - ବୈଶାଖ ମାସ
୫. ଶୀତଳ ଷଷ୍ଠୀ - ଜେଷ୍ଠ ମାସ

## (୭) ପ୍ରସିଦ୍ଧ ତୃଣଭୂମି

୧. ଷ୍ଟେପ୍ - ଏସିଆ
୨. ପ୍ରେରୀ - ଉତ୍ତର ଆମେରିକା
୩. ଡାଉନସ୍ - ଅଷ୍ଟ୍ରେଲିଆ
୪. ପମ୍ପାସ୍ - ଆର୍ଜେଣ୍ଟିନା
୫. ଫେଲେଟ୍ - ଆଫ୍ରିକା

## (୮)ସଂସ୍କୃତ ଲେଖା ଓ ଲେଖକ

୧. ଗୋବିନ୍ଦ ଭାଷ୍ୟ - ବଳଦେବ ବିଦ୍ୟାଭୂଷଣ
୨. ଶୈବ କଳ୍ପଦ୍ରୁମ - ଲକ୍ଷ୍ମୀଧର ମିଶ୍ର
୩. କାବ୍ୟ ମିମାଂସା - ରାଜଶେଖର
୪.ମହାଭାଷ୍ୟ - ପତଞ୍ଜଳି
୫.ସିଦ୍ଧାନ୍ତ ଶିରୋମଣି - ଭାସ୍କାରାଚାର୍ଯ୍ୟ

## (୯) ଓଡ଼ିଶା

୧.୧୯୩୬- ୩୭ ମସିହା ପର୍ଯ୍ୟନ୍ତ ଓଡ଼ିଶାର ପ୍ରଧାନମନ୍ତ୍ରୀ କିଏ ଥିଲେ ?

(କ) ନବକୃଷ୍ଣ ଚୌଧୁରୀ (ଖ) କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

(ଗ) ବିଶ୍ୱନାଥ ଦାଶ (ଘ) ହରେକୃଷ୍ଣ ମହତାବ୍

୨. ସର୍ବାଧିକ ସାକ୍ଷରତା ହାର ଜିଲ୍ଲା (୨୦୧୧ ଜନଗଣନା) ଅନୁସାରେ କିଏ ?

(କ) କଟକ (ଖ) ଖୋର୍ଦ୍ଧା

(ଗ) ନୟାଗଡ଼ (ଘ) ଯାଜପୁର

୩.ମହାନଦୀର ବଡ଼ ଶାଖାନଦୀ କିଏ ?

(କ) ଜିରାନଦୀ (ଖ) କାଠଯୋଡ଼ି

(ଗ) ଦେବୀନଦୀ (ଘ) ତେଲ ନଦୀ

୪. ମହାପ୍ରଭୁ ଜଗନ୍ନାଥଙ୍କର ସମାଧି ପୀଠର ନାମ କଣ ?

(କ) ନିଳାଦ୍ରୀ ବିହାର (ଖ) ସ୍ନାନ ମଣ୍ଡପ

(ଗ) କୋଇଲି ବୈକୁଣ୍ଠ (ଘ) ସୁନକୂପ

୫. 'ବନ୍ଦେ ଉତ୍କଳ ଜନନୀ' ର ରଚୟତା କିଏ ?

(କ) ମଧୁସୂଦନ ଦାସ (ଖ) ଗୋପବନ୍ଧୁ ଦାସ

(ଗ) ରାଧାନାଥ ରାୟ (ଘ) ଲକ୍ଷ୍ମୀକାନ୍ତ ମହାପାତ୍ର

୬. କେଉଁ ମସିହାରୁ ଓଡ଼ିଆ ଚଳଚ୍ଚିତ୍ର ସମ୍ମାନ ଆରମ୍ଭ କରାଯାଇଛି ?

(କ) ୧୯୭୪ (ଖ) ୧୯୭୨

(ଗ) ୧୯୭୩ (ଘ) ୧୯୮୨

୭. ଓଡ଼ିଶାର କ୍ଷୁଦ୍ର ଶିଳ୍ପ ନିଗମ କେବେ ପ୍ରତିଷ୍ଠା ହୋଇଥିଲା ?

(କ) ୧୯୭୨ (ଖ) ୧୯୮୦

(ଗ) ୧୯୭୧ (ଘ) ୧୯୮୭

୮.ଓଡ଼ିଶାର କେଉଁ ଅଞ୍ଚଳରେ ପ୍ରଚୁର କପାଚାଷ କରାଯାଏ ?

(କ) ନୀଳଗିରି (ଖ) ବାଲେଶ୍ୱର

(ଗ) ଉପକୂଳ ଅଞ୍ଚଳ (ଘ) କେବିକେ ଅଞ୍ଚଳ

୯.ଇଫକୋ ସାରକାରଖାନା କେଉଁ ଠାରେ ଅବସ୍ଥିତ ?

(କ) ରାଉରକେଲା (ଖ) ତାଳଚେର

(ଗ) ପାରାଦ୍ୱୀପ (ଘ) ବଲାଙ୍ଗୀର

୧୦. ଟସର ମଠା ପାଇଁ କେଉଁ ସ୍ଥାନ ପ୍ରସିଦ୍ଧ ଅଟେ ?

(କ) ମଣିଆବନ୍ଧ (ଖ) ସମ୍ବଲପୁର

(ଗ) ବ୍ରହ୍ମପୁର (ଘ) ବରଗଡ଼

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ

ଛୁରୀ, ବର୍ଚ୍ଛା, କଟୁରୀ, ଧନୁ,

(କ) ଛୁରୀ(ଖ) ବର୍ଚ୍ଛା (ଗ) କଟୁରୀ(ଘ)ଧନୁ

୨. ACEG : DFHJ :: QSUW :

(କ) KMNP (ଖ)MNPR (ଗ) TQST (ଘ) TVXZ

୩. ଆଖି : ମୋତିଆ ବିନ୍ଦୁ : : ଦାନ୍ତ : .................

(କ) ପାଇରିଆ (ଖ) କାଟାରାଟ(ଗ) ଟ୍ରାକୋମା (ଘ)ଏକ୍ଜିମା

୪. ପ୍ରଶ୍ନବାଚକ ଚିହ୍ନଟି କେତେ ?

୬,୧୧, ୨୧, ୩୬, ୫୬, ?

(କ) ୪୨ (ଖ) ୫୧(ଗ)୮୧(ଘ)୯୧

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?

| | | |
|---|---|---|
| | ୫ | |
| ୬ | ୯୩ | ୧୫ |
| | ୩ | |

| | | |
|---|---|---|
| | ୭ | |
| ୯ | ? | ୫ |
| | ୬ | |

| | | |
|---|---|---|
| | ୧୮ | |
| ୪ | ୫୦ | ୧ |
| | ୮ | |

(କ) ୫ (ଖ) ୧୯(ଗ)୨୭ (ଘ)୮୯

୬. ଯଦି ଗୁଣନ ମିଶାଣ , ହରଣ ବିଯୁକ୍ତ, ମିଶାଣ ଗୁଣନ ଏବଂ ବିୟୋଗ ହରଣ ହୁଏ ତେବେ -

20 x ୮ ÷ ୮ - ୪ + ୨ = ?

(କ)୫(ଖ) ୨୪ (ଗ)୨୫(ଘ) ୮୦

୭. ନିମ୍ନଲିଖିତ ଶବ୍ଦଗୁଡ଼ିକୁ କ୍ରମାନୁସାରେ ସଜାଅ ?

୧- ଜନ୍ମ ୨- ମୃତ୍ୟୁ ୩ - ଶବସତ୍କାର ୪- ବିବାହ ୫- ଶିକ୍ଷା

(କ) ୪,୫,୩,୧,୨ (ଖ)୨,୩,୪,୫,୧

(ଗ) ୧,୫,୪,୨,୩ (ଘ)୧,୩,୪,୫,୨

୮. A, B, D,G, ?

(କ) M (ଖ) L (ଗ)K(ଘ) H

୯. ଗୋଟିଏ ଟେନର ସବୁବେଳେ କ'ଣ ଥାଏ ?

(କ) ଇଞ୍ଜିନ (ଖ)ଡ୍ରାଇଭର(ଗ) ପାସେଞ୍ଜର(ଘ) ରେଳ ଲାଇନ

୧୦.କେଉଁଟି ଭିନ୍ନ ?

AXUW ,CEGY. FITZ, HJOQ

(କ)AXUW (ଖ)CEGY(ଗ) FITZ(ଘ) HJOQ

ଉତ୍ତର

୧.(ଖ) କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ୨.(ଖ) ଖୋର୍ଦ୍ଧା, ୩.(ଘ)ତେଲ ନଦୀ, ୪.(ଗ)କୋଇଲି ବୈକୁଣ୍ଠ,୫.(ଘ) ଲକ୍ଷ୍ମୀକାନ୍ତ ମହାପାତ୍ର, ୬.(ଗ)୧୯୭୩, ୭.(କ)୧୯୭୨, ୮.(ଘ)କେବିକେ ଅଞ୍ଚଳ, ୯.(ଗ) ପାରାଦ୍ୱୀପ, ୧୦.(କ) ମଣିଆବନ୍ଧ

୧.(ଘ)ଧନୁ ୨. (ଘ) TVXZ ୩.(କ) ପାଇରିଆ ୪.(ଗ)୮୧ ୫.(ଘ)୮୯ ୬.(ଖ) ୨୪ ୭.(ଗ) ୧,୫,୪,୨,୩ ୮.(ଗ)K ୯.(କ) ଇଞ୍ଜିନ ୧୦.(କ)AXUW

## (୧୧) ଇତିହାସ

୧. 'ପଞ୍ଚମ ବେଦ' କାହାକୁ କୁହାଯାଏ ?
(କ) ସଂସ୍କୃତ (ଖ) ଇତିହାସ (ଗ) ଭୂଗୋଳ (ଘ) ଦର୍ଶନଶାସ୍ତ୍ର

୨. 'ମିଶର' କେଉଁଠାରେ ଅବସ୍ଥିତ ?
(କ) ଆଫ୍ରିକାର ନୀଳନଦୀ କୂଳରେ
(ଖ) ଲଣ୍ଡନ୍ ଟେମ୍ସ ନଦୀକୂଳରେ
(ଗ) ଚୀନର ହୋୟାହୋ ନଦୀକୂଳରେ
(ଘ) ସୁମେରୀୟାର ଟାଇଗ୍ରୀସ୍ ନଦୀବନ୍ଧ

୩. ସୁମେରୀୟମାନଙ୍କ ଲିପିକୁ କଣ କୁହାଯାଏ ?
(କ) ଛବିଲିପ (ଖ) କୀଳକ ଲିପି (ଗ) ହସ୍ତଲିପି (ଘ) ଚିରଲିପି

୪.ଚୀନ୍‌ର ଶସ୍ୟର ଦେବତାଙ୍କ ନାମ କଣ ?
(କ) ସି (ଖ) ଚି (ଗ) ସାଙ୍ଗ୍‌ଟି (ଘ) ଲି

୫. କେଉଁ ରାଜାଙ୍କ ବିଷୟରେ ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣନା କରାଯାଇଛି ?
(କ) ପ୍ରଥମ ଚନ୍ଦ୍ରଗୁପ୍ତ (ଖ) ବିନ୍ଦୁସାର
(ଗ) ଅଶୋକ (ଘ) ଖାରବେଳ

୬. କେଉଁ ନାରୀ ଋକ୍ ବେଦିକ ଯୁଗରେ ବିଦୁଷୀ ଅଟନ୍ତି ?
(କ) ଅପାଲା (ଖ) ବିଶ୍ୱବାରା
(ଗ) ଲୋପାମୁଦ୍ରା (ଘ) ପ୍ରିୟଦର୍ଶିନୀ

୭. ବିନାଯୁଦ୍ଧରେ 'ସୂଚ୍ୟଗ୍ରେ ମେଦିନୀ' ପ୍ରଦାନ କରିବେ ନାହିଁ ବୋଲି କିଏ କହିଥିଲେ ?
(କ) ଶକୁନି (ଖ) କର୍ଣ୍ଣ
(ଗ) ଦୁର୍ଯୋଧନ (ଘ) ଧୃତରାଷ୍ଟ୍ର

୮. ଅଶୋକଙ୍କର କେଉଁ ଅନୁଶାସନରେ କଳିଙ୍ଗ ଯୁଦ୍ଧ ବିଷୟରେ ଲିପିବଦ୍ଧ ହୋଇଅଛି ?
(କ) ଏକାଦଶ (ଖ) ଦ୍ୱାଦଶ
(ଗ) ତ୍ରୟୋଦଶ (ଘ) ଚତୁର୍ଦ୍ଦଶ

୯. ମୌର୍ଯ୍ୟ ସମ୍ରାଟଙ୍କୁ ସମ୍ବାଦ ପରିବେଶେଷ କରୁଥିବା କର୍ମଚାରୀଙ୍କ ନାମ କଣ ?
(କ) ଯୁକ୍ତ (ଖ) ନଗରକ
(ଗ) ପ୍ରତିବେଦକ (ଘ) ଅନ୍ତ- ମହାପାତ୍ର

୧୦. କିଏ ଭକ୍ତିବାଦର ପ୍ରବକ୍ତା ନଥିଲେ ?
(କ) ତୁଳସୀ ଦାସ (ଖ) ସୁର ଦାସ
(ଗ) ମାଧବ (ଘ) ଜଗନ୍ନାଥ ମିଶ୍ର

## (୧୧) ଭୂଗୋଳ

୧. ପିଗ୍‌ମୀ ଜାତିର ଅଳ୍ପ ଉଚ୍ଚତା ବିଶିଷ୍ଟ ମନୁଷ୍ୟ କେଉଁ ମହାଦେଶରେ ଦେଖାଯାନ୍ତି ?
(କ) ଏସିଆ (ଖ) ଅଷ୍ଟ୍ରେଲିଆ
(ଗ) ଆଫ୍ରିକା (ଘ) ଦକ୍ଷିଣ ଆମେରିକା

୨. ଆନ୍ଧ୍ର ପ୍ରଦେଶର ନୂତନ ରାଜଧାନୀର ନମ କ'ଣ ?
(କ) ତିରୁପତି (ଖ) ବିଜୟୱାଡ଼ା
(ଗ) ଅମରାବତୀ (ଘ) ଚିତ୍ରଦୁର୍ଗ

୩. ପଶ୍ଚିମଘାଟ ପର୍ବତମାଳାରୁ ଉତ୍ପତ୍ତି ଲାଭ କରିଥିବା କୋଏନା ନଦୀ କେଉଁ ନଦୀର ଉପନଦୀ ଅଟେ ?
(କ) ଗୋଦାବରୀ (ଖ) କ୍ରିଷ୍ଣା
(ଗ) ମହାନଦୀ (ଘ) ବୈତରଣୀ

୪. କାନାଡ଼ାର ଟରୋଣ୍ଟୋ ନିକଟରେ ପ୍ରବାହିତ ହେଉଥିବା ନାଏଗ୍ରା ଜଳପ୍ରପାତର ଜଳ କେଉଁ ହ୍ରଦ ମଧ୍ୟକୁ ନିଷ୍କାସିତ ହେଉଛି ?
(କ) ଲେକ୍ ହ୍ୟୁରନ୍ (ଖ) ଲେକ୍ ଓଣ୍ଟାରିଓ
(ଗ) ଲେକ୍ ୱିନିପେଗ୍ (ଘ) ଲେକ୍ ସୁପେରିଅର୍

୫. କେଉଁ ଖଣିଜ ପଦାର୍ଥରୁ ଆଲୁମିନିୟମ୍ ଧାତୁ ପ୍ରସ୍ତୁତ ହୁଏ ?
(କ) ଡୋଲୋମାଇଟ୍ (ଖ) ସିଡେରାଇଟ୍
(ଗ) ଟଙ୍ଗଷ୍ଟନ୍ (ଘ) ବକ୍‌ସାଇଟ୍

୬. ଏବେ ସମଗ୍ର ବିଶ୍ୱରେ ଅତି ଲୋକପ୍ରିୟ ପାନୀୟରେ ପରିଣତ ହୋଇଥିବା ଚା'କୁ ସର୍ବପ୍ରଥମେ କେଉଁ ଦେଶରେ ଏକ ପାନୀୟ ଭାବେ ବ୍ୟବହୃତ କରାଯାଇଥିଲା ?
(କ) ଭାରତ (ଖ) ଇଂଲାଣ୍ଡ
(ଗ) ଶ୍ରୀଲଙ୍କା (ଘ) ଚୀନ

୭. ଦାମାସ୍କସ୍ ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?
(କ) ସିରିଆ (ଖ) ଲେବାନନ୍
(ଗ) ଯୋର୍ଦନ୍ (ଘ) ତୁର୍କୀ

୮. କେଉଁ ନଦୀର ଅବବାହିକା ଏସିଆର ଦୀର୍ଘତମ ନଦୀ ଅବବାହିକା ଅଟେ ?
(କ) ୟେନିସୀ ନଦୀ (ଖ) ହୋୟାଙ୍ଗ ହୋ ନଦୀ
(ଗ) ୟାଙ୍ଗ ସିକିୟାଂ ନଦୀ (ଘ) ଲେନା ନଦୀ

୯. ନିମ୍ନଲିଖିତ ମଧ୍ୟରୁ କେଉଁ ଜଳପ୍ରପାତଟି ଭାରତର ବୃହତ୍ତମ ଜଳପ୍ରପାତ ?
(କ) ଶିବ ସମୁଦ୍ରମ୍ ଜଳପ୍ରପାତ (ଖ) ଧୂଆଁଧାର ଜଳପ୍ରପାତ
(ଗ) କେମ୍ପଟି ଜଳପ୍ରପାତ (ଘ) ଯୋଗ୍ ଜଳପ୍ରପାତ

୧୦. ୧୯୯୦ମସିହା ବେଳକୁ ଓଡ଼ିଶାର ଜିଲ୍ଲା ସଂଖ୍ୟା କେତେ ଥିଲା ?
(କ) ୧୨ (ଖ) ୧୩
(ଗ) ୧୪ (ଘ) ୧୫

**ଉତ୍ତର**

୧.(କ) ସଂସ୍କୃତ,୨.(କ) ଆଫ୍ରିକାର ନୀଳନଦୀ କୂଳରେ, ୩.(ଖ) କୀଳକ ଲିପି, ୪.(ଖ)ଚି, ୫.(ଘ) ଖାରବେଳ, ୬.(ଘ) ପ୍ରିୟଦର୍ଶିନୀ,୭.(ଗ) ଦୁର୍ଯୋଧନ, ୮.(ଗ)ତ୍ରୟୋଦଶ, ୯.(ଗ)ପ୍ରତିବେଦକ,୧୦.(ଘ) ଜଗନ୍ନାଥ ମିଶ୍ର

୧.(ଗ) ଆଫ୍ରିକା ,୨.(ଗ) ଅମରାବତୀ, ୩.(କ) ଗୋଦାବରୀ , ୪.(ଖ) ଲେକ୍ ଓଣ୍ଟାରିଓ, ୫. (ଘ) ବକ୍‌ସାଇଟ୍ , ୬. (ଘ) ଚୀନ , ୭. (କ) ସିରିଆ, ୮. (ଗ) ୟାଙ୍ଗ ସିକିୟାଂ ନଦୀ, ୯.(ଘ) ଯୋଗ୍ ଜଳପ୍ରପାତ , ୧୦.(ଖ) ୧୩ ।

## (୧୩) ଅର୍ଥନୀତି

୧ . କାହାକୁ ଅର୍ଥଶାସ୍ତ୍ରର ଜନକ କୁହାଯାଏ ?
(କ) ଆଡ଼ମ୍ ସ୍ମିଥ୍ (ଖ) ମାର୍ଶାଲ୍
(ଗ) କେନସ୍ (ଘ) ରବିନ୍ସ

୨ . କେଉଁଟି ରିଜର୍ଭ ବ୍ୟାଙ୍କର କାର୍ଯ୍ୟ ଅଟେ ?
(କ) ଜମାଗ୍ରହଣ (ଖ) ଋଣପ୍ରଦାନ
(ଗ) ମୁଦ୍ରା ପ୍ରଚଳନ (ଘ) ଋଣସୃଷ୍ଟି

୩. କେଉଁଟି ଗୋଟିଏ କର ଅଟେ ?
(କ) ଅବକାରୀ ଶୁଳ୍କ (ଖ) ଲାଇସେନ୍ସ ଫିସ
(ଗ) ଜୋରିମାନା (ଘ) ସ୍ୱତନ୍ତ୍ର ନିର୍ଦ୍ଧାରଣ

୪. ଅଭାବ କହିଲେ-
(କ) ଦ୍ରବ୍ୟପ୍ରତି ଇଚ୍ଛା(ଖ)ଦ୍ରବ୍ୟପ୍ରାପ୍ତି ନିମିତ୍ତ ପାଉଣା ଦେବାପାଇଁ କ୍ଷମତା
(ଗ) ପାଉଣା ଦେବା ନିମିତ୍ତ ଇଚ୍ଛା (ଘ) ଉପରୋକ୍ତ ସମସ୍ତ

୫. କିଏ ମିଶ୍ରିତ ଆୟ ପାଇଥାଏ ?
(କ) ଶିଳ୍ପପତି (ଖ) ଶ୍ରମିକ
(ଗ) କୃଷକ (ଘ) ସ୍ୱନିଯୋଜିତ ବ୍ୟକ୍ତି

୬. ଦ୍ରବ୍ୟର ବଜାର ଦର କିଭଳି ନିର୍ଦ୍ଧାରିତ ହୁଏ ?
(କ) ଦ୍ରବ୍ୟର ଯୋଗାଣ ଦ୍ୱାରା (ଖ) ଦ୍ରବ୍ୟର ଚାହିଦା ଦ୍ୱାରା
(ଗ) ଉଭୟ 'କ' ଓ 'ଖ' (ଘ) ଦ୍ରବ୍ୟ ଉତ୍ପାଦନ ପରିବ୍ୟୟ

୭. କେଉଁ ପରିତୋଷିକ ଚୁକ୍ତିବଦ୍ଧ ନୁହେଁ ?
(କ) ଲାଭ (ଖ) ମଜୁରି
(ଗ) ସୁଧ (ଘ) ଅଧିଶେଷ

୮. କେଉଁଟି ବାସ୍ତବ ମଜୁରିକୁ ପ୍ରଭାବିତ କରେନାହିଁ ?
(କ) ମୁଦ୍ରାସ୍ଫିତି (ଖ) ଅତିରିକ୍ତ ଆୟ
(ଗ) ଲାଭାଂଶ (ଘ) ବ୍ୟବସାୟଗତ ବ୍ୟୟ

୯. ସମଷ୍ଟି ଅର୍ଥନୀତିର ଅନ୍ୟନାମ ହେଲା-
(କ) ଆୟତତ୍ତ୍ୱ (ଖ) ଦରତତ୍ତ୍ୱ
(ଗ) ନିଯୋଜନ ତତ୍ତ୍ୱ (ଘ) ନିର୍ଦ୍ଦେଶ ତତ୍ତ୍ୱ

୧୦. ମଜୁରି ବା ଦରମାକୁ କଣ କୁହାଯାଏ ?
(କ) କାର୍ଯ୍ୟକାରୀ ବଳକା (ଖ) କର୍ମଚାରୀଙ୍କ କ୍ଷତିପୂରଣ
(ଗ) ବ୍ୟକ୍ତିଆୟ (ଘ) ଉପରୋକ୍ତ ସମସ୍ତ

## (୧୪) କ୍ରୀଡା

୧. ଏପ୍ରିଲ-୨୦୧୭ ଶେଷ ସୁଦ୍ଧା କେଉଁ ଦେଶ ଟେଷ୍ଟ କ୍ରିକେଟର ମାନ୍ୟତା ତାଲିକାରେ ଶୀର୍ଷ ସ୍ଥାନରେ ରହିଛି ?
(କ) ନ୍ୟୁଜିଲାଣ୍ଡ (ଖ) ଭାରତ (ଗ) ପାକିସ୍ତାନ (ଘ) ଦକ୍ଷିଣ ଆଫ୍ରିକା

୨. ଏପ୍ରିଲ-୨୦୧୭ର ମାନ୍ୟତା ତାଲିକା ଅନୁସାରେ ଟେଷ୍ଟ, ଏକଦିବସୀୟ ତଥା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ- ଏହି ତିନିଟିଯାକ ଫର୍ମାଟରେ କିଏ ଶ୍ରେଷ୍ଠ ଅଲରାଉଣ୍ଡର ବିବେଚିତ ହେଉଛନ୍ତି ?
(କ) ରବୀନ୍ଦ୍ର ଜାଡେଜା (ଖ) ରବିଚନ୍ଦ୍ରନ୍ ଅଶ୍ୱୀନ
(ଗ) ଶକୀବ୍ ଅଲ୍ ହସନ୍ (ଘ) ଷ୍ଟୁଆର୍ଟ ବ୍ରୋଡ୍

୩. ଏବେ ଏକ ସୁପର୍ ସିରିଜ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଦୁଇଜଣ ଭାରତୀୟ ପୁରୁଷ ଖେଳାଳି ବି. ସାଇ ପ୍ରଣୀତ ଓ କିଡ଼ାମ୍ବି ଶ୍ରୀକାନ୍ତଙ୍କ ମଧ୍ୟରେ ମୁକାବିଲା ହୋଇଥିଲା । ତାହା କେଉଁ ଟୁର୍ଣ୍ଣାମେଣ୍ଟ ଥିଲା ?
(କ) ସିଙ୍ଗାପୁର ଓପନ୍(ଖ) ଇଣ୍ଡିଆନ୍ ଓପନ୍
(ଗ) ସ୍ୱିଡିଶ୍ ଓପନ୍ (ଘ) ଥାଇଲାଣ୍ଡ ଓପନ୍

୪. ୨୦୧୭ର ଇଣ୍ଡିଆନ୍ ଓପନ୍ ସୁପର୍ ସିରିଜ୍ ବ୍ୟାଡମିଣ୍ଟନର ମହିଳା ସିଂଗଲ୍ସ ଫାଇନାଲରେ ଅଲିମ୍ପିକ୍ ଚାମ୍ପିଆନ୍ କାରୋଲିନା ମାରିନ୍‌ଙ୍କୁ ହରାଇ ଟାଇଟେଲ୍ କିଏ ଜିଣିଛନ୍ତି ?
(କ) ସାଇନା ନେହୱାଲ୍ (ଖ) ପି. ଭି. ସିନ୍ଧୁ
(ଗ) ତାଇ ଜୁ ୟିଙ୍ଗ୍ (ଘ) ରାଚ୍‌ଚାନୋକ୍ ଇନ୍ତାନୋନ୍

୫. ବର୍ଷ-୨୦୧୭ର ପ୍ରଥମ ମେଜର୍ ଗଲଫ୍ ପ୍ରତିଯୋଗିତା ୟୁ.ଏସ୍. ମାଷ୍ଟର୍ସରେ ଚାମ୍ପିଆନ୍ ହୋଇଥିବା ସର୍ଜିଓ ଗାର୍ସିଆ କେଉଁ ଦେଶର ତାରକା ଅଟନ୍ତି ?
(କ) ଆର୍ଜେଣ୍ଟିନା (ଖ) ମେକ୍ସିକୋ (ଗ) ଆୟର୍ଲାଣ୍ଡ (ଘ) ସ୍ପେନ୍

୬. ୨୦୧୬ ଓ ୨୦୧୭ରେ କ୍ରମାଗତ ଦୁଇବର୍ଷ ଧରି ଇଣ୍ଡିଆନ୍ ଓପନ୍ ଗଲଫ ପ୍ରତିଯୋଗିତା ଜିଣିଥିବା ଖେଳାଳିଙ୍କ ନାମ କ'ଣ ?
(କ) ଜ୍ୟୋତି ରନ୍ଧାୱା (ଖ) ଅନିର୍ବାଣ ଲାହିଡ଼ି
(ଗ) ଗଗନଜିତ୍ ଭୁଲର୍ (ଘ) ଏସ.ଏସ.ପି. ଚୌରାସିଆ

୭. ୨୦୧୬-୧୭ରେ ଜାତୀୟ ଫୁଟବଲ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ କେଉଁ ଦଳ ଚାମ୍ପିଆନ ହୋଇଛି ?
(କ) କେରଳ (ଖ) ଗୋଆ (ଗ) ବେଙ୍ଗଲ (ଘ) ମିଜୋରାମ

୮. ଜୁଲାଇ -୨୦୧୭ରେ ଏସିଆନ୍ ଆଥଲେଟିକ୍ସ ଚାମ୍ପଆନ୍‌ଶିପ୍ ଭାରତର କେଉଁ ସହରରେ ଆୟୋଜିତ ହେବ ?
(କ) ଦିଲ୍ଲୀ (ଖ) ରାଞ୍ଚି (ଗ) କୋଲ୍‌କାତା (ଘ) ଭୁବନେଶ୍ୱର

୯. ୨୦୧୮ରେ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା କେଉଁ ଦେଶରେ ଖେଳାଯିବ ?
(କ) ଜାପାନ (ଖ) ରୁଷିଆ (ଗ) ଅଷ୍ଟ୍ରେଲିଆ (ଘ) କାତାର୍

୧୦. ବ୍ରାଜିଲରେ ଅନୁଷ୍ଠିତ ୨୦୧୪ ଫିଫା ବିଶ୍ୱକପ୍‌ରେ କେଉଁ ଦେଶ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲା ?
(କ) ବ୍ରାଜିଲ (ଖ) ଆର୍ଜେଣ୍ଟିନା (ଗ) ନେଦରଲାଣ୍ଡସ୍ (ଘ) ଜର୍ମାନୀ

**ଉତ୍ତର**

୧.(କ)ଆଡ଼ମ୍ ସ୍ମିଥ୍, ୨.(ଗ)ମୁଦ୍ରା ପ୍ରଚଳନ, ୩.(କ)ଅବକାରୀ ଶୁଳ୍କ, ୪.(ଘ)ଉପରୋକ୍ତ ସମସ୍ତ, ୫.(ଘ) ସ୍ୱନିଯୋଜିତ ବ୍ୟକ୍ତି, ୬.(ଗ)ଉଭୟ 'କ' ଓ 'ଖ', ୭.(କ)ଲାଭ ,୮.(ଗ) ଲାଭାଂଶ, ୯. (କ) ଆୟତତ୍ତ୍ୱ ,୧୦.(ଖ)କର୍ମଚାରୀଙ୍କ କ୍ଷତିପୂରଣ

୧.(ଖ) ଭାରତ, ୨.(ଗ) ଶକୀବ୍ ଅଲ୍ ହସନ୍ , ୩.(କ) ସିଙ୍ଗାପୁର ଓପନ୍ , ୪.(ଖ) ପି. ଭି. ସିନ୍ଧୁ, ୫.(ଘ) ସ୍ପେନ୍, ୬.(ଘ) ଏସ.ଏସ.ପି. ଚୌରାସିଆ, ୭.(ଗ) ବେଙ୍ଗଲ, ୮.(ଘ) ଭୁବନେଶ୍ୱର, ୯.(ଖ) ରୁଷିଆ, ୧୦. (ଘ) ଜର୍ମାନୀ

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ଦିବଙ୍ଗତ ସାହିତ୍ୟିକା ମହାଶ୍ୱେତା ଦେବୀ କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖିକା ଥିଲେ ?
(କ) ଅହମିଆ (ଖ) ହିନ୍ଦୀ (ଗ) ବଙ୍ଗଳା (ଘ) ଗୁଜୁରାଟୀ

୨. ପ୍ରସିଦ୍ଧ ରୁଷୀୟ ଉପନ୍ୟାସ 'ଆନ୍ନା କାରେନିନା'ର ରଚୟିତା କିଏ ?
(କ) ଲିଓ ଟଲ୍‌ଷ୍ଟୟ (ଖ) ମାକ୍ସିମ୍ ଗୋର୍କୀ
(ଗ) ଏଣ୍ଟୋନ୍ ଚେଖଭ୍ (ଘ) ଫିଓଦର୍ ଦସ୍ତୋୟେଭସ୍କି

୩. ନିମ୍ନଲିଖିତ ମଧ୍ୟରୁ କେଉଁ କାବ୍ୟଟି ମହାକବି କାଳିଦାସଙ୍କ ରଚନା ନୁହେଁ ?
(କ) ଅଭିଜ୍ଞାନ ଶାକୁନ୍ତଲମ୍ (ଖ) ମାଳବିକାଗ୍ନିମିତ୍ରମ୍
(ଗ) ମୃଚ୍ଛକଟିକମ୍ (ଘ) ମେଘଦୂତମ୍

୪. 'କସାଓ୍ୱ' ଚଳଚିତ୍ରଟିକୁ ବର୍ଷ-୨୦୧୬ର ସର୍ବଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ଜାତୀୟ ମିଳିଛି । ଏହି ଚଳଚିତ୍ରଟି କେଉଁ ଭାଷାରେ ନିର୍ମିତ ହୋଇଛି ? ?
(କ) ଗୁଜରାଟୀ (ଖ) ମରାଠୀ (ଗ) କୋଙ୍କୋଣୀ (ଘ) ଡୋଗ୍ରୀ

୫. ବର୍ଷ-୨୦୧୬ର ସର୍ବଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଚଳଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବା ତାରକାଙ୍କ ନାମ କ'ଣ ?
(କ) ଆମିର୍ ଖାନ୍ (ଖ) ନୱାଜୁଦ୍ଦିନ୍ ସିଦ୍ଦିକୀ
(ଗ) ଅମିତାଭ ବଚ୍ଚନ (ଘ) ଅକ୍ଷୟ କୁମାର

୬. 'ମିନ୍ନାମିନୁଙ୍ଗୁ' ନାମକ ଏକ ଚଳଚିତ୍ରରେ ନିଖୁଣ ଅଭିନୟ କରି ସୁରଭି ବର୍ଷ-୨୦୧୬ ପାଇଁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ହାସଲ କରିଛନ୍ତି । ଏହା କେଉଁ ଭାଷାର ଚଳଚିତ୍ର ?
(କ) ତାମିଲ (ଖ) ତେଲୁଗୁ (ଗ) ମଲୟାଲମ୍ (ଘ) କନ୍ନଡ଼

୭. ପ୍ରିୟଙ୍କା ଚୋପ୍ରାଙ୍କ ଦ୍ୱାରା ନିର୍ମିତ 'ଭେଣ୍ଟିଲେଟର' ଚଳଚିତ୍ର ପାଇଁ ରାଜେଶ ମାପୁସ୍କର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଜାତୀୟ ପୁରସ୍କାର ଜିଣିଛନ୍ତି । ଏହା କେଉଁ ଭାଷାର ଚଳଚିତ୍ର ?
(କ) ମରାଠୀ (ଖ) ହିନ୍ଦୀ (ଗ) ଇଂଲିଶ୍ (ଘ) ପଞ୍ଜାବୀ

୮. ଆମୀର ଖାନ୍‌ଙ୍କ 'ଦଙ୍ଗଲ' ଚଳଚିତ୍ରରେ ଅଭିନୟ କରି ଶ୍ରେଷ୍ଠ ସହ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ପାଇଥିବା ଜାଇରା ୱାସିମ୍ କେଉଁ ରାଜ୍ୟର ବାସିନ୍ଦା ?
(କ) ପଞ୍ଜାବ (ଖ) ହରିୟାଣା (ଗ) ଜାମ୍ମୁ ଓ କାଶ୍ମୀର (ଘ) ଉତ୍ତର ପ୍ରଦେଶ

୯. କେଉଁ ମହାପୁରୁଷ ଜଣକ ବୈଶାଖ ପୂର୍ଣ୍ଣିମା ଦିନ ଜନ୍ମ ଗ୍ରହଣ କରିଥିଲେ ?
(କ) ଗୁରୁ ନାନକ (ଖ) ମହାବୀର ଜୈନ
(ଗ) ଶିରିଡ଼ି ସାଇବାବା (ଘ) ଗୌତମ ବୁଦ୍ଧ

୧୦. ବିଶ୍ୱ ଐତିହ୍ୟ ଦିବସ ବା ୱାର୍ଲଡ ହେରିଟେଜ୍ ଡେ କେଉଁଦିନ ପାଳନ କରାଯାଏ ?
(କ) ଏପ୍ରିଲ ୧୮ (ଖ) ଏପ୍ରଲ ୨୮ (ଗ) ମେ ୧୮ (ଘ) ମେ ୨୮

## (୧୬) ବାଣିଜ୍ୟ

୧. ନବମ ବ୍ରିକ୍ସ୍ ସମିଟ୍ କେଉଁ ଦେଶରେ ଅନୁଷ୍ଠିତ ହେବ ?
(କ) ଭାରତ (ଖ) ଚୀନ
(ଗ) ଇଂଲଣ୍ଡ (ଘ) ବାଙ୍ଗାଲାଦେଶ

୨. ପେଟିଏମ୍ ଅନ୍‌ଲାଇନ୍ ସପିଙ୍ଗ୍ ପାଇଁ କେଉଁ ନୂଆ ପୋର୍ଟାଲ୍ ଆରମ୍ଭ କରିଛି ?
(କ) ପେଟିଏମ୍ ମଲ୍ (ଖ) ପେଟିଏମ୍ ଅନ୍‌ଲାଇନ୍ ସପିଙ୍ଗ୍
(ଗ) ପେଟିଏମ୍ ଅନ୍‌ଲାଇନ୍ (ଘ) ପେଟିଏମ୍ ମାଲେମାଲ୍

୩. ଭାରତର କେଉଁଠାରେ ପ୍ରଥମ ଇଣ୍ଟିଗ୍ରେଟେଡ୍ ହେଲିପୋର୍ଟ ଆରମ୍ଭ କରାଯାଇଛି ?
(କ) କୋଲକତା (ଖ) ନୂଆଦିଲ୍ଲୀ
(ଗ) ମୁମ୍ବାଇ (ଘ) ଚେନ୍ନାଇ

୪. ବିଶ୍ୱ ବାଣିଜ୍ୟ ସଂଗଠନକୁ ଭାରତର ନୂଆ ଆମ୍ବାସଡ଼ର ରୂପେ ଜୁନ୍ ମାସଠାରୁ କିଏ ଯୋଗଦେବେ ?
(କ) ନନ୍ଦକୁମାର ସାଏ (ଖ) ଜେ.ଏସ୍. ଦୀପକ
(ଗ) ଅଙ୍କୁଲ ମିତଲ (ଘ) ନୂତନ ଗୁହା ବିଶ୍ୱାସ

୫. ଇନ୍‌ଲାଣ୍ଡ ୱାଟରୱେଜ ଅଥରିଟି ଅଫ୍ ଇଣ୍ଡିଆର ନୂତନ ଚେୟାରମ୍ୟାନ୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ?
(କ) ନୂତନ ଗୁହା ବିଶ୍ୱାସ (ଖ) ରାକେଶ ସେଠୀ
(ଗ) ଅଙ୍କୁଲ ମିତଲ (ଘ) ନନ୍ଦ କୁମାର ସାଏ

୬. କେଉଁ ଭାରତୀୟ ବ୍ୟାଙ୍କ 'work from home'ର ସୁବିଧା ତାଙ୍କର କର୍ମଚାରୀମାନଙ୍କ ପାଇଁ ଆରମ୍ଭ କରିଛି ?
(କ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଖ) ଇଣ୍ଡିଆନ୍ ବ୍ୟାଙ୍କ
(ଗ) ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ (ଘ) ଆନ୍ଧ୍ରା ବ୍ୟାଙ୍କ

୭. କେଉଁ ପ୍ରଥମ ଭାରତୀୟ କମ୍ପାନୀ NASDAQ ରେ ପଞ୍ଜିକୃତ ହୋଇପାରିଛି ?
(କ) ୱିପ୍ରୋ (ଖ) ଇନ୍‌ଫୋସିସ୍
(ଗ) ଆଇବିଏମ୍ (ଘ) ଟିସିଏସ୍

୮. କେଉଁ ସେଲୁଲାର୍ କମ୍ପାନୀ ଭୋଡ଼ାଫୋନ୍ ସହିତ ମିଶି ଭାରତର ସର୍ବବୃହତ୍ ସେଲୁଲାର କମ୍ପାନୀ ଭାବେ ପରିଗଣିତ ହେବାକୁ ଚୁକ୍ତିବଦ୍ଧ ହୋଇଛି ?
(କ) ଏୟାରଟେଲ୍ (ଖ) ଏୟାରସେଲ୍
(ଗ) ଆଇଡ଼ିଆ (ଘ) ରିଲାଏନ୍ସ

୯. ଭାରତୀୟ ମହିଳା ବ୍ୟାଙ୍କ କେବେଠାରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହ ମିଶ୍ରଣ ହେଲା ?
(କ) ୩୧ମାର୍ଚ୍ଚ, ୨୦୧୭ (ଖ) ୧ଏପ୍ରିଲ, ୨୦୧୭
(ଗ) ୧୧ଜାନୁଆରୀ, ୨୦୧୭ (ଘ) ୧ଫେବୃଆରୀ, ୨୦୧୭

୧୦.୨୦୧୭-୧୮ ପ୍ରଥମ ଦ୍ୱିମାସିକ ରିଭର୍ସ ରେପୋ ରେଟ୍ କେତେ ?
(କ) ୬.୫% (ଖ) ୭.୦%
(ଗ) ୭.୦% (ଘ) ୬.୦%

**ଉତ୍ତର**

୧.(ଗ) ବଙ୍ଗଳା, ୨.(କ) ଲିଓ ଟଲ୍‌ଷ୍ଟୟ, ୩.(ଗ) ମୃଚ୍ଛକଟିକମ୍, ୪.(ଖ) ମରାଠୀ, ୫.(ଘ) ଅକ୍ଷୟ କୁମାର, ୬.(ଗ) ମଲୟାଲମ୍ , ୭. (କ) ମରାଠୀ, ୮.(ଗ) ଜାମ୍ମୁ ଓ କାଶ୍ମୀର, ୯.(ଘ) ଗୌତମ ବୁଦ୍ଧ, ୧୦.(କ) ଏପ୍ରିଲ ୧୮

୧. (ଖ) ଚୀନ , ୨.(କ) ପେଟିଏମ୍ ମଲ୍, ୩.(କ) କୋଲକତା, ୪.(ଖ) ଜେ.ଏସ୍. ଦୀପକ, ୫.(କ) ନୂତନ ଗୁହା ବିଶ୍ୱାସ୍, ୬.(କ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ୭. (ଖ) ଇନ୍‌ଫୋସିସ୍, ୮.(ଗ) ଆଇଡ଼ିଆ, ୯.(ଖ) ୧ଏପ୍ରିଲ, ୨୦୧୭,୧୦.(ଘ) ୬.୦%

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ସମ୍ବିଧାନର କେଉଁ ଧାରାରେ ରାଷ୍ଟ୍ରପତିଙ୍କର ରାଜକ୍ଷମା ଦେବାର ଅଧିକାର ଅଛି ?
(କ) ଧାରା ୭୦ (ଖ) ଧାରା ୭୨
(ଗ) ଧାରା ୭୪ (ଘ) ଧାରା ୭୩

୨. ଭାରତ ର କମ୍ପ୍ଟ୍ରୋଲର ଓ ଅଡ଼ିଟର ଜେନେରାଲଙ୍କୁ କିଏ ନିଯୁକ୍ତି ଦିଅନ୍ତି ?
(କ) ପାର୍ଲାମେଣ୍ଟ (ଖ) ରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ (ଘ) ଉପରାଷ୍ଟ୍ରପତି

୩. ଭାରତର କେଉଁ ରାଜ୍ୟର ନିଜସ୍ୱ ସଂବିଧାନ ଅଛି ?
(କ) ଗୋଆ (ଖ) ସିକିମ୍
(ଗ) ଜାମୁକାଶ୍ମୀର (ଘ) ନାଗାଲାଣ୍ଡ

୪. ଭାରତର କେଉଁ ପ୍ରଧାନମନ୍ତ୍ରୀ କେନ୍ଦ୍ର ପାର୍ଲାମେଣ୍ଟର ସମ୍ମୁଖୀନ ହୋଇ ନାହାଁନ୍ତି ?
(କ) ମୋରାରାଜୀ ଦେଶାଇ (ଖ) ରାଜୀବ ଗାନ୍ଧି
(ଗ) ଚରଣ ସିଂହ (ଘ) ଲାଲବାହାଦୁର ଶାସ୍ତ୍ରୀ

୫. ରାଜ୍ୟପାଳଙ୍କର ମୃତ୍ୟୁ ହେଲେ ରାଜ୍ୟର ଦାୟୀତ୍ୱ କିଏ ଗ୍ରହଣ କରନ୍ତି ?
(କ) ମୁଖ୍ୟମନ୍ତ୍ରୀ (ଖ)ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି
(ଗ) ପଡ଼ୋଶୀ ରାଜ୍ୟର ରାଜ୍ୟପାଳ (ଘ) ଉପ ମୁଖ୍ୟମନ୍ତ୍ରୀ

୬. ଭାରତର କ୍ୟାବିନେଟ୍ ବ୍ୟବସ୍ଥା କେଉଁ ଦେଶରୁ ଅଣାଯାଇଛି ?
(କ) ବ୍ରିଟେନ (ଖ) ଆମେରିକା
(ଗ) ଫ୍ରାନସ୍ (ଘ) ସୁଇଡ଼େନ୍

୭.ଲୋକସଭାରେ କେଉଁ ମସିହାରେ ପ୍ରଥମ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା ?
(କ) ୧୯୬୦ (ଖ) ୧୯୬୨
(ଗ) ୧୯୬୩ (ଘ) ୧୯୭୩

୮. ରାଜ୍ୟସଭା କେଉଁ ସମୟରେ ଭଙ୍ଗ କରାଯାଏ ?
(କ)ଜରୁରୀ କାଳିନ ପରିସ୍ଥିତି (ଖ) ପ୍ରତି ୫ ବର୍ଷରେ
(ଗ) ରାଷ୍ଟ୍ରପତି ଙ୍କ ଇଚ୍ଛାନୁସାରେ (ଘ) କେବେ ନୁହେଁ

୯. କେଉଁ ଭାଷାଟି ସଂବିଧାନ ସ୍ୱୀକୃତି ଲାଭ କରିନାହିଁ?
(କ) ସଂସ୍କୃତ (ଖ) ସିନ୍ଧି
(ଗ) ଉର୍ଦ୍ଦୁ (ଘ) ମୈଥିଳୀ

୧୦. ଉତ୍ତର ପ୍ରଦେଶର ଉଚ୍ଚ ନ୍ୟାୟାଳୟ କେଉଁଠାରେ ଅବସ୍ଥିତ ?
(କ) ଲକ୍ଷ୍ନୌ (ଖ) ଆଲାହାବାଦ
(ଗ) କାନପୁର (ଘ) ମିରଟ୍

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. ସ୍କାନର୍ ସହ କେଉଁଟି ସମ୍ବନ୍ଧିତ ଅଟେ ?
(କ) ଲେଜର୍ (ଖ) ଟ୍ୱାଇନ୍
(ଗ) କ୍ୟାଟ୍ରିଜ୍ (ଘ) ମେଡ଼ିଆ

୨. କେଉଁ ଲାଗୁଏଜ୍‌ରେ ସି.ପି.ୟୁ. ନିର୍ଭରଶୀଳ ?
(କ) c (ଖ) Assembly
(ଗ) Java (ଘ) All except Java

୩. କେଉଁ ସର୍ଟକର୍ଟ କି ବ୍ୟବହାର କରି ଏକ ଡ଼କୁମେଣ୍ଟକୁ ପ୍ରିଣ୍ଟ କରିବ ?
(କ) Ctrl+A (ଖ) Ctrl+B
(ଗ) Ctrl+P (ଘ) Ctrl+C

୪. DHCP କାହାକୁ ବୁଝାଏ ?
(କ) Dynamic Host Configuration Protocol
(ଖ) Dynamic Hyper Control Protocol
(ଗ) Dynamic Hyper Configuration Portocol
(ଘ) କୌଣସିଟି ନୁହେଁ

୫. ଏମ୍.ଏସ୍. ଓ୍ୱାର୍ଡ଼ରେ ଏକ ନୂଆ ପାରା ଆରମ୍ଭ କରିବା ପାଇଁ କେଉଁ କି ବ୍ୟବହାର କରିବା ?
(କ) Ctrl+Enter (ଖ) Enter key
(ଗ) Down Cursor key (ଘ) Shift+Enter

୬. ନୂଆ ନାମରେ ଏକ ଡ଼କୁମେଣ୍ଟ କିପରି ସେଭ କରିବ ?
(କ) କ୍ଲିକ୍ ଫାଇଲ୍, ସେଭ୍‌ଆଜ୍ (ଖ)କ୍ଲିକ୍ ଫାଇଲ୍ ସେଭ୍
(ଗ) କ୍ଲିକ୍ ଟୁଲସ୍, ଅପ୍‌ସନ୍, ସେଭ୍ (ଘ)କୌଣସିଟି ନୁହେଁ

୭. କେଉଁ ଡ଼ିଭାଇସ୍ ଡ଼ାଟା ଏବଂ ପ୍ରୋଗ୍ରାମ୍ ମଧ୍ୟରେ ତଫାତ୍ ବୁଝିପାରିବ ?
(କ) ମାଇକ୍ରୋପ୍ରୋସେସର୍ (ଖ) ଇନ୍‌ପୁଟ୍ ଡ଼ିଭାଇସ୍
(ଗ) ମେମୋରୀ (ଘ) ଆଉଟ୍‌ପୁଟ୍ ଡ଼ିଭାଇସ୍

୮. ସ୍କାନର୍‌କୁ ଡ଼କୁମେଣ୍ଟର ଶେଷକୁ ନେବାପାଇଁ କେଉଁ କି ବ୍ୟବହାର କରାଯାଏ ?
(କ) Ctrl+Home (ଖ) Shift+end
(ଗ) Tab+end (ଘ) Ctrl+end

୯. କେଉଁଟି ଏହା ମଧ୍ୟରୁ ଇନ୍‌ପୁଟ୍ ଡ଼ିଭାଇସ୍ ନୁହେଁ ?
(କ) ସ୍କାନର୍ (ଖ) ମାଉସ୍
(ଗ) କି-ବୋର୍ଡ଼ (ଘ)ପ୍ରିଣ୍ଟର୍

୧୦. ଆଲାଇନ୍‌ମେଣ୍ଟ୍ ବଟମସ୍ କେଉଁଟିରେ ଅଛି ?
(କ) ଷ୍ଟାଟସ୍ ବାର୍ (ଖ) ଷ୍ଟାଣ୍ଡାଡ ଟୁଲ୍‌ବାର୍
(ଗ) ଫରମାଟିସବାର୍ (ଘ) ମେନୁବାର୍

**ଉତ୍ତର**

୧. ଖ) ଧାରା ୭୨ , ୨.(ଖ) ରାଷ୍ଟ୍ରପତି , ୩.(ଗ) ଜାମୁକାଶ୍ମୀର, ୪.(ଗ) ଚରଣ ସିଂହ, ୫.(ଖ)ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି, ୬.(କ) ବ୍ରିଟେନ, ୭.(ଗ) ୧୯୬୩ , ୮. (ଘ) କେବେ ନୁହେଁ, ୯. (ଘ) ମୈଥିଳୀ, ୧୦. (ଖ) ଆଲାହାବାଦ

୧.(ଖ)ଟ୍ୱାଇନ,୨.(ଘ)All except Java, ୩.(ଗ)Ctrl+P, ୪.(କ)Dynamic Host Configuration Protocol, ୫.(ଖ)Enter key, ୬.(କ)କ୍ଲିକ୍‌ଫାଇଲ,ସେଭ୍‌ଆଜ୍,୭.(ଗ)ମାଇକ୍ରୋପ୍ରୋସେସର୍ ,୮.(ଘ)Ctrl+end,୯.(ଘ)ପ୍ରିଣ୍ଟର,୧୦.(ଖ) ଷ୍ଟାଣ୍ଡାଡ ଟୁଲ୍‌ବାର୍

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ୧ କି.ମି କେତେ ସେ.ମି ଅଟେ ?
(କ) $୧୦^{-୫}$ (ଖ) $୧୦^{-୬}$
(ଗ) $୧୦^{୫}$ (ଘ) $୧୦^{୭}$

୨. ଗୋଟିଏ ସ୍କୁଲରେ ୧୪୦ ଜଣ ପିଲା ପଢ଼ନ୍ତି। ଜଣକ ପିଛା ୧୦୦ ମିଲିମିଟର କ୍ଷୀର ପିଲାମାନଙ୍କୁ ବଣ୍ଟାଯିବାର ବ୍ୟବସ୍ଥା କଲେ କେତେ ଲିଟର କ୍ଷୀର ଆବଶ୍ୟକ ହେବ ?
(କ) ୧୪ (ଖ) ୧.୪
(ଗ) ୧୪୦ (ଘ) ୧୪୦୦

୩. ଗୋଟିଏ କାଠିର ଲମ୍ବ ୩୦ସେ.ମି। ୧.୨ମିଟର ଲମ୍ବ ଏକ ବାଡ଼ିରୁ କେତୋଟି କାଠି କଟାଯାଇପାରିବ ?
(କ) ୨୦୦ (ଖ) ୪୦୦
(ଗ) ୪ (ଘ) ୪୦

୪. ଗୋଟିଏ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ଯେତିକି ବର୍ଗମିଟର ପରିସୀମା ସେତିକି ମିଟର ହେଲେ କ୍ଷେତ୍ରଟିର ପରିସୀମା କେତେ ?
(କ) ୧ସେ.ମି (ଖ) ୧୬ସେ.ମି
(ଗ) ୧୨ସେ.ମି (ଘ) ୪ସେ.ମି

୫. ଗୋଟିଏ ବର୍ଗକ୍ଷେତ୍ରର ବାହୁର ଦୈର୍ଘ୍ୟ କେତେ ହେଲେ ଏହାର କ୍ଷେତ୍ରଫଳ ୪ଏୟର ହେବ ?
(କ) ୨୦ମି (ଖ) ୨ମି
(ଗ) ୨୦୦ମି (ଘ) ୪ମି

୬. ଗୋଟିଏ ଚଳଚ୍ଚିତ୍ର ୩.୪୫ ପି.ଏମ୍ ରୁ ଆରମ୍ଭ ହୋଇ ୬.୧୫ପି.ଏମ୍‌ରେ ଶେଷହେଲା ତେବେ ଚଳଚ୍ଚିତ୍ର କେତେ ସମୟ ପାଇଁ ଚାଲିଲା ?
(କ) ୨ଘ ୩୦ମି (ଖ) ୧ଘ.୩୦ମି
(ଗ) ୨ଘ.୨୦ମି (ଘ) ୨ଘ.୪୦ମି

୭. ଜୁନ୍ ୨୦୦୪ ମସିହା ଡ଼ିସେମ୍ବର ୭ତାରିଖରେ ରାମବାବୁ କାମରେ ଯୋଗଦେଲେ ଓ ୨୦୦୫ ମସିହା ଜାନୁଆରୀ ୫ ତାରିଖରେ କାମ ଛାଡ଼ିଦେଲେ। ସେ କେତେ ଦିନ କାମକଲେ ?
(କ) ୩୦ଦିନ (ଖ)୧୫ଦିନ
(ଗ) ୨୫ଦିନ (ଘ)୨୦ଦିନ

୮. ୨୦୨୦ ମସିହାଟି କେତେ ଘଣ୍ଟା ବିଶିଷ୍ଟ ହେବ ?
(କ) ୭୪୬୬ (ଖ) ୭୪୮୪
(ଗ) ୮୭୮୪ (ଘ) ୮୭୪୮

୯. ଗୋଟିଏ କୋଣ ଗୋଟିଏ ସମତଳକୁ କେତୋଟି ଉପସେଟ୍‌ରେ ବିଭକ୍ତ କରେ ?
(କ) ଦୁଇଟି (ଖ) ତିନୋଟି(ଗ) ଚାରୋଟି (ଘ) କୌଣସିଟି ନୁହେଁ

୧୦. ଏକ ସମତଳରେ ଥିବା ଚାରୋଟି ପୃଥକ୍ ସରଳରେଖା ପରସ୍ପରକୁ ଅତିବେଶିରେ କେତୋଟି ବିନ୍ଦୁରେ ଛେଦକରିବ ?
(କ) ୪ (ଖ) ୫ (ଗ) ୬ (ଘ) ୮

## (୨୦) ସାଧାରଣ ବିଜ୍ଞାନ

୧. କେଉଁଥିରେ ଖାଦ୍ୟର ପ୍ରାୟ ସମସ୍ତ ଉପାଦାନ ଥାଏ ?
(କ) ଦୁଧ (ଖ) ଡ଼ାଲି
(ଗ) ମାଂସ (ଘ) ଛେନା

୨. କେଉଁ ଖାଦ୍ୟରେ ଶତକଡ଼ା ୧୦୦ଭାଗ ଶ୍ୱେତସାର ଥାଏ ?
(କ) ଚିନି (ଖ) ଆଳୁ
(ଗ) ରସଗୋଲା (ଘ) ଭାତ

୩. କେଉଁ ଜାତୀୟ ଖାଦ୍ୟରୁ ସର୍ବାଧିକ ଶକ୍ତି ମିଳିଥାଏ ?
(କ) ଧାତୁସାର (ଖ) ସ୍ନେହସାର
(ଗ) ଶ୍ୱତସାର (ଘ) ପୁଷ୍ଟିସାର

୪. କେଉଁ ରୋଗଟି ସଂକ୍ରାମକ ଅଟେ ?
(କ) ଲହରାକଣ (ଖ) ଗଳକଣ୍ଠ
(ଗ) ମଧୁମେହ (ଘ) ହୃଦ୍‌ରୋଗ

୫. ଉଦ୍ଭିଦଜାତ ଖାଦ୍ୟରୁ କେଉଁ ଭିଟାମିନ୍ ମିଳେ ନାହିଁ ?
(କ) ବି୧ (ଖ) ବି୨
(ଗ) ବି୧୨ (ଘ) ବି୬

୬. ଧୂମପାନ ଯୋଗୁଁ କେଉଁ ରୋଗ ହୋଇଥାଏ ?
(କ) ମନ୍ଦପୁଷ୍ଟି (ଖ) ଗଳଗଣ୍ଡ
(ଗ) ହିମୋଫିଲିଆ (ଘ) କ୍ୟାନ୍‌ସର୍

୭. ପ୍ରୋଟିନ ଅଭାବଜନିତ ମନ୍ଦପୁଷ୍ଟିକୁ କଣ କହନ୍ତି ?
(କ) ମାରାସ୍‌ମସ୍ (ଖ) ଅନ୍ଧାରକଣ
(ଗ) କ୍ୱାସିଓର୍‌କର୍ (ଘ) ଗଳଗଣ୍ଡ

୮. ନିମ୍ନୋକ୍ତ କେଉଁ ଖାଦ୍ୟରେ ଆଦୌ ହାଇଡ୍ରେଟ୍ ନଥାଏ ?
(କ) ମାଂସ (ଖ) ମାଛ
(ଗ) ଡ଼ାଲି (ଘ) ପନିପରିବା

୯. ଶାରୀରିକ ପରିଶ୍ରମ କରୁଥିବା ଲୋକ କେଉଁ ଖାଦ୍ୟ ଖାଇବା ଉଚିତ୍ ?
(କ) ଜୀବସାର (ଖ) ଶ୍ୱେତସାର
(ଗ) ଧାତୁସାର (ଘ) ପୁଷ୍ଟିସାର

୧୦. କେଉଁଥିରେ ଭିଟାମିନ୍ – ଇ ଥାଏ ?
(କ) ସୋରିଷ ତେଲ (ଖ) ରାଶି ତେଲ
(ଗ) ନଡ଼ିଆ ତେଲ (ଘ) ବାଦାମ ତେଲ

**ଉତ୍ତର**

୧.(ଗ)$୧୦^{୫}$,୨.(କ)୧୪, ୩.(ଗ) ୪, ୪.(ଖ)୧୬ସେ.ମି, ୫.(କ)୨୦ମି ,୬.(କ)୨ଘ୩୦ମି୍, ୭.(କ)୩୦ଦିନ୍ , ୮.(ଗ)୮୭୮୪, ୯.(ଖ)ତିନୋଟି, ୧୦.(ଗ)୬

୧.(କ)ଦୁଧ,୨.(କ)ଚିନି, ୩.(ଖ)ସ୍ନେହସାର, ୪.(କ)ଲହରାକଣ, ୫.(ଗ)ବି୧, ୬.(ଘ)କ୍ୟାନ୍‌ସର୍, ୭.(ଗ) କ୍ୱାସିଓର୍‌କର୍ , ୮.(କ)ମାଂସ, ୯.(ଖ)ଶ୍ୱେତସାର, ୧୦.(ଖ) ରାଶି ତେଲ

# ବିବିଧ ପ୍ରଶ୍ନାବଳୀ

୧.ମହିଳାମାନଙ୍କର ସୁରକ୍ଷା ପାଇଁ କେଉଁ ସରକାର ଅପରେସନ୍ ଦୁର୍ଗା ଆରମ୍ଭ କରିଛି ? - ହରିଆଣା

୨. କୃଷି କର୍ମଣ ପୁରସ୍କାର ୨୦୧୫-୧୬ କେଉଁ ରାଜ୍ୟ ସରକାର ପାଇଛନ୍ତି ? - ହିମାଚଳ ପ୍ରଦେଶ

୩. ନୋବେଲ ବିଜେତା ମାଲାଲା କେଉଁ ଦେଶର ସମ୍ମାନୀୟ ନାଗରିକତା ଅନୁରୋଧକୁ ଗ୍ରହଣ କରିଛନ୍ତି ? - କାନାଡ଼ା

୪. କେଉଁ ରାଜ୍ୟ ସରକାର ଏକ ନୂତନ କାର୍ଯ୍ୟକ୍ରମ ବିଦ୍ୟାଳୟରେ 'ଆମ୍ମାଙ୍କୁ ବନ୍ଦନମ୍' ଆରମ୍ଭ କରିଛନ୍ତି ? - ଆନ୍ଧ୍ରପ୍ରଦେଶ

୫. ଭାରତ କେଉଁ ଦେଶ ସହ ହିନ୍ଦୀ ଭାଷାର ପ୍ରସାର ପାଇଁ ଏକ ବୁଝାମଣା ପତ୍ର ସାକ୍ଷର କରିଛି ? - ଚୀନ

୬. ସର୍ଭେ ଅଫ୍ ଇଣ୍ଡିଆ କେଉଁ ପୋର୍ଟାଲ ମାଧ୍ୟମରେ ଭାରତୀୟ ମ୍ୟାପ୍‌ଗୁଡ଼ିକ ଡ଼ାଉନ୍‌ଲୋଡ଼୍ କରିବାର ସୁବିଧା କରିଛି ? - ନକ୍ସେ ପୋର୍ଟାଲ

୭. ୨୦୧୭ ଗ୍ଲୋବାଲ୍ ଟ୍ରାଭେଲ୍ ଆଣ୍ଡ ଟୁରିଜିମ୍ କଂପିଟିଟିଭି ଇଣ୍ଡେକ୍ସରେ ଭାରତର ସ୍ଥାନ କେତେ ? - ୪୦ତମ

୮. କେଉଁ ଚଳଚ୍ଚିତ୍ର ୬୪ତମ ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର ୨୦୧୭ ଲାଭକରିଛି ? - ଧନକ୍ (ହିନ୍ଦୀ ଚଳଚ୍ଚିତ୍ର)

୯. କେଉଁ ରାଜ୍ୟ ସରକାର 'ପାୱାର ଫର ଅଲ' ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ସହ ବୁଝାମଣା ପତ୍ର ସାକ୍ଷର କରିଛି ? - ଉତ୍ତରପ୍ରଦେଶ

୧୦. ଭାରତର ପ୍ରଥମ ଘରୋଇ ପରିଚାଳିତ ରେଲୱେ ଷ୍ଟେସନର ନାମ କଣ ? -ହବିବଗଞ୍ଜ, ଭୋପାଳ

୧୧. 'ହିନ୍ଦୁ ପୁରୋହିତୟମ୍' ୧ବର୍ଷିଆ ଡ଼ିପ୍ଲୋମା କୋର୍ସ କେଉଁ ରାଜ୍ୟ ସରକାର ୨୦୧୭-୧୮ ବର୍ଷ ପାଇଁ ୨୦୧୭ ଜୁଲାଇରୁ ଆରମ୍ଭ କରିବେ ?- ମଧ୍ୟପ୍ରଦେଶ ସରକାର

୧୨. କେଉଁ ରାଜ୍ୟ ସରକାର 'ବେକାରୀ ଭତ୍ତା ଯୋଜନା' ୧୦୦୦ଟଙ୍କା ମାସକୁ ୫ ବର୍ଷ ପାଇଁ ଆରମ୍ଭ କରିଛନ୍ତି ?- ହିମାଚଳ ପ୍ରଦେଶ

୧୩. ଭାରତର କେଉଁ ପ୍ରଥମ ରାଜ୍ୟ ତୃତୀୟ ଲିଙ୍ଗୀ ମାନଙ୍କୁ ରାଜ୍ୟ ଭୋଟର ଲିଷ୍ଟରେ ସ୍ଥାନ ଦେବେ ବୋଲି ସ୍ଥିର କରିଛନ୍ତି ? - ମହାରାଷ୍ଟ୍ର

୧୪. ୧ମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କେଉଁ ବିଷୟକୁ ବାଧ୍ୟତାମୂଳକ କରାଯିବ ?- ହିନ୍ଦୀ

୧୫. କେଉଁ ଦେଶର ପ୍ରଥମ ମହିଳା ନ୍ୟାୟଧିଶ ରୂପେ ହାନା କାତିବ୍ ଯୋଗ ଦେଇଛନ୍ତି ? - ଇସ୍ରାଏଲ୍

୧୬. ଭାରତ ଏବଂ ୟୁକେ ମଧ୍ୟରେ ସୁସମ୍ପର୍କ ରଖିବାରେ ପ୍ରଥମ ଡକ୍ଟର ସତ୍ୟପାଲ ମେମୋରିଆଲ୍ ଆୱାର୍ଡ଼ କିଏ ପାଇଛନ୍ତି ? - ବିରେନ୍ଦ୍ର ଶର୍ମା

୧୭. କ୍ୟାବିନେଟ୍ କମିଟି ଅନ୍ ଇକନୋମିକ ଆଫାୟାରସ୍‌ର ମୁଖ୍ୟ କିଏ ? - ନରେନ୍ଦ୍ର ମୋଦି

୧୮. ୨୦୧୭ ଓସ୍କାର୍ ପୁରସ୍କାରରେ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ କେଉଁ ଚଳଚ୍ଚିତ୍ର ମନୋନୀତ ହୋଇଛି ? - ମୁନ୍ ଲାଇଟ୍

୧୯. ସୁଦାନ୍‌ର ପ୍ରଧାନମନ୍ତ୍ରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ବାକ୍ରୀ ହୁସେନ୍ ଶେଖ୍

୨୦. ଟାଇମସ୍ ହାୟର ଏଜୁକେସନ୍ ର୍ୟାଙ୍କିଙ୍ଗ୍ ୨୦୧୭ରେ କେଉଁ ଭାରତୀୟ ବିଶ୍ୱବିଦ୍ୟାଳୟ ପ୍ରଥମଥର ପାଇଁ ସ୍ଥାନ ପାଇଛି ? -ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ୍, ବାଙ୍ଗାଲୋର

୨୧. ସରସ୍ୱତୀ ସମ୍ମାନ ୨୦୧୬ କିଏ ପାଇଛନ୍ତି ? - ମହାବଳେଶ୍ୱର ସେଲ୍

୨୨. ଭାରତର ସବୁଠାରୁ ଦୀର୍ଘତମ ସ୍ଥଳଭାଗ ଟନେଲ୍ କେଉଁ ରାଜ୍ୟରେ ଅବସ୍ଥିତ ? - ଜାମ୍ମୁକାଶ୍ମୀର

୨୩. ଆଇ.ଡ଼ି.ବି.ଆଇ ବ୍ୟାଙ୍କର ଏମ୍.ଡ଼ି ଏବଂ ସି.ଇ.ଓ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ମହେଶ କୁମାର ଜୈନ୍

୨୪. ପାନ୍‌କାର୍ଡ଼ର 'ପି' ର ଅର୍ଥ କଣ ? - ପରମାନେଣ୍ଟ୍

୨୫. କେଉଁ ତାରିଖ ସୁଦ୍ଧା କେନ୍ଦ୍ରସରକାର ସମସ୍ତ ମୋବାଇଲ୍ ନମ୍ବର ସହିତ ଆଧାର କାର୍ଡ଼ ସଂଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ? - ଫେବୃଆରୀ ୨୦୧୮

୨୬.ଅଷ୍ଟ୍ରେଲିଆନ୍ ଗ୍ରାଣ୍ଡପ୍ରିକ୍‌ସ କିଏ ହାସଲ କରିଛି ?- ନାରାୟଣ କାର୍ତ୍ତିକେୟନ୍

୨୭.କେଉଁ ପ୍ରଥମ ମହିଳା ବାନ୍ଦ୍ରା- ୱେରେଲି ସି -ଲିଙ୍କ୍ ଠାରୁ ଗେଟ୍‌ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ୩୬କି.ମି ସନ୍ତରଣ କରି ରେକର୍ଡ଼ ସୃଷ୍ଟି କରିଛନ୍ତି ?- ଗୌରୀ ସିଙ୍ଗଭି

୨୮. ଭାରତର କେଉଁ ସହରରେ ପ୍ରଥମ ଫିଫା ୧୭ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ୍ ଅକ୍ଟୋବର ୨୮, ୨୦୧୭ରେ ଅନୁଷ୍ଠିତ ହେବ ? - କୋଲକାତା

## ଓଡ଼ିଶାର ନବ ଗଠିତ ମନ୍ତ୍ରୀ ମଣ୍ଡଳ (୦୭.୦୫.୨୦୧୭)

**୧. ମୁଖ୍ୟମନ୍ତ୍ରୀ**

| | | |
|---|---|---|
| ଶ୍ରୀ ନବୀନ ପଟ୍ଟନାୟକ | - | ଗୃହ, ସାଧାରଣ ପ୍ରଶାସନ, ସାଧାରଣ ଅଭିଯୋଗ ଓ ଜଳସମ୍ପଦ। |

**କ୍ୟାବିନେଟ୍ ମନ୍ତ୍ରୀ**

| | | |
|---|---|---|
| ୨. ବିଜୟଶ୍ରୀ ରାଉତରାୟ | - | ଜଙ୍ଗଲ ଓ ପରିବେଶ। |
| ୩. ଡା. ଦାମୋଦର ରାଉତ | - | କୃଷି ଓ କୃଷକ ସଶକ୍ତିକରଣ ଓ ପଶୁ ସମ୍ପଦ, ସାଧାରଣ ଉଦ୍ୟୋଗ। |
| ୪. ବିକ୍ରମ କେଶରୀ ଆରୁଖ | - | ଗ୍ରାମ୍ୟ ଉନ୍ନୟନ ଓ ସଂସଦୀୟ ବ୍ୟାପାର ବିଭାଗ, ସୂଚନା ଓ ଲୋକସମ୍ପର୍କ। |
| ୫. ପ୍ରଦୀପ ମହାରଥୀ | - | ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ। |
| ୬. ଉଷା ଦେବୀ | - | ଯୋଜନା ଓ ସମନ୍ୱୟ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ। |
| ୭. ବଦ୍ରି ନାରାୟଣ ପାତ୍ର | - | ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ବିଜ୍ଞାନ ଓ କାରିଗରି |
| ୮. ସୂର୍ଯ୍ୟନାରାୟଣ ପାତ୍ର | - | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ |
| ୯. ନିରଞ୍ଜନ ପୂଜାରୀ | - | ଶିଳ୍ପ, ଗୃହ ଓ ନଗର ଉନ୍ନୟନ ବିଭାଗ |
| ୧୦. ପ୍ରଫୁଲ୍ଲ ସାମଲ | - | ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତୀକରଣ ସହ ଏମ୍‌ଏସ୍‌ଏମ୍‌ଇ। |
| ୧୧. ମହେଶ୍ୱର ମହାନ୍ତି | - | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା। |
| ୧୨. ଶଶିଭୂଷଣ ବେହେରା | - | ଅର୍ଥ ଓ ଅବକାରୀ। |
| ୧୩. ପ୍ରତାପ ଜେନା | - | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମେତ ଆଇନ। |
| ୧୪. ରମେଶ ମାଝୀ | - | ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ। |
| ୧୫. ପ୍ରଫୁଲ୍ଲ ମଲ୍ଲିକ | - | ଶକ୍ତି, ଇସ୍ପାତ ଓ ଖଣି ବିଭାଗ। |

**ରାଷ୍ଟ୍ରମନ୍ତ୍ରୀ**

| | | |
|---|---|---|
| ୧୬. ଅଶୋକ ଚନ୍ଦ୍ର ପଣ୍ଡ | - | ପର୍ଯ୍ୟଟନ ଓ ସଂସ୍କୃତି। |
| ୧୭. ସ୍ନେହାଙ୍ଗିନୀ ଛୁରିଆ | - | ବୟନ ଓ ହସ୍ତ ଶିଳ୍ପ। |
| ୧୮. ନୃସିଂହ ଚରଣ ସାହୁ | - | ବାଣିଜ୍ୟ ଓ ପରିବହନ। |
| ୧୯. ସୁଶାନ୍ତ ସିଂ | - | ଶ୍ରମ ଓ ଇଏସ୍‌ଆଇ। |
| ୨୦. ଅନନ୍ତ ଦାସ | - | ଉଚ୍ଚଶିକ୍ଷା ବିଭାଗ। |
| ୨୧. ଚନ୍ଦ୍ରସାରଥୀ ବେହେରା | - | କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଆଇଟି। |

## ନବରଙ୍ଗପୁର ଜିଲ୍ଲା




୧. ଜିଲ୍ଲାର ନାମ - ନବରଙ୍ଗପୁର

୨. କ୍ଷେତ୍ରଫଳ - ୫୨୯୧ ବର୍ଗ.କି.ମି

୩. ଜନସଂଖ୍ୟା - ୧୨୧୮୬୬୨

(କ) ପୁରୁଷ - ୬୦୪୦୪୬

(ଖ) ସ୍ତ୍ରୀ - ୬୧୪୬୧୬

୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୧୦୧୮

୫. ସାକ୍ଷରତା ହାର - ୪୮.୨୦%

୬. ଉପଖଣ୍ଡ - ୦୧

୭. ତହସିଲ - ୧୦

୮. ବ୍ଲକ୍ - ୧୦

୯. ନିଗମ - ୦୦

୧୦. ମ୍ୟୁନିସିପାଲିଟି - ୦୧

୧୧. ଏନ.ଏ.ସି. - ୦୦

୧୨. ଗ୍ରାମ ପଞ୍ଚାୟତ - ୧୬୯

୧୩. ଗ୍ରାମ - ୮୯୧

୧୪. ଥାନା - ୧୩

୧୫. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୨୪

୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୪
୭୩-ଉମରକୋଟ୍,୭୪-ଝରିଗାମ୍
୭୫-ନବରଙ୍ଗପୁର ୭୬-ଡାବୁଗାମ

୧୭. ସାଧାରଣ ବୃଷ୍ଟିପାତ - ୧୫୬୯.୫ ମି.ମି.

୧୮. ପର୍ଯ୍ୟଟନ ସ୍ଥଳୀ -
ନବରଙ୍ଗପୁର, କେଲିଆ, ପାପଡାହାଣ୍ଡି, ପୋଡାଗଡ, ଉମରକୋଟ୍

## ପର୍ବପର୍ବାଣୀ

### ମଇ,୨୦୧୭

ତା୩ - ନିଳାଦ୍ରୀ ମହୋଦୟାଷ୍ଟମୀ
ତା୪ - ସୀତା ନବମୀ
ତା୬ - ଶନିଶ୍ଚର ଯଜ୍ଞ, ମୋହିନୀ ଏକାଦଶୀ ଓ ହଳ ନିଷେଧ
ତା୯ - ନୃସିଂହ ଚତୁର୍ଦ୍ଦଶୀ ଓ ଜନ୍ମୋତ୍ସବ
ତା୧୦ - ଚନ୍ଦନ ପୂର୍ଣ୍ଣିମା ଓ ବୈଶାଖ ବ୍ରତ ସମାପନ
ତା୧୨ - ସବେ-ବରାତ୍ (ପୂର୍ବରାତ୍ରି)
ତା୧୪ - ମାସାନ୍ତ
ତା୧୫ - ବୃଷ ସଂକ୍ରାନ୍ତି ଓ ହଳ ନିଷେଧ
ତା୧୬ - ଶରଣ ଆରମ୍ଭ
ତା୧୮ - ଶ୍ରୀକ୍ଷେତ୍ରେ ଭଉଁରୀ
ତା୧୯ - ଉତ୍କଳେ ଭଉଁରୀ
ତା୨୦ - ଶରଣ ଶେଷ
ତା୨୨ - ଜଳକ୍ରୀଡ଼ା ଏକାଦଶୀ
ତା୨୪ - ଶିବଚତୁର୍ଦ୍ଦଶୀ ଉପବାସ
ତା ୨୫ - ଅମାବାସ୍ୟା ଓ ସାବିତ୍ରୀ ବ୍ରତ
ତା୨୭ - ଚନ୍ଦ୍ରଦର୍ଶନ ଓ ଉପବାସ
ତା୨୮ - ରମ୍ଭା ତୃତୀୟା, ଉମାଚତୁର୍ଥୀ ଓ ରମଜାନ ମାସ ଆରମ୍ଭ
ତା୨୯ - ଶିବ ବିବାହୋତ୍ସବ
ତା୩୦ - ଶୀତଳ ଷଷ୍ଠୀ ଯାତ୍ରା
ତା୩୧ - ଶ୍ରୀମନ୍ଦିରରେ ଶୀତଳ ଷଷ୍ଠୀ
ବିବାହ-୪, ୬, ୭, ୮, ୧୨, ୧୬, ୧୭, ୧୮, ୧୯, ୨୧, ୨୨, ୩୧
ବ୍ରତ-୭,୮,୧୭,୨୨

### ଜୁନ୍,୨୦୧୭

ତା୪ - ଗଙ୍ଗା ଦଶହରା
ତା୫ - ନିର୍ଜଳା ଏକାଦଶୀ, ଉପବାସ, ରୁକ୍ମଣୀ ବିବାହୋତ୍ସବ ଓ ହ.ନି
ତା୬ - ଚମ୍ପକ ଦ୍ୱାଦଶୀ
ତା୭ - ଶିବଚତୁର୍ଦ୍ଦଶୀ
ତା୯ - ଦେବସ୍ନାନ ପୂର୍ଣ୍ଣିମା, ଚନ୍ଦ୍ରପୂଜା
ତା୧୨ - ଶରଣ ଆରମ୍ଭ
ତା୧୪ - ପ୍ରଥମ ରଜ, ମାସାନ୍ତ
ତା୧୫ - ମିଥୁନ (ରଜ) ସଂକ୍ରାନ୍ତି ଓ ହ.ନି
ତା୧୬ - ଭୂଦାହ
ତା୧୭ - ବସୁମତୀ ସ୍ନାନ ଓ ଶରଣ ଶେଷ
ତା୨୦ - ଖଳିଲାଗି ଏକାଦଶୀ ଓ ହ.ନି, ଶିବଚତୁର୍ଦ୍ଦଶୀ ଓ ବେଢ଼ା
ତା୨୩ - ସବେ-କଦର୍ (ପୂର୍ବରାତ୍ରି) ଚନ୍ଦ୍ରକ୍ଷୟ ଓ ହଳ ନିଷେଧ
ତା୨୪ - ଅମାବାସ୍ୟା, ନେତ୍ରୋତ୍ସବ, ନବଯୌବନ ଦର୍ଶନ
ତା୨୫ - ଶ୍ରୀଗୁଣ୍ଡିଚା (ରଥଯାତ୍ରା)
ତା୨୬ - ଇଦୁଲ୍‌ଫିତର୍
ତା୨୭ - ବିପଭାରିଣୀ ବ୍ରତ
ତା୨୯ - ହେରା ପଞ୍ଚମୀ
ବିବାହ-୧,୨, ୩, ୫, ୬, ୧୦, ୧୨, ୧୯, ୨୨, ୨୭, ୩୦
ବ୍ରତ-୫, ୧୯, ୨୬,

## ବିଭିନ୍ନ ଦିବସ ପାଳନ

### ମଇ,୨୦୧୭

ତା ୦୧ - ଶ୍ରମିକ ଦିବସ
ତା୧ - ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ
ତା୦୩ - ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ
ତା୦୪ - ଆନ୍ତର୍ଜାତିକ ଅଗ୍ନି ସେବାସମ ଦିବସ
ତା୧୦ - ଗୌତମ ବୁଦ୍ଧଙ୍କ ଜୟନ୍ତୀ
ତା ୦୫ - ଆନ୍ତର୍ଜାତିକ ଧାତ୍ରୀ ଦିବସ
ତା ୮ - ବିଶ୍ୱ ରେଡ଼କ୍ରସ ଦିବସ
ତା ୧୩ - ଜାତୀୟ ସଂହତି ଦିବସ
ତା ୧୪ - ବିଶ୍ୱ ମାତୃ ଦିବସ (ଦ୍ୱିତୀୟ ରବିବାର, ମଇ ମାସ)
ତା ୨୪ - ରାଜ୍ୟଗୋଷ୍ଠୀ ଦିବସ
ତା ୩୧ -ବିଶ୍ୱ ତମାଖୁ ବର୍ଜନ ଦିବସ

### ଜୁନ୍,୨୦୧୭

ତା ୦୧ - ଆନ୍ତର୍ଜାତୀୟ ଶିଶୁ ଦିବସ
ତା ୦୫ - ବିଶ୍ୱ ପରିବେଶ ଦିବସ
ତା ୧୪ - ବିଶ୍ୱ ରକ୍ତଦାତା ଦିବସ
ତା ୧୮ - ପିତୃ ଦିବସ (ତୃତୀୟ ରବିବାର ଜୁନ ମାସ)
ତା ୨୦ - ବିଶ୍ୱ ରିଫ୍ୟୁଜ୍ ଦିବସ
ତା ୨୧ - ଆନ୍ତର୍ଜାତିକ ଯୋଗ ଦିବସ
ତା ୨୩ - ଆନ୍ତର୍ଜାତୀୟ ଅଲମ୍ପିକ୍ ଦିବସ
ତା୨୪ - ଗୋପବନ୍ଧୁଙ୍କ ଶ୍ରାଦ୍ଧ
ତା ୨୬ - ନିଶା ନିବାରଣ ଦିବସ

# DUTTA JEWELLERY

"Cheap Jewelry, however, is worse than no Jewelry "

We deal with BIS 916 GOLD ORNAMENTS with unique designed by our professional designer.







New Bus Stand, Khordha, Odisha, India
Pin : 752056, Phone : 06755 - 223 744


# ଖୋରଧା ପୁସ୍ତକମେଳାରେ ...











Postal Regd. No. : PURI-33/2016-18
Volume-7 ★ Issue No-11 ★ Monthly ★ May - 2017 ★ RNI Regn. No. 107608/2010 ★ Pages-52




Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash